51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୬/୨୦୨୫ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 6/2025 | Page 20 | ₹ 7.00

୫୧ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 131 | ମୂଲ୍ୟ₹୭/-




ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୧ରେ ମହାକାଶକୁ ଯିବାକୁ ଥିବା ମହିଳାମାନେ।

## ମହିଳାଙ୍କୁ ନେଇ ମହାକାଶ ଯିବ ବ୍ଲୁ ଅରିଜିନ୍‌ର ଏନ୍‌ଏସ୍-୩୧

**ୱାଶିଂଟନ,୫।୪**

ଜେଫ୍ ବେଜୋସ୍‌ଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ମହାକାଶ ଯାନ ଏନ୍‌ଏସ୍-୩୧ ଆସନ୍ତା ୧୪ରେ କେବଳ ମହିଳାମାନଙ୍କୁ ନେଇ ମହାକାଶ ଯିବ। ଏହି ଐତିହାସିକ ମିଶନରେ ସାମିଲ ହେବାକୁ ଥିବା କ୍ରିଉମାନଙ୍କ ମଧ୍ୟରେ ରହିଛନ୍ତି ଖ୍ୟାତନାମା ପପ୍‌ଷ୍ଟାର କେଟି ପେରୀ, ଟେଲିଭିଜନ ଉପସ୍ଥାପିକା ଗେଲେ କିଙ୍ଗ, ନାସାର ପୂର୍ବତନ ରକେଟ ବିଜ୍ଞାନୀ ଐଶା ବୋୱେ, ବାୟୋଆଷ୍ଟ୍ରୋନଟିକ୍ସ ରିସର୍ଚ୍ଚ ସାଇଣ୍ଟିଷ୍ଟ ତଥା ସିଭିଲ ରାଇଟ୍ସ ଆକ୍ଟିଭିଷ୍ଟ ଆମଣ୍ଡ ଏନ୍‌ଗୁୟେନ୍, ଚଳଚ୍ଚିତ୍ର ନିର୍ମାତା କେରିଆନେ ଫ୍ଲିନ୍ ଏବଂ ଖବରଦାତା ତଥା ହେଲିକପ୍ଟର ପାଇଲଟ୍ ଲୌରେନ୍ ସାଞ୍ଚେଜ୍। ଏହା ବ୍ଲୁ ଅରିଜିନ୍‌ର ମହାକାଶକୁ ☞ପୃଷ୍ଠା-୪

# ୨୮ ଆସନ ହରେଇବ ବିଜେଡି: ଦେବାଶିଷ

**ସଂସଦରେ ୱାକ୍‌ଫ ବିଲ୍ ଗୃହୀତ ହୋଇଯାଇଛି। କେନ୍ଦ୍ରରେ ଭାଜପା ପରିଚାଳିତ ସରକାର ସଂଖ୍ୟା ଖେଳରେ ଲକ୍ଷ୍ୟ ହାସଲ କରିଛନ୍ତି। କିନ୍ତୁ ଏହି ବିଲ୍‌ର ପ୍ରଭାବ ବିଜୁ ଜନତା ଦଳ (ବିଜେଡି) ଉପରେ ସର୍ବାଧିକ ପଡ଼ିଛି। ମୂଳରୁ ବିଜେଡି ବିଲ୍‌କୁ ବିରୋଧ କରୁଥିବାବେଳେ ପରବର୍ତ୍ତୀ ସମୟରେ ବିବେକାନୁମୋଦିତ ନିଷ୍ପତ୍ତି ନେବା ବିଷୟ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିବା ପରେ ଓଡ଼ିଶାରେ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି । ଅନେକ ବିଜେଡି ନେତା ସସ୍ମିତଙ୍କୁ ସମାଲୋଚନା କରୁଥିବାବେଳେ ଅନ୍ୟତମ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି- ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ; ଭିଲେନ ମୁଖ୍ୟ ପରାମର୍ଶଦାତା। ୱାକ୍‌ଫ ବିଲକୁ ନେଇ ଯେଉଁଭଳି ସ୍ଥିତି ସୃଷ୍ଟି ହୋଇଛି ବିଜେଡି ଆଗକୁ ଉପକୂଳ ଅଞ୍ଚଳର ୨୮ଟି ଆସନରେ ହାରିବ ବୋଲି ଦେବାଶିଷ ଭବିଷ୍ୟବାଣୀ କରିଛନ୍ତି। ଏ ସବୁକୁ ଦେଖିଲେ ଦଳ ଭିତରେ ଫାଟ ଆହୁରି ବଢ଼ିବାରେ ଲାଗିଥିବା ଦେଖାଯାଉଛି।**

- ସସ୍ମିତ-ଅଶ୍ୱିନୀ ବୁଲିବୁଲି ବିଲ୍ ସପକ୍ଷରେ କ୍ୟାମ୍ପେନ କରୁଥିଲେ
- ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ, ଭିଲେନ୍ ମୁଖ୍ୟ ପରାମର୍ଶଦାତା
- ଷଡଯନ୍ତ୍ରର ତର୍ଜମା କରିବାକୁ ନବୀନଙ୍କୁ ଚିଠି ଲେଖିଲେ ପ୍ରତାପ
- ଦଳ ଏବେ ଧର୍ମସଙ୍କଟରେ କହିଲେ ବଦ୍ରି



ଦେବାଶିଷ ସାମନ୍ତରାୟ

**ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)**

ଉପକୂଳ ଅଞ୍ଚଳର ୨୮ଟି ବିଧାନସଭା ଆସନରେ ସଂଖ୍ୟାଲଘୁଙ୍କ ସଂଖ୍ୟା ବହୁ ଅଧିକ ରହିଛି। ଏଥିମଧ୍ୟରୁ ଗୋଟିଏ ଗୋଟିଏ ଆସନରେ ସଂଖ୍ୟାଲଘୁଙ୍କ ସଂଖ୍ୟା ୩୦ରୁ ୪୦ ହଜାର ପର୍ଯ୍ୟନ୍ତ ମଧ୍ୟ ରହିଛି। ୱାକ୍‌ଫ ବିଲ୍‌କୁ ନେଇ ଯେଉଁଭଳି ପରିସ୍ଥିତି ସୃଷ୍ଟିକଲେ, ଏହିସବୁ ଆସନରେ ବିଜେଡି ହାରିବ ବୋଲି ଦଳର ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି।

ଦେବାଶିଷ ଆହୁରି କହିଛନ୍ତି, ବିଭିନ୍ନ ସମୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଥାଏ। ଗତ ପାର୍ଲାମେଣ୍ଟ ଅଧିବେଶନ ଲାଗି ବିଜେଡିର ସଂସଦୀୟ ଦଳ ବୈଠକ ମଧ୍ୟ ହୋଇଥିଲା। ଏଥିରେ ୱାକ୍‌ଫ ବିଲ୍‌କୁ ବିରୋଧ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏପରି କି ୨ଥର ବିରୋଧ କରିବା ଲାଗି ସ୍ଥିର କରାଯାଇଥିଲା। ସଂଖ୍ୟାଲଘୁମାନଙ୍କ ବୈଠକରେ ଦଳର ସଭାପତି ମଧ୍ୟ ଏକଥା କହିଥିଲେ। ଇଫ୍‌ତାର ପାର୍ଟିରେ ନବୀନ ବିଲ୍‌କୁ ବିରୋଧ କରାଯିବ ବୋଲି କହିଥିଲେ। ରାଜ୍ୟ ସଭାରେ ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁ ୱାକ୍‌ଫ ବିଲ୍ ଆଲୋଚନାରେ ଭାଗ ନେଇ କହିଥିଲେ, ଆମ ଦଳର ନେତା ତଥା ବିଜେଡି ସଭାପତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବାଣିଜ୍ୟ ଯୁଦ୍ଧ

**ଆଜିର ମନ୍ତବ୍ୟ**

“ଦେଶରୁ ମାଓବାଦ ହିଂସାର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ସଂକଳ୍ପ ନେଇଛନ୍ତି। ଆସନ୍ତା ଚୈତ୍ର ନବରାତ୍ରି ସୁଦ୍ଧା ବସ୍ତର ସମ୍ପୂର୍ଣ୍ଣ ମାଓବାଦୀ ହିଂସାମୁକ୍ତ ହେବ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ














A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ-୨୦୨୫' ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

ମଞ୍ଚାସୀନ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ।

ଅଧିକ ଫଟୋ ପୃଷ୍ଠା: ୧୦-୧୧

# ମିଳିତ ଉଦ୍ୟମ ହେଲେ ଆଗକୁ ଯାଇପାରିବା: କନକବର୍ଦ୍ଧନ

ଭୁବନେଶ୍ୱର,୫।୪ (ଅନୁରାଧା ମହାରଣା)

ରାଜ୍ୟରେ ଶିଳ୍ପ ତଥା ଔଦ୍ୟୋଗିକ ସମ୍ଭାବନାର ସୁଯୋଗ ରହିଛି। ମିଳିତ ଉଦ୍ୟମ ହେଲେ ଆମେ ଆଗକୁ ଯାଇପାରିବା ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଶନିବାର ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ'ର ୫ ସଂସ୍କରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଂଦେଓ ଆହୁରି କହିଛନ୍ତି, ଦେଶରେ ଓଡ଼ିଶାକୁ ଏକ ନମ୍ବର କରିବାକୁ ହେଲେ ପ୍ରତିଟି ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ କରିବା ଉଚିତ। ଉଦ୍ୟୋଗୀମାନେ ରାଜ୍ୟ ତଥା ଦେଶର ସାମାଜିକ ଅର୍ଥନୀତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏପରି କି ନିଜ ପ୍ରଚେଷ୍ଟା ଓ ପରିଶ୍ରମ ବଳରେ ଏକ ବ୍ୟବସାୟିକ ସାମ୍ରାଜ୍ୟ ସୃଷ୍ଟି କରି ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାରେ ସଫଳ ହୋଇପାରିଛନ୍ତି। ଉଦ୍ୟୋଗୀମାନଙ୍କ କଠିନ ପରିଶ୍ରମ ଏବଂ ଅଧ୍ୟବସାୟକୁ ସମ୍ମାନିତ କରିବାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ବୋଲି ସିଂଦେଓ କହିଛନ୍ତି।




ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ 'ବିଗିଜ୍ ବର୍ଗର୍'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ ଯୋଗଦେଇ ନିଜର ଔଦ୍ୟୋଗିକ ଯାତ୍ରାର ଅନୁଭୂତି ବର୍ଣ୍ଣନା କରିବା ସହ ସମସ୍ତ ଉଦ୍ୟୋଗୀ ନିଜ ନିଜ ଉଦ୍ୟୋଗକ୍ଷେତ୍ରରେ ନିଷ୍ଠାପର ମନୋଭାବ ପୋଷଣ ପାଇଁ ମତ ଦେଇଥିଲେ। ଏକ ଛୋଟ ବ୍ୟବସାୟରୁ ଆରମ୍ଭ ହୋଇଥିବା ବିଗିଜ୍ ବର୍ଗର୍‌କୁ ଏକ ପ୍ରତିଷ୍ଠିତ ବ୍ରାଣ୍ଡରେ ପରିଣତ କରିବା ପାଇଁ ତାଙ୍କର ପ୍ରୟାସ, ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଭାରତର ଅର୍ଥନୀତି ସୁଦୃଢ଼ କରିବା ପଛରେ କେବଳ ବଡ଼ ବଡ଼ ଶିଳ୍ପ ନୁହେଁ ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ଉଦ୍ୟୋଗୀ ଉଚ୍ଚ ସ୍ୱପ୍ନ ଦେଖିବା, ବିଶ୍ୱସ୍ତରୀୟ ସ୍ୱପ୍ନ ଦେଖିବା ଏବଂ ଏହି ସ୍ୱପ୍ନ ପୂରଣ କରିବା ଦିଗରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଉଦ୍ୟୋଗୀ ଭାବେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ମାର୍ଗଦର୍ଶନ କରିଥିଲେ। ଖବରକାଗଜ ଶିଳ୍ପର ଉଦାହରଣ ଦେଇ ଅନ୍ୟ ଯେକୌଣସି ଉଦ୍ୟୋଗ ବା ଶିଳ୍ପରେ କିପରି ସଫଳତା ପାଇହେବ ସେନେଇ ମତ ଦେଇଥିଲେ। ଉଦ୍ୟୋଗୀମାନେ ବିଭିନ୍ନ ସମୟରେ ଆସୁଥିବା ସମସ୍ୟାର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିବା ସହ ନିଜ କମ୍ପାନୀର କର୍ମଚାରୀଙ୍କୁ ଖୁସି ରଖିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଥିଲେ, ଓଡ଼ିଶାର ଛୋଟବଡ଼ ବ୍ୟବସାୟୀଙ୍କ ପାଇଁ କୋଭିଡ୍ ମହାମାରୀ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। ସେତେବେଳେ ଯେଉଁମାନେ ନିଜ ବ୍ୟବସାୟ ବଞ୍ଚାଇ ରଖିପାରିଥିଲେ ସେମାନେ ଆଜି ବହୁତ ଆଗକୁ ବଢ଼ିଲେଣି। ଆଇପିଏସ୍ ଓ ଆଇଏଏସ୍ ଭଳି ଚାକିରିକୁ ପୂର୍ବରୁ ସଫଳତାର ଶେଷ ପାହାଚ ବୋଲି ବିଚାର କରାଯାଉଥିବାବେଳେ ବର୍ତ୍ତମାନ ଲୋକଙ୍କ ମାନସିକତା ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲାଣି। ଉଦ୍ୟୋଗ ପ୍ରତିଷ୍ଠା କରି ମଧ୍ୟ ଜଣେ ସଫଳ ହୋଇପାରେ ତାହା ଲୋକେ ବୁଝିଲେଣି ବୋଲି ତଥାଗତ କହିଥିଲେ। ରାଜ୍ୟକୁ ଶିଳ୍ପ କ୍ଷେତ୍ରରେ ଆଗକୁ ନେବାକୁ ରାଜନୈତିକ, ସାମାଜିକ, ବ୍ୟକ୍ତିଗତ ଓ ପ୍ରଶାସନିକସ୍ତରରେ ପ୍ରୟାସ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ଆଗରୁ ଓଡ଼ିଶାକୁ ବାହାର ରାଜ୍ୟ ଲୋକେ ଚିହ୍ନୁ ନ ଥିଲେ। ବର୍ତ୍ତମାନ କିନ୍ତୁ ରାଜ୍ୟ ବହୁତ ଖ୍ୟାତି ଅର୍ଜନ କଲାଣି। ଆଗକୁ ଏହି ଧାରାକୁ ବଜାୟ ରଖିବାକୁ ହେବ ବୋଲି ତଥାଗତ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ବିଭିନ୍ନ ଉଦ୍ୟୋଗରେ ସଫଳତା ହାସଲ କରିଥିବା ୨୦ଜଣ ଉଦ୍ୟୋଗପତିଙ୍କୁ ବିଜ୍‌ନେସ ଏମିନେନ୍ସ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ, ଜେଏସ୍‌ପି(ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର୍), ଏମ୍‌ସିଏଲ(ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍), ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ପାରାଦୀପ ଫସଫେଟ୍ ଲିମିଟେଡ୍(ପିପିଏଲ), ବେଦାନ୍ତ, ଏସ୍‌ଏସ୍‌ଟି ଡେଭ୍‌ଲେପସ, ଇଙ୍ଗା, ଜେଏସ୍‌ଏଲ୍, ସିଭି ରମଣ ଗ୍ଲୋବାଲ ୟୁନିଭରସିଟି, ନାରାୟଣୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍, ଡ୍ରିମ୍ସ ୟୁନିଭରସିଟି, ନାଲ୍‌କୋ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସାଇ ସବୁରୀ ହସ୍ପିଟାଲ, ଚିରାଗ ଇଣ୍ଡଷ୍ଟ୍ରିଜ୍, ୱିଫି ଇଣ୍ଟରନେଟ୍ ଓ ଅଜନ୍ତା ଆଡଭର୍ଟାଇଜର୍ସ ପ୍ରାୟୋଜକ ଥିଲେ। ସମସ୍ତ ପ୍ରାୟୋଜକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ' ୫ମ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ

| | |
|---|---|
| ଅମ୍ବରୀଶ ଦାଶ | ପ୍ରତିଷ୍ଠାତା, ଯୁବୋଦୟ ଇନଷ୍ଟିଚ୍ୟୁଟ୍ |
| ବିଭୁପ୍ରସାଦ ରଥ | ପରିଚାଳନା ନିର୍ଦ୍ଦେଶକ, କଞ୍ଚାଲଙ୍କା |
| ବ୍ରିଜେଶ ମେହେର | ପରିଚାଳନା ନିର୍ଦ୍ଦେଶକ, ମିନରବା ଅଟୋମୋବାଇଲ୍ ପ୍ରାଇଭେଟ୍ ଲିମିଟେଡ୍ |
| ଦେବାଶିଷ ପଟ୍ଟନାୟକ | ପରିଚାଳନା ନିର୍ଦ୍ଦେଶକ, ଟ୍ରାନ୍ସଫର୍ମ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍ |
| ଜୟନ୍ତ କୁମାର ଲେଙ୍କା | ପ୍ରୋପ୍ରାଇଟର, ଏମ୍/ଏସ୍ ଲିଓଟ୍ରୋନିକ୍ସ ପାୱାର ସିଷ୍ଟମ୍ |
| ଇଂ. ମନୋଜ କୁମାର ସାହୁ | ନିର୍ଦ୍ଦେଶକ, ଡିଅନ୍ ଗ୍ରୁପ୍ |
| ଡ. ଲୋକନାଥ ଦାଶ | ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ, କେୟାର ହସ୍ପିଟାଲ |
| କ୍ରିଷ୍ଣମୋହନ ଟାଟା | ନିର୍ଦ୍ଦେଶକ, ଗୀତାଞ୍ଜଳି ଆୱାର୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ |
| ମନସୁର ବକ୍ସ | ପରିଚାଳନା ନିର୍ଦ୍ଦେଶକ, ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ |
| ନେହା ଅଗ୍ରୱାଲା | ବିନାୟକ କାସ୍ଟ୍ୟୁସ୍, ମ୍ୟାନେଜିଂ ପାର୍ଟନର୍ |
| ପ୍ରହ୍ଲାଦ ପଲାଇ | ପ୍ରୋପ୍ରାଇଟର, ସୋମେନ ଅଗରବତି |
| ରାଜେଶ ଗାଡୋଡିଆ | ଚେୟାରମ୍ୟାନ, ସ୍କାନ୍ ଷ୍ଟିଲ୍‌ସ ଲିମିଟେଡ୍ |
| ପଓ୍ୱନ କୁମାର ସୁଲତାନିଆ | ପରିଚାଳନା ନିର୍ଦ୍ଦେଶକ, ଇନ୍‌ଫିନିଟି ଭେଞ୍ଚର |
| ସାଇ ଶିବାନୀ କର | ନିର୍ଦ୍ଦେଶକ, କର ଆଣ୍ଡ୍ ବ୍ରଦର୍ସ |
| ଶୈଳେନ୍ଦ୍ର ନାରାୟଣ ସେନାପତି | ପରିଚାଳନା ନିର୍ଦ୍ଦେଶକ, ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରାଇଭେଟ୍ ଲିମିଟେଡ୍ |
| ପ୍ରଦୀପ କୁମାର ଥାକର | ନିର୍ଦ୍ଦେଶକ, ଏସେନ୍ ଗ୍ରୁପ୍ |
| ସଞ୍ଜୀବ କୁମାର ସାହୁ | ମ୍ୟାନେଜିଂ ପାର୍ଟନର, ଜାଭେରୀ ଜେମସ୍ ଆଣ୍ଡ୍ ଜୁଏଲର୍ସ |
| ଯୁଗବ୍ରତ କର | ପ୍ରତିଷ୍ଠାତା, ଦେଶିଆ ଇକୋ ରିସୋର୍ଟ |
| ଶ୍ୟାମସୁନ୍ଦର ସନ୍ଥୋଲିଆ | ପରିଚାଳନା ନିର୍ଦ୍ଦେଶକ, ଏସ୍ ସ୍କୋୟାର ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ |
| ସମଶେର ସିଂ ହୁରା | ସିଇଓ ଓ ପ୍ରତିଷ୍ଠାତା, ଜାଶ୍ ହୋଣ୍ଡା |



ମୁଖ୍ୟ ଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



କାର୍ଯ୍ୟକ୍ରମର ମୁଖ୍ୟବକ୍ତା 'ବିଗିଜ୍ ବର୍ଗର'ର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




## ଜାମନଗରରୁ ଦ୍ୱାରକା

# ଅନନ୍ତ ଅମ୍ବାନୀଙ୍କ ୧୭୦ କି.ମି. ପଦଯାତ୍ରା

ଜାମନଗର,୫।୪

ଦେଶରେ ପଦଯାତ୍ରାକୁ ଭାରତୀୟ ସଭ୍ୟତାର ଐତିହ୍ୟ ରୂପେ ବିବେଚନା କରାଯାଉଥିବାବେଳେ ସବୁଠୁ ଧନୀ ପରିବାରର ଜଣେ ଦାୟାଦ ନିଜକୁ ଆଧ୍ୟାତ୍ମ ସହ ଯୋଡ଼ି ପଦଯାତ୍ରା ଆରମ୍ଭ କରିଛନ୍ତି। ୨୯ ବର୍ଷୀୟ ଅନନ୍ତ ଅମ୍ବାନୀ ତାଙ୍କ ପୈତୃକ ଘର ଥିବା ସହର ତଥା କର୍ମଭୂମି ଗୁଜରାଟର ଜାମନଗରରୁ ଦେଶର ଅନ୍ୟତମ ପବିତ୍ର ସହର ଦ୍ୱାରକା ଅଭିମୁଖେ ପଦଯାତ୍ରା କରୁଛନ୍ତି। ଅନନ୍ତ ମାର୍ଚ୍ଚ ୨୯ରେ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ସେ ଦିନକୁ ପ୍ରାୟ ୨୦ କି.ମି. ଯାତ୍ରା କରୁଛନ୍ତି। ପ୍ରତିଦିନ ରାତିରେ ସେ ୭ ଘଣ୍ଟା ପାଦରେ ଚାଲି ଚାଲି ଯାଉଛନ୍ତି। ଭାରତର ଧର୍ମ ଓ ଆଧ୍ୟାତ୍ମିକତା ସହ ଯୋଡ଼ିହୋଇ ରହିଥିବା ଦ୍ୱାରକାରେ ସେ ନିଜ ୩୦ତମ ଜନ୍ମଦିନର ଦିନକ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୮ରେ ପହଞ୍ଚିବେ।

ଅନନ୍ତ ରାସ୍ତାରେ ଯିବାବେଳେ ଅନେକ ଶ୍ରଦ୍ଧା ଓ ସଦ୍‌ଭାବନା ପାଉଥିବା ଦେଖିବାକୁ ମିଳୁଛି। କେତେଜଣ ବ୍ୟକ୍ତି ତାଙ୍କ ସହ ମିଶି ପଦଯାତ୍ରା କରୁଛନ୍ତି। ଅନନ୍ତଙ୍କ ପଦଯାତ୍ରାକୁ ଆଉ ଗୋଟିଏ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ



ମନେକରାଯାଉଛି। ତାହା ହେଲା ସେ ବିରଳ ହରମୋନ୍‌ଜନିତ ଅସଙ୍ଗତି କୁଶିଙ୍ଗ୍ସ ସିଣ୍ଡ୍ରୋମ, ମେଦବହୁଳତା, ଶ୍ୱାସ ଓ ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ଥାଇ ଏପରି ପଦଯାତ୍ରା କରୁଛନ୍ତି। ଅନନ୍ତ ଏହି ଆଧ୍ୟାତ୍ମିକ ପଦଯାତ୍ରା ବେଳେ ହନୁମାନ ଚାଳିସା, ସୁନ୍ଦରକାଣ୍ଡ ଓ ଦେବ୍ରୀ ସ୍ତୋତ୍ର ପାଠ କରୁଛନ୍ତି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁକେଶ ଅମ୍ବାନୀଙ୍କ ସାନପୁଅ ଜଣେ ସନାତନୀ। ସେ ଅନେକ ସମୟରେ ବଦ୍ରୀନାଥ, କେଦାରନାଥ, କାମାକ୍ଷା, ନାଥଦ୍ୱାରା, କାଳୀଘାଟ ଓ କୁମ୍ଭମେଳା ଭଳି ଆଧ୍ୟାତ୍ମିକ ସ୍ଥଳ ଓ ସମାଗମରେ ସାମିଲ ହୋଇଥାଆନ୍ତି। ଅନନ୍ତ ବିଶ୍ୱର ସର୍ବବୃହତ୍ ବିଶୋଧନାଗାରର ବ୍ୟବସାୟ ସମ୍ଭାଳନ୍ତି। ଏପରି କି ଦେଶର ସବୁଠି ବଡ଼ ନ୍ୟୁ ଏନର୍ଜି ଟ୍ରାନ୍ସଫର୍ମେଶନ୍ ପ୍ରୋଜେକ୍ଟଗୁଡ଼ିକର ତତ୍ତ୍ୱାବଧାନ ଦାୟିତ୍ୱ ମଧ୍ୟ ତାଙ୍କ ହାତରେ ନ୍ୟସ୍ତ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ବନ୍ତାରା ପ୍ରାଣୀ ଆଶ୍ରୟସ୍ଥଳର ପ୍ରତିଷ୍ଠାତା ମଧ୍ୟ ଅନନ୍ତ ଅମ୍ବାନୀ। ଏକ ଆଧ୍ୟାତ୍ମିକ ପରମ୍ପରାକୁ ଅନୁସରଣ କରିବା ସହ ବ୍ୟବସାୟିକ ଜଗତରେ ଭବିଷ୍ୟତ ନିର୍ମାଣ ମଧ୍ୟ ସମ୍ଭବ, ଏହା ଅନନ୍ତ ଦର୍ଶାଉଛନ୍ତି।

# ୫୬ ହଜାରକୁ ଖସିପାରେ ସୁନା ଦର

## ବିଶେଷଜ୍ଞଙ୍କ ପୂର୍ବାନୁମାନ

**ନୂଆଦିଲ୍ଲୀ,୫।୪:** ସୁନା ଦର ଏବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବାବେଳେ ଆଗାମୀ ବର୍ଷରେ ଏହା ସମ୍ଭବତଃ ୩୮%ହ୍ରାସ ପାଇ ୫୬,୦୦୦ ଟଙ୍କାକୁ ଖସିପାରେ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଯୋଗାଣ ବୃଦ୍ଧି, ଚାହିଦା କମିବା ଏବଂ ବଜାର ପରିପୂର୍ଣ୍ଣତା କାରଣରୁ ଦର ଖସିପାରେ ବୋଲି କୁହାଯାଉଛି। ଆମେରିକାର ମର୍ନିଷ୍ଟାର ବିଶ୍ଳେଷକଙ୍କ ପୂର୍ବାନୁମାନ ଅନୁଯାୟୀ, ଆଗାମୀ କିଛି ବର୍ଷରେ ସୁନା ଦର ୩୮% ହ୍ରାସ ପାଇବ। ଅନ୍ତର୍ଜାତୀୟ ବଜାରରେ ୨୪ କ୍ୟାରେଟ୍ ସୁନା ଦର ଆଉନ୍ସ ପ୍ରତି ୩,୧୦୦ ଡଲାର ରହିଥିବାବେଳେ ଭାରତୀୟ ବଜାରରେ ୧୦ ଗ୍ରାମ୍ ପ୍ରତି ଦର ପାଖାପାଖି ୯୦,୦୦୦ ଟଙ୍କା ରହିଛି। ଏହା ସମ୍ଭବତଃ ପାଖାପାଖି ୪୦%କୁ ହ୍ରାସ ପାଇ ୧୦ ଗ୍ରାମ ପ୍ରତି ଦର ୫୫ ହଜାର ପାଖାପାଖି ହୋଇପାରେ ବୋଲି ଜନ୍ ମିଲ୍ସ କହିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପ୍ରତି ୧,୮୨୦ ଡଲାରକୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

ଆର୍ଥିକ ଅନିଶ୍ଚିତତା, ମୁଦ୍ରାସ୍ଫୀତି ଚିନ୍ତା ଏବଂ ଭୂରାଜନୈତିକ ଉତ୍ତେଜନା ଯୋଗୁ ସୁନା ଦର ବଢ଼ିଚାଲିଥିଲା। ସୁନାରେ ନିବେଶ କରିବାକୁ ନିବେଶକମାନେ ସୁରକ୍ଷିତ ମଣୁଥିଲେ। ତେବେ ଏକାଧିକ କାରଣ ପାଇଁ ସୁନା ଦର ହ୍ରାସ ପାଇବାକୁ ଯାଉଛି।

ସୁନା ଉତ୍ପାଦନ ବଢ଼ିଥିବାବେଳେ ବୈଶ୍ୱିକ ସ୍ତରରେ ସୁନା ରିଜର୍ଭ ୯% ବୃଦ୍ଧି ପାଇ ୨,୧୬,୨୬୫ ଟନ୍‌ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଉତ୍ପାଦନ ବଢ଼ାଇବା ସହ ସୁନା ରିସାଇକ୍ଲିଂ କରି ଯୋଗାଣ ବୃଦ୍ଧି କରିଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଗତବର୍ଷ ୧,୦୪୫ ଟନ୍ ସୁନା କିଣିଥିବାବେଳେ ଚଳିତ ବର୍ଷ ଏହା ହ୍ରାସ ପାଇପାରେ। ୭୧% କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କ ସୁନା ଭଣ୍ଡାର କମାଇବାକୁ ଯୋଜନା କରିଥିବା ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ ସର୍ଭେରୁ ଜଣାପଡ଼ିଛି। ସେହିପରି ୨୦୨୪ରେ ସୁନା ସେକ୍ଟରରେ ମିଶ୍ରଣ ଏବଂ ଅଧିଗ୍ରହଣ ୩୨% ବଢ଼ିଥିଲା। ଏହିସବୁ କାରଣରୁ ସୁନା ଦର ହ୍ରାସ ପାଇବ ବୋଲି ମିଲ୍ସ ପୂର୍ବାନୁମାନ କରିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀରାମ ଜୟନ୍ତୀ ଓ ଶ୍ରୀ ହନୁମାନ ଜୟନ୍ତୀ, ସ୍ଥାନ: ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦ, ୟୁନିଟ୍-୮, ସମୟ: ସକାଳ ୬ଟା।
- ଛେନାପୋଡ଼ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ ସମ୍ମୁଖ ବରଗଛ ଛାଇ, ସମୟ: ସକାଳ ୭ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୨ଟା।
- ଶ୍ରୀରାମ ନବମୀ ଉତ୍ସବ ଏବଂ ନବଦୁର୍ଗା ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ନିକଟ, ସମୟ: ଅପରାହ୍ନ ୨ଟା।
- ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ବାର୍ଷିକ ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ପୁରୀ

- ଶ୍ରୀ ରାମନବମୀ ଉତ୍ସବ ଅବସରରେ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୮ଟା ୧୫।
- ଗୁରୁଦ୍ୱାର ଆରତି ସାହିବର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଳିଆ ପଣ୍ଡା ଚିଲଡରେନ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ, ସ୍ଥାନ: ଶଙ୍କରାନନ୍ଦ ମଠ, ତିଆଡି ସାହି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜଗନ୍ନାଥ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବାରବାଟି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ବିକାଶ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଷଣ୍ଢ ଜାଗା ଛକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଜନ୍ମ ମହୋତ୍ସବ ଅବସରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଗଦାଧରପୁରସ୍ଥିତି ଶ୍ରୀ ରଘୁନାଥପୀଠରେ ୫୩ତମ ରାମ ନବମୀ ପାଇଁ କଳସ ଯାତ୍ରା, ସ୍ଥାନ: ଗଦାଧରପୁରସ୍ଥିତ ଖଳି ନଈ, ସମୟ: ସକାଳ ୯ଟା।
- ହିନ୍ଦୁସେନା ବଡ଼ମ୍ବା ଶାଖା ତରଫରୁ ଶ୍ରୀରାମ ଧ୍ୱଜା ଯାତ୍ରା, ସ୍ଥାନ: ବଡ଼ମ୍ବା ବୁଢ଼ା ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ରଘୁନାଥ ଜୀଉ ଶ୍ରୀରାମ ଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମଲୀଳା ଗୀତିନାଟ୍ୟ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା, ତେଲିସାହିସ୍ଥିତ ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ମଠ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀରାମ ମନ୍ଦିର ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବିଶ୍ୱନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।
- ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ହନୁମାନଙ୍କ ୨ୟ ବାର୍ଷିକ ଉତ୍ସବ, କଳସଯାତ୍ରା, ସ୍ଥାନ: ଶରଧାପୁର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ବ୍ରାହ୍ମଣ ସାହି, ସମୟ: ରାତି ୮ଟା।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: କୁଳିଗାଁ କଲେଜ ପଡ଼ିଆ, ରେମୁଣା, ସମୟ: ଦିବସବ୍ୟାପୀ।
- ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ସମୟ: ଦିବସବ୍ୟାପୀ।
- ଭାଜପାର ୪୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସଦର ଭାଜପା କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ନବମୀ ଅବସରରେ ବିଶାଳ ପଦଯାତ୍ରା ଓ ଶ୍ରୀରାମ ଦରବାର ଝାଙ୍କି, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଶ୍ରୀରାମ ନବମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାମ ମନ୍ଦିର, ତିହିଡ଼ି, ସମୟ: ସକାଳ ୮ଟା।
- ରାମନବମୀ ପାଳନ, ସ୍ଥାନ: ପଟାପୋଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ମହୋତ୍ସବ, ସ୍ଥାନ: ଗିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସମାବେଶ ଓ ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନେତା ମନୋଜ କୁମାରଙ୍କ ସ୍ମୃତିସଭା, ସ୍ଥାନ: ବାଇପାସ୍ ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କମିଟି ପକ୍ଷରୁ ପୂଜାର୍ଚ୍ଚନା, ମେଢ଼ ନଗର ପରିକ୍ରମା ଓ ବିସର୍ଜନ, ସ୍ଥାନ: ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ନେହେରୁ ଷ୍ଟାଡିୟମ୍‌ରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ, ସ୍ଥାନ: କଚେରୀ ବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମହାଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ ଓ ପ୍ରବଚନ ସନ୍ଧ୍ୟା ଉଦ୍‌ଯାପନୀ, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଦିପାଲା ପରିବେଷଣ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନବମୀ ପୂଜା, ଶ୍ରୀରାମ ଚରିତ ମାନସ ଓ ପ୍ରବଚନ, ସ୍ଥାନ: ଲକ୍ଷ୍ମୀଦାସପୁର ଅଯୋଧ୍ୟା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରାମ ନବମୀ ଉତ୍ସବ, ସ୍ଥାନ: ଚମ୍ପୁଆ ବଜାର, ସମୟ: ସକାଳ ୯ ଟା।
- ରାମ ନବମୀ ପୂଜା କମିଟି ତରଫରୁ ରାମ ନବମୀ ଉତ୍ସବ,ସ୍ଥାନ: ଦଳେଇ ସାହି, ଢ଼େଙ୍କିକୋଟ୍, ସମୟ: ସକାଳ ୯ ଟା।
- ରାମାନବମୀ ପୂଜା, ସ୍ଥାନ: ବିରିଡ଼ିହା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ରାଜାଲୋକା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ, ଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ରାଜାଲୋକା, ସାରସକଣା, ସମୟ: ସକାଳ ୬ଟା ୩୦।
- ଶ୍ରୀରାମନବମୀ ମହୋତ୍ସବ,ସ୍ଥାନ: ପୁରୁଣାପାଣି, ଉଦଳା, ସମୟ, ସକାଳ ୬ଟା ୩୦।
- ଅଷ୍ଟମ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ତାଡ଼କି, ଡୁକୁରା, ଖୁଣ୍ଟା, ସମୟ: ସକାଳ ୭ଟା।
- ଶ୍ରୀରାମ ନବମୀ ଅବସରରେ ବାଇକ୍ ରାଲି,ସ୍ଥାନ:ହନୁମାନ ଛକ ବଙ୍ଗାଳିଡାହି ବୈଶିଙ୍ଗା, ବେତନଟୀ, ସମୟ: ସକାଳ ୭ଟା।
- ଶ୍ରୀରାମନବମୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୭ଟା।
- ୫୨ତମ ମା' ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ:ଭୀମଦା, ବଡ଼ସାହି, ସମୟ:ସକାଳ ୮ଟା।
- ମା'ଭୈରବୀଙ୍କ ପୀଠରେ ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ମଧୁବନ ବାରିପଦା, ସମୟ:ସକାଳ ୮ଟା।
- ୭୨ତମ ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ଶୁନଗଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବାସନ୍ତୀ ପୂଜାର ମହାନବମୀ ଓ ସନ୍ଧି ପୂଜା, ସ୍ଥାନ: ବୀରେଶ୍ୱରପୁର, ବଡ଼ସାହି, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ପୂଜା ଓ ହୋମଯଜ୍ଞ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ଜଗଦ୍ଧାତ୍ରୀ ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ:ଅପରାହ୍ନ ୩ଟା।
- ରାମନବମୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା,ସମୟ: ଅପରାହ୍ନ ୫ଟା।
- ଆମ ସୀମାନ୍ତ ମହୋତ୍ସବର ଉଦ୍‌ଯାପନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ଝାରପୋଖରିଆ, ସମୟ: ସନ୍ଧ୍ୟା ୬ଟା।
- କରଞ୍ଜିଆ ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ, ସମୟ: ସନ୍ଧ୍ୟା ୬ଟା।
- ବିଜିପୁର ଗ୍ରାମୀଣ ମହୋତ୍ସବ, ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମ ନବମୀ ଉତ୍ସବ ପାଳନ, ସ୍ଥାନ: କଦମ୍ବ ମଠ ବୁଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ଶ୍ରୀରାମ ନବମୀରେ ବିଶାଳ ବାଇକ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରୁ କିରିକୁଟି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଅଷ୍ଟାଦଶ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ବଳରାମ ମନ୍ଦିର ପରିସର ସମୟ-ସକାଳ ୭ଟା।

## ଜଗତ୍‌ସିଂହପୁର

- ଶ୍ରୀରାମ ନବମୀ ଉପଲକ୍ଷେ ବଜରଙ୍ଗ ଦଳ ପାରାଦୀପ ଶାଖା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଗଡ ବଜାର, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ 'ଶବ୍ଦ ସମୁଦ୍ର', ସ୍ଥାନ: ବିଜୁ ମେମୋରିଆଲ ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ମା'ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା'ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ:ନାଉକୋଣା, ରାଜନଗର, ସମୟ:ସକାଳ ୬ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- ରାମନବମୀ ମହୋତ୍ସବ, ସ୍ଥାନ:ତିନିମୁହାଣୀ ମନ୍ଦିର, କେନ୍ଦ୍ରାପଡା, ସମୟ:ସକାଳ ୬ଟା।
- ମା'ବାସନ୍ତୀ ଦୁର୍ଗାପୂଜା, ସ୍ଥାନ: ଓଳିହା, ଦେଉଳିପଡ଼ା, ମହାକାଳପଡା, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀ ସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଓଡ଼ିଶା ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ, ସମୟ: ସକାଳ ୮ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଶାନ୍ତି ବଜାର ନିକଟ ମିଡ୍ରୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ କମିଟି ପକ୍ଷରୁ ଗୀତା ଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ଅରଖପଦା ନଦୀପଠା ବଟମୂଳ, ସମୟ: ସକାଳ ୬ଟା।

## ନୟାଗଡ଼

- ରାମ ନବମୀ ଅବସରରେ ସାଇବାବାଙ୍କ ସ୍ନାନ ପର୍ବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ସାଇବାବାଙ୍କ ପୀଠ, ସମୟ: ସକାଳ ୭ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାରେ ଶ୍ରୀରାମ ଜନ୍ମ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ପୂଜାନୀତି ମଧ୍ୟାହ୍ନ ୧୨ ଓ ମୁଖା ରାମଲୀଳା ରାତି ୧୧ଟା।
- ନୟାଗଡ଼ ରଘୁନାଥଙ୍କ ରାମନବମୀ ଯାତ୍ରା ଅବସରରେ ପାରାୟଣ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶୁଭାରମ୍ଭରେ ରାମ ଜନ୍ମ କର୍ମାଙ୍ଗ ନୀତିରେ ମଙ୍ଗଳ ଆରତୀ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ରାମ ଜନ୍ମ ଉତ୍ସବ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରର ରଘୁନାଥ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା।
- ୭ ଦିନିଆ ଦଣ୍ଡପର୍ବର ଶୁଭାରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୮ଟା।

## ରାୟଗଡ଼ା

- ଶ୍ରୀରାମ ନବମୀ ଉତ୍ସବ ପାଳନ ଏବଂ ହୋମଯଜ୍ଞ, ସ୍ଥାନ: ହାଟ ମୁନିଗୁଡ଼ା ଶ୍ରୀରାମ ମନ୍ଦିର, ବିଷମକଟକ, ଟିକିରି, ସମୟ: ସକାଳ ୯ ଟା।
- ଯୁବ ବଜରଙ୍ଗୀ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: କ୍ଷୀନଖ୍ନ ପାହାଡ଼, ପିଏଚଡି ହନୁମାନ ମନ୍ଦିର, ରାୟଗଡା, ସମୟ: ସକାଳ ୯ ଟା।
- ରାମନବମୀ ଉପଲକ୍ଷେ ପ୍ରବଚନ, ସ୍ଥାନ: ପଦ୍ମପୁର ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ନଗର ପରିକ୍ରମା, ସ୍ଥାନ: କଦଣ୍ଡ ରାମ ମନ୍ଦିରରୁ ଭେଙ୍କଟେଶ୍ୱର ମନ୍ଦିର, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ଡ଼. ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ରେଲୱେ ଏସ୍‌ଟି, ଏସ୍‌ସି କର୍ମଚାରୀ ଆସୋସିଏଶନ୍ ଅଫିସ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।
- ବଜରଙ୍ଗ ଦଳ ତରଫରୁ ଶୋଭାଯାତ୍ରା, ସ୍ଥାନ: ମୁନିଖୋଲସ୍ଥିତ ହନୁମାନ ବାଟିକାରୁ ଗୋବର୍ଦ୍ଧନସ୍ଥିତ ହନୁମାନ ମନ୍ଦିର, ମୁନିଗୁଡା, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଶ୍ରୀରାମ ମନ୍ଦିର, ସମୟ: ଅପରାହ୍ନ ୪ ଟା।
- ରାମ ସୀତାଙ୍କ ବିବାହ, ସ୍ଥାନ: ଭେଙ୍କେଟେଶ୍ୱର ମନ୍ଦିର, ଜେକେପୁର, ସମୟ: ସନ୍ଧ୍ୟା ୬ ଟା ।

## ନବରଙ୍ଗପୁର

- ଭାଜପାର ପ୍ରତିଷ୍ଠା ଦିବସ, ସ୍ଥାନ: ନବରଙ୍ଗପୁର ମାଝୀଗୁଡ଼ାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- କ୍ରିକେଟ ଖେଳାଳିଙ୍କ ପଞ୍ଜିକରଣ, ସ୍ଥାନ: ନବରଙ୍ଗପୁର ଷ୍ଟାଡ଼ିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉତ୍ସବରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ଅପରାହ୍ନ ୪ଟା।
- ରାମ ନବମୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରାମ ନବମୀ ପାଳନ, ସ୍ଥାନ: ଜୟପୁର ରଘୁନାଥ ମନ୍ଦିର, ସମୟ: ସକାଳ ୭ଟା।
- ମା ମଙ୍ଗଳା ପୂଜା କମିଟି ପକ୍ଷରୁ ଦଣ୍ଡଯାତ୍ରା ସ୍ଥାନ: ଓସିସି ନଗର, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।
- କୋରାପୁଟରେ ସ୍ୱେଚ୍ଛାକୃତ ରକ୍ତଦାନ, ଥାଲସାମିୟା, ସିକେଲସେଲ ନେଇ ଜାତୀୟ କର୍ମଶାଳା ଉଦ୍‌ଯାପନ, ସ୍ଥାନ: ମ୍ୟୁନିସିପାଲିଟି ଅଡିଟୋରିଅମ, କୋରାପୁଟ, ସମୟ: ସକାଳ ୯ ଟା।

## ମାଲକାନଗିରି

- ରାମମନ୍ଦିର ଭୂମିପୂଜନ କାର୍ଯ୍ୟକ୍ରମ, ସ୍ଥାନ:ବାଲିମେଳା, ସମୟ: ସକାଳ ୮ଟା।

## ସମ୍ବଲପୁର

- ରାମନବମୀ କାର୍ଯ୍ୟକ୍ରମ, ସ୍ଥାନ: ଯୁଯୁମୁରା ବ୍ଲକ କବରାପାଲି ସ୍ଥିତ ରାମ ମନ୍ଦିର, ସମୟ: ସକାଳ ୮ ଟା।
- ମିଷ୍ଟର ଏଣ୍ଡ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ସେକ୍ଟର-୩ ମୃଣ୍ମୟୀ ବାସନ୍ତୀ ଦୁର୍ଗା ଉପଲକ୍ଷେ ମହାନବମୀ ପାଳନ, ସ୍ଥାନ: ସେକ୍ଟର-୩, ଅହିରାବନ୍ଧ, ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୮ଟା।

## ସୁନ୍ଦରଗଡ଼

- ସୁର୍ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ:ରାମଜୀ ମନ୍ଦିର,ସମୟ:ସନ୍ଧ୍ୟା ୭ଟା।
- ପଞ୍ଚମୁଖୀ ଆଖଡା କମିଟି ପକ୍ଷରୁ ଶ୍ରୀରାମ ନବମୀ ଓ ରାମଲିଳା ଦରବାର,ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ:ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା: ୭ଟା।

## ବରଗଡ଼

- ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଖବରଦାତା ସମ୍ମିଳନୀ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ମହାରାଜା ସମ୍ମିଳନୀ କକ୍ଷ, ବରଗଡ଼,ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ରାମ ନବମୀ ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୋନପୁର ବୁଢ଼ାରଜା ଛକ, ସମୟ: ସକାଳ ୮ଟା।
- ତରଭା ବ୍ଲକ ନକଟିକନାରେ ରାମଲୀଳା ଓ ରାମଜନ୍ମ ନାଟକ ଆରମ୍ଭ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ନୂଆପଡ଼ା

- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୂଆପଡା ଜିଲାର ବିଭିନ୍ନ ଐତିହ୍ୟସ୍ଥଳୀ, ଦେବାଳୟ ଓ ଜନ ଗହଳିପୂର୍ଣ୍ଣ ସ୍ଥାନ, ସମୟ: ସକାଳ ୭ଟା।
- ତରବୋଡ ପ୍ରିମିୟର ଲିଗ ଫ୍ଲଡଲାଇଟ କ୍ରିକେଟ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ରାମନବମୀ ଉପଲକ୍ଷେ ଷୋଳ ଉପଚାର ପୂଜା ଓ ଯଜ୍ଞ, ସ୍ଥାନ: ରାମ ମନ୍ଦିର ଝଣ୍ଡାଛକ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଗରପାଲି ନାମ ମଣ୍ଡପ ସମୟ: ସକାଳ ୮ଟା। ରାମାୟଣ ପାଠର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାହା କିଛି କରିବାକୁ ଚାହୁଁଛନ୍ତି, ସେଥିପାଇଁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ତୃତୀୟସ୍ଥ ଚନ୍ଦ୍ର ହେତୁ ମନ ଦୁର୍ବଳ ରହିଲେ ମଧ୍ୟ ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସହକର୍ମୀଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟ, କଚେରି ମାମଲା ଇତ୍ୟାଦିରୁ ଶୁଭଫଳ ପାଇବେ।

**ବୃଷ** ଏକାଧିକ ଗ୍ରହ ମଧ୍ୟରେ ଶୁକ୍ର ଥିବାରୁ ଦୈହିକ ସୁସ୍ଥତା କ୍ଷୁଣ୍ଣ ହୋଇପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ ଆଜି ପାଇଯିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅଭିଯୋଗ ଆସିପାରେ। ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପର ଉନ୍ନତି ହେତୁ ସାମୟିକ ଖୁସି ରହିବେ। ଆଜି ଦିନଟିରେ ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ରବିଙ୍କ ସୁପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରି କାର୍ଯ୍ୟ ହାସଲ କରିବେ। ଧନାଧିପ ଚନ୍ଦ୍ର ରାଶିରେ ଅବସ୍ଥାନ କରିଥିବାରୁ ଆର୍ଥିକ ଉନ୍ନତି ଘଟିବ। ଭୁଲ୍ ବୁଝାମଣା କାରଣରୁ ସତର୍କରେ ନ ଚଳିଲେ ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ବ୍ୟବସାୟରେ ଉନ୍ନତି କରିବେ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ।

**କର୍କଟ** ଭାଗ୍ୟାଧିପ ଲାଭ ସ୍ଥାନରେ ରହିଥିବାରୁ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିଲେ ମଧ୍ୟ ନିୟନ୍ତ୍ରଣରେ ରହିବ। ପୂର୍ବ ରାଗ ଶୁଝାଇବାକୁ ଯାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ ପାଇଁ ଚିନ୍ତା କରିପାରନ୍ତି।

**ସିଂହ** ଅଷ୍ଟମସ୍ଥ ଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟହାନି, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। ପାରିବାରିକ କ୍ଷେତ୍ରରେ କୌଣସି ବ୍ୟତିକ୍ରମ କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଖର୍ଚ୍ଚ ବହୁମାତ୍ରରେ ବଢ଼ିଯିବ। ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ, ଅତଏବ ସତର୍କତାର ସହ କାମ କରିବା ଭଲ ହେବ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରେ ସ୍ଥଗିତ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ବିଦେଶ ଯାତ୍ରା, ଧର୍ମକାର୍ଯ୍ୟରେ ବ୍ୟୟ କରିବାକୁ ବାଧ୍ୟ ହେବେ। ଚିତ୍ରା ନକ୍ଷତ୍ରର କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ସଭାସମିତିରେ ବିପକ୍ଷ ବ୍ୟକ୍ତିମାନେ କୌଣସି କଥାକୁ ଭୁଲ୍ ରୂପେ ପରିବେଷଣ କରିପାରନ୍ତି ।

**ତୁଳା** କର୍ମାଧିପ ଭାଗ୍ୟ ସ୍ଥାନରେ ରହିଥିବାରୁ ହାତକୁ ନେଇଥିବା କାମ ସୁବିଧାରେ ହୋଇଯିବ। ନିଜର ବୁଦ୍ଧି ଓ କୌଶଳ ପ୍ରୟୋଗ କରି ସାମାଜିକ ପ୍ରତିଷ୍ଠା ଲାଭ କରିବେ। ପଦସ୍ଥ ବ୍ୟକ୍ତିଙ୍କ ନିମନ୍ତ୍ରଣ କ୍ରମେ ସଭାସମିତିରେ ଯୋଗ ଦେଇ ଲକ୍ଷ୍ୟ ହାସଲ କରିବେ। ବନ୍ଧୁ ଗହଣରେ ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିପାରନ୍ତି।

**ବିଛା** ରାଶ୍ୟାଧିପତି ମଙ୍ଗଳ ଭାଗ୍ୟସ୍ଥାନରେ ରହି ବଳହୀନ ଯୋଗୁ ନିଜ ଲୋକଙ୍କ ଦ୍ୱାରା ଉପେକ୍ଷିତ ହେବେ। ଯାନବାହନ ଚଳାଚଳରେ ସତର୍କତା କିମ୍ବା ଅନ୍ୟମନସ୍କତା କାରଣରୁ ଅସୁବିଧାରେ ପଡ଼ିପାରନ୍ତି। ଆଜି ବନ୍ଧୁତ୍ୱ ସ୍ଥାପନ ସକାଶେ ମନ ବଳାଇବେ। ଅଭାବକୁ ପୂରଣ ସକାଶେ ଧାର ଆଣିବା ପାଇଁ ଆଲୋଚନା କରିପାରନ୍ତି।

**ଧନୁ** ଦେବଗୁରୁ କର୍ମସ୍ଥାନ ପ୍ରତି ଦୃଷ୍ଟି ଦେଉଥିବାରୁ ମନସ୍କାମନା ପୂରଣ ହେବ। ଅର୍ଥ, ସମ୍ମାନ, ବନ୍ଧୁଙ୍କ ସଦିଚ୍ଛା, କାର୍ଯ୍ୟସିଦ୍ଧି, ବ୍ୟବସାୟିକ ସଫଳତା ଓ କଚେରି ମାମଲାରେ ବିଜୟୀ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇଲେ ମଧ୍ୟ ଅସୁବିଧା ହେବ ନାହିଁ। ସାମୟିକ ରୋଗ କଷ୍ଟ ପାଇପାରନ୍ତି।

**ମକର** ଚତୁର୍ଥାଧିପତିଙ୍କ ଦୁର୍ବଳତାଜନିତ ଯାତ୍ରା, କର୍ମାରମ୍ଭ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ସନ୍ତାନଙ୍କ ଶିକ୍ଷା ଏବଂ କନ୍ୟାଙ୍କ ବିବାହଜନିତ ସମସ୍ୟାରେ ଚିନ୍ତିତ ରହିପାରନ୍ତି। ଆଜିର ଫେରନ୍ତା ବାଟରେ ବନ୍ଧୁତା ଜମେଇ ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟା ଦୂରୀଭୂତ ହୋଇଯିବ।

**କୁମ୍ଭ** ଅଷ୍ଟମ ସ୍ଥାନକୁ ଗ୍ରହଦୃଷ୍ଟି ହେତୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବାର ଆଶଙ୍କା ରହିଛି। ଆଜି ଘରକୁ ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ଆଲୋଚନା ପରିସରରେ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** ରାଶିରେ ଏକାଧିକ ଗ୍ରହ କାର୍ଯ୍ୟକ୍ଷେତ୍ରରେ ସଫଳତା ଆଣିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇ ଦେଇପାରେ। ଅଫିସିଆଲି କିଛି ପ୍ରୋବ୍ଲେମ୍ ହେତୁ ଟେନସନ୍ ବଢ଼ିଯିବାର ସୂଚନା ରହିଛି। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ ଶ୍ରୀରାମ ନବମୀ ରବିବାର, ମୃଣ୍ମୟୀ ଦେବୀଙ୍କ ବାସନ୍ତିକ ନବମୀ ପୂଜା, ପୀଠେ ବିଶ୍ରାମ ପୂଜା, ଏପ୍ରିଲ ୬ ତାରିଖ। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ ଘ.୦୯।୪୬ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୫୨ ମଧ୍ୟେ, ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ ।।

ପ୍ରଥମ ପୃଷ୍ଠାରୁ...

## ୨୮ ଆସନ...

ନିଷ୍ପତ୍ତି ନେଇଛନ୍ତି, ଏହି ବିଲ୍‌କୁ ବିଜେଡି ସମର୍ଥନ କରିବ ନାହିଁ। ରାତି ୧୨ଟାରେ ବିଲ୍ ଉପରେ ଭୋଟିଂ ହେବାର ଥିଲା। ସନ୍ଧ୍ୟା ୬ଟା ସମୟରେ ଏମ୍‌ପି ସସ୍ମିତ ପାତ୍ର ତାଙ୍କ ଏକ୍ସ' ଆକାଉଣ୍ଟରେ ପୋଷ୍ଟକରି କହିଥିଲେ, ବିଧେୟକ ଉପରେ ସମସ୍ତ ସଦସ୍ୟ ବିବେକ ଅନୁଯାୟୀ ଭୋଟ ଦେବେ, ଏହା ଉପରେ ଦଳର କିଛି ହୁଇପ୍ ନାହିଁ। ଏଭଳି ନିଷ୍ପତ୍ତି ବ୍ୟକ୍ତିଗତ ଭାବେ ଆଶ୍ଚର୍ଯ୍ୟ କଲା। ବିଜେଡି ଗୋଟେ ସେକ୍ୟୁଲାର ଦଳ ଭାବେ ନିଜ ପରିଚୟ ରଖିଛି। ଦିଲ୍ଲୀରେ ଦେଖିବାକୁ ମିଳିଲା, ସସ୍ମିତ ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଲି ବୁଲି ବିଲ୍ ସପକ୍ଷରେ ଭୋଟଦେବାକୁ ପ୍ରଚାର କରୁଛନ୍ତି। ସେଇଠୁ ଜଣାପଡ଼ିଗଲା କିଛି ଗୋଟେ ବଡ଼ ଡିଲ୍ ହୋଇଗଲା। ଏହା ପୂର୍ବରୁ ମଧ୍ୟ ସମସ୍ତେ ଜାଣନ୍ତି ଜଣେ ଆଇଏଏସ୍ ଅଫିସରଙ୍କ ୨ ଦିନ ଭିତରେ ଭିଆର୍‌ଏସ୍ ଆବେଦନ ଗ୍ରହଣ କରାଗଲା। ସସ୍ମିତ ଏହି ଘଟଣାରେ ଭିଲେନ୍ ନୁହନ୍ତି। ମୁଖ୍ୟ ପରାମର୍ଶଦାତା ହିଁ ଏହା ପଛରେ ଅଛନ୍ତି। ସଭାପତିଙ୍କୁ ଅନୁରୋଧ କରୁଛି, ଯେଉଁମାନଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନିଆଯାଇଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସସ୍ମିତ ନିର୍ଦ୍ଦେଶ ନିଅନ୍ତି, ଦିଅନ୍ତି ନାହିଁ। ମୁଖ୍ୟ ପରାମର୍ଶଦାତା ରାଜନୀତିରେ ନ ଥାଇ ରାଜନୀତିକୁ କଣ୍ଟ୍ରୋଲ କରିବାକୁ ଚେଷ୍ଟା କରୁଛନ୍ତି। ସେହି ମୁଖ୍ୟ ପରାମର୍ଶଦାତା କିଏ ସେକଥା ସମସ୍ତେ ଜାଣିଛନ୍ତି ବୋଲି ଦେବାଶିଷ କହିଛନ୍ତି।

ବିଜେଡି ନେତା ପ୍ରତାପ ଜେନା ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସ୍ୱାର୍ଥ ଲାଗି ଦୀର୍ଘ ୨୪ ବର୍ଷ ହେଲା କାମ କରୁଛି। ହେଲେ ୱାକ୍‌ଫ ସଂଶୋଧନ ବିଲ୍-୨୦୨୫ ରାଜ୍ୟ ସଭାରେ ଭୋଟିଂ ପାଇଁ ଆସିଥିବାବେଳେ ଏହା ଉପରେ ସସ୍ମିତଙ୍କ ସୋସିଆଲ ମିଡିଆ ପୋଷ୍ଟ ଦଳ ବିରୋଧୀ ଥିଲା। ବିଲ୍‌କୁ ବିରୋଧ କରାଯିବ ବୋଲି ପ୍ରଥମରୁ ନିଷ୍ପତ୍ତି କରିଥିଲେ। ଏହାପରେ ସସ୍ମିତ କିପରି ଦଳ ବିରୋଧୀ ଆଭିମୁଖ୍ୟ ରଖିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ ଗଭୀର ଷଡ଼ଯନ୍ତ୍ର ଥିବା ହୃଦ୍‌ବୋଧ ହେଉଛି। ଏହି ଷଡ଼ଯନ୍ତ୍ର ପଛରେ କିଏ ତାହା ତର୍ଜମା ହେବା ଦରକାର। ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବେ ବୋଲି ନବୀନଙ୍କୁ ଚିଠି ଜରିଆରେ ଜେନା କହିଛନ୍ତି। ଅନ୍ୟପଟେ ବିଧାୟକ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ସସ୍ମିତ କେମିତି ଏତେ ବଡ଼ ସାହସ କଲେ। ଦଳ ସମଦୂରତା ନୀତି ରଖି ଚାଲୁଥିଲା। କିନ୍ତୁ ଏହି ନିଷ୍ପତ୍ତି ଅନୁରୂପ ହେଲା ନାହିଁ। କିଏ ଗୋଟିଏ ଖେଳ କରିଦେଲା। କେଉଁଠି ଖେଳ ହେଲା ସେକଥା ଜାଣିବା ଦରକାର। ଦଳ ଏବେ ଧର୍ମସଙ୍କଟରେ ଅଛି ବୋଲି ବଦ୍ରି କହିଛନ୍ତି। ସସ୍ମିତ କହିଛନ୍ତି, ରାଜ୍ୟରେ ଯେଉଁ ଚର୍ଚ୍ଚା ଆରମ୍ଭ ହୋଇଛି, ସେ ତାସ୍‌କେଣ୍ଟରୁ ଫେରିବା ପରେ ପ୍ରତିକ୍ରିୟା ରଖିବେ। ସଂସଦ ପ୍ରତିନିଧିମାନଙ୍କ ସହ ସେ ତାସ୍‌କେଣ୍ଟ ଗସ୍ତରେ ଥିବା ନେଇ ଗଣମାଧ୍ୟମକୁ କହିଛନ୍ତି।

ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଭିତରେ ଆରମ୍ଭ ହୋଇଥିବା ବିସ୍ଫୋରକ ସ୍ଥିତି ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ଦଳୀୟ ନେତାମାନେ ଏହି ଘଟଣା ପରଠାରୁ ସିଧାସଳଖ ନବୀନଙ୍କୁ ଚ୍ୟାଲେଞ୍ଜ କରିବା ଭଳି ସାହସ ଜୁଟାଇ ସାରିଥିବା ଦେଖିବାକୁ ମିଳିଛି। କାହିଁକି ୱାକ୍‌ଫ ବିଲ୍‌କୁ ନେଇ ଦଳ ନିଜର ଆଭିମୁଖ୍ୟ ବଦଳାଇଲା, ଯେଉଁଥିଲାଗି ବିଜେଡିର ବ୍ୟାପକ କ୍ଷତି ଘଟିଲା ତା'ର ସ୍ପଷ୍ଟୀକରଣ ନବୀନ ଦିଅନ୍ତୁ ବୋଲି ନେତାମାନେ ଦାବି କଲେଣି। ଏଥିପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମଧ୍ୟ ଖୋଲାଖୋଲି ନେତାମାନେ କହିଲେଣି। ନବୀନଙ୍କ ଘନିଷ୍ଠ ସହଯୋଗୀ ବୋଲି ଯିଏ ଦୀର୍ଘଦିନ ହେଲା ବିଜେଡିକୁ ନିୟନ୍ତ୍ରଣରେ ରଖିଛନ୍ତି, ତାଙ୍କୁ ବିଦା ନ କଲେ ନେତାମାନେ ଆଉ ଦଳୀୟ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ମଧ୍ୟ ସିଧାସଳଖ କହିଲେଣି। ଏଭଳି ସ୍ଥିତିରେ ୱାକ୍‌ଫ ବିଲ୍‌କୁ ନେଇ ଶେଷ ମୁହୂର୍ତ୍ତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଲାଗି ନବୀନଙ୍କ ମୁଖ୍ୟ ପରାମର୍ଶଦାତା ଦାୟୀ ବୋଲି ଦେବାଶିଷ କହିଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଚିଠି ଲେଖି ଏହି ଘଟଣା ପଛର ଷଡ଼ଯନ୍ତ୍ରର ତର୍ଜମା କରିବାକୁ ନବୀନଙ୍କୁ ଅନୁରୋଧ କରିଛନ୍ତି। ସସ୍ମିତ କାହା ନିର୍ଦ୍ଦେଶରେ ବିଲ୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିକଲେ ସେକଥା ଲୋକଲୋଚନକୁ ଆସୁ ବୋଲି ଦଳୀୟ ନେତାମାନେ ଜିଦ୍ ଧରିବା ଆରମ୍ଭ କଲେଣି।

ବିଜେଡିର ଏଭଳି ସ୍ଥିତି ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ବିଜେଡିର ନେତୃତ୍ୱ ସଙ୍କଟରେ। ଦଳର ଭବିଷ୍ୟତ ଅନ୍ଧାରରେ। ଦଳର ଯିଏ ଡାଇରେକ୍ଟର ଥିଲେ ସେ ଏବେ ଭାରତ ଛାଡ଼ିବା ଉଦ୍ଦେଶ୍ୟରେ ଅଛନ୍ତି। ତାଙ୍କ ଦଳର ବରିଷ୍ଠ ନେତାମାନେ କହିବା ଆରମ୍ଭ କଲେଣି, ନବୀନ ବୟସାଧିକ କାରଣରୁ ପାଣ୍ଡିଆନ୍ ହେଲିକପ୍ଟର ଧରି ରାଜ୍ୟ ସାରା ବୁଲୁଥିଲେ। ଏକୁଟିଆ ମଞ୍ଚରେ ଠିଆହୋଇ ଭାଷଣ ଦେଉଥିଲେ, ତାଙ୍କ ଦଳ ନେତାଙ୍କୁ ତଳେ ଠିଆ କରୁଥିଲେ ତାମିଲନାଡୁ ଷ୍ଟାଇଲ୍‌ରେ। ହେଲେ ସେ ଓଡ଼ିଶା ମାଟିକୁ ଜାଣିପାରିନାହାନ୍ତି। ଓଡ଼ିଶା ମାଟିରେ ବହୁ ବିଜ୍ଞ ଲୋକ ଅଛନ୍ତି। ଓଡ଼ିଶାକୁ ଲୁଟ୍ କରି କିଏ ପଳାଇବ ତାହା ଚଳିବନି, ଆଜି କାର୍ଯ୍ୟାନୁଷ୍ଠାନ ହେଉନି, କାଲି ନିଶ୍ଚୟ ହେବ। ଓଡ଼ିଶାକୁ ଯିଏ ବି ଲୁଟିବାକୁ ଚେଷ୍ଟା କରିବ ତାକୁ ଛଡ଼ାଯିବ ନାହିଁ। ନବୀନଙ୍କ କଣ୍ଟ୍ରୋଲ ବାହାରକୁ ଦଳ ଚାଲିଗଲାଣି ଏକଥା ସ୍ପଷ୍ଟ ହୋଇସାରିଲାଣି। ପାଣ୍ଡିଆନ୍ ଯେଉଁ ଲୁଟ୍ କରିଛନ୍ତି କେବେ ବି ଆହ୍ୱାନ ହୋଇପାରେ ସେକଥା ଜାଣି ବିଦେଶ ପଳାଇବାକୁ ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଜୁ-ପାଣ୍ଡିଆନ୍‌ଙ୍କ ଲୋକ ଭିତରେ ବିଜେଡିରେ ଟଣାଟଣି ଆରମ୍ଭ ହେଲାଣି। ମୁସ୍‌ଲିମ୍ ଭୋଟ ସବୁବେଳେ ବିଜେଡିକୁ ଯାଉଥିଲା। ମୁସଲିମ ଲୋକଙ୍କୁ ନବୀନବାବୁ ବିଶ୍ୱାସ ଦେଇଥିଲେ ୱାକ୍‌ଫ ବିଲ୍‌କୁ ସମର୍ଥନ କରିବେ ନାହିଁ। ବିଜେଡି ସବୁବେଳେ ଭାଜପା ସହିତ ଏକାଠି ଅଛି ବୋଲି ତାରା କହିଛନ୍ତି।

## ମହିଳାଙ୍କୁ ନେଇ ମହାକାଶ ...

୧୧ତମ ମାନବ ପ୍ରେରଣ। ଏନ୍‌ଏସ୍-୩୧ ମିଶନ୍‌ର ରକେଟ ୧୧ ମିନିଟ୍‌ରେ ପୃଥିବୀ ପୃଷ୍ଠରୁ ପ୍ରାୟ ୬୫ ମାଇଲ ଉଚ୍ଚରେ ପହଞ୍ଚିବ। ତେବେ କ୍ରିଉମାନେ କକ୍ଷ ମଧ୍ୟରେ ପ୍ରବେଶ କରିବେ ନାହିଁ। ସେମାନେ ୬୨ ମାଇଲ୍ ଉଚ୍ଚରେ ଥିବା କାର୍‌ମାନ ଲାଇନ ଅତିକ୍ରମ କରିବେ, ଯାହାକୁ ପୃଥିବୀ ବାୟୁମଣ୍ଡଳ ଏବଂ ବାହ୍ୟ ମହାକାଶ ମଧ୍ୟରେ ସୀମା ଭାବେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିଛି। ଏହା ପ୍ରଥମ ଯାନ, ଯାହା କେବଳ ମହିଳାମାନଙ୍କୁ ନେଇ ମହାକାଶକୁ ଯିବ। ୧୯୬୩ରେ ରୁଷିଆ ମହାକାଶ ଯାନ ଏକମାତ୍ର ମହାକାଶଚାରୀ ଭାଲେଣ୍ଟିନା ତେରେସ୍କୋଭାଙ୍କୁ ମହାକାଶକୁ ନେଇଥିଲା। ଲଞ୍ଚ୍ ପୂର୍ବରୁ କ୍ରିଉମାନେ ଟେକ୍ସାସ୍‌ର ଭାନ୍ ହର୍ନରେ ପହଞ୍ଚିବେ, ଯେଉଁଠି ସେମାନଙ୍କୁ ଚୂଡ଼ାନ୍ତ ପ୍ରଶିକ୍ଷଣ ଦିଆଯିବ।

## ୮୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୫।୪(ଦୁର୍ଯ୍ୟୋଧନ ପାତ୍ର)-ମାଓବାଦୀ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏହା ମଧ୍ୟରେ ବହୁ ସ୍ଥାନରେ ପୋଲିସ ସହ ଗୁଳି ବିନିମୟ ଘଟି ଗତ ୩ ମାସ ମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ନିହତ ହୋଇଥିବା ବେଳେ ବହୁ ସଂଖ୍ୟକ ଗିରଫ ହୋଇଛନ୍ତି। ସେହିପରି ବହୁ ଆତ୍ମସମର୍ପଣ କରିଛନ୍ତି। ଏଥିସହ ସଂଗଠନର ବଡ ବଡ କ୍ୟାଡରଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଫଳରେ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ତେଲଙ୍ଗାନା ରାଜ୍ୟ କୋଟାଗୁଡେମ ରାମଚନ୍ଦ୍ରପୁରମ୍ ପୋଲିସ ମୁଖ୍ୟାଳୟରେ ଭଦ୍ରାଦ୍ରୀ କଟାଗୁଡେମ୍ ମଲ୍ଟି ଜୋନ୍-୧ ଆଇଜି ଚନ୍ଦ୍ରଖେଖର ରେଡ୍ଡୀଙ୍କ ନିକଟରେ ଶନିବାର ୮୬ ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଛତିଶଗଡ଼ ସୁକ୍‌ମା ଜିଲାର ବିଭିନ୍ନ ସଙ୍ଗଠନରେ କାର୍ଯ୍ୟ କରୁଥିବା ଜଣାପଡିଛି। ଏହି ୮୬ଜଣଙ୍କ ମଧ୍ୟରୁ ୬୬ ପୁରୁଷ ଓ ୨୦ ମହିଳା ମାଓବାଦୀ ଅଛନ୍ତି। ଆଇଜି ଚନ୍ଦ୍ରଶେଖର କହିଛନ୍ତି, ତେଲଙ୍ଗାନା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେଶନ ଚେୟୁତା ଅଭିଯାନ ସମୟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି।





# ବିଶ୍ୱସ୍ତରୀୟ ଭିତ୍ତିଭୂମି
# ବିକଶିତ ଭାରତ ଅଭିମୁଖେ

ନୂଆ ପମ୍ବନ୍ ସେତୁ - ରାମେଶ୍ୱରମ୍‌ଠାରେ ଭାରତର ସର୍ବପ୍ରଥମ ଭର୍ଟିକାଲ୍ ଲିଫ୍ଟ ସାମୁଦ୍ରିକ ସେତୁ

## ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକରଣ

## ନୂଆ ପମ୍ବନ୍ ସେତୁ

- ୨.୦୮ କିମି ଦୀର୍ଘ ଏହି ସେତୁ ରାମନାଥସ୍ୱାମୀ ମନ୍ଦିର ପରିଦର୍ଶନ କରୁଥିବା ବାର୍ଷିକ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ଲାଭ ପହଞ୍ଚାଇବ
- ଅତ୍ୟାଧୁନିକ ସାମଗ୍ରୀ ଏବଂ କ୍ଷୟନିରୋଧୀ ଜ୍ଞାନକୌଶଳ ବ୍ୟବହୃତ
- ଯାହା ବଡ଼ ବଡ଼ ଡଙ୍ଗାର ଯାତାୟାତକୁ ସକ୍ଷମ କରିବା ତଥା ସାମୁଦ୍ରିକ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ୧୭ ମିଟରର ଉଚ୍ଚତର କ୍ଲିୟରାନ୍ସ ଦେଉଥିବା ୭୨.୫ ମିଟର ଲିଫ୍ଟ ସ୍ପାନ୍
- ସ୍ଥାନୀୟ ପର୍ଯ୍ୟଟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହନ

## ଏନ୍ଏଚ୍-୩୩୨ର ଭିଲୁପୁରମ୍ - ପୁଡୁଚେରୀ ସେକ୍ସନର ୪-ଲେନିଂ
## ଏନ୍ଏଚ୍-୩୨ର ପୁନ୍ଦିୟାନକୁପ୍ପମ୍ - ସତ୍ତାନାଥପୁରମ୍ ସେକ୍ସନର ୪-ଲେନିଂ
## ଏନ୍ଏଚ୍-୩୬ର ଚୋଲାପୁରମ୍ - ଥାଞ୍ଜାଭୁର ସେକ୍ସନର ୪-ଲେନିଂ

- ସୁଗମ ଟ୍ରାଫିକ୍ ପ୍ରବାହ, ସ୍ୱଳ୍ପତର ଯାତ୍ରା ସମୟ ଏବଂ କମ୍ ଇନ୍ଧନ ଖର୍ଚ୍ଚକୁ ସୁନିଶ୍ଚିତ କରିବା ପାଇଁ ଅଧିକ ପ୍ରଶସ୍ତ ସଡ଼କ
- ପ୍ରମୁଖ ବନ୍ଦର ଏବଂ ପ୍ରମୁଖ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁଦୃଢ଼ ସଂଯୋଗୀକରଣ

## ପତାକା ଦେଖାଇ ଶୁଭାରମ୍ଭ

## ରାମେଶ୍ୱରମ୍ ଏବଂ ତାମ୍ବରମ୍ (ଚେନ୍ନାଇ) ମଧ୍ୟରେ ନୂଆ ଟ୍ରେନ୍

- ତାମିଲନାଡୁର ତ୍ରିକୋଣଭୂମି ଅଞ୍ଚଳରେ ଉନ୍ନତ ସଂଯୋଗୀକରଣ, ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହନ
- ଧାର୍ମିକ ଏବଂ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀଗୁଡ଼ିକର ସୁଗମତା ବୃଦ୍ଧି

## ଶିଳାନ୍ୟାସ ଉତ୍ସବ

## ଏନ୍ଏଚ୍-୪୦ର ୱାଲାଝାପେଟ୍/ରାଣୀପେଟ୍-ତାମିଲନାଡୁ/ଆନ୍ଧ୍ରପ୍ରଦେଶ ସୀମା ସେକ୍ସନର ୪-ଲେନିଂ

- ଆଧ୍ୟାତ୍ମିକ ଏବଂ ମେଟ୍ରୋପଲିଟାନ୍ ହବ୍ ମଧ୍ୟ ଦ୍ରୁତତର ସଡ଼କ ସଂଯୋଗୀକରଣ
- ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ଦୈନନ୍ଦିନ ଯାତାୟାତକାରୀଙ୍କ ପାଇଁ ସିଧାସଳଖ ଯାତ୍ରା କରିବାର ବିକଳ୍ପ

**ଟ.୮୫୦୦ କୋଟି ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ ଏବଂ ଶିଳାନ୍ୟାସ କରିବେ**

# ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

## ଗରିମାମୟ ଉପସ୍ଥିତି

**ଆର୍.ଏନ୍. ରବି**
ରାଜ୍ୟପାଳ, ତାମିଲନାଡୁ

**ଏମ୍.କେ. ଷ୍ଟାଲିନ୍**
ମୁଖ୍ୟମନ୍ତ୍ରୀ, ତାମିଲନାଡୁ

**ନୀତିନ ଜୟରାମ ଗଡ଼କରୀ**
କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଡା. ଏଲ୍. ମୁରୁଗାନ୍**
କେନ୍ଦ୍ର ସୂଚନା ଏବଂ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

**ଥାଙ୍ଗମ୍ ଥେନ୍ନାରାସୁ**
ଅର୍ଥ ଏବଂ ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ତାମିଲନାଡୁ ସରକାର

**ଆର୍.ଏସ୍. ରାଜାକାନ୍ନାପ୍ପନ୍**
ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ଉତ୍ପାଦ ଉନ୍ନୟନ ମନ୍ତ୍ରୀ, ତାମିଲନାଡୁ ସରକାର

ରବିବାର, ୬ ଏପ୍ରିଲ, ୨୦୨୫ | ରାମେଶ୍ୱରମ୍, ତାମିଲନାଡୁ | ୧୨.୪୫ ଘଟିକା



ଆମକୁ ଫଲୋ କରନ୍ତୁ /RailMinIndia

ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ DD NEWS

"ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# ବାଣିଜ୍ୟ ଯୁଦ୍ଧ



ଆକାର ପଟେଲ

ବାଣିଜ୍ୟ ଯୁଦ୍ଧ କେମିତି ଶେଷ ହୁଏ ? ଏହାର ଉତ୍ତର ପାଇବାକୁ ହେଲେ ନିଜକୁ ପ୍ରଶ୍ନ ପଚାରିବା ଦରକାର ଯେ ହିଂସାତ୍ମକ ଯୁଦ୍ଧ କିପରି ଶେଷ ହୁଏ ? ଉଭୟ ପାଇଁ ସରଳ ଉତ୍ତର ହେଉଛି ଥରେ ଯୁଦ୍ଧ ଆରମ୍ଭ ହେଲେ ସହଜରେ ଶେଷ ହୁଏ ନାହିଁ। ଦେଖାଯାଏ ଯୁଦ୍ଧ ଶେଷ କରିବାକୁ ନେତାମାନଙ୍କ ମଧ୍ୟରେ ହେଉଥିବା ମହତ୍ତ୍ୱହୀନ 'ଶିଖର ସମ୍ମିଳନୀ' ବୈଠକକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦର୍ଶାଯାଉଛି। ଏହିସବୁ ବୈଠକ ପରେ ଅସନ୍ତୋଷ ରହିପାରେ କିନ୍ତୁ ସ୍ଥିତାବସ୍ଥା ବଜାୟ ରଖିବାର ଏକ ବିକଳ୍ପ ରହିଛି ଯାହା ଉପରେ ଅଧିକ ଭରସା ରଖିବା ଦରକାର। ହିଂସା ଆଡ଼କୁ ବଢ଼ିବା ଅନୁଚିତ। ଏହା ହେଲେ ନିୟନ୍ତ୍ରଣ କଷ୍ଟକର ହୋଇଯାଏ। ମୁଷ୍ଟିଯୋଦ୍ଧା ମାଇକ ଟାଇସନ କହିଛନ୍ତି, ପ୍ରତ୍ୟେକଙ୍କ ପାଖରେ ଏକ ଯୋଜନା ଥାଏ ଯେପର୍ଯ୍ୟନ୍ତ ସେମାନଙ୍କ ମୁହଁରେ ଶକ୍ତ ମୁଥ ବାଜି ନ ଥାଏ। ଅର୍ଥାତ୍ ନ ହାରିବା ଯାଏ ଯୁଦ୍ଧ ଯୋଜାନା ଚାଲିଥାଏ। ଯୁଦ୍ଧ ଶେଷ ହୁଏ ଯେତେବେଳେ ଉଭୟ ପକ୍ଷ ଅତ୍ୟଧିକ କ୍ଷତିର ସମ୍ମୁଖୀନ ହୋଇଥାନ୍ତି କିମ୍ବା ଗୋଟିଏ ପକ୍ଷ ଅନ୍ୟଠାରୁ ଅଧିକ ମଜଭୁତ ଥାଏ ଓ ଆତ୍ମସମର୍ପଣ କରିବାକୁ ବାଧ କରେ। ଯୁଦ୍ଧ ଓ ବାଣିଜ୍ୟ ଯୁଦ୍ଧର ଆଉ ଏକ ଦିଗ ରହିଛି, ଯାହା ପାଇଁ ସେଗୁଡ଼ିକୁ ନିୟନ୍ତ୍ରଣ କରିବା କଷ୍ଟକର ଏବଂ ଏହାର ଗମ୍ଭୀରତା ଆକଳନ ବି ଅସମ୍ଭବ। ତାହା ହେଉଛି ଜାତୀୟ ଗୌରବ ଓ ଜାତୀୟ ଅସ୍ତିତ୍ୱ। ସେଥିପାଇଁ ବାଣିଜ୍ୟ ଓ କୂଟନୀତି ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ କରାଯାଏ। ସେସବୁ ଯେତେବେଳେ ବାହାର ଆଲୋଚନାର ଅଂଶ ହୋଇଯାଏ ଏବଂ ଜନସାଧାରଣ ଭାଗ ନିଅନ୍ତି ସେତେବେଳେ କ୍ରୋଧ ସୃଷ୍ଟି ହୁଏ ଏବଂ ସବୁକିଛି ପରିବର୍ତ୍ତନ ଘଟିଥାଏ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ସେ ଟାରିଫ୍ ମାଧ୍ୟମରେ ଚାଇନାକୁ ଦଣ୍ଡ ଦେଉଛନ୍ତି ଏବଂ ଏହାର ପ୍ରତିକାର ସ୍ୱରୂପ କିଛି ପଦକ୍ଷେପ ନ ନେବାକୁ ଚେତାବନୀ ଦେଇଛନ୍ତି, କାରଣ ସେ ତା'ଉପରେ ଆହୁରି ଅଧିକ ଟାରିଫ୍ ଲଗାଇବେ। ତତ୍କ୍ଷଣାତ ପ୍ରତିକ୍ରିୟା ସ୍ୱରୂପ ଆମେରିକା ଉପରେ ଚାଇନା ସମାନ ପ୍ରକାର ଟାରିଫ୍ ଲଗାଇଛି। କେତେଜଣ ଯୁକ୍ତି କରନ୍ତି, ଟାରିଫ୍ ଲଗାଇଥିବା ଦେଶର ପ୍ରାୟତଃ କ୍ଷତି ହୋଇଥାଏ, କାରଣ ତାହାର ଉପଭୋକ୍ତାମାନେ ଆମଦାନୀ ଶୁଳ୍କ ଦିଅନ୍ତି। ଏହାକୁ ବାଣିଜ୍ୟ ଯୁଦ୍ଧ କୁହାଯାଏ। ବିନା ଗୁଳିରେ ଏହା ଚାଲେ। ବାଣିଜ୍ୟ ଯୁଦ୍ଧରେ ଗୋଟିଏ ପକ୍ଷ ଅନ୍ୟର ସକ୍ରିୟ ଭାବେ କ୍ଷତି କରିବାକୁ ଚେଷ୍ଟା କରୁଛି। ଫଳରେ ଅନ୍ୟ ପକ୍ଷ ଏହାର ଜବାବ ଦେବାକୁ ବାଧ ହେଉଛି। ଡୋନାଲ୍ଡ ଟ୍ରମ୍ପ୍ କାନାଡା ଉପରେ ଟାରିଫ୍ ଲାଗୁ କରିବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ଯେ, କାନାଡାର ଗଭର୍ନର ଟ୍ରୁଡୁଙ୍କୁ ଦୟାକରି ବୁଝାଇଦିଅ ଯେ ଆମେରିକାକୁ ଅସୁବିଧାରେ ପକାଇବା ଲାଗି ଯଦି ସେ ରିଟାଲିଏଟୋରି ଟାରିଫ୍ ଲାଗୁ କରନ୍ତି ତେବେ ଆମର ରିସିପ୍ରୋକାଲ ଟାରିଫ୍ ସେହି ସମାନ ପରିମାଣରେ ବୃଦ୍ଧି ପାଇବ। କାନାଡା ଏହାର ପ୍ରତିକ୍ରିୟା ଜଣାଇଲା ଏବଂ ଚାଇନା ଏବେ ତାହା କରିଛି। ତେବେ ଟ୍ରମ୍ପଙ୍କ ପାଇଁ ବିକଳ୍ପ ଅଛି। ଯାହା କରିବେ ବୋଲି କହିଥିଲେ ତାହା କରିବେ ଅର୍ଥାତ୍ ସେମାନଙ୍କ ଉପରେ ଟାରିଫ୍ ଲଗାଇବେ ନା ପଛକୁ ଫେରିବେ। ଯଦି ସେ ଏହା ନ କରନ୍ତି ତେବେ ଟ୍ରମ୍ପ୍ ହାରିଗଲେ ବୋଲି ଗଣାଯିବ ଏବଂ ତାଙ୍କ ବିଶ୍ୱସନୀୟତା ହ୍ରାସ ପାଇବ। ସେଥିପାଇଁ ଯୁଦ୍ଧ ଥରେ ଆରମ୍ଭ ହୋଇଗଲେ ତାହାକୁ ବନ୍ଦ କରିବା କଷ୍ଟକର। ଏହି କାରଣରୁ ବାଣିଜ୍ୟ ଯୁଦ୍ଧ କିଛିଦିନ ଆମମାନଙ୍କ ସହ ରହିବ।

ଭାରତରେ ଆମେମାନେ ଏହା ଉପରେ ଚିନ୍ତା କରିବା ଦରକାର। ଦେଖାଯାଏ ୨୦୦୪ରୁ ୨୦୧୪ ମଧ୍ୟରେ ବୃହତ କ୍ଷେତ୍ରଗୁଡ଼ିକରେ ଭାରତ ଦ୍ରୁତ ଅଭିବୃଦ୍ଧି ହାସଲ କରିଥିଲା, କାରଣ ସେହି ଦଶନ୍ଧିରେ ଏହାର ବିକ୍ରିଯୋଗ୍ୟ ସାମଗ୍ରିର ରପ୍ତାନି ବାର୍ଷିକ ୫୦ ବିଲିୟନ ଆମେରିକୀୟ ଡଲାରରୁ ୩୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ସେହି ସମୟରେ ବିଶ୍ୱ ବାଣିଜ୍ୟରେ ବୃଦ୍ଧି ଘଟିଥିବାରୁ ଏହା ସମ୍ଭବ ହୋଇଥିଲା। ବିଶ୍ୱ ବିତ୍ତୀୟ ସଙ୍କଟ ପରେ ଯେତେବେଳେ ବାଣିଜ୍ୟ ମାନ୍ଦା ରହିଥିଲା ସେତେବେଳେ ଆମ ଅଭିବୃଦ୍ଧି ହ୍ରାସ ପାଇଥିଲା। ଏହାର ଦଶବର୍ଷ ପରେ ଏବେ ବିକ୍ରିଯୋଗ୍ୟ ସାମଗ୍ରୀର ରପ୍ତାନି ୪୦୦ ବିଲିୟନ ଡଲାର ରହିଛି। ଅର୍ଥାତ୍ ଦ୍ରୁତ ଅଭିବୃଦ୍ଧି ହାର ଅପସରି ଯାଇଛି। ବାସ୍ତବ କଥା ହେଉଛି, ବିଶ୍ୱ ବାଣିଜ୍ୟରେ ବୃଦ୍ଧି ଭାରତ ପାଇଁ ଭଲ ଏବଂ ବାଣିଜ୍ୟ ଯୁଦ୍ଧ ଆମ ପାଇଁ କ୍ଷତିକାରକ। ଏଣୁ ଭାରତ ଏହି ଯୁଦ୍ଧର ସମାଧାନ କରିବା ପାଇଁ ନେତୃତ୍ୱ ନେବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆଶାବାଦୀ ହେବା ଦରକାର। କାରଣ ଏହା ପଛରେ ଅନେକ କାରଣ ଅଛି। ଗଣତାନ୍ତ୍ରିକ ଦେଶଗୁଡ଼ିକ ଅନ୍ୟର ସହଯୋଗ ବିନା ନିଜକୁ ସୁଧାରି ନିଅନ୍ତି ଏବଂ ଆମେରିକା ଏଥିପ୍ରତି ଅଧିକ ଗୁରୁତ୍ୱଦେବା ଦରକାର। ଏହାର ପାର୍ଲାମେଣ୍ଟ ଲେଜିସ୍‌ଲେଟରଙ୍କ ଦ୍ୱାରା ଚାଲିଥାଏ, ଯେଉଁମାନଙ୍କୁ ପ୍ରତି ଦୁଇବର୍ଷରେ ନିର୍ବାଚନ ସାମ୍ନା କରିବାକୁ ପଡ଼ିଥାଏ। ଆଗାମୀ କିଛି ସପ୍ତାହ କିମ୍ବା ମାସରେ ବିଶେଷକରି ଟାରିଫ୍‌ଗୁଡ଼ିକ ଯଦି ବାଧକ ସାଜେ ଏବଂ ଜନସାଧାରଣ ଅଶାନ୍ତି ହୁଅନ୍ତି ତେବେ ନଭେମ୍ବର ୨୦୨୬ର ନିର୍ବାଚନରେ ଭାଗ ନେବାକୁ ଯାଉଥିବା ନେତାମାନେ ସେମାନଙ୍କ ରାଷ୍ଟ୍ରପତି ସୃଷ୍ଟି କରିଥିବା ଅସ୍ଥିର ସ୍ଥିତିକୁ ହ୍ରାସ କରିବା ଲାଗି ତାଙ୍କ ଉପରେ ଚାପ ପକାଇବା ଆରମ୍ଭ କରିବେ। ଟ୍ରମ୍ପଙ୍କ ଯୋଜନାରୁ ଜଣାପଡୁଛି ଯେ, ସେ ଦୀର୍ଘ ସମୟ ଧରି କାମ କରିବେ ଏବଂ ତାଙ୍କ ଉପରେ ଏହି ଚାପ ବ୍ୟର୍ଥ ହୋଇପାରେ। ନିଜକୁ ସୁଧାରି ନେବା ଏପରି କି ଯୁଦ୍ଧ ପାଇଁ ଏହି ଚାପ ସ୍ୱତନ୍ତ୍ର ପ୍ରଭାବ ପକାଇବ। ହେଲେ ଆମେରିକାର ଇତିହାସ ଦର୍ଶାଏ, ଏହା ଭୁଲ୍ କରିଚାଲିବ ଓ ଯୁଦ୍ଧ ନିଜର କ୍ଷତି କଲେ ମଧ୍ୟ ତାହାକୁ ଅନୁସରଣ କରିବ। ଭିଏଟନାମ ଓ ଇରାକ ଯୁଦ୍ଧରୁ ଏହା ସ୍ପଷ୍ଟ ହୁଏ। ଆଫଗାନିସ୍ତାନରେ ଲଗାତର ଭାବେ ଆମେରିକା ଭୁଲ୍ କରିଆସୁଛି ଓ ସେଥିରୁ କିଛି ବି ଶିକ୍ଷା ପାଇନାହିଁ। ଆତ୍ମସମର୍ପଣ କରିବା ପୂର୍ବରୁ ୨୦ ବର୍ଷ ଧରି ନିଜର ଓ ତା'ପ୍ରତିପକ୍ଷର କ୍ଷତି କରିଛି। ନିଜ ଦେଶର ନାଗରିକଙ୍କ ଜୀବନ ଯିବା ଓ ବିପୁଳ ଅର୍ଥ ଖର୍ଚ୍ଚ ହେବା ଭଳି ଦୀର୍ଘଦିନର ଯନ୍ତ୍ରଣାଦାୟକ ସ୍ଥିତିରେ ଆମେରିକା ନାଗରିକମାନେ ଠିକ୍ ଥିଲେ। କାରଣ ସେମାନେ ଭାବୁଥିଲେ ତାହା ସେମାନଙ୍କ ଜାତୀୟ ସ୍ୱାର୍ଥ ପାଇଁ ହେଉଥିଲା। ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ ପାଇଁ ଏହା ସତ୍ୟ ନୁହେଁ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | 8 | |
| | | | | 3 | 4 | | 7 | |
| 6 | | | | | 1 | | 9 | 5 |
| | | | 4 | 9 | 3 | | 5 | 2 |
| | | | 2 | | | | | 3 |
| | | | | | | | | 7 |
| 5 | 7 | | | | 9 | | | |
| | | 2 | 5 | 6 | | | | |
| | | 3 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 7 | 4 | 9 | 6 | 8 | 3 |
| 9 | 3 | 4 | 2 | 8 | 6 | 7 | 1 | 5 |
| 6 | 8 | 7 | 1 | 5 | 3 | 2 | 9 | 4 |
| 4 | 1 | 9 | 3 | 2 | 7 | 5 | 6 | 8 |
| 3 | 6 | 5 | 8 | 9 | 1 | 4 | 7 | 2 |
| 8 | 7 | 2 | 4 | 6 | 5 | 9 | 3 | 1 |
| 1 | 5 | 3 | 9 | 7 | 4 | 8 | 2 | 6 |
| 2 | 9 | 6 | 5 | 3 | 8 | 1 | 4 | 7 |
| 7 | 4 | 8 | 6 | 1 | 2 | 3 | 5 | 9 |

ଗତକାଲିର ଉତ୍ତର

# ୟୁପିଆଇ ବ୍ୟବସ୍ଥାରେ ଟଙ୍କା ପ୍ରେରଣ



ଡ. ତପନ କୁମାର ପାଳ

ବର୍ତ୍ତମାନ ସମୟରେ ଟଙ୍କା ଦେଣନେଣର ସବୁଠାରୁ ସୁବିଧାଜନକ ବ୍ୟବସ୍ଥା ହେଉଛି ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ଯାହାକୁ ସମସ୍ତେ ଲୋକପ୍ରିୟ ଭାବରେ ୟୁପିଆଇ ବୋଲି ବୁଝନ୍ତି। ବହୁ ସମୟରେ ଅନେକେ ଏହି ବ୍ୟବସ୍ଥାରେ ଅଜାଣତରେ ଭୁଲ୍ ନମ୍ବରକୁ ଟଙ୍କା ପଠାଇ ଦିଅନ୍ତି, ଯାହା ପରବର୍ତ୍ତୀ ସମୟରେ ଅସୁବିଧା ସୃଷ୍ଟି କରିଥାଏ। ଅନେକ ଉଦାହରଣ ଅଛି ଯେଉଁଠି ଜଣେ ଆପଣଙ୍କ ପରିଚୟ ଓ ଅନେକ ଅନୁରୋଧ ପାଇ ମଧ୍ୟ ଟଙ୍କା ଆଉ ଫେରସ୍ତ କରି ନ ଥାନ୍ତି। ତେବେ ଆପଣ ଜାଣି ଖୁସି ହେବେ ଜଣେ ଭୁଲ୍ ୟୁପିଆଇ ଠିକଣାରେ ଟଙ୍କା ପଠାଇଥିଲେ ଏହା ଫେରି ଆସିବାର ଅନେକ ସୁବିଧା ସୁଯୋଗ ରହିଛି। ଏ ନେଇ ବ୍ୟାଙ୍କିଙ୍ଗ ସେବା ସହଜ ବ୍ୟବସ୍ଥାରେ ଆପଣଙ୍କୁ କିଛି ସୂଚିତ କରୁଛୁ।

ଆପଣ ଯଦି ଅଜାଣତ ବଶତଃ କିମ୍ବା ଅସାବଧାନତା ଭାବରେ ଭୁଲ୍ ୟୁପିଆଇ ନମ୍ବର ବା ଠିକଣାକୁ ଟଙ୍କା ପ୍ରେରଣ କରିଛନ୍ତି ସର୍ବପ୍ରଥମେ ମାନସିକ ଭାବେ ଧୈର୍ଯ୍ୟବାନ୍ ହୁଅନ୍ତୁ। ଆଦୌ ଭୟଭୀତ ନ ହୋଇ ଯଦି ଆପଣ ଏବଂ ଟଙ୍କା ପଠାଇଥିବା ନମ୍ବରର ଗ୍ରାହକ ଗୋଟିଏ ବ୍ୟାଙ୍କର ଆକାଉଣ୍ଟଧାରୀ ହୋଇଥାନ୍ତି ତେବେ ଶତପ୍ରତିଶତ ଭରସା ରଖନ୍ତୁ ଅତି ବେଶିରେ ଦୁଇଦିନ ଭିତରେ ନିଶ୍ଚିତ ଭାବରେ ଆପଣ ଟଙ୍କା ଫେରିପାଇବେ। ତେବେ ଅନ୍ୟ ବ୍ୟାଙ୍କ ହୋଇଥିଲେ ଏହା ଟିକେ ବିଳମ୍ବ ହୋଇପାରେ। ଆପଣଙ୍କର ଏହି ଅଜାଣତ ବଶତଃ ତ୍ରୁଟି ହୋଇଥିଲେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗାଇଡ୍ ଲାଇନ ଅନୁଯାୟୀ ସର୍ବପ୍ରଥମେ ଆପଣ ଭୁଲ୍‌ରେ ପଠାଇଥିବା ନମ୍ବରର ପ୍ରାପକ ବା ପାଇଥିବା ଲୋକଟି ସହିତ ଆପଣଙ୍କ ଉପଯୁକ୍ତ ଓ ପର୍ଯ୍ୟାପ୍ତ ପରିଚୟ ପ୍ରଦାନ କରି ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ କାରବାରର ବିବରଣୀ ତାଙ୍କୁ ଦିଅନ୍ତୁ। ଯଦି ଆପଣଙ୍କ ଦ୍ୱାରା ସେହି ପ୍ରାପକଙ୍କ ସହ ସମ୍ପର୍କ ଯୋଡ଼ି ନ ହୋଇପାରେ ବା ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଆପଣ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆରେ ଆପଣଙ୍କ କାରବାରର ବିବରଣୀ ସମସ୍ତ ସୂଚନା ଓ ଆବଶ୍ୟକ ପ୍ରମାଣ ଦାଖଲ କରି ଅଭିଯୋଗ କରନ୍ତୁ। ସେହିପରି ଯେଉଁ ବ୍ୟାଙ୍କରେ ଏହି ଆର୍ଥିକ କାରବାର କରିଛନ୍ତି ଆପଣଙ୍କ ତ୍ରୁଟି ବିଷୟରେ ତୁରନ୍ତ ବିବରଣୀ ଦାଖଲ କରିବା ସହ ସୂଚନା ପ୍ରଦାନ କରନ୍ତୁ। ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପକ୍ଷରୁ ରିଫଣ୍ଡ ପାଇଁ ଏକ ଚାର୍ଜ ବ୍ୟାଗ ବ୍ୟବସ୍ଥା ଆରମ୍ଭ ହୋଇଥାଏ। ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ ଆପଣଙ୍କ ଭୁଲ୍ ୟୁପିଆଇ କାରବାର ସମସ୍ୟା ପାଇଁ ଏକ ସହାୟକ ଟୋଲ ଫ୍ରି ନମ୍ବର ରହିଛି। ୧୮୦୦-୧୨୦-୧୭୪୦ ନମ୍ବରଟି ଚବିଶ ଘଣ୍ଟିଆ କାର୍ଯ୍ୟ କରିଥାଏ।

ସେହିପରି ଅର୍ଥ କାରବାର କରିଥିବା ବା ଟଙ୍କା ପ୍ରେରଣ କରିଥିବା ଆପଣଙ୍କ ପେମେଣ୍ଟ ବ୍ୟବସ୍ଥା ଯଥା ପେଟିଏମ୍ ହେଉ ବା ଗୁଗଲ ପେ' କିମ୍ବା ଫୋନ ପେ' ସେମାନଙ୍କୁ ଏକ ଅଭିଯୋଗ ବିଧିବଦ୍ଧ ଭାବେ ପ୍ରଦାନ କରନ୍ତୁ। ସେହିପରି ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆର ୱେବ୍‌ସାଇଟକୁ ଅନୁଧ୍ୟାନ କରି ଏଥିରେ ରହିଥିବା ଡିସ୍‌ପୁଟ୍ ରିଡ୍ରେସାଲ ମେକାନିଜମ୍ ବ୍ୟବସ୍ଥା ଅନୁଯାୟୀ ଅନଲାଇନରେ ଫର୍ମ ଦାଖଲ କରନ୍ତୁ। ଯେଉଁଥିରେ ଆପଣ ଟଙ୍କା ପ୍ରେରଣ କରିଥିବା ଠିକଣା ବା ଆଇଡି, କାରବାର ହୋଇଥିବା ତାରିଖ, ଇ-ମେଲ୍ ଆଇଡି, ଭର୍ଚ୍ଚୁଆଲ ପେମେଣ୍ଟ ଠିକଣା, ଆମାଉଣ୍ଟ ଟ୍ରାନ୍ସଫର ରସିଦ ଓ ଆପଣ ତଥା ପ୍ରାପକଙ୍କ ମୋବାଇଲ ନମ୍ବର ଏହି ବିବରଣୀ ସହିତ ସବିଶେଷ ଭାବେ ଯୋଡ଼ନ୍ତୁ। ଏହା ସହିତ ଡିଡକ୍ସନ ଦର୍ଶାଇ ଆପଣଙ୍କର ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଅପଲୋଡ୍ କରନ୍ତୁ। ସେହିପରି ଆଉ ଏକ କଥା ବିଶେଷ ଭାବେ ମନେରଖନ୍ତୁ। ଆପଣଙ୍କର ଅଜାଣତରେ ଏହି ଯେଉଁ ତ୍ରୁଟିଟି ହୋଇଛି ଏହା ପାଇଁ ଅଭିଯୋଗ ସାଇଟ୍‌ରେ 'ଇନକରକ୍ଟେଲି ଟ୍ରାନ୍ସଫର ଟୁ ଆନାଦର ଆକାଉଣ୍ଟ'କୁ ବାଛନ୍ତୁ। ଯଦି ଆପଣଙ୍କ ପ୍ରାଥମିକ ଅଭିଯୋଗର ସମାଧାନ ନ ହୁଏ ତେବେ ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ଏ କ୍ଷେତ୍ରରେ ଅନେକ ବିକଳ୍ପ ରହିଛି। ପ୍ରଥମେ ଥାର୍ଡ ପାର୍ଟି ଆପ୍ଲିକେଶନ ପ୍ରୋଭାଇଡର, ଦ୍ୱିତୀୟରେ ପେମେଣ୍ଟ ସର୍ଭିସ ପ୍ରୋଭାଇଡର ବ୍ୟାଙ୍କ, ତୃତୀୟରେ ବ୍ୟାଙ୍କ ଶାଖା ଏବଂ ଶେଷରେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆକୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଲେ ନିଶ୍ଚିତ ସୁଫଳ ପାଇବେ।



ତେବେ ଗୋଟିଏ ମାସ ପରେ ଯଦି ସମସ୍ୟାର ସମାଧାନ ହୋଇ ନ ପାରେ କିମ୍ବା ସେମାନଙ୍କ ଉତ୍ତର ବା ବ୍ୟବସ୍ଥାରେ ସନ୍ତୁଷ୍ଟ ନୁହନ୍ତି ତେବେ ଏହି ଡିଜିଟାଲ କାରବାର ବ୍ୟବସ୍ଥା ସମ୍ପର୍କରେ ଆପଣଙ୍କର ଏହି ୟୁପିଆଇରେ ଭୁଲ୍ ଆଇଡିକୁ ଟଙ୍କା ପଠାଇବାର ଅସୁବିଧାଜନକ ସମସ୍ୟା ନିମିତ୍ତ ଏହି ମାମଲାର ବିଚାର କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ଓମ୍ବୁଡ୍ସମ୍ୟାନଙ୍କୁ ସବିଶେଷ ଅଭିଯୋଗ ଜଣାନ୍ତୁ।

ଆଜିର ସମୟରେ ଆଖିପିଛୁଳାକେ ପୃଥିବୀର ଯେ କୌଣସି ସ୍ଥାନକୁ, ଯେ କୌଣସି ସମୟରେ ଏବଂ ଯେ କୌଣସି ପରିସ୍ଥିତିରେ ଏହି ୟୁପିଆଇ କାରବାର ଦ୍ୱାରା ଟଙ୍କା ଦେଣନେଣ ହୋଇପାରୁଥିବାବେଳେ ଲୋକଙ୍କ ଭିତରେ ଏହାର ବ୍ୟବହାର ଅଧିକ ବଢ଼ିଯାଇଛି। ଡିଜିଟାଲ ଆରେଷ୍ଟ ନାମରେ ଠକମାନେ ଅନେକ ଲୋକଙ୍କ କୋଟି କୋଟି ଟଙ୍କା ଆଖିପିଛୁଳାକେ ଲୁଟ କରିବାକୁ ପଛାଉ ନାହାନ୍ତି। ଜଣେ ଜଣେ ସର୍ବସ୍ୱାନ୍ତ ହୋଇଯାଉଛନ୍ତି । ତେବେ ଆପଣ ୟୁପିଆଇ କାରବାର କରୁଥିବାବେଳେ ଟଙ୍କା ପଠାଇବା ପୂର୍ବରୁ ୟୁପିଆଇ ଆଇଡିକୁ ଭଲ ଭାବରେ ବୁଝି ଏବଂ ନମ୍ବରଟି ଜାଣି ଟଙ୍କା ପଠାନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଭାବରେ ଆପଣ ଯାହାଙ୍କ ପାଖକୁ ଟଙ୍କା ପଠାଉଛନ୍ତି ତାଙ୍କ ନାମ ଠିକ୍ ଭାବେ ଦେଖାଉଛି କି ନାହିଁ ଏ ଦିଗଟିକୁ ଭଲ ଭାବେ ଦେଖନ୍ତୁ। ସେହିଭଳି ଜୁଆଡ଼କୁ ଚାହିଁବେ ଦେଣନେଣ ବ୍ୟବସ୍ଥା ଭିତରେ ଛତୁ ଫୁଟିଲା ପରି କ୍ୟୁଆର କୋଡ୍ ସ୍କାନ ବ୍ୟବସ୍ଥା ସବୁ ରହିଛି। ଏହି ବ୍ୟବସ୍ଥାରେ ଟଙ୍କା ପଠାଇବା ପୂର୍ବରୁ ଭଲ ଭାବେ ସ୍କାନର ପରିଷ୍କାରତା ବା ଯେପରି ସ୍ୱଚ୍ଛ ଦେଖାଯାଉଥିବ ସେ ଦିଗକୁ ଦେଖନ୍ତୁ। ସେହିପରି ଫିସିଙ୍ଗ ସ୍କାମ୍ ପ୍ରତି ଅଧିକ ସତର୍କ ହୁଅନ୍ତୁ। କାରଣ ଆଜିକାଲି ଅନେକ ଠକ ନକଲି କ୍ୟୁଆର୍ କୋଡ୍ କିମ୍ବା ଲିଙ୍କ୍ ବ୍ୟବହାର କରି ଭୁଲ୍ ୟୁପିଆଇ ଆଇଡିରେ କାରବାର କରି ଆପଣଙ୍କ ଟଙ୍କା ଲୁଟି ନେବାରେ ସକ୍ଷମ ହେଉଥିବାରୁ ସାବଧାନତା ଓ ସତର୍କତା ଅତ୍ୟନ୍ତ ଜରୁରୀ। କାଁ ଭାଁ ଏପରି ସବୁ ଅଘଟଣ ଘଟୁଥିଲେ ମଧ୍ୟ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ ବା ୟୁପିଆଇ ଆଜି ଅତ୍ୟନ୍ତ ଲୋକପ୍ରିୟ ଆର୍ଥିକ କାରବାର ବ୍ୟବସ୍ଥା ହୋଇଛି । କିନ୍ତୁ ଆପଣ ସତର୍କ ଓ ସଚେତନ ରହିଲେ ଆପଣଙ୍କ ପାଇଁ ଏହା କୌଣସି ସମସ୍ୟାର କାରଣ ହେବନାହିଁ। ଆଉ ଗୋଟିଏ କଥା ଭଲ ଭାବରେ ମନେରଖନ୍ତୁ ଆପଣଙ୍କର ସାମାନ୍ୟତମ ଟିକିଏ ବି ତ୍ରୁଟି ବିଚ୍ୟୁତି ଦ୍ୱାରା ବ୍ୟାଙ୍କ ଶାଖା ଭାରତର ଆର୍ଥିକ ବ୍ୟବସ୍ଥାର ଓ ଏଥିରେ ଜଡ଼ିତ ଥିବା ରିଜର୍ଭ ବ୍ୟାଙ୍କର ବହୁ ମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମୟ ନଷ୍ଟ ହୋଇଥାଏ। ଜଣେ ଜାଗ୍ରତ ଓ ସଚେତନ ନାଗରିକ ଭାବରେ ଏ କ୍ଷେତ୍ରରେ ଆପଣଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଯେ ରହିଛି ତାହା ଭୁଲନ୍ତୁ ନାହିଁ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳସାହି, ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

# ମୋ ପାଖରେ ମାଆ ଅଛି



ଡ. ମନୋରଞ୍ଜନ ପ୍ରଧାନ

'ମୋ ପାଖରେ ମାଆ ଅଛି' ବାକ୍ୟଟି ଅତ୍ୟନ୍ତ ପ୍ରେରଣାଦାୟୀ ଓ ଉତ୍ସାହପୂର୍ଣ୍ଣ। କିନ୍ତୁ ଏ ବାକ୍ୟର ଦୁଇଟି ଅର୍ଥ ଅଛି। ପ୍ରଥମ ଅର୍ଥଟି ସକାରାତ୍ମକ ଓ ଶକ୍ତି ସଞ୍ଚାରକାରୀ। କିନ୍ତୁ ଦ୍ୱିତୀୟଟି ଅହଙ୍କାର ଓ ଆତ୍ମଗର୍ବର ପ୍ରତିଫଳନ, ଯେଉଁଠି ନିଜର ଦାତାପଣିଆର ଦୁର୍ଗନ୍ଧ ବାରି ହୁଏ। ଆସନ୍ତୁ ଅର୍ଥ ଦ୍ୱୟକୁ ସରଳ ଭାବରେ ଫେଣେଇବା। ଯେତେବେଳେ ସନ୍ତାନଟିଏ (ପୁଅ ହେଉ ବା ଝିଅ) ଦୃଢ଼ତାର ସହ କହେ କି ମୋ ପାଖରେ ମାଆ ଅଛି। ଏହାର ଅର୍ଥ ମୋ ମାଆ ହେଉଛି ମୋର ଶକ୍ତି ଓ ସାମର୍ଥ୍ୟ। ଯେହେତୁ ସେ ମୋ ପାଖେ ପାଖେ ଅଛି, ତେଣୁ କୌଣସି ଦୁଷ୍ଟ ବା ଆସୁରିକ ଶକ୍ତି ମୋର କିଛି କରିପାରିବ ନାହିଁ। କାରଣ ତା'ର ପଣତକାନି ମୋ ପାଇଁ ସୁରକ୍ଷା ବଳୟ। ତା'ର ସ୍ନେହବୋଳା ହାତର ସ୍ପର୍ଶ ମୋ ପାଇଁ ସଞ୍ଜୀବନୀ। ସେ ମୋ ପାଖରେ ଥିବାଯାଏଁ ମୋର ମଙ୍ଗଳ ହିଁ ମଙ୍ଗଳ ହେବ। ଆଉ ତା'ର କଳ୍ପବୃକ୍ଷ ରୂପୀ ଛାୟାରେ ମୋର ସଂପୂର୍ଣ୍ଣ ପରିବାର ନିରାପଦ। ଏହି ଅର୍ଥରେ ମାଆ ସନ୍ତାନ ସନ୍ତତିମାନଙ୍କ ପାଇଁ ଶକ୍ତି, ଆତ୍ମବଳ, ସୁରକ୍ଷା ବଳୟ ଓ ଜୀବନ୍ତ ଦିବ୍ୟ ଜନନୀ ସ୍ୱରୂପା।

କିନ୍ତୁ ଏହି ବାକ୍ୟର ଦ୍ୱିତୀୟ ଅର୍ଥଟି ଅହଂକାରୀ ମନୋବୃତ୍ତିର ପରିପ୍ରକାଶ ବୋଲି କୁହାଯିବ। ଏ ଦୃଷ୍ଟିରୁ 'ମୋ ପାଖରେ ମାଆ ଅଛି'ର ଅର୍ଥ ହେଉଛି 'ମୁଁ ମାଆକୁ ରଖିଛି ବା ମୋ ପାଖରେ ମାଆ ରହୁଛି'। ଆହୁରି ସରଳ ଭାବରେ କହିଲେ ବୃଦ୍ଧ କାଳରେ ମୁଁ ମାଆକୁ ରଖିଛି। ଅନ୍ୟମାନେ (ଭାଇ/ଭଉଣୀମାନେ) ତାକୁ ରଖୁନାହାନ୍ତି, କିନ୍ତୁ ମୁଁ ରଖିଛି କିମ୍ବା କେତେବେଳେ ପରିବାରର ସଦସ୍ୟଙ୍କ ସମ୍ବନ୍ଧୀୟ ଅନ୍ୟର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଜାଣତରେ ବା ଅଜାଣତରେ କହୁ କି ସ୍ତ୍ରୀ ପିଲାଛୁଆଙ୍କ ସହ ମାଆ ମୋ ପାଖରେ ରହୁଛି ବା ମୁଁ ମାଆକୁ ରଖିଛି। ତେବେ ପ୍ରଶ୍ନ ହେଉଛି ଆମେ ମାଆକୁ ରଖିଛେ ନା ଆମେ ମାଆ ପାଖରେ ରହୁଛେ ନା ସେ ଆମକୁ ରଖିଛି? ମାଆ ସୁସ୍ଥ ଓ ସୁରକ୍ଷିତ ଭାବରେ ଆମକୁ ସଂସାରକୁ ଆଣି ନ ଥିଲେ ତାଙ୍କୁ ଆମେ ରଖିବାର ସୁଯୋଗ ପାଇଥାନ୍ତେ କି? ଆଜି ଆମେ ଯେଉଁ ରୋଜଗାର କରୁଛେ ଏବଂ ସେ ଟଙ୍କାରେ ମାଆଙ୍କୁ ରଖିଛେ ବୋଲି ପ୍ରତ୍ୟକ୍ଷ ବା ପରୋକ୍ଷରେ ଅହମିକା ପ୍ରଦର୍ଶନ କରୁଛେ, ସେ ରୋଜଗାର ମାଆଙ୍କ ଦାନ ନୁହେଁ କି? ମାଆ ସ୍ତନ୍ୟପାନ କରିନଥିଲେ ଆମେ ଏତେ ସ୍ୱାସ୍ଥ୍ୟବାନ୍ ହୋଇ ପାରିଥାନ୍ତେ କି? ଜନ୍ମ ପୂର୍ବରୁ ବା ପରେ ସେ ଯଦି ଆମକୁ ନିପାତ ପାଇଁ ସାମାନ୍ୟ ଚେଷ୍ଟା କରିଥାନ୍ତେ, ଆମେ ଏ ସ୍ଥିତିକୁ ଆସିଥାନ୍ତେ କି? ସୌନ୍ଦର୍ଯ୍ୟ ନାମରେ ସେ ଯଦି ସ୍ତନ୍ୟପାନ କରାଇ ନଥା'ନ୍ତେ, ଆମେ ରୁଗ୍ଣ ହୋଇ ଅଭିଶପ୍ତ ଜୀବନ ବିତାଇ ନଥା'ନ୍ତେ କି? ନିଜର ସୁଖ ଆନନ୍ଦ ଭୁଲି ଆମକୁ ବଡ଼ କରିନଥିଲେ, ଆମେ ଆଜି ଏଭଳି କହିବାକୁ ସାହସ କରନ୍ତେ କି? ଅର୍ଥାତ୍ ଆଜି ଆମେ ଯାହା ଅଛୁ, ସେଥିପାଇଁ ମାଆଙ୍କ ଅବଦାନ, ସମର୍ପଣ ଓ ବଳିଦାନ ବେଶି। ତେଣୁ 'ମୋ ପାଖରେ ମାଆ ରହୁଛି' ବା 'ମୁଁ ମାଆକୁ ରଖିଛି' ନ କହି ମୁଁ ମାଆ ପାଖରେ ରହୁଛି କହିଲେ ଅତ୍ୟନ୍ତ ଯୁକ୍ତିଯୁକ୍ତ, ଶିକ୍ଷଣୀୟ ଓ ଆତ୍ମ-ସନ୍ତୋଷଯୁକ୍ତ ହୋଇପାରନ୍ତା କି? ବିଚାର ଆପଣମାନଙ୍କର।



କିନ୍ତୁ ଆଜି ପରିସ୍ଥିତି ଅତ୍ୟନ୍ତ ପ୍ରତିକୂଳ। ବୃଦ୍ଧାବୃଦ୍ଧ ସମୟରେ ମା'ବାପା ଅତ୍ୟନ୍ତ ଅବହେଳିତ ଓ ପିଲାମାନଙ୍କର ଦୟା ତଥା କରୁଣାର ପାତ୍ର। ଅନେକ ସମୟରେ ସେମାନେ ନିର୍ଯାତିତ ବା ପ୍ରତ୍ୟାଖିତ। ଅନେକଙ୍କ ପାଇଁ ବୟୋବୃଦ୍ଧ ମା'ବାପା ଏକ ବୋଝ ବା ଅଲୋଡ଼ା। ଏ ସମ୍ବନ୍ଧରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରକାଶିତ ଗୋଟିଏ ହୃଦୟ ବିଦାରକ ସ୍ଥିରଚିତ୍ର ମନେପଡୁଛି। ଚିତ୍ରରେ ଦୁଇଟି ଦୃଶ୍ୟ ଦର୍ଶାଯାଇଛି। ପ୍ରଥମ ତଥା ଉପରି ଭାଗରେ ଥିବା ସ୍ଥିର ଚିତ୍ରରେ ମାଆ ଅଳ୍ପ ବୟସ୍କା ଓ ଦୁଇ ସନ୍ତାନ ଛୋଟ ଅଛନ୍ତି। ଉଭୟେ ମାଆକୁ ମୋ ମାଆ ବୋଲି ଦାବି କରୁଥିବାର ଦେଖାଯାଇଛି। କିନ୍ତୁ ଠିକ୍ ତା' ତଳେ ଯେଉଁ ସ୍ଥିର ଚିତ୍ର ଦିଆଯାଇଛି, ସେଥିରେ ମାଆକୁ ନେବାକୁ କେହି ରାଜି ନୁହନ୍ତି। କାରଣ ସେତେବେଳେ ମାଆ ବୃଦ୍ଧା ଏବଂ ପିଲାମାନେ କୈଶୋରାବସ୍ଥାରେ ପୁଣି ରୋଜଗାରିଆ। ଅର୍ଥାତ୍ ପିଲାବେଳେ ଆବଶ୍ୟକ ଥିବା ହେତୁ ମାଆ ଉଭୟଙ୍କର ପ୍ରିୟ, ତେଣୁ ଉଭୟଙ୍କ ଭିତରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। କିନ୍ତୁ ପିଲାମାନଙ୍କ ଖୁସି ପାଇଁ ମାଆ ଯେତେବେଳେ ସର୍ବସ୍ୱ ତ୍ୟାଗ କରି ଦୁର୍ବଳ ବୃଦ୍ଧାବସ୍ଥାରେ ପଦାର୍ପଣ କରିଛନ୍ତି, ସେତେବେଳେ ସେ ସମସ୍ତଙ୍କ ପାଇଁ ଅଲୋଡ଼ା, ଅଦରକାରୀ ଓ ବୋଝ ପାଲଟିଯାଉଛି। କିନ୍ତୁ ଆମେ ସମସ୍ତେ ଅନୁଭବ କରିବା ଉଚିତ୍ ଯେ, ମାଆ ସବୁବେଳେ ସନ୍ତାନର ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ହୋଇଥାଏ। ରୋଗଶଯ୍ୟାରେ ଶୋଇଥିଲେ ବି ସେ ସନ୍ତାନର ମଙ୍ଗଳ କାମନା କରେ। ଏପରିକି ଆମ ସଂସ୍କୃତି ଅନୁସାରେ ଶରୀର ତ୍ୟାଗ ପରେ ମଧ୍ୟ ମାଆ ସନ୍ତାନମାନଙ୍କୁ ନିଜ ସୁରକ୍ଷା ବଳୟରେ ରଖିଥାଏ। ତେବେ ଆପଣମାନେ ବିଚାର କରନ୍ତୁ, ଆପଣଙ୍କ ପାଖରେ ମାଆ ରହୁଛି ନା ଆପଣ ମାଆଙ୍କ ପାଖରେ ରହୁଛନ୍ତି! ଆପଣ ମାଆକୁ ରଖିଛନ୍ତି ନା ମାଆ ପାଇଁ ଆପଣ ରହିଛନ୍ତି! ବୃଦ୍ଧ କାଳରେ ମାଆ ବାପାଙ୍କୁ ଅନାଦର କରିବା ମହାପାପ। ସେମାନଙ୍କୁ ଯଥେଷ୍ଟ ସ୍ନେହ ସମ୍ମାନ କରିବା ସମସ୍ତ ସନ୍ତାନ ସନ୍ତତିଙ୍କ ଐଶ୍ୱରୀୟ କାର୍ଯ୍ୟ। ସେଥିପାଇଁ କୁହାଯାଇଛି 'କିଆଁ ପୂଜିବି ପଥର କିଆଁ ଯିବି ମୁଁ ମନ୍ଦିର, ମୋ ପାଇଁ ମୋ ମାଆବାପା ଚଳନ୍ତି ଠାକୁର'।

ସହକାରୀ ପ୍ରଫେସର, ବିକ୍ରମଦେବ
ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

## ଏଇ ଭାରତରେ

ସମୟ ଥିଲା ମହିଳାମାନେ ଘରକାମରୁ ସମୟ ବାହାର କରି ସୂତା କିମ୍ବା ଉଲ୍‌ରେ ହାତବୁଣା ସ୍ୱେଟର, ମଫ୍‌ଲର, କିମ୍ବା ଆକର୍ଷଣୀୟ ଘରସଜା ଜିନିଷ ତିଆରି କରୁଥିଲେ। କାଳକ୍ରମେ ତାହା ପ୍ରାୟତଃ ଲୋପ ପାଇ ଯାଇଥିବାବେଳେ କେତେକ ଅଞ୍ଚଳରେ ଏହି କାମ ମହିଳାମାନେ ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରେ ମୁମ୍ବାଇର ହିନା ପଟେଲ ଅନ୍ୟତମ, ଯିଏ ହାତ ତିଆରି ଜିନିଷ ପ୍ରସ୍ତୁତ କରି ତାହାକୁ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ଆଣିବାରେ ସକ୍ଷମ ହୋଇଛନ୍ତି। ସେ ସୂତା, ଉଲ୍‌ର ପୋଷାକ ତିଆରି କରି ତାଙ୍କ ବ୍ୟବସାୟିକ କାରବାରକୁ ୮.୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି। ପ୍ରଥମେ ସେ ଏହି ବ୍ୟବସାୟରେ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ହିନା ହାତବୁଣା କାର୍ଯ୍ୟରେ ୩୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ହିନାଙ୍କ ଦ୍ୱାରା ପ୍ରସ୍ତୁତ 'ମ୍ୟାଜିକ ନିଡଲ' ବ୍ରାଣ୍ଡର ଜିନିଷ ୩୫ଟି ଦେଶରେ ଆଦୃତିଲାଭ କରିପାରିଛି। ୨୦୧୩ରେ ହିନା ଗର୍ଭବତୀ ଥିବା ସମୟରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଏହାକୁ ବଢ଼ାଇବା ଲାଗି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପରେ ୨୦୨୨ରେ ସେ ପ୍ରଥମେ ହବି ନାମକ ଷ୍ଟୋର ଆରମ୍ଭ କରି ଜିନିଷ ବିକ୍ରି କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୭୬

- କାମ୍ବୋଡିଆର ରାଷ୍ଟ୍ରମୁଖ୍ୟ ଯୁବରାଜ ନରୋତ୍ତମ ସିହାନୁକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ପରିବାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଅସ୍ତ୍ରୋପଚାରିତ ହେଉଥିବା ବ୍ୟକ୍ତିଙ୍କୁ ମାଗଣା ବାସଗୃହ ଯୋଗାଇବା ନେଇ କେନ୍ଦ୍ରୀୟ ଯୋଜନା ଉଦ୍‌ଘାଟିତ।
- ଆସାମର ତଳ ଅଞ୍ଚଳ ଦକ୍ଷିଣ ସାଲମରାରେ ଝିଙ୍କିଲାମ ନଦୀରେ ଏକ ଯାତ୍ରୀବାହୀ ବସ୍ ଓଲଟିପଡ଼ିବା ଫଳରେ ୫୦ ଜଣଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାରେ ରାମାୟଣର ସ୍ମୃତିକୁ ଗୁରୁତ୍ୱ ଦିଆଯାଉନାହିଁ

ମହାଶୟ,

ବନବାସ କାଳରେ ଉତ୍ତର ଭାରତରୁ ଦକ୍ଷିଣ ଭାରତ ଆଡ଼କୁ ଯିବା ସମୟରେ ଶ୍ରୀରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣ ବର୍ତ୍ତମାନର ଓଡ଼ିଶାର ଅନେକ ସ୍ଥାନ ଭ୍ରମଣ କରିଥିବା ବଳରାମ ଦାସଙ୍କ ରାମାୟଣରେ ସୂଚନା ଅଛି। କେନ୍ଦୁଝର ଜିଲାର ମନୋହରପୁର ପଞ୍ଚାୟତ ଅନ୍ତର୍ଗତ ସୀତାବିଞ୍ଜି ଗାଁରେ ମହର୍ଷି ବାଲ୍ମୀକିଙ୍କର ଆଶ୍ରମ ଥିଲା। ଏହି ଆଶ୍ରମରେ ସୀତା ତାଙ୍କର ଯାଆଁଳା ସନ୍ତାନ ଲବ ଓ କୁଶଙ୍କୁ ଜନ୍ମ ଦେଇଥିଲେ। ଏହି ସୀତାବିଞ୍ଜିର ଯେଉଁ ଗୁମ୍ଫାରେ ଲବକୁଶ ଜନ୍ମ ହୋଇଥିଲେ ତାହାକୁ ଶହ ଶହ ବର୍ଷ ଧରି ସ୍ଥାନୀୟ ଲୋକେ ତୀର୍ଥକ୍ଷେତ୍ର ଭାବେ ଗ୍ରହଣ କରିନେଇଛନ୍ତି । ପୁରାଣର କଥାବସ୍ତୁ ଅନୁଯାୟୀ ରାମ, ଲକ୍ଷ୍ମଣ, ଜାନକୀ ଚିତ୍ରୋତ୍ପଳା, ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ପ୍ରାଚୀ, ଋଷିକୁଲ୍ୟା ଆଦି ବିଭିନ୍ନ ନଦୀରେ ସ୍ନାନ କରିଛନ୍ତି। ଯାଜପୁରର ବିରଜାକ୍ଷେତ୍ର, ଚନ୍ଦ୍ରଭାଗାର ଅର୍କକ୍ଷେତ୍ର, ପ୍ରାଚୀ ନଦୀର ରାମଘାଟ, କୋଣାର୍କ ପୁରୀ ବେଳାଭୂମିର ରାମଚଣ୍ଡୀ, ରାମେଶ୍ୱର, ବେଲେଶ୍ୱର, ଲକ୍ଷ୍ମଣଚଣ୍ଡୀ ଆଦିଙ୍କ ସହିତ ସେମାନଙ୍କ ବନବାସର ମଧ୍ୟ ସମ୍ପର୍କ ରହିଛି। ଭୁବନେଶ୍ୱରର ବିନ୍ଦୁ ସରୋବରରେ ଏମାନେ ସ୍ନାନ କରିଥିବା ଓ ଏକାମ୍ରକ୍ଷେତ୍ରରେ ସୀତାମଠ ସ୍ଥାପନ ବି ଓଡ଼ିଶା ସହ ରାମାୟଣର ସ୍ମୃତିକୁ ଦର୍ଶାଏ। ଏଠାରେ ଥିବା ରାମେଶ୍ୱର, ଲକ୍ଷ୍ମଣେଶ୍ୱର ଓ ଭରତେଶ୍ୱର ମନ୍ଦିରର ପୁରାଣ ଯୁଗ ସହ ସମ୍ପର୍କ ରହିଥିବା କୁହାଯାଏ। ଶ୍ରୀକ୍ଷେତ୍ର ପୁରୀ ସହିତ ବି ଶ୍ରୀରାମଚନ୍ଦ୍ରଙ୍କ ସମ୍ପର୍କ ଜଡ଼ିତ। ଏଗୁଡ଼ିକ ଛଡ଼ା ଓଡ଼ିଶାରେ ରାମାୟଣର ସ୍ମୃତି ବହନ କରୁଥିବା ଆଉ ଅନେକ ସ୍ଥାନ ରହିଛି। ରାମ ଭକ୍ତମାନେ କହୁଛନ୍ତି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଦେଶର ଅନ୍ୟ ସ୍ମାରକୀ ସ୍ଥଳୀଗୁଡ଼ିକୁ ଯେଭଳି ଗୁରୁତ୍ୱ ଦିଆଗଲା ଓଡ଼ିଶାକୁ କିନ୍ତୁ ତାହା ମିଳିପାରିଲା ନାହିଁ।

– **ଇନ୍ଦୁ ଭୂଷଣ ଭୂୟାଁ**, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## କପିଳାସ ପୀଠ ଗର୍ଭଗୃହ ଠାକୁରଙ୍କ ଫଟୋ ଭାଇରାଲ

ଢେଙ୍କାନାଳ,୫।୪(ରତନ ନାୟାର): ଢେଙ୍କାନାଳ ଜିଲା କପିଳାସର ଚନ୍ଦ୍ରଶେଖର ଜୀଉ ମହାଦେବଙ୍କର ଗର୍ଭଗୃହରେ ଠାକୁରଙ୍କ ଫଟୋ ଭାଇରାଲ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଗର୍ଭଗୃହର ଫଟୋ ଉଠାଇବା ନିଷେଧ ଥିବା ସତ୍ତ୍ୱେ କିଭଳି ଭାବରେ ଏହା ଉତ୍ତୋଳନ କରାଗଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କପିଳାସ ସୁରକ୍ଷା ପରିଷଦ ସଭାପତି ଗୁରୁଚରଣ ମହାପାତ୍ର ଗଁଦିଆ ଥାନାରେ ଅଭିଯୋଗ କରିଛନ୍ତି। ମନ୍ଦିର ସୁରକ୍ଷାରେ ବ୍ୟାପକ ତ୍ରୁଟି ରହିଥିବା ଆଲୋଚନା ହେଉଛି। ସମ୍ପୃକ୍ତ ୟୁଟ୍ୟୁବ୍ ଚ୍ୟାନେଲ ପୀଠର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରିଥିବା ବେଳେ ଯେଉଁମାନେ ଏହାକୁ ସୋସିଆଲ ମିଡିଆ ଓ ୟୁଟ୍ୟୁବରେ ପ୍ରସାରଣ କରିଛନ୍ତି, ସେମାନେ ମଧ ଏହି ଘଟଣାରେ ଦୋଷୀ ବୋଲି ପରିଷଦ ପକ୍ଷରୁ ଦର୍ଶାଯାଇଛି।



ଅଶୋକାଷ୍ଟମୀ ଅବସରରେ ଶନିବାର ଭୁବନେଶ୍ୱରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଭକ୍ତମାନେ ଟାଣି ନେଉଛନ୍ତି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ

### ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା

ବାଲେଶ୍ୱର, ୫।୪(ବାଞ୍ଛାନିଧି ଦେ)

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଲୋଡ଼ିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ୍ ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ ଶନିବାର ଆବେଦନର ଶୁଣାଣି କରି ଖାରଜ କରିଛନ୍ତି। ଫଳରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜାଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯିବ ବୋଲି ତାଙ୍କ ଓକିଲ କହିଛନ୍ତି।

ଗତ ଗୁରୁବାର ରାଜା ଚକ୍ରଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ପରେ ଜାମିନ ପିଟିସନ୍ ଉପରେ ଶୁଣାଣି ହୋଇଥିଲା। କୋର୍ଟଙ୍କ ପକ୍ଷରୁ ମଗାଯାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀ ଉପସ୍ଥାପନ କରିପାରି ନ ଥିଲେ। ଫଳରେ କୋର୍ଟ ରାଜାଙ୍କ ଜାମିନ ଶୁଣାଣିକୁ ସ୍ଥଗିତ ରଖିବା ସହ ୫ ତାରିଖକୁ ଶୁଣାଣି ଧାର୍ଯ୍ୟ କରିଥିଲେ।

## ରାଜାଙ୍କ ଫାର୍ମ ହାଉସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍

କେନ୍ଦୁଝର,୫।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ରାଜସ୍ୱ, ବନ ବିଭାଗ ଉପସ୍ଥିତିରେ ମାପ ହେଲା

କେନ୍ଦୁଝର ଶୁଆକଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତା ମାମଲାରେ ଗିରଫ ରାଜା ଚକ୍ରଙ୍କ ଫାର୍ମ ହାଉସରେ ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ର ଏକ ଟିମ୍ ଯାଞ୍ଚ କରିଛି। ରାଜାଙ୍କ ଗୋପାଳପୁରସ୍ଥିତ ଫାର୍ମ ହାଉସରେ ରାଜସ୍ୱ ଓ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମାପ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତାକୁ ନେଇ ଏଜେନ୍ସିର କର୍ମକର୍ତ୍ତାଙ୍କ ସମେତ ବିଜେଡି ନେତା ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ବିଭିନ୍ନ ସ୍ଥାନରେ ଚଢ଼ାଉକରି ତାଙ୍କର ଗାଡ଼ି, ମେଶିନ, ଘରବାଡ଼ି ଆଦି ଯାଞ୍ଚ କରିବା ସହ ଜବତ କରୁଛି। ଶନିବାର ବାଲେଶ୍ୱର କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଥିବା ବେଳେ କେନ୍ଦୁଝର ଗୋପାଳପୁରସ୍ଥିତ ତାଙ୍କ ଫାର୍ମ ହାଉସ୍‌ରେ ଅର୍ଥନୈତିକ ଅପରାଧ ଶାଖାର ଏକ ଟିମ୍ ପହଞ୍ଚି ଘରବାଡ଼ି ମାପ ଚୁପ କରିଥିଲେ। ଏହି ମାପଚୁପର ସବିଶେଷ ରିପୋର୍ଟ କୋର୍ଟରେ ଦାଖଲ କରାଯିବ ବୋଲି ଟିମ୍ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଫାର୍ମ ହାଉସରେ ଆମ୍ବ ଓ ଅନ୍ୟ ଫଳ ଗଛ ସହ ଜଳାଶୟ, ଘର ଆଦି ନିର୍ମାଣ ହୋଇଛି। ତେବେ ଉକ୍ତ ଫାର୍ମ ହାଉସ ପଟ୍ଟାଭୁକ୍ତ ଜମିରେ ରହିଥିବା ବେଳେ ରାଜସ୍ୱ, ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ନିର୍ମାଣ ହୋଇଥିବା ଘରର ସ୍ଥିତି ଓ ପରିସୀମା ଟିମ୍ ଯାଞ୍ଚ କରିଛି। ସେଠାରେ କୌଣସି ସଂରକ୍ଷିତ ଜଙ୍ଗଲ ନାହିଁ। ଇଓଡବ୍ଲ୍ୟୁ ଟିମ୍ ରାଜସ୍ୱ ଓ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଯାଞ୍ଚକରି ଫେରିଥିବା ସଦର ରେଞ୍ଜ ଅଧିକାରୀ ଅଜିତ୍ ଦାସ କହିଛନ୍ତି।

# ବାଲିଯାତ୍ରା ପଡ଼ିଆରେ ‘ଆୟୁଷ୍ମାନ୍ ଯୋଜନା’ର ଶୁଭାରମ୍ଭ କରିବେ ନଡ୍ଡା

ଭୁବନେଶ୍ୱର/କଟକ,୫।୪
(ରବିନାରାୟଣ ଜେନା/ଶିଳ୍ପା ପ୍ରିୟଦର୍ଶିନୀ)

- ଉପକୃତ ହେବେ ୩.୪୬ କୋଟି ହିତାଧିକାରୀ: ସ୍ୱାସ୍ଥ୍ୟମନ୍ତ୍ରୀ
- ୭୦ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା
- ଦେଶର ୨୯ହଜାର ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ମୁକେଶ

ରାଜ୍ୟବାସୀଙ୍କୁ ଉତ୍ତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ହାତପାଆନ୍ତାରେ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତମାସ ୧୧ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେଏୱାଇ) ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। କଟକର ଐତିହାସିକ ବାଲିଯାତ୍ରା ଉପର ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ନୂତନ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଜିଜେଏୱାଇ ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ନିଜର ଆଧାରକାର୍ଡ ଦେଇ ଚିକିତ୍ସା ସେବା ପାଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଶନିବାର ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ କହିଥିଲେ, ଏହି କାର୍ଯ୍ୟକ୍ରମ ପାଇଁ କଟକ ବାଲିଯାତ୍ରା ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଉପସ୍ଥିତ ରହିବେ। ଏହି ଅବସରରେ ହିତାଧିକାରୀଙ୍କୁ ଉଭୟ ‘ଆୟୁଷ୍ମାନ ଭାରତ’ ଓ ‘ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା’ କାର୍ଡ ବିତରଣ କରାଯିବ।



କଟକ ବାଲିଯାତ୍ରା ଉପର ପଡ଼ିଆରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ଥିତି ସମୀକ୍ଷା କରୁଛନ୍ତି।

ସେ କହିଥିଲେ, ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା। କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏ କାର୍ଡ ମିଳିବ। ସେହିପରି ପୂର୍ବରୁ କେବଳ ୧୬ଟି ରାଜ୍ୟରେ ୯୦୦ ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳୁଥିବାବେଳେ ଏବେ ମିଳିତ ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ସାରା ଦେଶରେ ୨୯ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳିବ। ବୟୋବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକଙ୍କୁ ମଧ୍ୟ ଏହି ସମସ୍ତ ହସ୍ପିଟାଲରେ ଚିକିତ୍ସା ସେବା ମିଳିବ। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପୁରୁଷ ଓ ମହିଳାମାନେ ଚିକିତ୍ସା ସୁବିଧା ପାଇପାରିବେ। ୭୦ ବର୍ଷରୁ ଅଧିକ ବୟସ୍କ ପୁରୁଷମାନେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ପାଇବାକୁ ରହିଥିବାବେଳେ ୭୦ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇପାରିବେ। ମାତ୍ର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ଉପଲବ୍ଧ ହେବ।

ଡ. ମୁକେଶ କହିଥିଲେ, ଯେଉଁ ହିତାଧିକାରୀମାନେ ଏହି ସ୍ୱାସ୍ଥ୍ୟକାର୍ଡ କରି ନାହାନ୍ତି ସେମାନେ ଯୋଜନାର ଶୁଭାରମ୍ଭ ତଥା ୧୧ ତାରିଖ ପରେ ଜନ ସେବା କେନ୍ଦ୍ର ମାଧ୍ୟମରେ କିମ୍ବା ନିର୍ଦ୍ଧାରିତ ପୋର୍ଟାଲ ଜରିଆରେ ନିଜେ ନୂତନ କାର୍ଡପାଇଁ ଆବେଦନ କରିପାରିବେ। ହିତାଧିକାରୀମାନଙ୍କ ପାଇଁ ଇ-କେୱାଇସି ସହିତ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ତେବେ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗରେ କୌଣସି ହସ୍ପିଟାଲ ଏପର୍ଯ୍ୟନ୍ତ ସରକାରଙ୍କ ସହିତ ସହବନ୍ଧିତ ହୋଇପାରି ନାହାନ୍ତି ବୋଲି ଡ. ମହାଲିଙ୍ଗ କହିଥିଲେ।

ଏହି ପରିପ୍ରେକ୍ଷୀରେ ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କଟକ ଗସ୍ତକରି ବାଲିଯାତ୍ରା ଉପର ପଡିଆରେ ସଭାସ୍ଥଳର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସିଲ୍‌ଭର୍‌ସିଟି ବୋଟ୍ କ୍ଲବ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ମହାଲିଙ୍ଗ କଟକ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସମେତ ଅନ୍ୟ ଅଧିକାରୀଙ୍କ ସହ ଟ୍ରାଫିକ୍ ବ୍ୟବସ୍ଥା, ଜଳ, ବିଦ୍ୟୁତ୍, ପାର୍କିଂ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାଲିଙ୍ଗ କହିଥିଲେ, ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିଲେ। ହେଲେ ରାଜନୈତିକ କାରଣ ଯୋଗୁ ଓଡ଼ିଶାରେ ଏହା ଲାଗୁ ହୋଇ ପାରି ନ ଥିଲା। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ଏହି କାର୍ଯ୍ୟକ୍ରମ ପାଇଁ ଗ୍ରାଉଣ୍ଡ ଜିରୋରେ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ଆୟୁଷ୍ମାନ ଯୋଜନା କାର୍ଡରେ ଭାରତର କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଲୋକମାନେ ସୁବିଧା ପାଇବେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ବିଧାୟକ ବିଜୟ ଦଳବେହେରା, ଛବି ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ଏସ୍ ପ୍ରାନ୍ତୀୟ ପ୍ରଚାର ପ୍ରମୁଖଙ୍କ ମା’ଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

ବାହାନଗା,୫।୪(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡାସ୍ଥିତ କସପାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ଆର୍‌ଏସ୍‌ଏସ୍ ପ୍ରାନ୍ତୀୟ ପ୍ରଚାରକ ପ୍ରମୁଖ ସୃଷ୍ଟିଧର ବିଶ୍ୱାଳଙ୍କ ମା’ପଦ୍ମାବତୀଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆରଏସଏସ୍ କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କ ସମେତ ଜିଲାର ଭାଜପା ବିଧାୟକ, ବାଲେଶ୍ୱର ଏମ୍‌ପି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ, ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶୁକ୍ରବାର ଏକାଦଶାହ ଦିନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ତାଙ୍କ ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ କିଛି ସମୟ ରହିବା ପରେ ଫେରିଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଉପାଧକ୍ଷା ବାସନ୍ତୀ ପତିଙ୍କ ସମେତ କସପାଜୟପୁର ପଞ୍ଚାୟତର ସମିତିସଭ୍ୟ, ଖନ୍ତାପଡା ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାଲେଶ୍ୱରସ୍ଥିତ ଚାନ୍ଦିପୁର ଆଇଟିଆର ପରିସରରେ ଓହ୍ଲାଇଥିଲେ। ସେଠାରେ ଭାଜପାର ଦଳୀୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ କାର୍ ଯୋଗେ ବାଲେଶ୍ୱରରୁ ଜିରିତାଳ ଗ୍ରାମକୁ ଆସିଥିଲେ। ଗ୍ରାମର ମହିଳାମାନେ ସ୍ୱାଗତ କରିବା ସହିତ ବନ୍ଦାପନା କରିଥିଲେ। ମୁଖ୍ୟମନ୍ତ୍ରୀ ୨ ଘଣ୍ଟା ବିଳମ୍ବରେ ଜିରିତାଳ ଗ୍ରାମରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ କୌଣସି ସରକାରୀ କାର୍ଯ୍ୟକ୍ରମରେ ଆସି ନ ଥିବାରୁ କୌଣସି ଖବରଦାତାଙ୍କୁ ସୃଷ୍ଟିଧର ବିଶ୍ୱାଳଙ୍କ ଘର ମଧକୁ ଛଡାଯାଇ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଗ୍ରାମର ମହିଳାମାନେ ଖୁସି ବ୍ୟକ୍ତ କରିଥିଲେ।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ, ବର୍ତ୍ତିଗଲେ ପୁଅ

ପାଣିକୋଇଲି,୫।୪(ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ଛକ ନିକଟରେ ଶନିବାର ସକାଳ ପ୍ରାୟ ୮ଟା୩୦ରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାନପୁଅ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁସାରେ, କୋରେଇ ଥାନା ଅନ୍ତର୍ଗତ ଅସନଝର ପଞ୍ଚାୟତ ସୋଲବନ୍ଦୀ ଗ୍ରାମର ସୁକାନ୍ତ ମଲିକ ତାଙ୍କ ସ୍ତ୍ରୀ ଝୁନୁ ଓ ସାନ ପୁଅ ସହ କତରାପୁର ମା’ କାଳୀଙ୍କ ଦର୍ଶନ ସାରି ବାଇକ(ଓଡ୩୪ସି୧୮୦୧)ରେ ଘରକୁ ଫେରୁଥିଲେ। ଏହି ସମୟରେ ଅଜଣା ଗାଡ଼ି ବାଇକ୍‌କୁ ସାଇଡ୍ ମାରିଥିଲା। ଫଳରେ ଦମ୍ପତି ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଏତିକିବେଳେ ପଛରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ଗାଡ଼ି ଝୁନୁଙ୍କ ଉପରେ ଚଢ଼ିଯିବା ସହ ସୁକାନ୍ତଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟେ ଗୁରୁତର ହୋଇଥିଲେ। ଖବର ପାଇ ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପ୍ ସଦସ୍ୟ ପହଞ୍ଚି ସୁକାନ୍ତଙ୍କୁ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଓ ଝୁନୁଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁକାନ୍ତଙ୍କ ବଡ଼ଭାଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମରାମତି ହେବ ମହାନଦୀ ବନ୍ଧ

ଭୁବନେଶ୍ୱର,୫।୪(ରବିନାରାୟଣ ଜେନା)

### ବନ୍ୟା ପାଇଁ ଉଚ୍ଚକ୍ଷମତାସମ୍ପନ୍ନ ବୈଠକ

### ୯ ଆକ୍ୱାକଲ୍‌ଚର ପ୍ରକଳ୍ପ ପାଇଁ ୧୪୦.୫୦ କୋଟି ମଞ୍ଜୁର

ମହାନଦୀର ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ମରାମତି ହେବ। ଏଥିପାଇଁ ଦୁଇଟି ପର୍ଯ୍ୟାୟରେ ୧୫.୩୬କୋଟି ଟଙ୍କା ଖର୍ଚ୍ଚ ହେବ ବୋଲ ରାଜ୍ୟ ସରକାରଙ୍କ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚକ୍ଷମତାସମ୍ପନ୍ନ ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ପାଇଁ ଗଣିଆ ବ୍ଲକର ବଡମୂଳ ପାଟଣାଠାରେ ମହାନଦୀର ଦକ୍ଷିଣପାର୍ଶ୍ୱର ଦୁଇଟି ସ୍ଥାନରେ ନଦୀବନ୍ଧ ମରାମତି ହେବ। ଏଥିପାଇଁ ଉଚ୍ଚକ୍ଷମତାସମ୍ପନ୍ନ କମିଟି ୬.୦୩ କୋଟି ଟଙ୍କା ଅନୁମୋଦନ କରିଛି। ସେହିପରି ଗଣିଆ ବ୍ଲକର ରାଉତପଡାଠାରେ ମହାନଦୀର ତିନୋଟି ସ୍ଥାନରେ ନଦୀବନ୍ଧ ମରାମତି ହେବ। ଏଥିପାଇଁ ୬.୯୮କୋଟି ଟଙ୍କା ଅନୁମୋଦନ ହୋଇଛି।

ଏହାବାଦ୍ ବନ୍ୟା ନିୟନ୍ତ୍ରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସରକାରଙ୍କ ପକ୍ଷରୁ ୧୩ ସ୍ଥାନରେ ୫୬.୨୯କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମି ସୁଦୃଢ଼ କରାଯିବ। ସେଥିମଧ୍ୟରେ ଗଜପତିର ୫ଟି ସ୍ଥାନରେ ନଦୀବନ୍ଧ ସୁଦୃଢ଼ କରାଯିବାକୁ ରହିଥିବାବେଳେ ବାଲେଶ୍ୱରରେ ୭ଟି ଏବଂ ଭଦ୍ରକର ଗୋଟିଏ ସ୍ଥାନ ରହିଛି।

ସେହିପରି ରାଜ୍ୟରେ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ନାବାର୍ଡ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା କରାଯିବ; ଯଦ୍ୱାରା କ୍ଷୁଦ୍ରଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ ହୋଇପାରିବ। ବୈଠକରେ ୯ଟି ଆକ୍ୱାକଲଚର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ୯ଟି ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୧୪୦.୫୦କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିରେ ଖୋର୍ଦ୍ଧା ଜିଲାର ସୋରଣ ଓ କାଳୁପଡାଘାଟଠାରେ ଦୁଇଟି ଫିଶ୍ ଲ୍ୟାଣ୍ଡି ସେଣ୍ଟର ନିର୍ମାଣ ହେବାକୁ ଲକ୍ଷ୍ୟ ରହିଥିବାବେଳେ ଭଦ୍ରକର କାଶିଆଠାରେ ଅନ୍ୟ ଫିଶ୍ ଲ୍ୟାଣ୍ଡି ସେଣ୍ଟର ନିର୍ମାଣ କରାଯିବ। ଏହାବାଦ୍ ଗଞ୍ଜାମ, ପୁରୀ ଓ ବାଲେଶ୍ୱରରେ ମାଛ ବଜାର, ମାଛଧରା କେନ୍ଦ୍ର ମାନ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାଯାଇଛି।

# ଓଡ଼ିଶା ପାଇଁ ୨୬ ସଡ଼କ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୫।୪

ଓଡ଼ିଶା ଏବଂ ତ୍ରିପୁରାରେ ଗ୍ରାମାଞ୍ଚଳ ସଂଯୋଗ ବଢ଼ାଇବା ସହ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଯୋଜନା ଅଧୀନରେ କେତେକ ସଡ଼କ ଓ ସେତୁ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛି। ଓଡ଼ିଶା ପାଇଁ ମୋଟ ୬୩.୨୭୧ କିଲୋମିଟର ଦୈର୍ଘ୍ୟର ୨୬ଟି ନୂଆ ସଡ଼କ ପ୍ରକଳ୍ପ ଏବଂ ୨ଟି ଦୀର୍ଘ ସେତୁକୁ ମଞ୍ଜୁରୀ ମିଳିଛି, ଯେଉଁଥିରେ ୬୯.୬୫ କୋଟି ଟଙ୍କା ବ୍ୟୟ ହେବ। ପୂର୍ବରୁ ୨୧୯.୪୦ କୋଟି ଟଙ୍କା ବ୍ୟୟରେ ୨୧୧.୧୪ କିଲୋମିଟର ଦୈର୍ଘ୍ୟର ୬୬ ସଡ଼କ ଓ ୪ ବ୍ରିଜ୍‌କୁ ମଞ୍ଜୁରୀ ମିଳିଥିଲା। ସେହିପରି ତ୍ରିପୁରାକୁ ୭୬.୪୭ କୋଟି ଟଙ୍କା ବ୍ୟୟରେ ୮୪.୩୫୨ କିଲୋମିଟର ଦୈର୍ଘ୍ୟର ୨୫ ସଡ଼କ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଆଦିବାସୀ ଜନବସତିଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ସହ ସେମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଆର୍ଥିକ ବିକାଶକୁ ଆଗେଇ ନେବା ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ। ସ୍ୱାସ୍ଥ୍ୟସେବା, ଶିକ୍ଷା, ବଜାର, ନିଯୁକ୍ତି ସୃଷ୍ଟି ସମେତ ଜରୁରୀ ସେବା ବଢ଼ାଇବାରେ ଏହା ସହାୟକ ହେବ। ୧୮ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ରହିଥିବା ୭୫ଟି ବିଶେଷ କରି ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି)କୁ ମୌଳିକ ସୁବିଧା ଯୋଗାଇଦେବା ଉପରେ ପିଏମ୍-ଜନମନ ଯୋଜନା ଗୁରୁତ୍ୱ ଦେଉଛି।

# ଲୁଟ କରିବାକୁ ଆସି ବୃଦ୍ଧାଙ୍କୁ ହତ୍ୟା

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୫।୪
(ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

- ଆକ୍ରମଣରେ ଝିଅ ଗୁରୁତର
- ୨ ଅଟକ, ପୋଲିସ ତଦନ୍ତ ଜାରି

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୁ ଲୁଟ କରିବାକୁ ଆସିଥିବା ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ଝିଅ ଗୁରୁତର ହୋଇଛନ୍ତି। ମୃତା ହେଲେ କୌଶଲ୍ୟା ପତି(୭୫)। ଗୁରୁତର ହେଲେ ମମତା ପତି। ଏନେଇ ଶନିବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ନଂ.୯୬/୨୫ ରୁଜୁକରିବା ସହ ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟାରେ ମା’ ଓ ଝିଅ ପରିସ୍ରା କରିବାକୁ ବାହାରକୁ ଉଠିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କେତେଜଣ ଦୁର୍ବୃତ୍ତ କୌଶଲ୍ୟାଙ୍କ ଘରୁ ଚୋରି କରିବା ପାଇଁ ପଶିଥିଲେ। ସେମାନଙ୍କୁ କୌଶଲ୍ୟା ଦେଖି କିଏ କିଏ ବୋଲି ଡାକି ପାଟି କରିଥିଲେ। ଏଥିସହିତ ସେମାନଙ୍କୁ କାବୁ କରିବାକୁ ଘର ଭିତରକୁ ପଶିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଧରିଥିବା ମାରଣାସ୍ତ୍ରରେ କୌଶଲ୍ୟାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ମମତା ଏହା ଦେଖି ଚିତ୍କାର କରିବାରୁ ସେମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମମତାଙ୍କ ହାତ ଭାଙ୍ଗି ଯାଇଥିଲା। ମମତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ପଡ଼ୋଶୀ ମା’ ଓ ଝିଅଙ୍କୁ ଉଦ୍ଧାର କରି ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ ଓ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର କୌଶଲ୍ୟାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ମମତା ଦୁର୍ବୃତ୍ତମାନଙ୍କୁ ଚିହ୍ନିପାରିଥିଲେ। ସେମାନେ ଗ୍ରାମର କିଛି ଦୂରରେ ରହୁଥିବା ମମତା କହିଥିଲେ। ଏହାପରେ ବାଲିଚନ୍ଦ୍ରପୁର ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।



ମା’ କୌଶଲ୍ୟା ପତି



ଝିଅ ମମତା ପତି

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ମା’ ଓ ଝିଅ ଖଡ଼ଗପୁରସ୍ଥିତ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ସେମାନେ ବ୍ୟାଙ୍କରୁ କିଛି ଟଙ୍କା ଉଠାଇ ଆଣିଥିବା ସନ୍ଦେହ କରି ଏହି ଦୁର୍ବୃତ୍ତମାନେ ରାତିରେ ତାଙ୍କ ଘରେ ପଶିଥିଲେ। ମା’ ଓ ଝିଅ ସେମାନଙ୍କୁ ଚିହ୍ନିଦେବାରୁ ଧରା ପଡ଼ିଯିବା ଭୟରେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ଉଠି ଆସିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ୨୭ରୁ ଇଟିକିଲି ମିଟିକିଲି ପ୍ରତିଯୋଗିତା

ଭୁବନେଶ୍ୱର,୫।୪ (ବନ୍ଦନା ସେଠୀ)

ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଇଟିକିଲି ମିଟିକିଲି ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହେବ। ୨୭ ତାରିଖ ପୂର୍ବାହ୍ନରେ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ମେ' ୧୦, ୧୧ ଓ ୧୨ରେ ରୟାଲ ହାୟର ସେକେଣ୍ଡାରି ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଅଡିଟୋରିଅମ୍‌ଠାରେ ଆୟୋଜିତ ହେବ। 'ମୁଁ ବି ଜଣେ ପାଠକ', ଓଡ଼ିଆ ଖବରପାଠ, ଓଡ଼ିଆ କବିତା ଆବୃତ୍ତି, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ, କଣ୍ଠସଙ୍ଗୀତ ଓ ନୃତ୍ୟର ବିଶେଷ କାର୍ଯ୍ୟକ୍ରମ 'ନାଦମ୍ବିକା' ଆଦି ପ୍ରତିଯୋଗିତା କରାଯିବ। ଏସବୁ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ସହିତ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯିବ। ପ୍ରଥମ ପୁରସ୍କାର ବିତରଣ ଉତ୍ସବ ଜୁନ୍ ୨୮ ଓ ଦ୍ୱିତୀୟ ପୁରସ୍କାର ବିତରଣ ଉତ୍ସବ ଡିସେମ୍ବର ୨୧ରେ ସୂଚନା ଭବନଠାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଚାଲିଛି ବୋଲି ଅନୁଷ୍ଠାନର ସଚିବ ଶରତ ନାୟକ ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି ଦ୍ୱନ୍ଦ୍ୱ ଦୂର କଲେ ଗଣଶିକ୍ଷା ମନ୍ତ୍ରୀ



ମୂକବଧିର ସ୍କୁଲ ପରିଦର୍ଶନ ଅବସରରେ ଛାତ୍ରୀଛାତ୍ରଙ୍କ ସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କଥା ହେଉଛନ୍ତି।

ଭୁବନେଶ୍ୱର,୫।୪(ସୁଚିସ୍ମିତା ସାହୁ)

**■ଆଗକୁ ଶିଶୁବାଟିକା ୧ ଓ ୨ ଖୋଲିବ**

**■ଘରୋଇ ସ୍କୁଲ ଅଧିକ ଫି' ବୃଦ୍ଧି କଲେ କାର୍ଯ୍ୟାନୁଷ୍ଠାନ**

ରାଜ୍ୟରେ ଶିଶୁବାଟିକା ଶ୍ରେଣୀ ଖୋଲିବା ସହ ପାଠପଢ଼ା ଆରମ୍ଭ ହେବା ପରେ ଅଙ୍ଗନୱାଡି ଚାଲିବ କି ନାହିଁ ସେନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜିଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ପଷ୍ଟ କରିବା ସହ ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଶନିବାର ମନ୍ତ୍ରୀ ଭୁବନେଶ୍ୱରସ୍ଥିତ ମୂକବଧିର ସ୍କୁଲ ପରିଦର୍ଶନ କରିଥିଲେ। ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଲେ, ଶିଶୁ ବାଟିକା ବ୍ୟବସ୍ଥା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବ। ଏବେ ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଆସିନାହିଁ। ଏବେ ଉଭୟ ଅଙ୍ଗନୱାଡି ଓ ଶିଶୁ ବାଟିକା ଚାଲିବ। ସରକାର ସେଥିପାଇଁ ଏବର୍ଷ ଶିଶୁବାଟିକା-୩ ଶ୍ରେଣୀକୁ ବିଦ୍ୟାଳୟରେ ସାମିଲ କରିଛନ୍ତି। ପରେ ଧୀରେ ଧୀରେ ଶିଶୁ ବାଟିକା ୧ ଓ ୨ ଖୋଲିବ। ପ୍ରାରମ୍ଭିକ ଅବସ୍ଥାରେ ସେମାନଙ୍କ ପାଇଁ ଏବେ ପ୍ରାଥମିକ ଶିକ୍ଷକ ପାଠ ପଢ଼ାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଘରୋଇ ସ୍କୁଲଗୁଡ଼ିକ ମନଇଚ୍ଛା ଫି' ବୃଦ୍ଧି ଘଟଣା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଘରୋଇ ସ୍କୁଲଗୁଡ଼ିକ ଉପରେ ମଧ୍ୟ ସରକାରଙ୍କ କଟକଣା ରହିଛି। ସେମାନେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଫି' ରଖିପାରିବେ। ତା'ଠାରୁ ଅଧିକ ଫି ବୃଦ୍ଧି କରୁଥିଲେ ବିଭାଗ ନିଶ୍ଚୟ ହସ୍ତକ୍ଷେପ କରିବ ବୋଲି ମନ୍ତ୍ରୀ କହିଛନ୍ତି।

### ମୂକବଧିର ବିଦ୍ୟାଳୟ ପିଲାଙ୍କ ସହ କଥା ହେଲେ

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଭୁବନେଶ୍ୱରସ୍ଥିତ ମୂକବଧିର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ମନ୍ତ୍ରୀ ହଷ୍ଟେଲକୁ ଯାଇ ପିଲାଙ୍କ ସହ ମିଶିଥିଲେ। ସେମାନଙ୍କ ସୁବିଧା ଓ ଅସୁବିଧା ବିଷୟରେ ପଚାରି ବୁଝିବା ସହ କଥା ହୋଇ ଉତ୍ସାହିତ କରିଥିଲେ। ପରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ପାଠପଢ଼ା ଓ ଅସୁବିଧା ସୁବିଧା ନେଇ କଥା ହୋଇଥିଲେ। ଏଥିସହ ବିଦ୍ୟାଳୟ ଓ ହଷ୍ଟେଲରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ହଷ୍ଟେଲ ସମସ୍ୟା ଓ ଅନ୍ୟ ଅସୁବିଧାକୁ ଦୂର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପିଲାଙ୍କ ସହ ବିତେଇଥିବା ମୁହୂର୍ତ୍ତକୁ ମୁଁ ବେଶ୍ ଉପଭୋଗ କଲି। ଦିବ୍ୟାଙ୍ଗଙ୍କ ମଧ୍ୟରେ ଥିବା ଦକ୍ଷତାକୁ ବିକାଶ କରିବା ପାଇଁ ସରକାର ଓ ଗଣଶିକ୍ଷା ବିଭାଗ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହାପି



@ ଅଜୟ



@ ନାରାୟଣ



@ କିରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାତିରେ ଟଣାହେଲା ଜମ୍ବେଶ୍ୱରଙ୍କ ରଥ



ଖୁଣ୍ଟୁଣୀ,୫।୪ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଠାବନ୍ଧ ଗ୍ରାମର ଜମ୍ବେଶ୍ୱର ମହାଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଶୋକାଷ୍ଟମୀରେ ରାଜ୍ୟର ଅନେକ ସ୍ଥାନରେ ଦିନରେ ରଥଟଣା ଯାଉଥିବାବେଳେ ପ୍ରତିବର୍ଷ ଭଳି ଚଳିତବର୍ଷ ଜମ୍ବେଶ୍ୱରଙ୍କ ରଥ ରାତିରେ ଟଣାଯାଇଥିଲା। ଏହି ଅବସରରେ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି ହୋଇଥିଲା। ସେବକମାନେ ଠାକୁରଙ୍କ ଚଳନ୍ତି ବିଗ୍ରହକୁ ବେଢା ପରିକ୍ରମା କରାଇ ରଥାରୂଢ଼ କରିଥିଲେ। ରଥରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ସହ ମୁଖ୍ୟ ପୂଜକ ଜଗବନ୍ଧୁ ରଣାଙ୍କ ଦ୍ୱାରା ସ୍ୱତନ୍ତ୍ର ଭୋଗ ଅର୍ପଣ ଓ ଅଧର ପଣା ନୀତି ସମ୍ପନ୍ନ ହୋଇଥିଲା। ପରେ ଗ୍ରାମ ସଭାପତି ଭାଗୀରଥି କର ରଥରେ ଛେରାପହଁରା କରିଥିଲେ। ରାତି ପ୍ରାୟ ସାଢେ ୯ଟାରେ ଶ୍ରଦ୍ଧାଳୁମାନେ ରଥକୁ ସ୍ଥାନୀୟ ଯାତ୍ରାପଡିଆକୁ ଟାଣି ନେଇଥିଲେ। ୧୯୨୧ରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି।

## 'ଦି ଫ୍ରେଡ୍ ଡାରିଙ୍ଗଟନ୍'ରେ ସମ୍ମାନିତ ହେଲେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ



ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ୟୁକେରେ ପ୍ରଥମ ବ୍ରିଟିଶ ବାଲୁକା ମାଷ୍ଟର ପୁରସ୍କାର 'ଦି ଫ୍ରେଡ୍ ଡାରିଙ୍ଗଟନ୍'ରେ ସମ୍ମାନିତ କରାଯାଇଛି। ୟୁକେର ୱେମାଉଥରେ ସ୍ୟାଣ୍ଡ ୱାର୍ଲ୍ଡ ୨୦୨୫ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଅବସରରେ ଶିଳ୍ପୀ ପଟ୍ଟନାୟକ ସେଠାରେ 'ବିଶ୍ୱ ଶାନ୍ତି'ର ବାର୍ତ୍ତା ସହିତ ଭଗବାନ ଗଣେଶଙ୍କର ଏକ ୧୦ ଫୁଟ ଉଚ୍ଚ ବାଲୁକା ମୂର୍ତ୍ତି ତିଆରି କରିଛନ୍ତି। ଏହି ବର୍ଷ ମହୋତ୍ସବରେ ଅନେକ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁନ୍ଦର ମୂର୍ତ୍ତି ନିର୍ମାଣ କରିଛନ୍ତି। 'ଦି ଲିଜେଣ୍ଡରୀ ସ୍ୟାଣ୍ଡ ସ୍କଲ୍ପଚର', ଫ୍ରେଡ୍ ଡାରିଙ୍ଗଟନ୍ ୱେମାଉଥ୍, ଡୋରସେଟ୍‌ଙ୍କ ୧୦୦ତମ ଶତବାର୍ଷିକୀ ଅବସରରେ ସ୍ୱତନ୍ତ୍ର ଭାବରେ ଉତ୍ସବକୁ ପାଳନ କରାଯାଉଛି। ୱେମାଉଥ୍‌ର ମେୟର ଜନ୍ ଓରେଲ୍ ଶିଳ୍ପୀ ପଟ୍ଟନାୟକଙ୍କୁ ପୁରସ୍କାର ଏବଂ ପଦକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୟାଣ୍ଡ ୱାର୍ଲ୍ଡର ନିର୍ଦ୍ଦେଶକ ମାର୍କ ଆଣ୍ଡରସେନ ଏବଂ ସ୍ୟାଣ୍ଡୱାର୍ଲ୍ଡର ସହ-ପ୍ରତିଷ୍ଠାତା ଡେଭିଡ ହିକ୍ସ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍କୃତି ମନ୍ତ୍ରୀ ନାଓରେମ ଜେ ସିଂହ ମଧ୍ୟ ଉପସ୍ଥିତ ଥିଲେ।

## ବେଆଇନ କୋଚିଂ ସେଣ୍ଟରର ତଦନ୍ତ କରାଯାଉ

ଭୁବନେଶ୍ୱର,୫।୪(ସୁଚିସ୍ମିତା ସାହୁ)

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଲା ଓଡିଶା ଅଭିଭାବକ ମହାସଂଘ**

ରାଜ୍ୟରେ ଛତୁ ଫୁଟିଲା ଭଳି ଘରୋଇ କୋଚିଂ ସେଣ୍ଟର ଖୋଲୁଛି। ସକାଳୁ ରାତି ଯାଏ କ୍ଲାସ ଚାଲୁଛି। ପିଲାଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ନମ୍ବର ରଖାଇଦେବା ଆଶାରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ମିଛ ସ୍ୱପ୍ନ ଦେଖାଇ ଲୁଟୁଛନ୍ତି। ପୁଣି କେତେକ କୋଚିଂ ସେଣ୍ଟର ବେଆଇନ ଭାବେ ଡମି ସ୍କୁଲ ଖୋଲି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଫେକ ସ୍କୁଲ ନାଁରେ ଆଡ୍‌ମିଶନ କରୁଛନ୍ତି। ଗଳା ବାଟରେ ସବୁ କାଗଜ କଲମରେ ଉପସ୍ଥାନ ପକାଯାଉଛି। ଘରୋଇ ସ୍କୁଲରେ ଉଭୟ ଛାତ୍ର ଓ ଶିକ୍ଷକଙ୍କ ଉପସ୍ଥାନ ପାଇଁ ବାଇଓମେଟ୍ରିକ ବ୍ୟବସ୍ଥା କରି ଡମି ସ୍କୁଲ ଚଳାଇଥିବା ସମ୍ପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ସମ୍ପର୍କରେ ତଦନ୍ତ କରିବା ପାଇଁ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି। ଏନେଇ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ଚିଠି ମାଧ୍ୟମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ତୁରନ୍ତ ଡମି ସ୍କୁଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ,୫।୪(କାର୍ତ୍ତିକ ସାହୁ)

**ପାଠାଗାର ସମସ୍ୟାକୁ ନେଇ ହାଇକୋର୍ଟରେ ମାମଲା**

ରାଜ୍ୟର ପାଠାଗାରଗୁଡ଼ିକରେ ରହିଥିବା ସମସ୍ୟାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ଶନିବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଏନେଇ ଜବାବ ତଲବ କରିଛନ୍ତି। ଆସନ୍ତା ମେ' ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ ୨୦୦୧ ପ୍ରଣୀତ ହେବାର ବହୁବର୍ଷ ପରେ ଓଡ଼ିଶା ସାର୍ବଜନିକ ପାଠାଗାର ନିୟମାବଳୀ ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କଲେ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହେଲା ନାହିଁ। ଏପରି କି ଧାରା-୧୨ ଅନୁସାରେ ଓଡ଼ିଶା ପାଠାଗାର ପାଣ୍ଠି ପ୍ରତିଷ୍ଠା ହୋଇନାହିଁ। ଏହାବାଦ ଜିଲାସ୍ତରରେ ସାର୍ବଜନିକ ପାଠାଗାର କମିଟି ମଧ୍ୟ ଗଠନ ହୋଇନାହିଁ। ରାଜ୍ୟର ସାର୍ବଜନିକ ପାଠାଗାରସମୂହରେ ଅନେକ ଅନୁମୋଦିତ ପଦବୀ ଖାଲି ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ୫୮ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୩ଟି ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନିକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ପ୍ରତିଷ୍ଠା, ଜିଲା ପାଠାଗାର କମିଟି ଗଠନ କରିବା, ରାଜ୍ୟ ପାଠାଗାର ସମେତ ରାଜ୍ୟର ସମସ୍ତ ସାର୍ବଜନିକ ପାଠାଗାରରେ ଖାଲି ପଦବୀ ପୂରଣ କରିବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଦାଏର ପିଟିଶନରେ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଏବଂ ସାର୍ବଜନିକ ପାଠାଗାର ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## ଓଡ଼ିଆ ଖାଦ୍ୟ ପରଷିଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୫।୪ (ଅନୁରାଧା ମହାରଣା)



ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିଆରା କାର୍ଯ୍ୟଶୈଳୀ ପାଇଁ ବେଶ୍ ପରିଚିତ। ଶୁକ୍ରବାର ଖବରଦାତା ସମ୍ମିଳନୀରେ ସେ ଘୋଷଣା କରିଥିଲେ ଯେ, କେନ୍ଦ୍ର କ୍ୟାବିନେଟ ଓଡ଼ିଶା ପାଇଁ ଦୁଇଟି ବଡ଼ ରେଳ ପ୍ରକଳ୍ପ ମଞ୍ଜୁର କରିଛି। ଏହା ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବ। ଦୁଇଦିନ ତଳେ ରାଜ୍ୟ ଓଡ଼ିଶା ଦିବସ ପାଳନ କରିଥିଲା। ଏଥିଲାଗି ଖବରଦାତା ସମ୍ମିଳନୀ ପରେ ସମସ୍ତେ ଓଡ଼ିଆ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେବା ପାଇଁ ସେ କହିଥିଲେ। ଏହି ଅବସରରେ ଖବରଦାତାମାନଙ୍କୁ ଛେନାପୋଡ଼, ରସଗୋଲା, ଦହିବରା ଆଳୁଦମ, ସିଙ୍ଗଡା ଓ ଆଳୁଚପ ଆଦି ପରସା ଯାଇଥିଲା। ଓଡ଼ିଶା ନିବାସ ପକ୍ଷରୁ ଏସବୁ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା।

## ଐତିହ୍ୟର ପ୍ରଚାର ପ୍ରସାର ପାଇଁ ଦୌଡ଼ିଲେ

**ଓଡ଼ିଶାର କଳା, ଶିଳ୍ପ, ସ୍ଥାପତ୍ୟ, ଐଶ୍ୱର୍ଯ୍ୟକୁ ବିଶ୍ୱବିଦିତ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ**

ଭୁବନେଶ୍ୱର,୫।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିବସ ଅବସରରେ ଶନିବାର ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ଖଣ୍ଡଗିରିଠାରୁ ବାହାରିଥିବା ଏହି ଗଣଦୌଡ଼ କଳିଙ୍ଗ ଷ୍ଟୁଡ଼ିଓ ଛକ ପର୍ଯ୍ୟନ୍ତ ଯାଇଥିଲା। କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ସାମିଲ ହୋଇ କହିଛନ୍ତି, ଓଡ଼ିଶା ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆଜିର ଗଣଦୌଡ଼ର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର ପାଳନ କରାଯାଉଥିବା ଓଡ଼ିଆ ପକ୍ଷ ଏବଂ ଆଜିର ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତେ ସମସ୍ତ ଐତିହ୍ୟସ୍ଥଳୀର ସଂରକ୍ଷଣ କ୍ଷେତ୍ରରେ ଅବଦାନ ରଖନ୍ତୁ। ଏଥିସହ ଆମ ଓଡ଼ିଶାର କଳା-ଶିଳ୍ପ-ସ୍ଥାପତ୍ୟ-ଐଶ୍ୱର୍ଯ୍ୟକୁ ପୁନଶ୍ଚ ବିଶ୍ୱ ବିଦିତ କରାଇବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ଆହ୍ୱାନ ଦେଇଛନ୍ତି।



ଗଣଦୌଡ଼ରେ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ।

ଏହି ଐତିହ୍ୟ ଗଣଦୌଡ଼ିରେ ବିଭିନ୍ନ ବର୍ଗର ଶହଶହ ଲୋକ ସାମିଲ ହୋଇ ଓଡ଼ିଶାର ଐତିହ୍ୟ ସମ୍ପର୍କରେ ଜାଣିବା ସହ ଅନ୍ୟମାନଙ୍କୁ ଜଣାଇଥିଲେ। ଏଥିସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିବା ସହ ଓଡ଼ିଆ ପିଠାପଣା ଖାଇ ଆନନ୍ଦର ସହିତ ଗଣଦୌଡ଼ ଉତ୍ସବକୁ ପାଳନ କରିଥିଲେ। ସେହିପରି ଖଣ୍ଡଗିରିର ସୌନ୍ଦର୍ଯ୍ୟ ଏବଂ ବୈଭବକୁ ଉଜ୍ଜୀବିତ କରିବା ପାଇଁ ଅଂଶଗ୍ରହଣକାରୀମାନେ ଏଠାରେ ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବ୍‌ସାଇଟ୍ https://odi-apakhya.com/ରେ ଅପଲୋଡ୍ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ସିନେ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଚକ୍ଷୁଦାନ କଲେ ବାପା**



ଅମୃତ ଲେଙ୍କା

ଭୁବନେଶ୍ୱର-କଟକ ରାସ୍ତାର ଭାଣପୁରଠାରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ମଙ୍ଗଳାବାଗ ଅଞ୍ଚଳର ଅମୃତ ଲେଙ୍କା। ମୃତ୍ୟୁ ପରେ ଏସ୍‌ସିବି ମେଡିକାଲକୁ ଅମୃତଙ୍କ ଆଖି ଦାନ କରିଛନ୍ତି ତାଙ୍କ ବାପା ପ୍ରବୋଧ ଲେଙ୍କା। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଅମୃତ ତାଙ୍କ ଭଉଣୀଙ୍କ ସହିତ ଏକ ଗାଡ଼ିରେ ଭୁବନେଶ୍ୱରରୁ କଟକ ଯାଉଥିବାବେଳେ ଭାଣପୁରଠାରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମୃତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଭଉଣୀଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ଚିକିତ୍ସା ଜାରି ରହିଛି। ଅପରପକ୍ଷରେ ଅମୃତଙ୍କ ଅଙ୍ଗଦାନ ପାଇଁ ପ୍ରବୋଧ ନିଷ୍ପତ୍ତି ନେଇଥିଲେ। ହେଲେ ବିଳମ୍ବ ହେବାରୁ ଏସ୍‌ସିବିକୁ ଅମୃତଙ୍କ ଆଖି ଦାନ କରାଯାଇଥିଲା। ପ୍ରଫେସର ଡା. ଜୟନ୍ତ ପଣ୍ଡା ଓ ସ୍ନାତକ ଡାକ୍ତର ଛାତ୍ରୀଛାତ୍ରଙ୍କ ସହଯୋଗରେ ଅମୃତଙ୍କ ଚକ୍ଷୁ ସଂଗ୍ରହ କରାଯାଇ ଏସ୍‌ସିବିର ଆଇ ବ୍ୟାଙ୍କରେ ରଖାଯାଇଛି। ଏନେଇ ପ୍ରବୋଧ କହିଛନ୍ତି, ଅମୃତ ବିଏସ୍‌ସି ପାଠ ପଢୁଥିଲେ। ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଅଧାରେ ରହିଗଲା।


ରଥ ଆଗରେ ଶିଳ୍ପୀ ଶ୍ରୀନିବାସ ଘଟୁଆ ନୃତ୍ୟ ମାଧ୍ୟମରେ ଭକ୍ତି ନିବେଦନ ଜଣାଉଛନ୍ତି।


ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ହଜାର ହଜାର ଶ୍ରଦ୍ଧାଳୁ ଟାଣି ନେଉଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ବଢ଼େଇବାଙ୍କ ଛକ ପୂର୍ବରୁ ଅଟକିଲା ରଥ

ପୁରୁଣା ଭୁବନେଶ୍ୱର,୫।୪(ସୁବାସ ଚନ୍ଦ୍ର ପ୍ରଧାନ)

ଅଶୋକାଷ୍ଟମୀ ଅବସରରେ ଶନିବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ଅପରାହ୍ନ ୩ଟା ୩୦ରେ ରଥ ଟଣାଯିବା ପାଇଁ ନୀତିନିର୍ଘଣ୍ଟ ହୋଇଥିବା ବେଳେ ଦୁଇଘଣ୍ଟା ବିଳମ୍ବରେ ଅର୍ଥାତ୍ ୫ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରାତଃରୁ ଦୈନିକ ନୀତି ହେବା ପରେ ସକାଳ ଧୂପ ପୂର୍ବାହ୍ନ ୧୧ଟାରେ ହୋଇଥିଲା। ଭୋଗ ମଣ୍ଡପ ସରିବା ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା, ପରେ ଯାତ୍ରା ପୂଜା ଏବଂ ଯାତ୍ରା

### ୨ ଘଣ୍ଟା ବିଳମ୍ବରେ ଗଡ଼ିଲା ରଥ

ପୂଜା ବେଶ ହୋଇଥିଲା। ବଡୁ ସେବକ ମଣୋହି କରିବା ପରେ ମହାସୁଆର ସେବକ ଦକ୍ଷିଣ ଦ୍ୱାରରୁ ଶ୍ରୀଲିଙ୍ଗରାଜ, ଶ୍ରୀଦୋଳଗୋବିନ୍ଦ ଏବଂ ମା ରୁକ୍ମିଣୀ ଠାକୁରାଣୀଙ୍କୁ ସଙ୍ଗରେ ଧରି ଆଡ଼କାଠ ନିକଟକୁ ଆସିଥିଲେ। ପରେ ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେଇସରିବା ପରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ହୋଇଥିଲା। ଏହା ପରେ ବେଢ଼ା ପରିକ୍ରମା, ୨୨ପାହାଚ ନିକଟରେ ଥିବା ସିଦ୍ଧ ଗଣେଶଙ୍କ ନିକଟରେ ନଡ଼ିଆ ବାଡ଼ାଯାଇଥିଲା। ଘଣ୍ଟ, ଘଣ୍ଟା, କାହାଳୀ, ବାଜା ପଟୁଆରରେ ରଥକୁ ଠାକୁରମାନେ ବିଜେ କରିଥିଲେ। ରଥ ତଳେ ଏବଂ ଉପରେ ଠାକୁରମାନେ ପରିକ୍ରମା କରି ସିଂହାସନରେ ଆସୀନ ହୋଇଥିଲେ। ସିଂହାସନରେ ଡୋରି ଲାଗି ୧୧ଟି ପୂଜା କରାଯାଇଥିଲା। ସୂର୍ଯ୍ୟଚନ୍ଦ୍ର, ଚାରିଦ୍ୱାର, ବ୍ରହ୍ମା କପିକେତନ, ନେତଅଶ୍ୱ ପାଇଁ ମହାସୁଆର ସେବାୟତଙ୍କ ପାଇଁ ଆଜ୍ଞାମାଳ ଦେଇଥିଲେ ପୂଜାପଣ୍ଡା ସେବାୟତ। ଉକ୍ତ ମାଳକୁ ଅଶ୍ୱଙ୍କ ବେକରେ ପକାଯାଇଥିଲା। ଏହା ପରେ ରଥ କାଳେସୀ ଓ ପୂଜାପଣ୍ଡା ଆଜ୍ଞା ପ୍ରସାଦ ଦେଇଥିଲେ। ଶ୍ରୀଲିଙ୍ଗରାଜଙ୍କ ଆଜ୍ଞା ପାଇ ରଥର ଡାହୁକ କାର୍ଯ୍ୟ କରିଥିଲେ। ଶ୍ରଦ୍ଧାଳୁଙ୍କ ସହ ରାଜନେତାମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ପୋଲିସ ପ୍ରଶାସନ ସହ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ସହ ଜୟ ଲିଙ୍ଗରାଜ ଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଥଟଣାଯିବା ବାଟରେ ୩ଟି ମଠରେ ପୂଜା କରାଯାଇଥିଲା। ତେବେ ରଥ ପ୍ରାୟ ୧୫୦ମିଟର ଗଡ଼ିବା ପରେ ସନ୍ଧ୍ୟା ଯୋଗୁ ବଢ଼େଇବାଙ୍କ ଛକ ନିକଟରେ ରଥ ଅଟକାଇଥିଲେ କାଳେସୀ। ରବିବାର ରଥ ଏବଂ ମନ୍ଦିରରେ ବିଭିନ୍ନ ନୀତିକାନ୍ତି ପରେ ପୁନଃ ରଥ ରାମେଶ୍ୱର ମନ୍ଦିର ଅଭିମୁଖେ ଗଡ଼ିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।


ପହଣ୍ଡି ପରେ ରଥ ଉପରେ ଶ୍ରୀଲିଙ୍ଗରାଜ, ଶ୍ରୀଦୋଳଗୋବିନ୍ଦ ଏବଂ ମା ରୁକ୍ମିଣୀ ଠାକୁରାଣୀ।


ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜିଲାପାଳ ଚଞ୍ଚଳ ରାଣା ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ଫେରୁଛନ୍ତି।

### ଦିଅଁ ଦର୍ଶନକଲେ ଆଇନ ମନ୍ତ୍ରୀ

ରଥଖଳାରେ ରଥାରୂଢ଼ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ବିଭିନ୍ନ ଦଳର ନେତାଙ୍କ ଗହଳି ଦେଖିବାକୁ ମିଳିଥିଲା। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇ ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ।

### ରଥଯାତ୍ରାରେ ୩ଥର ନୀତି ମାରାହେଲା

ରୁକୁଣା ରଥଯାତ୍ରା ଦିବସରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ୩ଥର ମାରା ହେବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ସକାଳେ ମଙ୍ଗଳ ଆଳତି, ରୋଷ ହୋମ, ଛାମୁ ପରିଷ୍କାର, ମାଘସ୍ନାନ ସରିବା ପରେ ପ୍ରଥମେ ସମର୍ଥା ସେବାୟତ ମନ୍ଦିର ଚୂଡ଼ାକୁ ବାନା ବାନ୍ଧିବା ନେଇ ଚଢ଼ିଯିବାରୁ ନୀତି ମାରା ହୋଇଥିଲା। ଦ୍ୱିତୀୟରେ ଜଣେ ବ୍ୟକ୍ତି ଆଡ଼କଠ ଭିତରକୁ ପଶିଯିବାରୁ ବେଶ ମାରା ହୋଇଥିଲା। ସେହିଭଳି ଅନ୍ୟ ଜଣେ ଶ୍ରଦ୍ଧାଳୁ ଆଡ଼କାଠ ଭିତରକୁ ପଶିଯିବାରୁ ମଧ୍ୟ ଶ୍ରୀଜୀଉଙ୍କ ବେଶ ମାରା ହୋଇଥିଲା। ଏନେଇ ପୃଥକଭାବେ ମାଘସ୍ନାନ ପରେ ବଡୁ ସେବକ ବେଶ କରିଥିଲେ। ଏହାନେଇ ପ୍ରାତଃରେ ଠାକୁରଙ୍କ ନୀତି ଦେଢ଼ ଘଣ୍ଟା ବିଳମ୍ବରେ ଚାଲିଥିଲା ।


ରୁକୁଣା ରଥଯାତ୍ରାରେ ଶ୍ରଦ୍ଧାଳୁମାନେ ଡମ୍ବରୁ ବଜାଇ ହରହର ମହାଦେବ ଧ୍ୱନି ଦେଉଛନ୍ତି।


ରଥ ସମ୍ମୁଖରେ ଭିନ୍ନ ଭଙ୍ଗୀରେ ନୃତ୍ୟଶିଳ୍ପୀମାନେ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୫।୪(ସୁବାସ ଚନ୍ଦ୍ର ପ୍ରଧାନ)

### ଏକାମ୍ରକ୍ଷେତ୍ର ସଂସ୍କୃତିର ସହର: ମନ୍ତ୍ରୀ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଏକାମ୍ରକ୍ଷେତ୍ର ସଂସ୍କୃତିର ସହର ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ବାବୁ ସିଂ, ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ରଶ୍ମି ମହାପାତ୍ର, ପ୍ରକାଶନୀର ଉପଦେଷ୍ଟା ଶିବାନନ୍ଦ ରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ସୁରେନ୍ଦ୍ର ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ତ୍ରିଧାରା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ପ୍ରତିଭା ପଣ୍ଡା ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କୋଲକାତାର ରାଜଜ୍ୟୋତି ଡ୍ୟାନ୍ସ ଗ୍ରୁପ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଇଷ୍ଟର୍ଣ୍ଣଜୋନ କଲଚରାଲ ସେଣ୍ଟର ପକ୍ଷରୁ କଳାକାରଙ୍କ ଦ୍ୱାରା ପୁରୁଲିଆ ଛଉ ନୃତ୍ୟ ଓ ଗଞ୍ଜାମର ଶ୍ରୀଜଗନ୍ନାଥ ସାଂସ୍କୃତିକ କଳା ନିକେତନର କଳାକାରଙ୍କ ଦ୍ୱାରା ନୃତ୍ୟ ଓ କୋଲକତାର ତାରକ ସାହାଙ୍କ ଗ୍ରୁପ ଦ୍ୱାରା ପରିବେଷଣ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଓ ଋତୁପର୍ଣ୍ଣା ମହାପାତ୍ର ସଂଯୋଜନା କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ସୂରଜ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।


ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଶନିବାର ଲିଙ୍ଗରାଜ ମହୋତ୍ସବର ଉଦ୍‌ଘାଟନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଅନ୍ୟ ଅତିଥି।

**ସତ୍ୟନାରାୟଣ ପୂଜା ସଂସଦର ବାଦୀପାଲା ଉଦ୍‌ଯାପିତ**

ସାକ୍ଷୀଗୋପାଳ,(ଭରତ ରାଉତ)- ସତ୍ୟବାଦୀ ବ୍ଲକ ଅଧୀନ ଆଞ୍ଚଳିକ ସତ୍ୟନାରାୟଣ ପୂଜା ସଂସଦ କମିଟି ପକ୍ଷରୁ ଗତ ୧ ତାରିଖରୁ ଅନୁଷ୍ଠିତ ବାଦୀପାଲା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ବିଧିବିଧାନ ଅନୁଯାୟୀ ଗ୍ରାମର ବସନ୍ତମାଳ ହାଟପଡ଼ିଆଠାରେ ଏହି ବାଦୀପାଲା ଚାଲିଥିଲା। ହିରଣ୍ୟପଡ଼ା, ବସନ୍ତମାଳ, ଜିପୁର, ଖୋଳହଳ, କାହ୍ନପୁର ଗ୍ରାମର ସହାୟତାରେ ସତ୍ୟନାରାୟଣ ଦେବଙ୍କ ବାଦୀପାଲା ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ରାତ୍ରି ୧ଟା ପର୍ଯ୍ୟନ୍ତ ପରିବେଷଣ ହେଉଥିଲା। ଚଳିତ ବର୍ଷ ବାଦୀପାଲା ସ୍ୱନାମଧନ୍ୟ ଗାୟକ ଲକ୍ଷ୍ମୀଧର ମହାପାତ୍ର ଓ ଭାରତ ଭୂଷଣ ଦାଶଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସଂସ୍କୃତିର ପ୍ରଚାର ଓ ଶ୍ରୀହରି କଥାମୃତ ଆଲୋଚନା ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୪।୨୦୨୫

| | |
|---|---|
| ୫,୧୫,୯୬୪ ଟଙ୍କା | |
| ସୁନା | ୧.୭୨୦ ଗ୍ରାମ୍ |
| ରୁପା | ୩୨.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

### ଆଜି ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ରବିବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଜନ୍ମନୀତି ଅନ୍ୟତମ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନଧୂପ ଭୋଗ ସରିବା ପରେ ଶ୍ରୀରାମ ଜନ୍ମନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ଶ୍ରୀମନ୍ଦିରରେ ଶ୍ରୀରାମ ନବମୀ ନୀତି ସମ୍ପାଦନ ଦୃଷ୍ଟିରୁ ଏପ୍ରିଲ ୬ ତାରିଖ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଷ୍ଟେଶନ ରୋଡ୍ ଶ୍ରୀରାମ ମନ୍ଦିର ପରିସରରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି। ଶନିବାର ପ୍ରାତଃରୁ ଏଥିପାଇଁ ଅନ୍ୟାନ୍ୟ ନୀତି ବଢ଼ି ଦ୍ୱିପ୍ରହର ସମୟରେ ପ୍ରଭୁ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିଙ୍କୁ ତାଙ୍କ ସିଂହାସନରେ ପ୍ରତିଷ୍ଠିତ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟନାଦରେ ସମଗ୍ର ପରିବେଶ କମ୍ପି ଉଠିଥିଲା। ସମାପନ ପରେ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଯଜ୍ଞ କର୍ମରେ ଶ୍ରୀନିବାସ ପଣ୍ଡା, ପ୍ରଶାନ୍ତ ଆଚାର୍ଯ୍ୟ, ସୀମାଞ୍ଚଳ ତ୍ରିପାଠୀ, ମୃତ୍ୟୁଞ୍ଜୟ ଦାଶ, ଦତ୍ତାତ୍ରେୟ ଶତପଥୀ, ଆଲୋକ ଶତପଥୀ, ବିକ୍ରମ ଷଡ଼ଙ୍ଗୀ, ନିରଞ୍ଜନ ରଥ, ବୈକୁଣ୍ଠ ବିହାରୀ ପଣ୍ଡା ପ୍ରମୁଖ ପୁରୋହିତ କାର୍ଯ୍ୟ ସମାପନ କରିଥିଲେ। ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର, ରାମକୃଷ୍ଣ ଦାସ ମହାପାତ୍ର, ଶିଳ୍ପପତି ଶଙ୍କର ବାନାର୍ଜୀ ଓ ରାଜକିଶୋର ପାତ୍ରଙ୍କ ସମେତ ସଚ୍ଚିକାନ୍ତ ଶତପଥୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା। ୩ଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ମନ୍ଦିରର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନାର ସଫଳତା ନେଇ ସନ୍ଦେହ

## କେଉଁ ମାପଦଣ୍ଡରେ ଅନ୍ୟାନ୍ୟ ଅଭାବୀ ବ୍ୟକ୍ତି ଚିହ୍ନଟ

ଅସ୍ତରଙ୍ଗ,୫।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସମାଜର ଆର୍ଥିକ ଅନଗ୍ରସରଙ୍କ କ୍ଷେତ୍ରରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ସରକାର କାର୍ଯ୍ୟକାରୀ କରିବାକୁ ଯାଉଥିବା ବେଳେ ହିତାଧିକାରୀ ଚୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଯୋଜନାରେ ସରକାର ସ୍ପଷ୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ସେମାନଙ୍କୁ ସାନି ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ କି ନାହିଁ ସେଥିନେଇ ନିଷ୍ପତ୍ତି ନେବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଉଠିଛି। ଏଣେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚୟନ ହୋଇଥିବା ନୂତନ ହିତାଧିକାରୀ ଅନ୍ୟାନ୍ୟ ଅଭାବୀ ବ୍ୟକ୍ତି ଶ୍ରେଣୀ ବର୍ଗର ରହିଥିବା ଦର୍ଶାଯାଇଛି। ଏହି ଯୋଜନା ପୂର୍ବରୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ପଞ୍ଚାୟତସ୍ତରରେ ଆହୁରି ଅନେକ ଅଭାବୀ ବ୍ୟକ୍ତି ରହିଯାଇଛନ୍ତି।

ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ନାବାଳକ ଥିବା ବିଧବା ମହିଳା, ପରିବାର ମୁଖ୍ୟ ଉପାର୍ଜନକାରୀ ଭିନ୍ନକ୍ଷମ, ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠ ରୋଗରୁ ମୁକ୍ତି, ଗୋତି ଶ୍ରମିକ, ଶହୀଦ ପରିବାର, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ଭାବେ ବଡ଼ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିବା ପରିବାର ବା ପୀଡ଼ିତଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ପଷ୍ଟ ହୋଇଛି। ସବୁ ଅସହାୟ ବର୍ଗଙ୍କ ନିମନ୍ତେ ସରକାର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଆଣିଛନ୍ତି। ତଥାପି ଅନ୍ୟାନ୍ୟ ଅଭାବୀ ବ୍ୟକ୍ତିଙ୍କୁ କେଉଁ ନିୟମ ବଳରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇଛି ତାହା ନିଶ୍ଚିତ ପକ୍ଷେ ତଦନ୍ତ ସାପେକ୍ଷ। ତା'ଛଡ଼ା ପୂର୍ବରୁ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଶତାଧିକ ଅସହାୟ ତଥା ଗରିବ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଥିବା ସତ୍ତ୍ୱେ ଏବେ ପୁଣି ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକ୍‌ର ୧୫ ପଞ୍ଚାୟତରୁ କେବଳ ୫ଟିରୁ ହିତାଧିକାରୀ ଚୟନ କରାଯାଇ ମାତ୍ର ୧୦ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। କାହିଁକି ପ୍ରକୃତ ହିତାଧିକାରୀଙ୍କୁ ପ୍ରଶାସନ ଚିହ୍ନଟ କରିପାରୁନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସମ୍ପ୍ରତି ସରକାର ପ୍ରତି ପଞ୍ଚାୟତରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୫ଜଣ ଯୋଗ୍ୟ ହିତାଧିକାରୀ ତାଲିକା ପ୍ରସ୍ତୁତ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅସ୍ତରଙ୍ଗ ବ୍ଲକ୍‌ର ୧୫ଟି ପଞ୍ଚାୟତ ମଧ୍ୟରୁ ହାତଗଣତି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ ସେଥିମଧ୍ୟରେ ତାଳଦାରୁ ୪ଜଣ, ନୂଆଗଡ଼ରୁ ୩ଜଣ, କୋରଣା, ନଗର ଓ ଛୁରିଆନାରୁ ଜଣେ ଲେଖାଏଁ ହିତାଧିକାରୀ ଚୟନ ହୋଇଥିବା ବେଳେ ଅବଶିଷ୍ଟ ୧୦ ପଞ୍ଚାୟତରୁ କୌଣସି ବ୍ୟକ୍ତି ପାଇନାହାନ୍ତି। ପଞ୍ଚାୟତ କ୍ଷେତ୍ରରେ ହିତାଧିକାରୀ ବଛା ନ ଯିବା ବ୍ଲକ୍ ପ୍ରଶାସନର ଅବହେଳା ନା ଖାମଖିଆଲ ନୀତି ସେଥିନେଇ ବି ପ୍ରଶ୍ନ ଉଠିଛି। କିନ୍ତୁ ଅତୀତରେ ପଞ୍ଚାୟତସ୍ତରରେ ଆବାସ ଓ ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ପୁଣି ନିତି ପର୍ସନଙ୍କ ସନ୍ଧାନ ମିଳିବା ପ୍ରକୃତପକ୍ଷେ ସତ୍ୟ ନା ଗଳାବାଟ ଦେଇ ଏମାନଙ୍କ ଭିତରୁ ଅନେକଙ୍କୁ ଯୋଗ୍ୟ ହିତାଧିକାରୀ ସଜାଇ ଦିଆଯାଇଛି ତାହା ନାନା ସନ୍ଦେହ ଉପୁଜୁଛି। ଏନେଇ ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା କହିଛନ୍ତି, ସମସ୍ତ ନିୟମ ଆଧାରରେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇଛି। ଅପରପକ୍ଷେ ହିତାଧିକାରୀ ଚୟନକୁ ନେଇ ବିଭିନ୍ନ ପଞ୍ଚାୟତରେ ଚାପା ଅସନ୍ତୋଷ ପ୍ରକାଶ ପାଇଥିବା ଖବର ମିଳିଛି।

# ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି ସମ୍ପନ୍ନ



ଅଶୋକାଷ୍ଟମୀ ଅବସରରେ ପ୍ରଭୁ ଲୋକନାଥ ଜଗନ୍ନାଥବଲ୍ଲଭରେ ନୀତି ସାରି ମନ୍ଦିରକୁ ଫେରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଉକ୍ତ ଦିନ ଶ୍ରୀମନ୍ଦିରରୁ ଲୋକନାଥ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେକରି ସେଠାରେ ନୀତି ସମ୍ପନ୍ନ କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ସମ୍ପନ୍ନ ହେବା ପରେ ଭଣ୍ଡାରଘରୁ ଶ୍ରୀଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ପ୍ରଭୁ ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ହାତରେ ଶ୍ରୀଲୋକନାଥଙ୍କୁ ଆଣି ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗ୍ରହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଛୁ ସେବକଙ୍କୁ ପ୍ରଦାନ କରିଥିଲେ। ପରେ ଉକ୍ତ ଅମୁଣିଆ ମାଳଟିକୁ ଭିତରଛୁ ସେବକ ଈଶାନେଶ୍ୱରଙ୍କୁ ଲାଗି କରାଇ ମାଳଟି ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶୀତଳ ଭୋଗ ମଣୋହି ହେବା ସହ କର୍ପୂର ଆରତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ବିମାନବଡୁ ସେବକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରାଯାଇ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଭିତରଚ୍ଛଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହେବା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଡ଼ି ଲାଗି କରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ସରିଲା ସେବାୟତ ପ୍ରଶିକ୍ଷଣ ଶିବିର

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସେବକ ପ୍ରଶିକ୍ଷଣ ଶିବିର ନୀଳାଦ୍ରି ଭକ୍ତନିବାସ ଠାରେ ଶନିବାର ଶେଷ ହୋଇଛି। ଏହି ପ୍ରଶିକ୍ଷଣ ଶିବିର ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ଚାଲିଥିଲା। ଉକ୍ତ ଶିବିରରେ ଶ୍ରୀମନ୍ଦିର ବିଭିନ୍ନ ନିଯୋଗର ସେବାୟତମାନେ ଯୋଗ ଦେଇଥିଲେ। ଶ୍ରୀମନ୍ଦି ସମ୍ପର୍କିତ ଆଲୋଚନା କରାଯାଇଥିଲା। ପ୍ରଥମ ଦିନରେ ଉତ୍ତମ ସେବକର ଲକ୍ଷଣ, ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି, ସେବା ଓ ସେବକ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଛି। ଦ୍ୱିତୀୟ ଦିନରେ ଶୃଙ୍ଖଳିତ ଦର୍ଶନରେ ସେବକଙ୍କ ଭୂମିକା, ଉତ୍ତମ ଯାତ୍ରୀ ପରିଚର୍ଯ୍ୟା, ପ୍ରଶାସନ ଓ ସେବକଙ୍କ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା କରାଯାଇଛି। ପ୍ରଶିକ୍ଷଣ ଶିବିରରେ ନୂତନ, ପ୍ରବୀଣ ଏବଂ ଅଭିଜ୍ଞ ସେବକମାନେ ଯୋଗଦାନ କରି ପ୍ରଶିକ୍ଷଣ ନେଇଛନ୍ତି। ବିଶେଷ କରି ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିପାରିବ, ଯାହା ଦ୍ୱାରା ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ଓ ଭକ୍ତ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି।

# ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼




ଗଣଦୌଡ଼କୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପ୍ରଥମ ଥର ପାଇଁ ଓଡ଼ିଆ ପକ୍ଷ ପାଳନ ହେଉଛି। ଶନିବାର ଓଡ଼ିଆ ପକ୍ଷ ପାଳନର ୫ମ ଦିନରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମେ ଓଡ଼ିଆ ବୋଲି ଯେତିକି ଗର୍ବିତ, ଆମର ଐତିହ୍ୟ ଓ ପରମ୍ପରା ମଧ୍ୟ ମହନୀୟ। ଏହାକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିବାର ଆବଶ୍ୟକତା ରହିଛି। ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରିବା ଓ ଅନ୍ୟ ଓଡ଼ିଆଙ୍କୁ ମଧ୍ୟ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିବା। ଐତିହ୍ୟ ଗଣଦୌଡ଼ ମାଧ୍ୟମରେ ଆମ ଶାରୀରିକ ଦକ୍ଷତା ଓ ନିଜ ସୁସ୍ଥତାର ପରିଚୟ ଦେଉଛନ୍ତି। ଏହା କେବଳ ଆଜି ନୁହେଁ ପ୍ରତିଦିନ ଜାରି ରଖିବାକୁ ସେ ଅନୁରୋଧ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓଡ଼ିଆ ପକ୍ଷ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିଭିନ୍ନ ଦିବସର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଖୋଖୋ ହାଇପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ବକ୍ସିଂ କୋଚ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା କାର୍ଯ୍ୟାଳୟର କର୍ମଚାରୀ ସୌମ୍ୟରଞ୍ଜନ ପୂଜାରୀ, ଲକ୍ଷ୍ମୀଧର ଦାସ, କୁନା ବେହେରା, ଆସମାନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୫।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମାହାପାତ୍ରଙ୍କ ୧୯ତମ ଶ୍ରାଦ୍ଧ ଉତ୍ସବ ତାଙ୍କ ଜନ୍ମମାଟି ସ୍ଥାନୀୟ ବିଶ୍ୱନାଥପୁର ଗ୍ରାମରେ ଶନିବାର ପାଳିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ବିଶ୍ୱନାଥପୁର ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ତାଙ୍କ ୨ ପୁତ୍ର ସୀତାବଲ୍ଲଭ ମହାପାତ୍ର, ଜାନକୀବଲ୍ଲଭ ମହାପାତ୍ରଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ରାଧାକାନ୍ତ ଦାଶ, ବିପିନ ବିହାରୀ ଦଳାଇ, ବାସୁଦେବ ସାହୁ, ଆଇନଜୀବୀ ପୁଷ୍କର ମହାପାତ୍ର, ସୁଶାନ୍ତ କୁମାର ରଥ, ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ମିଶ୍ର, ସ୍ଥାନୀୟ ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ୮ମ, ୯ମ ଓ ୧୦ମ ଶ୍ରେଣୀର ପ୍ରଥମ, ୨ୟ ଓ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭ୍ୟାନିଟ୍ ଲୁଟ୍ କରି ୩ ଗିରଫ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟକଙ୍କ ଠାରୁ ଭ୍ୟାନିଟ୍ ବ୍ୟାଗ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜ୍ଞାନ ରଞ୍ଜନ ଦାସ, ଶକ୍ତିପ୍ରସାଦ ଶତପଥୀ ଏବଂ ଜଣେ ନାବାଳକ ରହିଛନ୍ତି। ପରିବାର ସହ ଝୁନୁ ଦେବନାଥ ଓ ତାଙ୍କ ସ୍ୱାମୀ ପୁରୀ ବୁଲିବାକୁ ଆସିଥିବା ବେଳେ ଶନିବାର ସକାଳ ସମୟରେ ବେଳାଭୂମିରେ ଯାଉଥିବା ବେଳେ ଅଭିଯୁକ୍ତମାନେ ବାଇକ୍ ଯୋଗେ ଆସି ଭ୍ୟାନିଟ୍ ବ୍ୟାଗ ସହ ଚେନ୍ ଝମ୍ପି ନେଇଥିଲେ। ଏନେଇ ଝୁନୁ ଥାନରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ ତାଙ୍କଠାରୁ ୧୦ ହଜାର ଟଙ୍କା ଓ ମୋବାଇଲ ଫୋନ ଓ ଗାଡ଼ି ଜବତ କରିଛି। ଏନେଇ କେସ୍ ନଂ. ୮୪/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି।

# ମହାପ୍ରଭୁଙ୍କୁ ଲାଗିହେଲା ଯେଉଟ ଭୋଗ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଅଶୋକାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ସରିବା ପରେ ଧୋପଖାଳ ହୋଇ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ କରାଯାଇଥିଲା ଓ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ମହାପ୍ରଭୁଙ୍କୁ ଭୋଗ ମଣୋହି କରିଥିଲେ। ବଡ଼ ବାଡ଼ରେ ପୂଜାପଣ୍ଡା, ମଝି ବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ ଓ ବର୍ଷକରେ ମହାପ୍ରଭୁଙ୍କୁ ଦୁଇଥର ଶ୍ରୀରାମନବମୀ ଏବଂ ଜନ୍ମାଷ୍ଟମୀ ପୂର୍ବଦିନ ଏହି ଯେଉଟ ଭୋଗ କରାଯାଇଥାଏ।

# ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ




ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ କମିଟିର ସଦସ୍ୟମାନେ ।

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ଜନପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କ ଊନବିଂଶତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଗାନ୍ଧୀ ସ୍ମୃତିପୀଠ ସଭାଗୃହରେ ଶନିବାର ସଭାପତି ଡ. ନୀଳକଣ୍ଠ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ଜିଲା ଜଜ୍ ତଥା ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷା ପ୍ରତିମା ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ଜୀବନୀ ଓ ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ-୨୦୨୪ ରାଫତ୍ ସାହିନ୍‌ଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବାର୍ ଆସୋସିଏଶନର ସମ୍ପାଦକ ଶରତ କୁମାର ରାୟଗୁରୁ, ରୂପରଞ୍ଜନ ତ୍ରିପାଠୀ, ଡ. ହେମନ୍ତ କୁମାର ଛୋଟରାୟ, ପ୍ରବାସିନୀ ମିଶ୍ର, ଚନ୍ଦ୍ରଶେଖର ମହାରଣା, ସୀତାବଲ୍ଲଭ ମହାପାତ୍ର, ରମାବଲ୍ଲଭ ମହାପାତ୍ର, ଜାନକୀ ବଲ୍ଲଭ ମହାପାତ୍ର, ଲକ୍ଷ୍ମୀବଲ୍ଲଭ ମହାପାତ୍ର, ପୁଷ୍କର ମହାପାତ୍ର, ଶିବପ୍ରସାଦ ମିଶ୍ର, ପୁରୀ ବାର୍ ଆସୋସିଏଶନର ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁ, ମିନତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ଚକ୍ରଧର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ବୀରେନ୍ଦ୍ର ଭୂଷଣ ହୋତା ଧନ୍ୟବାଦ ଦେଇଥିଲେ।

# ସମାଜରେ ମହିଳାଙ୍କ ସମାନତା, ସମ୍ମାନକୁ ଗୁରୁତ୍ୱ

## 'ବେଟି ବଚାଓ, ବେଟି ପଢାଓ' ସଚେତନତା ଅଭିଯାନ

ସାକ୍ଷୀଗୋପାଳ,୫।୪ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ବିଶ୍ୱନାଥ ପାଢୀଙ୍କ ତତ୍ତ୍ୱାବଧାନରେ 'ବେଟି ବଚାଓ, ବେଟି ପଢ଼ାଓ' ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ସର୍ବମୋଟ ୨୪୧ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମନସ୍ମିତା ବେହେରା ଏହି ଅଭିଯାନର ଗୁରୁତ୍ୱ ଆଲୋଚନା କରି ଏହାର ଲକ୍ଷ୍ୟ ସଫଳ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପାଢ଼ୀ 'ବେଟି ବଚାଓ, ବେଟି ପଢାଓ' କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ପାଳନ, ଯାହାର ଅର୍ଥ କେବଳ ଶିକ୍ଷା ନୁହେଁ ବରଂ ସମାଜରେ ମହିଳା ସମାନତା ଓ ସମ୍ମାନ ପ୍ରଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ଦାସ ମହିଳା ଶକ୍ତିକୁ ସମର୍ଥନ ଦେବା ଓ ସମାଜରେ ନାରୀଶିକ୍ଷାର ସାମୂହିକ ମୂଲ୍ୟବୋଧ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଦଯାତ୍ରା, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଧୃତି ପ୍ରକାଶ ଦାସ, ଜ୍ୟୋତି ରଞ୍ଜନ ସାହୁ, ସୁଧୀର କୁମାର ସାହୁ, ବିଜୟ କୁମାର ସ୍ୱାଇଁ ତଥା ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରା, କବିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅଭିଯାନ ଆଗାମୀ ଦିନରେ ସମସ୍ତଙ୍କୁ ଏକ ସମୂହ ଉଦ୍ଦେଶ୍ୟ ସାଧନରେ ସମ୍ମିଳିତ ହୋଇ ଏକ ଦୃଢ଼ ସମାଜ ନିର୍ମାଣରେ ସହାୟକ ହେବାକୁ ପ୍ରେରିତ କରିବ।




ବାଳିକାମାନେ ପଦଯାତ୍ରାରେ ବାହାରିଛନ୍ତି ।

# ଗଡ଼ବଡ଼ପୁଟକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି

କଣାସ,୫।୪(ବିଭୂତି ଭୂଷଣ ତ୍ରିପାଠୀ)

ଗଡ଼ବଡ଼ପୁଟ ଗ୍ରାମକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଗ୍ରାମବାସୀ ଦାବି କରିବା ସହି ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। କିମ୍ବଦନ୍ତୀ ପୁରୁଷ ଦୟାନଦୀ ତିରିମଲଠାରୁ ୧୨୫ ବର୍ଷ ତଳେ ଗଡ଼ବଡ଼ପୁଟ ଗ୍ରାମର ରାଜ ବଳବନ୍ତରାୟ ନିଜ ଗ୍ରାମରେ କଖାରୁ ଚାଷ କରିବା ପାଇଁ ୨ଟି ପୋଢ଼ ସାହାଯ୍ୟରେ ଦୀର୍ଘ ୬ କି.ମି. ଲଙ୍ଗଳ ମୁନରେ ତାଡ଼ି କଖାରୁ ଜମିକୁ ପାଣି ମଡ଼ାଉଥିବାବେଳେ ସେହି ନାଳଟି ଆଜି ରାଜୁଆ ନଦୀରେ ପରିଣତ ହେବା ସହ ଚିରସ୍ରୋତା ହୋଇପଡ଼ିଛି।

ନଦୀ ଉପରେ ଏକ ଡ୍ୟାମ୍ ରହିଥିବା ବେଳେ ଗଡ଼ବଡ଼ପୁଟ ଗ୍ରାମ ମୁଣ୍ଡ ଦକ୍ଷିଣ ପାର୍ଶ୍ୱରେ ତିନୋଟି ଛୋଟ ଛୋଟ ପାହାଡ଼ ରହିଥିବାବେଳେ ପଶ୍ଚିମ ପାର୍ଶ୍ୱ ଚନ୍ଦ୍ରମଣି ପାହାଡ଼ ଉପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦିବ୍ୟମନ୍ଦିର ରହିଛି। ମନ୍ଦିର ବେଢ଼ାରୁ ପର୍ଯ୍ୟଟକମାନେ ସବୁଜିମାର ମନମୁଗ୍ଧକର ପ୍ରାକୃତିକ ଦୃଶ୍ୟ ସହ ରାଜୁଆ ନଦୀର



ପାହାଡ଼ର ପାଦଦେଶରେ ପ୍ରସିଦ୍ଧ ଶୈବପୀଠ ସିଦ୍ଧମଲିକେଶ୍ୱର ମନ୍ଦିର।

ଡ୍ୟାମ୍, ପ୍ରମୋଦ ଉଦ୍ୟାନ, ବିସ୍ତୃତ ଖେଳପଡ଼ିଆ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ପୂର୍ବପଟେ ଥିବା ରଜ ପାହାଡ଼ରେ ପର୍ଯ୍ୟଟକମାନେ ବଣଭୋଜି ପାଇଁ ବର୍ଷ ସାରା ଭିଡ଼ ରହିଥାଏ। ପାହାଡ଼ର ପାଦଦେଶରେ ପ୍ରସିଦ୍ଧ ଶୈବପୀଠ ସିଦ୍ଧମଲିକେଶ୍ୱର ମନ୍ଦିର। ସେହି ପାହାଡ଼ର ନିମ୍ନ ପାଦଦେଶରେ ମା' ଗଡ଼ଦୁର୍ଗା ମନ୍ଦିର ବହୁ ପୁରାତନ ସମୟରୁ ରହିଛି। କିମ୍ବଦନ୍ତୀ ଅଛି, ଏହି ମନ୍ଦିରରୁ ଫୁଲମାଳ ନେଇ ପାଇକମାନେ ଯୁଦ୍ଧ କରିବାକୁ ଯାଉଥିଲେ। ଗ୍ରାମର ପଶ୍ଚିମପଟେ ରାଜୁ ନଦୀ ଓ ଏଥିରେ ଥିବା ଡ୍ୟାମ୍‌ରେ ପର୍ଯ୍ୟଟକମାନେ ଲଗାତର ଜଳ କ୍ରୀଡ଼ାର ମଜା ନେଇଥାନ୍ତି। ପୁରୀ ଜିଲାର ଏକମାତ୍ର ଗ୍ରାମ ଗଡ଼ବଡ଼ପୁଟ ଯେଉଁଠି ପାହାଡ଼ର ଦୃଶ୍ୟରାଜି, ବଣଭୋଜି ସ୍ଥଳ, ଶ୍ରୀରାମମନ୍ଦିର, ଶିବମନ୍ଦିର, ଗଡ଼ଦୁର୍ଗା ମନ୍ଦିର, ପ୍ରମୋଦ ଉଦ୍ୟାନ, ଜଳକ୍ରୀଡ଼ା ପାଇଁ ରାଜୁଆ ଡ୍ୟାମ୍ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହିସବୁ ସ୍ଥାନରେ ରାଜ୍ୟ ସରକାର ଉନ୍ନତି କରିବା ସହ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଧୀରେନ୍ଦ୍ର ଗୁମାନସିଂହ, କେଦାର ବାହୁବଳେନ୍ଦ୍ର, ଗଣେଶ ହାଉଡ଼ାସିଂହ, ହରି ହାଉଡ଼ାସିଂହ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

**ସାହିତ୍ୟିକ ଶ୍ରୀକାନ୍ତ ବେଉରାଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ମାନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ କଳା ପରିଷଦ କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ସାହିତ୍ୟିକ ଇଂ. ଶ୍ରୀକାନ୍ତ ବେଉରାଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଛି। ଇଂ. ବେଉରା ଏବେ ଓଡ଼ିଆ ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ମୁମ୍ବାଇରେ ରହି ମୁହାଣ ନାମକ ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରକାଶନ କରିବା ସହ ଅନେକ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ୧୮ରୁ ଭାଗବତ ବାସୁଦେବଙ୍କ ମେଳଣ

ଫୁଲନଖରା,୫।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅଢାଳିଆ ଗ୍ରାମରେ ଆସନ୍ତା ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଭାଗବତ ବାସୁଦେବଙ୍କ ମେଳଣ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଅଢାଳିଆସ୍ଥିତ ହନୁମାନଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀତବାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି, ସମ୍ମାନିତ ଅତିଥି ଭାବେ ଗୁଣନିଧି ପଟ୍ଟନାୟକ, ନଳିନୀକାନ୍ତ ସ୍ୱାଇଁ, ଜ୍ୟୋତିର୍ମୟ ବେଉରା, ପ୍ରମୋଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ମେଳଣ ସୁପରିଚାଳନା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସଙ୍କୀର୍ତ୍ତନ, ଘୋଡ଼ାନାଚ ସହ ଅପେରା ପରିବେଷଣ କରାଯିବ। ଦିଲ୍ଲୀପ ସ୍ୱାଇଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବସନ୍ତ ପୃଷ୍ଟି ସହଯୋଗ କରିଥିଲେ। ସନ୍ନ୍ୟାସୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ୱାର୍ଡବାସିନ୍ଦାଙ୍କ ସମସ୍ୟା ବୁଝିଲେ ବିଧାୟିକା

କଟକ, ୫।୪(ଶିଳ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସମେତ କଂଗ୍ରେସର ପ୍ରତିନିଧି ମଣ୍ଡଳୀ ଶନିବାର ସିଏମ୍‌ସିର ୧୮ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ବିଶେଷକରି ଉକ୍ତ ୱାର୍ଡର ବାଙ୍କା ବଜାର, ଆଲାମଚାନ୍ଦ ବଜାର, ଗଙ୍ଗା ମନ୍ଦିର, ବାଉଁଶଗଳି, ସୂତାହାଟ ଅଞ୍ଚଳରେ ଲୋକଙ୍କ ସମସ୍ୟା ସମ୍ପର୍କରେ ବିଧାୟିକା ପଚାରି ବୁଝିବା ସହ ସମାଧାନ ଦିଗରେ ଗୁରୁତ୍ୱ ଦେଇଥିଲେ। ବିଧାୟକ ଉନ୍ନୟନ ପାଣ୍ଠିରୁ ଉକ୍ତ ୱାର୍ଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଏବଂ ମସ୍‌ଜିଦ୍‌ର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବିଧାୟିକାଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସେକ୍ ମିନାଉଦ୍ଦିନ, ବୁଲୁ ସିଂ, ସିଦ୍ଧାନ୍ତ ମହାନ୍ତି, ସେକ୍ ଆବିଦ୍, ସେକ୍ ପାରେ, ଆଫ୍‌ତାବ୍ ନୁର୍, ରେହେମାନ ଖାନ୍ ଓ ଆନନ୍ଦ ରାଓ ଉପସ୍ଥିତ ଥିଲେ ।

# ୬ ନର୍ସିଂହୋମ୍‌ରେ ଚଢ଼ାଉ, ଜରିମାନା ଆଦାୟ

କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶନିବାର ବଜ୍ରକବାଟି କେନାଲ ରୋଡ୍‌ଠାରେ ଥିବା କେତେକ ନର୍ସିଂହୋମ୍‌ରେ ଚଢ଼ାଉ କରି ଲାଇସେନ୍ସ ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚବେଳେ ୬ଟି ନର୍ସିଂହୋମ୍‌ର ପାର୍କିଂ ନ ଥିବା ଓ ଆବାସିକ ଘରେ ପରିଚାଳନା ହେଉଥିବା ଟିମ୍ ପକ୍ଷରୁ କାରଣ ଦର୍ଶାଯାଇଥିଲା। ଫଳରେ ନର୍ସିଂହୋମ୍‌ଗୁଡ଼ିକରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲାଇସେନ୍ସ ଠିକ୍ ଥିବାବେଳେ ଆବାସିକ ଘରେ ଚାଲିବା ଓ ପାର୍କିଂକୁ ଆଳକରି ସିଏମ୍‌ସିର ଅଧିକାରୀ ନିର୍ଦ୍ଦିଷ୍ଟ ଭାବେ କିଛି ନର୍ସିଂହୋମ୍‌କୁ ଟାର୍ଗେଟ କରିଥିବା କେତେକ ନର୍ସିଂହୋମ୍ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। କେନାଲ ରୋଡ୍‌ରେ ଥିବା ୬ଟି ନର୍ସିଂହୋମ୍‌କୁ ଛାଡ଼ି ଦେଲେ ଆଉ ୩ଟି ନର୍ସିଂହୋମ୍‌କୁ ଯାଞ୍ଚ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି, ନର୍ସିଂହୋମ୍ ଯାଞ୍ଚ ଏକ ରୁଟିନ୍ ପ୍ରକ୍ରିୟା। ଯାଞ୍ଚ ସମୟରେ କେତେକ ନର୍ସିଂହୋମ୍ ଆବାସିକ ଘରେ ଚାଲୁଥିବାବେଳେ ପାର୍କିଂ ବ୍ୟବସ୍ଥା ନ ଥିବା ଜଣାପଡିଛି। ଏହି ଦୃଷ୍ଟିରୁ ସେମାନଙ୍କୁ ନୋଟିସ୍ ଦିଆଯିବା ସହ ଜରିମାନା ଆଦାୟ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଢାଉ ସମୟରେ ଡେପୁଟି କମିଶନର, ସହକାରୀ ଅଗ୍ନିଶମ ଅଧିକାରୀ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।



ବଜ୍ରକବାଟି କେନାଲ ରୋଡ୍‌ଠାରେ ଥିବା ଏକ ନର୍ସିଂହୋମ୍‌ରେ ଯାଞ୍ଚ କରାଯାଉଛି।



ଅଶୋକାଷ୍ଟମୀ ଅବସରରେ କଟକ ସନ୍‌ସାଇନ ପଡିଆ ନିକଟରୁ ମା' ମାହେଶ୍ୱରୀଙ୍କ ରୁକୁଣା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

# 'ପ୍ରବନ୍ଧ ରଚନାରେ କୃଷ୍ଣଚରଣଙ୍କ ଅବଦାନ ଉଲ୍ଲେଖଯୋଗ୍ୟ'



ଶ୍ରୀରାମଚନ୍ଦ୍ର ଭବନରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚନ**

କଟକ,୫।୪(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ସାହିତ୍ୟ-ସମାଲୋଚନା, ପ୍ରବନ୍ଧ ରଚନା ଓ ପୋଥି ସମ୍ପାଦନା କ୍ଷେତ୍ରରେ ପ୍ରଫେସର ସାହୁଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ଜଣେ ଛାତ୍ରବତ୍ସଳ ଅଧ୍ୟାପକ, ପତ୍ରିକା ସମ୍ପାଦକ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାର୍ଗଦର୍ଶୀ ଗବେଷକ ଭାବେ ସେ ସୁପରିଚିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସଂଘମିତ୍ରା ମିଶ୍ର, ସମ୍ମାନିତ ଅତିଥି ପ୍ରଫେସର ଉଦୟନାଥ ସାହୁ ଓ ସମ୍ମାନିତ ବକ୍ତା ଭାବେ ଡକ୍ଟର ତମସାରାଣୀ ଦାସମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ସାହୁଙ୍କ ଜାମାତା ଡା. ବିଜୟ କୁମାର ସେନାପତି ସ୍ମୃତିଚାରଣ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ଅତିଥିଙ୍କୁ ସ୍ୱାଗତ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ବିଜୟଲକ୍ଷ୍ମୀ ନାୟକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ରାଧାଶ୍ୟାମ ରାଉଳ ଧନ୍ୟବାଦ ଦେଇଥିଲେ। ଏଥିରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ମୁରଲୀଧର ଶତପଥୀ, ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁଙ୍କ ସମେତ ଅନେକ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଜଳଖିଆ ଦୋକାନ ଜଳିଗଲା

ମଙ୍ଗୁଳି-ଜଗତପୁର,୫।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବରପଦା ବଜାରରେ ଶନିବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି କରୁଣାକର ମହାନ୍ତିଙ୍କ ଜଳଖିଆ ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଦୋକାନ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ସର୍ଟସର୍କିଟ୍ ଘଟି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

### କ୍ରୀଡ଼ା ଖବରଦାତାଙ୍କ ପିତୃ ବିୟୋଗ

କଟକ, ୫।୪ (କାର୍ତ୍ତିକ ସାହୁ)

ବରିଷ୍ଠ କ୍ରୀଡ଼ା ଖବରଦାତା ଦେବୀ ପ୍ରସନ୍ନ ମହାନ୍ତିଙ୍କ ପିତା ସଚ୍ଚିଦାନନ୍ଦ ମହାନ୍ତି ୮୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶନିବାର ପ୍ରତ୍ୟୁଷରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଜସ୍ୱ ବୋର୍ଡର ଅଧିକାରୀ ଭାବେ ଅବସର ନେଇଥିବା ସ୍ୱର୍ଗତ ମହାନ୍ତିଙ୍କର ୩ ପୁଅ ଓ ଜଣେ କନ୍ୟା ସନ୍ତାନ ଅଛନ୍ତି। ଶନିବାର ଅପରାହ୍ଣରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ମଝିଆ ପୁଅ ଦିଲୀପଚାନ୍ଦ ମହାନ୍ତି ମୁଖାଗ୍ନି ଦେଇଛନ୍ତି। ସଚ୍ଚିଦାନନ୍ଦଙ୍କ ପରଲୋକ ଖବର ଆସିବା ପରେ କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପିଚୁରାସ୍ତାରେ ଗଡ଼ିବେନି ଶ୍ରଦ୍ଧାଳୁ



**ହାଇକୋର୍ଟରେ ଦଣ୍ଡନୃତ୍ୟ ମାମଲା**

■ଜାତୀୟ ରାଜପଥ ହେବନି ଅବରୋଧ

କଟକ,୫।୪(କାର୍ତ୍ତିକ ସାହୁ)

କନ୍ଧମାଳ ଜିଲା ବାଲିଗୁଡ଼ିଠାରେ ଦଣ୍ଡନୃତ୍ୟ ପାଇଁ ଜାତୀୟ ରାଜପଥ ନଂ.୫୯ ଅବରୋଧ ହେବନାହିଁ। ଶ୍ରଦ୍ଧାଳୁମାନେ ପିଚୁ ରାସ୍ତାରେ ଗଡ଼ିବେ ନାହିଁ। ଏନେଇ ଉପଯୁକ୍ତ ପଦକ୍ଷେପ ନେବାକୁ କନ୍ଧମାଳ ଜିଲାପାଳ, ଏସ୍‌ପି ଓ ବାଲିଗୁଡ଼ା ଉପଜିଲାପାଳଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଏ ସଂକ୍ରାନ୍ତୀୟ ମାମଲାର ଶନିବାର ଶୁଣାଣି କରି ରାଜପଥ ନିକଟରେ ଥିବା ରାସ୍ତାରେ ଶ୍ରଦ୍ଧାଳୁମାନେ ପାରମ୍ପରିକ ଭାବେ ଗଡ଼ିପାରିବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ଆହୁରି ମଧ୍ୟ ଆଦେଶ ଦେଇଛନ୍ତି ଯେ, ଜାତୀୟ ରାଜପଥ ଯେପରି ଅବରୋଧ ନ ହେବ ଏବଂ ଗାଡ଼ିରେ ଯାଉଥିବା ଲୋକଙ୍କର ଯେପରି କୌଣସି ଅସୁବିଧା ନ ହେବ ସେନେଇ ଉପରୋକ୍ତ ଅଧିକାରୀମାନେ ନିଶ୍ଚିତ କରାଇବେ।

ମାମଲାର ବିବରଣୀ ଅନୁସାରେ, ବାଲିଗୁଡ଼ାରେ ହେଉଥିବା ଦଣ୍ଡଯାତ୍ରା କନ୍ଧମାଳ ଓ ଗଞ୍ଜାମ ଜିଲାର ୧୦୦ ବର୍ଷର ପରମ୍ପରା। ଏହି ଯାତ୍ରାରେ ବିଭିନ୍ନ ଗ୍ରାମର ଜନସାଧାରଣ ଏକତ୍ରିତ ହୋଇଥାନ୍ତି। ଦଣ୍ଡଯାତ୍ରା ପାଳନ ପାଇଁ ପ୍ରତି ଗ୍ରାମରେ ଦଣ୍ଡନୃତ୍ୟ କମିଟି ଗଠନ ହୋଇଛି। ପ୍ରତିବର୍ଷ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ଭାଗନେବା ପାଇଁ ଆଗ୍ରହୀ ଶ୍ରଦ୍ଧାଳୁ ୧୪ ଦିନ ଧରି ଉପବାସ ରହିବା ସହ ଅନ୍ୟାନ୍ୟ ବିଧି ପାଳନ କରିଥାନ୍ତି। ବାଲିଗୁଡ଼ା ବ୍ଲକରେ ଥିବା ୨୦ଟି ଦଣ୍ଡନୃତ୍ୟ କମିଟି ମଧ୍ୟରୁ ୧୩ଟି କମିଟିକୁ ବିଭିନ୍ନ ତାରିଖରେ ଦଣ୍ଡନୃତ୍ୟ ପରିବେଷଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହି ଦଣ୍ଡନୃତ୍ୟ ଯାତ୍ରାରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ଉକ୍ତ ରାଜପଥରେ ହେବା ଅନୁମାନ କରାଯାଉଛି। ପାରମ୍ପରିକ ରୀତି ଅନୁଯାୟୀ, ଶ୍ରଦ୍ଧାଳୁମାନେ ଖୋଲାଦେହରେ ରାସ୍ତାରେ ଗଡ଼ିବେ। ଏହାଦ୍ୱାରା ସେମାନଙ୍କ ଶରୀରରେ କ୍ଷତି ଘଟିବା ଆଶଙ୍କା ରହିଛି। ଜାତୀୟ ରାଜପଥ ପିଚୁ ହୋଇଥିବାରୁ ଦେହରେ କପଡ଼ା ନ ଥାଇ ଜଣେ ବ୍ୟକ୍ତି ଗଡ଼ିଲେ ସ୍ୱାସ୍ଥ୍ୟଗତ ହାନି ହେବ। ଏଥିସହ ରାଜପଥରେ ଗାଡ଼ିରେ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆବେଦନକାରୀ ଚିତ୍ତରଞ୍ଜନ ନାୟକ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁଜାତା ଜେନା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ପି.ପି. ବେହେରା ମାମଲା ପରିଚାଳନା କରୁଥିଲେ।

# 'ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ'

କଟକ,୫।୪(କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ। ସେମାନଙ୍କ ଦୁଃଖ ଓ ଯନ୍ତ୍ରଣା ଅନୁଭବ କରିବାର ଦାୟିତ୍ୱ ବିଚାରପତିମାନଙ୍କର। ଯୁବ ଆଇନଜୀବୀଙ୍କ ମଧ୍ୟରେ ଆଇନ ପ୍ରତି ଆଗ୍ରହ ଓ ସାମାଜିକ ପ୍ରତିବଦ୍ଧତା ସେମାନଙ୍କୁ ଆଇନ ପେସାର ଶୀର୍ଷତମ ସ୍ତରରେ ପହଞ୍ଚାଇ ପାରିବ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କହିଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଟଣ୍ଡନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ବୌଦ୍ଧିକ ଦିଗ ଶକ୍ତିଶାଳୀ ହେଲେ ଆଇନର ବିକାଶ ଦିଗରେ ସହାୟକ ହେବ।

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅଧ୍ୟକ୍ଷତା କରି ପରିଷଦର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଡ୍‌ଭୋକେଟ୍ ଏକାଡେମୀ ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପାନନ୍ଦ ଦାଶ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭକ୍ତ ଭୂଷଣ ବାରିକ ମୁଖ୍ୟ ବିଚାରପତିଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ଓ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ବାର୍ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଭାରତୀୟଙ୍କୁ ଏକତା ସୂତ୍ରରେ ବାନ୍ଧିରଖିଛି ହିନ୍ଦୀ ଭାଷା'

କଟକ,୫।୪(କାର୍ତ୍ତିକ ସାହୁ)




ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ହିନ୍ଦୀ ଭାଷା ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରିଛି। ଭାରତୀୟଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ହିନ୍ଦୀ ଭାଷା ସଫଳ ହୋଇପାରିଛି। ପୁରୁଣା ସଚିବାଳୟ ମାର୍ଗସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ବାର୍ଷିକ ଉତ୍ସବ ମହ୍ଲାର-୨୦୨୫କୁ ମୁଖ୍ୟ ଅତିଥି ଆଞ୍ଚଳିକ ଶିକ୍ଷା ସଂସ୍ଥାନ ଭୁବନେଶ୍ୱର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଉଦ୍‌ଘାଟନ କରି ଏହା କହିଛନ୍ତି।

ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂସ୍ଥାନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଲଲାଟେନ୍ଦୁ ବସୁ ଯୋଗଦେଇ ହିନ୍ଦୀ ଭାଷା ଶିକ୍ଷାର ଗୁଣାତ୍ମକ ବିକାଶ କ୍ଷେତ୍ରରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପଣ୍ଡା ହିନ୍ଦୀ ଶିକ୍ଷାର ବିକାଶରେ ଓଡ଼ିଶାର ବିକାଶ ଅବଶ୍ୟମ୍ଭାବୀ ବୋଲି କହିଥିଲେ। ଛାତ୍ରସଂଘ ସଭାପତି ଓମ୍ ପ୍ରକାଶ ବେଦବାକ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ପୂର୍ବତନ ଅଧ୍ୟକ୍ଷ ଡ. ଅଜିତ ପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସୁନିମା ବେହେରାଙ୍କୁ ସ୍ୱର୍ଗତା ଅନସୂୟା ପ୍ରସାଦ ପାଠକ ସ୍ମୃତି ସମ୍ମାନ ଏବଂ ସରିତା କୁମାରୀ ସାହୁଙ୍କୁ ବିନୀତା ପାଠକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ପ୍ରୀତିପ୍ରଜ୍ଞା ବିବରଣୀ ପାଠ ଏବଂ ଡ. ଲୋପାମୁଦ୍ରା ବେହେରା ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା 'ସୃଷ୍ଟି' ଉନ୍ମୋଚିତ ହେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଜାନକୀ ଝା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ, ସମ୍ବଲପୁରୀ, ଛତିଶଗଡ଼ୀ ନୃତ୍ୟ ପ୍ରଦର୍ଶନ ସହ ବୁଢ଼ାଶଙ୍ଖାରୀ ଲଘୁନାଟକ ମଞ୍ଚସ୍ଥ କରିଥିଲେ। ଡ. ଅର୍ଜୁନ ନାଏକ, ଡ. ଶତାବ୍ଦୀ ବେହେରା, ଡ. ନଗୀନା ବାନୋ, ଡ. ପ୍ରିୟଙ୍କା ସ୍ୱାଇଁ, ରାଜୀବ ଲୋଚନ ସାହୁ, ଡ. ପ୍ରାଚୀ ପଟ୍ଟନାୟକ, ଡ. ସୁନୀତା ଆଚାର୍ଯ୍ୟ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଫଟୋରେ ଖବର




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ଡିପାର୍ଟମେଣ୍ଟ ଅଫ୍ ପଲିଟିକାଲ ସାଇନ୍ସ ପକ୍ଷରୁ ଶନିବାର ଅନୁଷ୍ଠିତ ବାର୍ଷିକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।




କଟକ ଶତାବ୍ଦୀ ଭବନରେ ଶନିବାର ଅନୁଷ୍ଠିତ କଟକ ୱାକର୍ସ କ୍ଲବ୍‌ର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ବିଳମ୍ବରେ ଗଡ଼ିଲା ବିଜୟା ରଥ



ବିଜୟା ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।



ଠାକୁରଙ୍କୁ ରଥକୁ ନିଆଯାଉଛି।

ନିରାକାରପୁର,୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଅଶୋକାଷ୍ଟମୀ ଅବସରରେ ଶନିବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡ଼ିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥର ନିର୍ଦ୍ଧାରିତ ସମୟର ଘଣ୍ଟାଏ ବିଳମ୍ବ ଅର୍ଥାତ୍ ସନ୍ଧ୍ୟା ୬ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରୁ ମନ୍ଦିର ଖୋଲାଯାଇ ଶ୍ରୀଜୀଉଙ୍କୁ ସ୍ନାନମାର୍ଜଣା କରାଯାଇଥିଲା। ପରେ ମଙ୍ଗଳ ଆଳତିରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ଅନ୍ୟପଟେ ଭୋରୁ ନିଃସନ୍ତାନ ମହିଳାମାନେ ଠାକୁରଙ୍କ ପହିଲି ଗରାଜଳରେ ମହାସ୍ନାନ କରିଥିଲେ। ତେବେ ଶୁଖିଲି ଭୋଗ ଓ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କୁ ମଣ୍ଡପକୁ ବିଜେ କରାଯାଇଥିଲା। ନିମନ୍ତ୍ରଣ ରକ୍ଷାକରି ପଡ଼ୋଶୀ ଆରେଡ଼ି ଗ୍ରାମର କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କୁ କ୍ରିୟାନୁଷ୍ଠାନ ପକ୍ଷରୁ ଏକ ଶୋଭାଯାତ୍ରାରେ ଅଣାଯାଇ ଆଡ଼ପ ମଣ୍ଡରେ ଉପବେଶନ କରାଯାଇଥିଲା। ସେଠାରେ ଠାକୁରମାନଙ୍କୁ ସାମୂହିକ ଭୋଗଲାଗି କରାଯିବା ପରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଠାକୁରମାନଙ୍କୁ ଏକ ବିରାଟ ପଟୁଆରରେ ନିଆଯାଇ ରଥାରୂଢ଼ କରାଯାଇଥିଲା। ହରିବୋଲ, ହୁଳହୁଳି, ନାମ ସଂକୀର୍ତ୍ତନ, ଘଣ୍ଟ, ତୂରୀ, ମୃଦଙ୍ଗ ଶବ୍ଦରେ ପୀଠ ଉତ୍ସବମୁଖର ହୋଇଉଠିଥିଲା। ଅପରାହ୍ନ ୫ଟାରେ ରଥ ଟଣାହେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଶ୍ରୀଜୀଉମାନେ ରଥରେ ଆସୀନ ହେବା ପରେ ସନ୍ଧ୍ୟା ୬ଟାରେ ଉପଜିଲାପାଳ କିଶୋର କୁମାର ପଣ୍ଡା, ତହସିଲଦାର ମିତାଲି ପାତ୍ର, ଅତିରିକ୍ତ ତହସିଲଦାର ଶାନ୍ତନୁ ମଲ୍ଲିକ ଓ ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପ୍ରମୁଖ ରଥ ଟାଣିବା ପରେ ଭକ୍ତମାନେ ଏହି ରଥକୁ ଟାଣିଥିଲେ। ଫଳରେ ରଥ ଭେଟବାଲି ଦେଇ ଗହୀର ଜମି ମଧ୍ୟରେ ପଣାକିଆରି(ବେଦବାଡ଼ି)ରେ ରାତି ୮ଟାରେ ପହଞ୍ଚିଥିଲା। ଠାକୁର ବେଦବାଡ଼ିରେ ରଥ ଉପରେ ବିଶ୍ରାମ ନେବେ ପରେ ରବିବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳବେହେରାମାନେ ସାମିଲ ହୋଇଥିଲେ। ଡ. ସଞ୍ଜୟ କୁମାର ମହାପାତ୍ର, ଡ.ପୂର୍ଣ୍ଣ ଚନ୍ଦ୍ର ଦାଶ, କମଳ ଲୋଚନ ପ୍ରଧାନ, ଶ୍ୟାମସୁନ୍ଦର ପଟ୍ଟନାୟକ, ଅପର୍ତ୍ତି ଜେନା ପ୍ରମୁଖ ଯୋଗଦେଇ ଠାକୁରଙ୍କ ଧାରାବିବରଣୀ ପ୍ରଦାନ କରିଥିଲେ। ରଥଯାତ୍ରରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ଭୋଗ, ଜଳଖିଆ, ଚଟପଟି ଓ ଘରକରଣା ଦୋକାନରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ନିରାକାରପୁର ବଣିକ ସଂଘ ପକ୍ଷରୁ ଦହିପଣା ବ୍ୟବସ୍ଥା କରାଯାଇଥିବା ବେଳେ ନିଖିଳ ଉତ୍କଳ ଖଣ୍ଡୁରା ସମାଜ ପକ୍ଷରୁ ଉପମା, ପାଣି ପାଉଚ ବଣ୍ଟନ କରାଯାଇଥିଲା। ରଥଯାତ୍ରା ଉପଲକ୍ଷେ ଡିଆ, ଭୋଇସାହି, କୋଲସାହି, ଭଟ୍ଟସାହି ଓ କପିଳେଶ୍ୱରପୁରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

**ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା**

## ଭାଗବତ ବାସୁଦେବଙ୍କ ମେଳଣ ଆରମ୍ଭ



ଜଟଣୀ,୫।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଜଟଣୀ ଗାଁ ହାଟବଜାରରେ ଶନିବାର ଜମାଣ ରାତିରୁ ଆରମ୍ଭ ହୋଇଛି ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ। ଏହି ଅବସରରେ ମେଳଣ କମିଟି ଏବଂ ଜଟଣୀ ଗାଁ ହାଟବଜାର ଗୋପୀନାଥପୁର ଗ୍ରାମବାସୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ରାତି ୧୨ଟାରେ ଥାନପତି ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରମାନେ ବିମାନରେ ମେଳଣ ପଡ଼ିଆକୁ ଆସିଥିଲେ। ମେଳଣ ପଡ଼ିଆ ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଏବଂ ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଥିଲା। ଭାଗବତ ବାସୁଦେବ ଘଣ୍ଟଘଣ୍ଟା, ଭେରି, ତୂରୀ ଆଲଟଚାମର, ପାରମ୍ପରିକ ନୃତ୍ୟ ବାଜାରେ ମେଳଣ ପଡ଼ିଆକୁ ଆସି ନିଜ ଆସ୍ଥାନରେ ଖୁଣ୍ଟି ଲାଗି ହୋଇଥିଲେ। ମେଳଣ କମିଟିର ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ଜଟାଧାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୌର ପ୍ରଶାସନ ପକ୍ଷରୁ ମେଳଣ ପଡିଆରେ ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା ହୋଇଥିଲା।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆ,୫।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଚିନ୍ମୟୀ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ବନ୍ଦିତା ବେହେରା, ବିପିଏମ୍ ସସ୍ମିତା ମହାପାତ୍ର, ବିପିସି ଦୀପ୍ତିମୟୀ ପ୍ରଧାନ, ସହକାରୀ କୃଷି ଅଧିକାରୀ ଶୁଭ୍ରାନ କୁମାର ରାଉଳ, ଚିନ୍ମୟୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ୨୧ଟି ପଞ୍ଚାୟତର ମହିଳା ଗୋଷ୍ଠୀଙ୍କୁ ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ଛତୁ, ଫୁଲ, କୁକୁଡ଼ା, ଛେଳି ଓ ଗାଈ ଚାଷ ସମ୍ପର୍କରେ ଅବଗତ କରିଥିଲେ। ସହକାରୀ ଉଦ୍ୟାନ କୃଷି ବିଭାଗର ପରିଦର୍ଶିକା ହୁଲାସ ଦେଇ ଧନ୍ୟବାଦ ଦେଇଥିଲେ। ଆଶିଷ ଦଳବେହେରା ଓ ଗୀତାଞ୍ଜଳି ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଜିଠୁ ରାମଲୀଳା ନାଟକ ଓ ରାବଣପୋଡ଼ି ଉତ୍ସବ

ବେଗୁନିଆ,୫।୪(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମସ୍ଥିତ ତଳସାହିର ରଘୁନାଥ ଦେବଙ୍କ ପୀଠ ପରିସରରେ ରାମଲୀଳା ନାଟକ ଓ ରାବଣପୋଡ଼ି ଉତ୍ସବ ୧୦ଦିନ ଧରି ଅନୁଷ୍ଠିତ ହେବ। ୬ତାରିଖରେ ଶ୍ରୀରାମ ନବମୀ ଓ ଶ୍ରୀରାମ ଜନ୍ମ, ୭ରେ ସୀତା ବିବାହ, ୮ରେ ରାମ ବନବାସ, ୯ରେ ସୀତା ଚୋରି, ୧୦ରେ ବାଳି ବଧ, ୧୧ରେ ଲଙ୍କାପୋଡ଼ି, ୧୨ରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ, ୧୩ରେ ମହିରାବଣ ବଧ, ୧୪ରେ ପଣା ସଂକ୍ରାନ୍ତି ଏବଂ ୧୫ତାରିଖରେ ରାବଣପୋଡି ଉତ୍ସବ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠି ତ ହେବ। ଅନ୍ତିମ ଦିବସରେ ରାବଣପୋଡ଼ି ଉତ୍ସବ ସହ ଏକ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ଆତସବାଜି, ପ୍ରବଚନ ଓ ସମ୍ମାନ ପର୍ବ କାର୍ଯ୍ୟକ୍ରମ ହେବ ବୋଲି ରଘୁନାଥ ଦେବ ନାଟ୍ୟ ସଂସଦର କର୍ମକର୍ତ୍ତା କହିଛନ୍ତି।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଳାଇଙ୍କ ସିଦ୍ଧିଦାତ୍ରୀ ବେଶ।
(ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)



ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ମହାଗୌରୀ ବେଶ।
(ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଟାଙ୍ଗୀ,୫।୪(ରଘୁନାଥ ସାହୁ)

କାଳୁପଡ଼ାଘାଟ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ଦ୍ୱାଦଶାହ ଦିବସରେ ଟାଙ୍ଗୀ ବାସଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ନାଥ ଶର୍ମା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପୂଜ୍ୟପୂଜା ପରିଷଦ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଣ୍ଡିତ ପ୍ରଦ୍ୟୁମ୍ନ କୁମାର ସାଥୁଆ ଗୀତା ପାଠ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ପ୍ରଧାନ, ବୀରେନ ସାହୁ, ଶିକ୍ଷୟିତ୍ରୀ ବି. ସଂଘମିତ୍ରା, ଖବରଦାତା ରଘୁନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁ, ପଞ୍ଚାନନ ପ୍ରଧାନ, ପ୍ରସନ୍ନ ଶ୍ରୀଚନ୍ଦନ, ଭଗବାନ ଗୁରୁ, ଦିଲୀପ ନାଥ, ଅଧ୍ୟାପକ ସୁବାସ ଶ୍ରୀଚନ୍ଦନ, ବର୍ଷା ସାହୁ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ସାହୁ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏଚ୍‌ଆଇ ୬-ଲେନ୍ ରିଂ ରୋଡ୍ ପ୍ରକଳ୍ପ ଜନଶୁଣାଣି



ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନ ୬-ଲେନ ଓଡ଼ିଶା ରାଜଧାନୀ ଅଞ୍ଚଳ ରିଂ ରୋଡ୍ କଟକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲା ମଧ୍ୟ ଦେଇ ରାମେଶ୍ୱର ଜାତୀୟ ରାଜପଥ-୧୬ରୁ ଗୋବିନ୍ଦପୁର ଜାତୀୟ ରାଜପଥ-୫୫ ପର୍ଯ୍ୟନ୍ତ ପ୍ରାୟ ୭୦.୯୯୫ କି.ମି. ଖୋର୍ଦ୍ଧା ଜିଲା ମଧ୍ୟ ଦେଇ ଯିବ। ଶନିବାର ପୂର୍ବାହ୍ନରେ ଏନେଇ ସ୍ଥାନୀୟ ହାବେଳି ପଡିଆରେ ଜାତୀୟ ସଡକ ପଥ ପ୍ରକଳ୍ପର ଜନଶୁଣାଣି ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପରେ ପରିବେଶ ସଂକ୍ରାନ୍ତୀୟ ବିଷୟ ଉପରେ ଆସିଥିବା ଅଭିଯୋଗର ଜନଶୁଣାଣି କରାଯାଇଛି। ଏହି ଶିବିରରେ ଉପଜିଲାପାଳ କିଶୋର କୁମାର ପଣ୍ଡା, ତହସିଲଦାର ନିବେଦିତା ପରିଡା, ତହସିଲଦାର (ଟାଙ୍ଗୀ) ମିତାଲି ପାତ୍ର, ତହସିଲଦାର(ବେଗୁନିଆ) ବିଜୟ କୁମାର ସେଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ସୌମେନ୍ଦ୍ର ମହାନ୍ତି, ପରିଚାଳକ ରାଜୀବ କୁମାର, ପରାମର୍ଶଦାତା ଉମାକାନ୍ତ ପାଣି ପ୍ରମୁଖ ଯୋଗଦେଇଥିଲେ। ଅଭିଯୋଗ ଶିବିରରେ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ, ଜନପ୍ରତିନିଧିଙ୍କ ସମେତ ୧୫୦ ଗ୍ରାମବାସୀ ଯୋଗଦେଇ ପରିବେଶକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଉପରେ ଆପତ୍ତି ଆଣିଥିଲେ। ପ୍ରକଳ୍ପ ନିର୍ମାଣରେ କେତେ ଗଛ କଟାଯିବ, ପ୍ରାକୃତିକ ଜଳ ଉତ୍ସ ପ୍ରଭାବିତ ହେବ ସେ ସମ୍ପର୍କରେ ଆପତ୍ତି ଉଠାଇବା ସହ ଏହାର ସମାଧାନ ଦାବି କରିଥିଲେ। ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ, ପଶୁପକ୍ଷୀଙ୍କ ବାସସ୍ଥଳୀ ନିମନ୍ତେ ଜଙ୍ଗଲ ସୃଷ୍ଟି, ହାତୀ ରହଣି ଏବଂ ସେମାନଙ୍କ ଯିବାଆସିବା ରାସ୍ତା, ପ୍ରକଳ୍ପ ନିର୍ମାଣ ସମୟରେ ଆଧୁନିକ ପଦ୍ଧତିରେ ବାୟୁ ଓ ଜଳ ପ୍ରଦୂଷଣ ରୋକିବା ଦିଗରେ ଅତିରିକ୍ତ ଜିଲାପାଳ ପ୍ରଧାନ ଆପତ୍ତିକାରୀଙ୍କୁ ବୁଝାଇଥିଲେ। ପରିବେଶ ଉପରେ ଯେଭଳି କୌଣସି କ୍ଷତିକାରକ ପ୍ରଭାବ ନ ପଡେ ସେଥିପ୍ରତି ରାଜ୍ୟ ସରକାର, ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

## ଜାଲରେ ପଡ଼ିଲା ଶାଙ୍କୁଚ



ଟାଙ୍ଗୀ,୫।୪ (ରଘୁନାଥ ସାହୁ): ଚିଲିକା ମଗରମୁହଁ ନିକଟରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି ବିରଳ ପ୍ରଜାତିର ଶାଙ୍କୁଚ ମାଛ। ଏହାର ଓଜନ ପ୍ରାୟ ୩୦କେଜି ହେବ। ଖୋର୍ଦ୍ଧା ଜିଲା ସୋରଣ ମାନସିଂହପୁର ପଞ୍ଚାୟତର ମନିଆ ବେହେରା ଚିଲିକାରେ ମାଛ ଧରିବା ବେଳେ ଜାଲରେ ମାଛଟି ପଡ଼ିଥିଲା। ଏହି ପ୍ରଜାତିର ମାଛ ପୂର୍ବରୁ କେବେ କାହାର ଜାଲରେ ପଡ଼ିଥିବା ଦେଖି ନ ଥିବା ମତ୍ସ୍ୟଜୀବୀ ମନିଆ କହିଛନ୍ତି। ଏହି ମାଛର ଔଷଧୀୟ ଗୁଣ ଥିବାରୁ ବଜାରରେ ଏହାର ମୂଲ୍ୟ ଅଧିକ ରହୁଥିବା ଆଲୋଚନା ହେଉଛି।

## ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି ସମ୍ପନ୍ନ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ଅଶୋକାଷ୍ଟମୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଉକ୍ତ ଦିନ ଶ୍ରୀମନ୍ଦିରରୁ ଲୋକନାଥ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେକରି ସେଠାରେ ନୀତି ସମ୍ପନ୍ନ କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ସମ୍ପନ୍ନ ହେବା ପରେ ଭଣ୍ଡାରଘରୁ ଶ୍ରୀଲୋକନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆଣି ପ୍ରଭୁ ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ହାତରେ ଶ୍ରୀଲୋକନାଥଙ୍କୁ ଆଣି ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗ୍ରହଣରେ ବିମାନବଡୁ ସେବକମାନେ ପ୍ରଥମେ ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଥିବା ଈଶାନେଶ୍ୱର ବା ଐଶାନେଶ୍ୱର ମହାଦେବ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଖୁଣ୍ଟିଆ ଏକ ଖଣ୍ଡ ଅମୁଣିଆ ମାଳ ନେଇ ଭିତରଛୁ ସେବକଙ୍କୁ ପ୍ରଦାନ କରିଥିଲେ। ପରେ ଉକ୍ତ ଅମୁଣିଆ ମାଳଟିକୁ ଭିତରଛୁ ସେବକ ଈଶାନେଶ୍ୱରଙ୍କୁ ଲାଗି କରାଇ ମାଳଟି ଲୋକନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶୀତଳ ଭୋଗ ମଣୋହି ହେବା ସହ କର୍ପୂର ଆରତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ବିମାନବଡୁ ସେବକମାନେ ଲୋକନାଥଙ୍କୁ ପାଲିଙ୍କିରେ ସିଂହଦ୍ୱାର ଦେଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ମଇଲମ, ଅବକାଶ କରାଯାଇ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ଭିତରଛୁଙ୍କ ଦ୍ୱାରା ବନ୍ଦାପନା ଅନୁଷ୍ଠିତ ହେବା ପରେ ଶ୍ରୀଲୋକନାଥଙ୍କୁ ଅଶୋକ କଢ଼ି ଲାଗି କରାଯାଇଥିଲା। ପରେ ଶ୍ରୀଲୋକନାଥ ସେବାୟତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ବାଦୀପାଲା ଉଦ୍‌ଯାପିତ

ବେଗୁନିଆ,୫।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ଗୁଡୁମ ଗ୍ରାମର ଆରାଧ୍ୟ ବକ୍ରେଶ୍ୱର ଦେବଙ୍କ ପୀଠରେ ପାଞ୍ଚଦିନ ଧରି ଚାଲିଥିବା ୩୯ତମ ବାର୍ଷିକ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀଧର ପଣ୍ଡା ଶର୍ମା ଓ ପ୍ରମୋଦ କୁମାର ସାହୁ ଯୋଗଦେଇ ପାଲା ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଏକାଠି ଦୌଡ଼ିଲେ, ସଂଗ୍ରାମୀଙ୍କ ଜୀବନୀ ଜାଣିବାକୁ ପରାମର୍ଶ

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଖୋର୍ଦ୍ଧା ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏକ ଐତିହ୍ୟ ଗଣଦୌଡ଼ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆଙ୍କ ଅସ୍ମିତା, ଓଡ଼ିଶାର ସଂସ୍କୃତି, ବୈଭବ, ପରମ୍ପରା, ବୀରତ୍ୱ ଏବଂ ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ ଏହି ଐତିହାସିକ ଗଣଦୌଡ଼ର ଲକ୍ଷ୍ୟ। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବିଡିଓ କ୍ଷୀରାବ୍ଧି ତନୟା ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଯୁବକମାନଙ୍କୁ ନିଜ ମାଟିର ବରପୁତ୍ର, ସଂଗ୍ରାମୀଙ୍କ ଜୀବନୀ ଇତିହାସ ଜାଣିବାକୁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଗଣଦୌଡ଼ରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ପରିଚାଳନା କରିଥିବା ବେଳେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, କ୍ରୀଡାବିତ୍, ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।




ଐତିହ୍ୟ ଗଣଦୌଡ଼ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଅଶୋକାଷ୍ଟମୀରେ ଅଶୋକ ଫୁଲରେ ପୂଜାପାଇଲେ ମା'ଭଗବତୀ

ବାଣପୁର,୫।୪(ଦିଲୀପ କୁମାର ସ୍ୱାଇଁ)

ମା'ଭଗବତୀ ଶନିବାର ଚୈତ୍ର ଶୁକ୍ଳ ଅଷ୍ଟମୀ ତିଥିରେ ଗତିଶ୍ୱର ଦେବଙ୍କ ନିମନ୍ତ୍ରଣ ରକ୍ଷା କରି ଦକ୍ଷେଶ୍ୱର ଦେବ, ଗୋପୀନାଥ ଦେବ ଏବଂ ରଙ୍ଗନାଥ ଦେବଙ୍କୁ ସାଥିରେ ନେଇ ଥାଟପଟୁଆର ଆଲଟ, ଚାମର, ଛତ୍ର ତ୍ରାଶ ସହ ନିଯୋଗୀ ସେବାୟତଙ୍କ ସାଥିରେ ବାଣପୁରର ଦକ୍ଷିଣ ଦିଗ ଭାଲେରି ପାହାଡ଼ ପାଦଦେଶରେ ପ୍ରବାହିତ ଶାଳିଆ ନଦୀକୂଳରେ ଥିବା ମାଳି ଗୋବିନ୍ଦପୁର ଗ୍ରାମର ଆରାଧ୍ୟ ଗତିଶ୍ୱର ଦେବଙ୍କ ପୀଠକୁ ଯାତ୍ରା କରି ସେଠାରେ ବିଜେ କରିଥିଲେ। ପରିଚ୍ଛା ପୂଜକ କୃତ୍ତିବାସ ମହାପାତ୍ର ମା'ଙ୍କୁ ଚନ୍ଦନ, କଜ୍ଜଳ, ସିନ୍ଦୂର, ପୁଷ୍ପ, ଦୀପଧୂପ ଏବଂ ଆଲଟ ସେବା କରାଇ ସ୍ୱାଗତ କରିବା ପରେ ପୀଠରେ ଆସନ ଉପରେ ବିଜେ କରାଇଥିଲେ। ପଣସପତ୍ର ଠୋଲାରେ ଅଶୋକ ଫୁଲ ଏବଂ ଶୀତଳମଣୋହି ପଇଡ଼କୁ ଷୋଡ଼ଷ ଉପଚାରରେ ଧୂପ କରାଯାଇଥିଲା। ଏହିପରି ଦ୍ୱିତୀୟ ଧୂପ ପରେ ମା'ରାତିରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ନିଶଙ୍କୁଡ଼ି କାକରା ଓ ପଇଡ଼ ଧୂପ ହୋଇ ପରଦିନ ସକାଳୁ ବାହୁଡ଼ିବା ବେଳେ ବାଟରେ ପୂଜକ ସାଆନ୍ତ ପରିଚ୍ଛାଙ୍କ ଦ୍ୱାରମାନଙ୍କରେ ପଙ୍କ୍ତି ଖାଇ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବିଜେ କରିବେ। ମା'ଙ୍କ ପୀଠରେ ବାରମାସରେ ତେରଯାତ୍ରା ମଧ୍ୟରୁ ଅଶୋକାଷ୍ଟମୀ ଏକ ବଡ଼ଯାତ୍ରା। ମା'ଭଗବତୀ ଏହିଦିନ ଦକ୍ଷିଣ ଦିଗ ରକ୍ଷାକାରିଣୀ ଭାଲେରି ପାହାଡ଼ ଗୁମ୍ଫାରେ ପୂଜିତା ଓଡ଼ିଶାର ଅନନ୍ୟ ଶକ୍ତିପୀଠ ଭଉଣୀ ନାରାୟଣୀଙ୍କ ପୀଠକୁ ଯାତ୍ରା କରି ସେଠାରେ ଏହିପରି ଅଶୋକ ଫୁଲ ଓ ଶୀତଳ ମଣୋହି ପଇଡ଼, କାକରା ଭୋଗ ଲାଗି ହୋଇ ଆଗାମୀ ଶାରଦୀୟ ପର୍ବକୁ ମା'ନାରାୟଣୀଙ୍କୁ ନିମନ୍ତ୍ରଣ କରି ସାଥିରେ ମା'ଙ୍କ ଆଜ୍ଞାମାଳ ନେଇ ଫେରୁଥିବା କଥା କିମ୍ବଦନ୍ତୀରୁ ଜଣାପଡ଼େ। ତତ୍କାଳୀନ ଖଲିକୋଟ ଗଡ଼ଜାତର ମର୍ଦ୍ଦରାଜ ରାଜପରିବାରଙ୍କ ଦ୍ୱାରା ଦୁଇ ଭଉଣୀଙ୍କ ସେବାପୂଜାର ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିଲା। ପରବର୍ତ୍ତୀ ସମୟରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନକାଳରେ ରାଜାଙ୍କ ହାତରୁ ସମସ୍ତ କ୍ଷମତା ଯିବା ପରେ ଏହି ପରମ୍ପରାରେ ବ୍ୟତିକ୍ରମ ଘଟିବାରୁ ମା'ଙ୍କ ଏହି ପର୍ବରେ ମଧ୍ୟ ପରିବର୍ତ୍ତନ କରାଯାଇ କେବଳ ପରମ୍ପରା ବିଧି ରକ୍ଷା ନିମନ୍ତେ ଆଜିର ଏହି ବ୍ୟବସ୍ଥା ଗତିଶ୍ୱର ଦେବଙ୍କ ପୀଠରେ ସମ୍ପାଦନ କରାଯାଉଛି। ରାତିରେ ଯାତ୍ରା ପଡ଼ିଆରେ ସଂକୀର୍ତ୍ତନ, ଭଜନ ସମାରୋହ, ରାମନାଟକ ଆଦି ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପ୍ରଶାସନ, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ସମସ୍ତ ସହଯୋଗ ଯୋଗାଇଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି।



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି। କାର୍ଯ୍ୟକ୍ରମରେ ମଞ୍ଚାସୀନ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟବକ୍ତା ତଥା ବିଗିଜ୍ ବର୍ଗର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ।


ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଉଛନ୍ତି।


ମୁଖ୍ୟବକ୍ତା ବିଗିଜ୍ ବର୍ଗର ପ୍ରତିଷ୍ଠାତା ବିରଜା ପ୍ରସାଦ ରାଉତ ଉଦ୍‌ବୋଧନ ଦେଉଛନ୍ତି।


ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।

## 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ'ର ୫ମ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ


**ନେହା ଅଗ୍ରୱାଲା**
ମ୍ୟାନେଜିଂ ପାର୍ଟନର, ବିନାୟକ କାସ୍କ୍ୟସ୍


**ଅମ୍ବରୀଶ ଦାଶ**
ପ୍ରତିଷ୍ଠାତା, ୟୁବୋଦୟ ଇନ୍‌ଷ୍ଟିଚ୍ୟୁଶନ୍ସ


**ବିଭୁପ୍ରସାଦ ରଥ**
ପରିଚାଳନା ନିର୍ଦ୍ଦେଶକ, କଞ୍ଚାଲଙ୍କା


**ବ୍ରିଜେଶ ମେହେର**
ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଗ୍ରୁପ୍


**ମନ୍‌ସୁର ବକ୍ସ**
ଏମ୍‌ଡି, ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରା.ଲି.


**ସାଇ ଶିବାନୀ କର**
ନିର୍ଦ୍ଦେଶିକା, କର ଆଣ୍ଡ ବ୍ରଦର୍ସ


**ଇ. ମନୋଜ କୁମାର ସାହୁ**
ନିର୍ଦ୍ଦେଶକ, ଡିଅନ୍ ଗ୍ରୁପ୍


**ଜୟନ୍ତ କୁମାର ଲେଙ୍କା**
ପ୍ରୋପ୍ରାଇଟର, ମେସର୍ସ ଲିଓଟ୍ରୋନିକ୍ସ ପାୱାର ସିଷ୍ଟମ୍ସ


**କ୍ରିଷ୍ଣ ମୋହନ ଟାଟା**
ନିର୍ଦ୍ଦେଶକ, ଗୀତାଞ୍ଜଳି ଆର୍ୱାର୍ଡ୍ ପ୍ରା.ଲି.


**ଡ. ଲୋକନାଥ ଦାଶ**
ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ, କେୟାର୍ ହସ୍ପିଟାଲ


**ପବ୍ୱନ କୁମାର ସୁଲତାନିଆ**
ପରିଚାଳନା ନିର୍ଦ୍ଦେଶକ, ଇନ୍‌ଫିନିଟି ଭେଞ୍ଚର୍ସ


**ପ୍ରଦୀପ କୁମାର ଥାକର୍**
ନିର୍ଦ୍ଦେଶକ, ଏସେନ୍ ଗ୍ରୁପ୍



**ଦେବାଶିଷ ପଟ୍ଟନାୟକ**
ପରିଚାଳନା ନିର୍ଦ୍ଦେଶକ, ଟ୍ରାନ୍ସଫର୍ମ ଫର୍ନିଚର ପ୍ରା.ଲି.


କାର୍ଯ୍ୟକ୍ରମର ମୁଖ୍ୟଅତିଥି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।


**ପ୍ରହ୍ଲାଦ ପଲେଇ**
ପ୍ରୋପ୍ରାଇଟର, ସୋମେନ ଅଗରବତୀ


**ରାଜେଶ ଗାଡୋଡିଆ**
ଚେୟାରମ୍ୟାନ, ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍


**ସଞ୍ଜିବ କୁମାର ସାହୁ**
ମ୍ୟାନେଜିଂ ପାର୍ଟନର, କାଜେରୀ ଜେମସ୍ ଆଣ୍ଡ ଜୁଏଲର୍ସ


**ଯୁଗବ୍ରତ କର**
ପ୍ରତିଷ୍ଠାତା, ଦେଶିଆ ଇକୋ ରିସୋର୍ଟ


**ଶୈଳେନ୍ଦ୍ର ନାରାୟଣ ସେନାପତି**
ଏମ୍‌ଡି, ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲି.


**ଶ୍ୟାମସୁନ୍ଦର ସନ୍ଥୋଲିଆ**
ପରିଚାଳନା ନିର୍ଦ୍ଦେଶକ, ଏସ୍ ସ୍କୋୟାର ମାର୍କେଟିଂ ପ୍ରା.ଲି.


**ସମଶେର ସିଂ ହୁରା**
ସିଇଓ ଏବଂ ପ୍ରତିଷ୍ଠାତା, ଜାଶ୍ ହୋଣ୍ଡା



ସେଲ୍‌ଫି ମୁହୂର୍ତ୍ତ

## ପ୍ରାୟୋଜକଙ୍କୁ ସମ୍ବର୍ଦ୍ଧନା


**ପଙ୍କଜ ଲୋଚନ ମହାନ୍ତି**
ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍

**ନିରାକାର ସାହୁ**
ଡ୍ରିମ୍‌ସ ୟୁନିଭର୍ସିଟି

**ସୁଧିରଞ୍ଜନ ମିଶ୍ର**
ପିପିଏଲ୍


**କୌଶିକ ପାଟଗିରି**
ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର୍

**ନୀଳମାଧବ ରଥ**
ଜେଏସ୍‌ଏଲ୍

**ଦିଭିଜ୍ ବୁଦ୍ଧରାଜ**
ନାରାୟଣୀ ମୋଟର୍ସ ପ୍ରା.ଲି.

**ସୋନାଲି ଶୁଭଶ୍ରୀ ମିଶ୍ର**
ସାଇ ସବୁରୀ ହସ୍ପିଟାଲ


**ନିଶା ନୂପୁର**
ନାଲ୍‌କୋ

**ବିଶ୍ୱବାସା ବେହୁରିଆ**
ଏମ୍‌ସିଏଲ୍

**କୈଳାଶ ଚନ୍ଦ୍ର ସାହୁ**
ବେଦାନ୍ତ

**ପ୍ରଶାନ୍ତ ଅଗ୍ରୱାଲ**
ୱିଫି ଇଣ୍ଟରନେଟ୍


**ସୁବ୍ରତ କୁମାର ରାଜ୍**
ଏସ୍‌ଏସ୍‌ଟି ଡେଭଲପର୍ସ

**ପି. ଜଗନ୍ନାଥ ପାତ୍ର**
ଚିରାଗ ଇଣ୍ଡଷ୍ଟ୍ରିଜ୍

**ମନୀଷ ଅଗ୍ରୱାଲ**
ଅଜନ୍ତା ଆଡଭର୍ଟାଇଜର୍ସ


ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# ଆଜି ପବିତ୍ର ଶ୍ରୀରାମ ନବମୀ

# ଶାନ୍ତିପୂର୍ଣ୍ଣ ଦର୍ଶନ ଲାଗି ରାମ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)



ଚୈତ୍ର ମାସ ନବମୀ ତିଥିରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ସାରା ଦେଶରେ ପବିତ୍ର ରାମ ନବମୀ ପାଳନ କରାଯାଉଛି। ନବମୀ ମହୋତ୍ସବ ଲାଗି ୟୁନିଟ-୩ ଶ୍ରୀରାମ ମନ୍ଦିରରେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସହ ବ୍ୟାପକ ପ୍ରସ୍ତୁତି ହୋଇଛି। ପ୍ରାତଃ ୫ଟା ୩୦ରେ ମନ୍ଦିର ପହଡ଼ ଖୋଲି ମଙ୍ଗଳ ଆଳତି କରାଯିବ। ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ପହୁଡ଼ ପଡ଼ିବ। ସକାଳ ୭ଟାରେ ଶୃଙ୍ଗାର ଆରତି, ପୂର୍ବାହ୍ନ ୧୧ଟା ୩୦ରେ ଭୋଗ ଲାଗି ପରେ ୧୧ଟା ୪୫ରେ ଭୋଗ ଆଳତି ହୋଇ ମଧ୍ୟାହ୍ନ ୧୨ଟାରୁ ପହୁଡ଼ ପଡ଼ିବ। ଅପରାହ୍ନ ୪ଟା ୩୦ରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟା ୬ଟାରୁ ଆରତି ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ ଶୃଙ୍ଗାର ଆରତି, ରାତି ୮ଟା ୪୫ରେ ଭୋଗ, ୯ଟାରେ ଭୋଗ ଆରତି ଏବଂ ରାତି ୯ଟା ୩୦ ପ୍ରଭୁ ଶୟନ ଯିବେ। ଚଳିତବର୍ଷ ରାମନବମୀରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁଙ୍କ ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଛି। ମହିଳା ଓ ପୁରୁଷ ଅଲଗା ଅଲଗା ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ଖରାକୁ ଦୃଷ୍ଟିରେ ରଖି ମନ୍ଦିର ବେଢ଼ା ଓ ବାହାରେ କପଡା ସିଲିଂ କରାଯାଇଛି। ମନ୍ଦିରକୁ ଆକର୍ଷଣୀୟ ଆଲୋକରେ ସଜାଇବା ସହ ଭକ୍ତଙ୍କ ଲାଗି ପିଇବା ପାଣି ବ୍ୟବସ୍ଥା ହୋଇଛି। ମନ୍ଦିର ଫାଟକ ଆଗରେ ଏକ ସୂଚନା କେନ୍ଦ୍ର ରହିଥିବାବେଳେ ମନ୍ଦିର ଭିତରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯାଇଛି। ସେଣ୍ଟ ଜୋସେଫ ସ୍କୁଲ ପାଖ ଓ ଅଭିନ୍ନଚନ୍ଦ୍ର ହୋମିଓ ପାଥିକ ମହାବିଦ୍ୟାଳୟ ପାଖରେ ଭ୍ରାମ୍ୟମାଣ ଶୌଚାଳୟ ରଖିବା ଲାଗି ବ୍ୟବସ୍ଥା କରାଯାଇଛି। ଭିଡ଼ରେ କେହି ଭକ୍ତ ଅସୁସ୍ଥତା ଅନୁଭବ କଲେ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବା ଲାଗି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆମ୍ବୁଲାନ୍ସ ମହଜୁଦ ରଖିବାକୁ କୁହାଯାଇଛି। ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସହର ପରିକ୍ରମା କରିବ ଆଧ୍ୟାତ୍ମିକ ଶୋଭାଯାତ୍ରା

ରାମ ନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପବିତ୍ର ଶ୍ରୀରାମାବତାରଣ ମହୋତ୍ସବ ଆୟୋଜନ କରାଯାଇଛି। ଏହି ଅବସରରେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଅପରାହ୍ନ ୩ଟାରେ ରାମମନ୍ଦିର ନିକଟ ଖାଓ ଗଳି ପାଖରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍ ଛକ ଦେଇ ରାଜମହଲ ଛକ ପହଞ୍ଚିବା ପରେ ସେଠାରୁ ପୁଣି ରାମ ମନ୍ଦିର ଅଭିମୁଖେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପରିକ୍ରମା କରିବ। ଏହି ଶୋଭାଯାତ୍ରାରେ ୧୦ହଜାର ଶ୍ରଦ୍ଧାଳୁ ସାମିଲ୍ ହେବେ ବୋଲି ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ୍ କୁମାର ନାୟକ କହିଛନ୍ତି।

# ଲୟୋଲା ସ୍କୁଲରେ ଆନ୍ତଃସ୍କୁଲ ବକ୍ତୃତା ପ୍ରତିଯୋଗିତା



ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)

ଲୟୋଲା ସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏକ ଆନ୍ତଃସ୍କୁଲ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଓ କଟକର ୧୨ ବିଦ୍ୟାଳୟରୁ ଆସିଥିବା ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୬ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କାହାଣୀକାର ପ୍ରାଚୀ ତାରା, ଗୌରବ ମହାନ୍ତି, ସୁଜିତ ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ରେକ୍ଟର ଫାଦର ଅଗଷ୍ଟିନ ଏବଂ ପ୍ରିନ୍ସିପାଲ ଫାଦର ଅମାଲାଡୋସ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଥିଲା। ୯ମ ଓ ୧୦ମ ଶ୍ରେଣୀ ପାଇଁ ବର୍ଗ-୧ରେ ଡିଏଭି ୟୁନିଟ୍-୮ ପ୍ରଥମ ପୁରସ୍କାର, ସେଣ୍ଟ ଜୋସେଫ ସ୍କୁଲ ୨ୟ ପୁରସ୍କାର ଏବଂ ଲୟୋଲା ସ୍କୁଲ ୩ୟ ପୁରସ୍କାର ହାସଲ କରିଥିଲା। ବର୍ଗ-୨ରେ ଡିଏଭି ୟୁନିଟ ୮ ପ୍ରଥମ ଓ ୩ୟ ପୁରସ୍କାର ଜିତିଥିବାବେଳେ ଲୟୋଲା ସ୍କୁଲ ୨ୟ ପୁରସ୍କାର ଜିତିଥିଲା।

## ୬ ନର୍ସିଂହୋମ୍‌ରେ ଚଢ଼ାଉ, ଜରିମାନା ଆଦାୟ

କଟକ, ୫।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶନିବାର ବକ୍ସିବଜାର କେନାଲ ରୋଡ଼ଠାରେ ଥିବା କେତେକ ନର୍ସିଂହୋମ୍‌ରେ ଚଢ଼ାଉ କରି ଲାଇସେନ୍ସ ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚବେଳେ ୬ଟି ନର୍ସିଂହୋମ୍‌ର ପାର୍କିଂ ନ ଥିବା ଓ ଆବାସିକ ଘରେ ପରିଚାଳନା ହେଉଥିବା ଟିମ୍ ପକ୍ଷରୁ କାରଣ ଦର୍ଶାଯାଇଥିଲା। ଫଳରେ ନର୍ସିଂହୋମ୍‌ଗୁଡିକରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲାଇସେନ୍ସ ଠିକ୍ ଥିବାବେଳେ ଆବାସିକ ଘରେ ଚାଲିବା ଓ ପାର୍କିଂକୁ ଆଳକରି ସିଏମ୍‌ସିର ଅଧିକାରୀ ନିର୍ଦ୍ଦିଷ୍ଟ ଭାବେ କିଛି ନର୍ସିଂହୋମ୍‌କୁ ଟାର୍ଗେଟ କରିଥିବା କେତେକ ନର୍ସିଂହୋମ୍ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। କେନାଲ ରୋଡ୍‌ରେ ଥିବା ୬ଟି ନର୍ସିଂହୋମ୍‌କୁ ଛାଡ଼ି ଦେଲେ ଆଉ ୩ଟି ନର୍ସିଂହୋମ୍‌କୁ ଯାଞ୍ଚ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର କହିଛନ୍ତି, ନର୍ସିଂହୋମ୍ ଯାଞ୍ଚ ଏକ ରୁଟିନ୍ ପ୍ରକ୍ରିୟା। ଯାଞ୍ଚ ସମୟରେ କେତେକ ନର୍ସିଂହୋମ୍ ଆବାସିକ ଘରେ ଚାଲୁଥିବାବେଳେ ପାର୍କିଂ ବ୍ୟବସ୍ଥା ନ ଥିବା ଜଣାପଡିଛି। ଏହି ଦୃଷ୍ଟିରୁ ସେମାନଙ୍କୁ ନୋଟିସ୍ ଦିଆଯିବା ସହ ଜରିମାନା ଆଦାୟ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଢାଉ ସମୟରେ ଡେପୁଟି କମିସନର, ସହକାରୀ ଅଗ୍ନିଶମ ଅଧିକାରୀ, ସିଡିଏମ୍‌ଓ କାର୍ଯ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।




ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ତୃତୀୟ ବାର୍ଷିକ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ବେଆଇନ କୋଚିଂ ସେଣ୍ଟରର ତଦନ୍ତ କରାଯାଉ

ଭୁବନେଶ୍ୱର,୫।୪(ସୁଚିସ୍ମିତା ସାହୁ)

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଲା ଓଡ଼ିଶା ଅଭିଭାବକ ମହାସଂଘ

ରାଜ୍ୟରେ ଛତୁ ଫୁଟିଲା ଭଳି ଘରୋଇ କୋଚିଂ ସେଣ୍ଟର ଖୋଲୁଛି। ସକାଳୁ ରାତି ଯାଏ କ୍ଲାସ ଚାଲୁଛି। ପିଲାଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ନମ୍ବର ରଖାଇଦେବା ଆଶାରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ମିଛ ସ୍ୱପ୍ନ ଦେଖାଇ ଲୁଟୁଛନ୍ତି। ପୁଣି କେତେକ କୋଚିଂ ସେଣ୍ଟର ବେଆଇନ ଭାବେ ଡମି ସ୍କୁଲ ଖୋଲି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଫେକ ସ୍କୁଲ ନାଁରେ ଆଡ୍‌ମିଶନ କରୁଛନ୍ତି। ଗଳା ବାଟରେ ସବୁ କାଗଜ କଲମରେ ଉପସ୍ଥାନ ପକାଯାଉଛି। ଘରୋଇ ସ୍କୁଲରେ ଉଭୟ ଛାତ୍ର ଓ ଶିକ୍ଷକଙ୍କ ଉପସ୍ଥାନ ପାଇଁ ବାଇଓମେଟ୍ରିକ ବ୍ୟବସ୍ଥା କରି ଡମି ସ୍କୁଲ ଚଳାଇଥିବା ସମ୍ପୃକ୍ତ କୋଚିଂ ସେଣ୍ଟରଗୁଡିକ ସମ୍ପର୍କରେ ତଦନ୍ତ କରିବା ପାଇଁ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି। ଏନେଇ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ଚିଠି ମାଧ୍ୟମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ତୁରନ୍ତ ଡମି ସ୍କୁଲଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

# ମନ୍ତ୍ରମୁଗ୍ଧ କଲା ଜଗନ୍ନାଥ ଅଷ୍ଟକମ୍

ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)

ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ତୃତୀୟ ବାର୍ଷିକ ନୃତ୍ୟ ମହୋତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଆୟକର ବିଭାଗର ଅତିରିକ୍ତ କମିଶନର ଆଶୁତୋଷ ପ୍ରଧାନ, ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ପୋଲାଚି ତାମିଲ୍ ଇସାଇ ସଙ୍ଗମର ମ୍ୟାନେଜର କାଳିମାଥୁ ଏ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଦୀପ୍ତି ରାଉତରାୟ, ଡ. ଶୁଭଶ୍ରୀ ପଟ୍ଟନାୟକ, ପଣ୍ଡିତ ନାରାୟଣ ପତି, ଡିଏନ୍ ଓକ୍ସି ପାର୍କ ସମ୍ପାଦକ ଶଶୀ ଭୂଷଣ ଶତପଥୀ, ପ୍ରେଷ୍ଟିଜ୍ ରେସିଡେନ୍ସିର ସଭାପତି ଶରତ କୁମାର ନାୟକ, ସୋସିଆଲ୍ ମିଡିଆ ଆକ୍ଟିଭିଷ୍ଟ ନରେଶ କୁମାର ରାମକ୍ରିଷ୍ଣାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୌରପ୍ରଭା ବାର୍ଷିକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ଅନୁଷ୍ଠାନର ଛାତ୍ରୀଙ୍କ ସହ ଗୁରୁ ଜ୍ୟୋତିର୍ମୟୀ ଦାସ ଦଳଗତ ଓଡ଼ିଶୀ ନୃତ୍ୟ 'ଜଗନ୍ନାଥ ଅଷ୍ଟକମ୍' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମ ହରି ଦାସ କରିଥିବାବେଳେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ନୃତ୍ୟ ସଂଯୋଜନା କରିଥିଲେ। ସେହିପରି ଦଳଗତ ଓଡ଼ିଶୀ ନୃତ୍ୟ ଅଭିନୟରେ ଦେବୀସ୍ତୁତି, ଦଶ ଅବତାର ଏବଂ ଯୁଗେ ଯୁଗେ ଜଗନ୍ନାଥ ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର କୁନି ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ନେଇ ଦଳଗତ ନୃତ୍ୟରେ ବାର ମାସେ ତେର ପର୍ବ ପରିବେଷଣ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ଦର୍ଶନ ବନ୍ଦ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ରବିବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଜନ୍ମନୀତି ଅନ୍ୟତମ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନଧୂପ ଭୋଗ ସରିବା ପରେ ଶ୍ରୀରାମ ଜନ୍ମନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ଶ୍ରୀମନ୍ଦିରରେ ଶ୍ରୀରାମ ନବମୀ ନୀତି ସମ୍ପାଦନ ଦୃଷ୍ଟିରୁ ଏପ୍ରିଲ ୬ ତାରିଖ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଥାଲାସେମିଆ ରୋଗୀଙ୍କ ପାଇଁ ଜନ୍ମଦିନରେ ରକ୍ତଦାନ




ଭୁବନେଶ୍ୱର,୫।୪(ସୁଚିସ୍ମିତା ସାହୁ)

ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ସାମାଜିକ କର୍ମୀ ମଲ୍ଲିକ ଅୱେସ୍। ସେ ରେଡକ୍ରସ ଭବନରେ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ସହ ନିଜେ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ପ୍ରଦୀପ ମହାରଣା ଓ ସାମାଜିକ କର୍ମୀ ମୀର୍ ଅହମ୍ମଦ ଅଲ୍ଲୀ ଯୋଗଦେଇ ରକ୍ତଦାନ ଜୀବନଦାନ, ରକ୍ତର ଅଭାବରୁ କାହାରିକୁ ମରିବାକୁ ଦେବାନାହିଁ, ରକ୍ତଦାନ ମହାପୁଣ୍ୟ ଆଦି ବାର୍ତ୍ତାର ପ୍ରଚାର ଓ ପ୍ରସାର ହେଲେ ସମାଜର ଅନେକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବେ ବୋଲି କହିଥିଲେ। ଆଶୁତୋଷ ପରିଡ଼ା, ସେକ୍ ରହେମାନ୍, ଗଣେଶ ଚନ୍ଦ୍ର ପାତ୍ର, ହରି ପ୍ରସାଦ ପ୍ରଧାନ, ବିଶ୍ୱନାଥ ପାତ୍ର ରକ୍ତଦାନ କରିଥିଲେ। ହରିଶଚନ୍ଦ୍ର ପଟ୍ଟନାୟକ, ସୁଜିତ୍ ନାୟକ, ପ୍ରୀତମ ମିଶ୍ର, ସିଲୁ ସାହୁ, ବିନୋଦ ରାଉତ ପରିଚାଳନା କରିଥିଲେ।

# ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ: ମୁଖ୍ୟ ବିଚାରପତି



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୫।୪(କାର୍ତ୍ତିକ ସାହୁ)

ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ। ସେମାନଙ୍କ ଦୁଃଖ ଓ ଯନ୍ତ୍ରଣା ଅନୁଭବ କରିବାର ଦାୟିତ୍ୱ ବିଚାରପତିମାନଙ୍କର। ଯୁବ ଆଇନଜୀବୀଙ୍କ ମଧ୍ୟରେ ଆଇନ ପ୍ରତି ଆଗ୍ରହ ଓ ସାମାଜିକ ପ୍ରତିବଦ୍ଧତା ସେମାନଙ୍କୁ ଆଇନ ପେଷାର ଶୀର୍ଷତମ ସ୍ତରରେ ପହଞ୍ଚାଇ ପାରିବ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କହିଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମୁଖ୍ୟ ବିଚାରପତି ଟଣ୍ଡନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଏହା କହିଛନ୍ତି। ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ଓ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପାନନ୍ଦ ଦାଶ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭକ୍ତ ଭୂଷଣ ବାରିକ ଉପସ୍ଥିତ ଥିଲେ। ରାଜ୍ୟ ବାର୍ ପରିଷଦ ଉପାଧ୍ୟକ୍ଷ ରାଜୀବ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଏମ୍‌ସିର ତତ୍ପରତା

ଭୁବନେଶ୍ୱର,୫।୪(ବନ୍ଦନା ସେଠୀ)

## ୩ ଜୋନାଲ କମିଶନରଙ୍କୁ ଦାୟିତ୍ୱ ବଣ୍ଟନ



ବୈଠକରେ ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ମହାଆଡ଼ମ୍ବର ସହକାରେ ପାଳନ ହେବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହେବାସହ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୱାର୍ଡ଼ସ୍ତରରେ ମଧ୍ୟ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ବିଏମ୍‌ସି ପକ୍ଷରୁ ବୈଠକ ବସି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ୩ ଜୋନ୍‌ର ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସଂପୃକ୍ତ କର୍ପୋରେଟରଙ୍କ ସହ ଯୋଗାଯୋଗ କରି ତାଙ୍କ ପରାମର୍ଶ ଓ ଗୋଷ୍ଠୀ ସହଯୋଗରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବେ। ପ୍ରତି ଜୋନ୍‌ରୁ ୩ଜଣ ଲେଖାଏ ଶ୍ରେଷ୍ଠ ବିବେଚିତ ବିଜେତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣଙ୍କୁ 'ରାଜଧାନୀ ଗୌରବ' ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। କମିଶନର ରାଜେଶ ପ୍ରଭାକର ପାଟିଲ୍ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷାଅଧ୍ୟକ୍ଷ, କର୍ପୋରେଟର, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସିର ସମସ୍ତ ଅତିରିକ୍ତ କମିଶନର, ଜୋନାଲ କମିଶନର, ଡେପୁଟି କମିଶନର ଓ ସହକାରୀ କମିଶନର ଉପସ୍ଥିତ ଥିଲେ।

## ଫଟୋ ଖବର




ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଥିବା ତୃତୀୟ ପର୍ଯ୍ୟାୟ ରଥକାଠକୁ ଶନିବାର ବଡ଼ଦାଣ୍ଡରେ ରଖାଯାଉଛି।




ଓଏସ୍‌ଏସ୍‌ସି ପକ୍ଷରୁ ପରିଚାଳିତ ପରୀକ୍ଷାରେ ହୋଇଥିବା ଦୁର୍ନୀତି ପ୍ରତିବାଦ ସହ ଅଧ୍ୟକ୍ଷଙ୍କୁ ତୁରନ୍ତ ହଟାଇବା ଦାବିରେ ଏଆଇଏସ୍‌ଏଫ୍ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

**ଆଜି ପବିତ୍ର ଶ୍ରୀରାମ ନବମୀ**

# ଶାନ୍ତିପୂର୍ଣ୍ଣ ଦର୍ଶନ ପାଇଁ ରାମ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)



ଚୈତ୍ର ମାସ ନବମୀ ତିଥିରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ସାରା ଦେଶରେ ପବିତ୍ର ରାମ ନବମୀ ପାଳନ କରାଯାଉଛି। ନବମୀ ମହୋତ୍ସବ ଲାଗି ୟୁନିଟ-୩ ଶ୍ରୀରାମ ମନ୍ଦିରରେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସହ ବ୍ୟାପକ ପ୍ରସ୍ତୁତି ହୋଇଛି। ପ୍ରାତଃ ୫ଟା ୩୦ରେ ମନ୍ଦିର ପହଡ଼ ଖୋଲି ମଙ୍ଗଳ ଆଳତି କରାଯିବ। ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ପହୁଡ଼ ପଡ଼ିବ। ସକାଳ ୭ଟାରେ ଶୃଙ୍ଗାର ଆରତି, ପୂର୍ବାହ୍ନ ୧୧ଟା ୩୦ରେ ଭୋଗ ଲାଗି ପରେ ୧୧ଟା ୪୫ରେ ଭୋଗ ଆଳତି ହୋଇ ମଧ୍ୟାହ୍ନ ୧୨ଟାରୁ ପହୁଡ଼ ପଡ଼ିବ। ଅପରାହ୍ନ ୪ଟା ୩୦ରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟା ୬ଟାରୁ ଆରତି ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ ଶୃଙ୍ଗାର ଆରତି, ରାତି ୮ଟା ୪୫ରେ ଭୋଗ, ୯ଟାରେ ଭୋଗ ଆରତି ଏବଂ ରାତି ୯ଟା ୩୦ ପ୍ରଭୁ ଶୟନ ଯିବେ। ଚଳିତବର୍ଷ ରାମନବମୀରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁଙ୍କ ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଛି। ମହିଳା ଓ ପୁରୁଷ ଅଲଗା ଅଲଗା ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ଖରାକୁ ଦୃଷ୍ଟିରେ ରଖି ମନ୍ଦିର ବେଢ଼ା ଓ ବାହାରେ କପଡା ସିଲିଂ କରାଯାଇଛି। ମନ୍ଦିରକୁ ଆକର୍ଷଣୀୟ ଆଲୋକରେ ସଜାଇବା ସହ ଭକ୍ତଙ୍କ ଲାଗି ପିଇବା ପାଣି ବ୍ୟବସ୍ଥା ହୋଇଛି। ମନ୍ଦିର ଫାଟକ ଆଗରେ ଏକ ସୂଚନା କେନ୍ଦ୍ର ରହିଥିବାବେଳେ ମନ୍ଦିର ଭିତରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯାଇଛି। ସେଣ୍ଟ ଜୋସେଫ ସ୍କୁଲ ପାଖ ଓ ଅଭିନ୍ନଚନ୍ଦ୍ର ହୋମିଓ ପାଥିକ ମହାବିଦ୍ୟାଳୟ ପାଖରେ ଭ୍ରାମ୍ୟମାଣ ଶୌଚାଳୟ ରଖିବା ଲାଗି ବ୍ୟବସ୍ଥା କରାଯାଇଛି। ଭିଡ଼ରେ କେହି ଭକ୍ତ ଅସୁସ୍ଥତା ଅନୁଭବ କଲେ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବା ଲାଗି କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆମ୍ବୁଲାନ୍ସ ମହଜୁଦ ରଖିବାକୁ କୁହାଯାଇଛି। ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସହର ପରିକ୍ରମା କରିବ ଆଧ୍ୟାତ୍ମିକ ଶୋଭାଯାତ୍ରା

ରାମ ନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପବିତ୍ର ଶ୍ରୀରାମାବତାରଣ ମହୋତ୍ସବ ଆୟୋଜନ କରାଯାଇଛି। ଏହି ଅବସରରେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଅପରାହ୍ନ ୩ଟାରେ ରାମମନ୍ଦିର ନିକଟ ଖାଓ ଗଳି ପାଖରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍ ଛକ ଦେଇ ରାଜମହଲ ଛକ ପହଞ୍ଚିବା ପରେ ସେଠାରୁ ପୁଣି ରାମ ମନ୍ଦିର ଅଭିମୁଖେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପରିକ୍ରମା କରିବ। ଏହି ଶୋଭାଯାତ୍ରାରେ ୧୦ହଜାର ଶ୍ରଦ୍ଧାଳୁ ସାମିଲ୍ ହେବେ ବୋଲି ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ୍ କୁମାର ନାୟକ କହିଛନ୍ତି।

## ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ



ଓକିଲ ସଂଘ ନୂତନ କର୍ମକର୍ତ୍ତା ଶପଥ ପାଠ କରୁଛନ୍ତି।

ବଡ଼ମ୍ବା, ୫।୪ (ମାୟାଧର ମଲ୍ଲିକ):

ବଡ଼ମ୍ବା ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ପୂର୍ବତନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନୂତନ ସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ପାଳ ପ୍ରମୁଖ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଅଜିତ ପ୍ରସାଦ ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ତ୍ରିଲୋଚନ ପଢ଼ିଆରୀ ଓ ସୁଶ୍ରୀସ୍ମିତା ପରମିତା ସାହୁ ମଧ୍ୟ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ନିର୍ବାଚନ ଅଧିକାରୀ ଆଇନଜୀବୀ ପ୍ରଶାନ୍ତ କୁମାର ନାୟକ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।



ରାମନବମୀ ଉପଲକ୍ଷେ କଟକ ଚୌଧୁରୀ ବଜାର ମାରୁତି ମଣ୍ଡପ ନିକଟରୁ ଶନିବାର କମିଶନରେଟ୍ ପୋଲିସ ପକ୍ଷରୁ ବାହାରିଥିବା ଫ୍ଲାଗ୍‌ମାର୍ଚ୍ଚ।

## ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବାଙ୍କୀ, ୫।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା ସ୍ନାତକ ମହବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଂଶୁପା ସ୍ନାତକ ମହବିଦ୍ୟାଳୟର ଅଧ୍ୟକ୍ଷ ଧରଣୀଧର ଜେନାଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଦେବାଶିଷ ଦାଶ ଏବଂ ଶୁଭେନ୍ଦ୍ର ନନ୍ଦ ଯୋଗଦେଇ ଯୋଗାଯୋଗ, ଲିଡରସିପ, ଏମବିଏ ଶିକ୍ଷା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହାପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଶ୍ନବାଚୀ କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ପ୍ରଧ୍ୟାପକ, ପ୍ରଧ୍ୟାପିକା, ଅଣଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଟିଗିରିଆ,୫।୪(ଜାଫର ଖାଁ )

**ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସ ଯୋଗଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ବିଜୟ କୁମାର ମିଶ୍ର ଓ ଶିକ୍ଷା ବିଭାଗ ମୁଖ୍ୟ ବିନାୟକ ପଣ୍ଡା ଯୋଗଦେଇ ଆତ୍ମବିଶ୍ୱାସ ଦ୍ୱାରା ଜୀବନରେ ସଫଳତା ମିଳିବ ବୋଲି କହିଥିଲେ। ଅଧ୍ୟାପକ ସରୋଜ କିଶୋର ପାଣିଗ୍ରାହୀ, ସୁଧାକର ମୁଦୁଲି, ଅଧ୍ୟାପିକା ବିଦ୍ୟୁତ୍‌ଲତା ବାରିକ, କର୍ମଚାରୀ ସରୋଜ କୁମାର ଧଳ, ଶୁଭେନ୍ଦୁ ସାହୁ, ମିଳନ ସାହୁ ଜମ୍ମେଶ୍ୱର ବେହେରା, ବିଜୟ ସାହୁ, ହୃଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସୁଚିସ୍ମିତା ପଣ୍ଡା, ସନ୍ଧ୍ୟାରାଣୀ ରାଉତ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତିରଞ୍ଜନ ସାହୁ, ଅରବିନ୍ଦ ଦତ୍ତ,ଜଗନ୍ନାଥ ଜେନା, ପୁଷ୍ପାଞ୍ଜଳି ବଳ, ନନ୍ଦିନୀ ବଳ, ରାନୁ ପରିଡା, ପ୍ରୀତିମୟୀ ପ୍ରଧାନ, ସ୍ନିଗ୍ଧାରାଣୀ ଦାଶ, ବର୍ଷାରାଣୀ ସାହୁ, ସୋନାଲି ରାଉତ, ସୁଭଦ୍ରା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଇଂଲିଶ ଅଧ୍ୟାପକ ଦେବରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ପାଇଁ ସଚେତନତା

ବାଙ୍କୀ, ୫।୪( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଧରଣୀଧର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୁମିନିମାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଇର୍ଣ୍ଣର୍ନଶିପ ଯୋଜନା ସମ୍ପର୍କରେ ଅବଗତ କରାଯିବା ସହ ଏଥିରେ ପଞ୍ଜିକରଣ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଶାଖା ପ୍ରୋଗ୍ରାମ ଅଫିସର ଅନୁପମା ସାମଲ, ଯୁବ ରେଡକ୍ରସ ଶାଖା ସ୍ୱେଚ୍ଛାସେବୀ, ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପର ନୋଡାଲ ଅଧିକାରୀ ପ୍ରିୟମ୍ବଦା ଚୌଧୁରୀ ଯୋଗଦେଇ ପଞ୍ଜୀକରଣ ନିମନ୍ତେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ୨ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜନ କରାଯାଇଥିଲା।

## ମଧୁ ଜୟନ୍ତୀକୁ ଲୋକାଭିମୁଖୀ କରିବାକୁ ଗୁରୁତ୍ୱ



ବୈଠକରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା ଓ ଅନ୍ୟମାନେ।

ସାଲେପୁର, ୫।୪(ଅରବିନ୍ଦ ଭୂୟାଁ):

**ଏପ୍ରିଲ ୨୫ରୁ ୪ ଦିନ ବ୍ୟାପୀ ପାଳନ କରାଯିବ**

ସାଲେପୁର ମଧୁମଣ୍ଡପଠାରେ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ଜୟନ୍ତୀ କମିଟି ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ଯୋଗଦେଇ ଏପ୍ରିଲ ୨୫ରୁ ୨୮ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ମଧୁବାବୁଙ୍କ ଜୟନ୍ତୀ ମହାଆଡମ୍ବରରେ ପାଳନ କରିବାକୁ ସ୍ଥିର ହୋଇଥିଲା। ଏଥିରେ ନାଚଗୀତକୁ ଅଧିକ ଗୁରୁତ୍ୱ ନ ଦେଇ ମଧୁବାବୁ ଏବଂ ଓଡ଼ିଶାର ମହାପୁରୁଷମାନେ ରାଜ୍ୟ ବିକାଶ ପାଇଁ ଯେଉଁ ସବୁ କାର୍ଯ୍ୟ କରିଯାଇଛନ୍ତି, ସେନେଇ ଆଗାମୀ ପୀଢ଼ିଙ୍କୁ ଅବଗତ କରାଇବାକୁ ସ୍ଥିର ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିମାନଙ୍କୁ ମଧୁବାବୁ ସମ୍ମାନରେ ସମ୍ମାନିତ କରାଯିବା ସହ ପଞ୍ଚାୟତ ରାଲି, ଖେଳକୁଦ ପ୍ରତିଯୋଗିତା କରିବାକୁ ନିଷ୍ପତି ହୋଇଥିଲା। ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ମଧୁବାବୁଙ୍କ ଜୟନ୍ତୀ ପାଳନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଗୁରୁତ୍ୱ ଦେବା ସହ ଏହି ଉତ୍ସବରେ ଯେପରି କେହି ନିଶା ଦ୍ରବ୍ୟ ସେବନ ନ କରନ୍ତି, ସେନେଇ ବେହେରା ଉପସ୍ଥିତ ସଦସ୍ୟମାନଙ୍କୁ ଶପଥ କରାଇଥିଲେ। ବୈଠକରେ ଶ୍ରୀକାନ୍ତ ପଣ୍ଡା, କମିଟିର ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଆଇନଜୀବୀ ପ୍ରବୀଣ କାନୁନଗୋ, ଭାସ୍କର ବେହେରା, ପୂର୍ବତନ ସରପଞ୍ଚ ଗଣେଶ୍ୱର ରାଉତ, ସରୋଜ କୁମାର କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ଆଜମଲ ଖାଁ, ଧ୍ରୁବ ଚରଣ ମହାନ୍ତି, ସମ୍ରାଟ କେଶରୀ ଲେଙ୍କା, ପୂର୍ଣ୍ଣିମା ବଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## କମେଣ୍ଟମାରି ଗାଳିଗୁଲଜ ଅଭିଯୋଗ: ଜଣେ ଗିରଫ

ଟିଗିରିଆ,୫।୪(ଜାଫର ଖାଁ )

ଟିଗିରିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ଓ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିପୁଟ ଗ୍ରାମର ମାନସ ଜେନା ଓରଫ କାଳିଆ। କାଳିଆ ନିଜର କେତେଜଣ ସହଯୋଗୀଙ୍କ ସହ ସମ୍ପୃକ୍ତ ଯୁବତୀଙ୍କୁ କମେଣ୍ଟ ମାରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ମାନସ ସେମାନଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୫୯/୨୫) ରୁଜୁ କରିଛି।

## ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ଦର୍ଶନ ବନ୍ଦ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ରବିବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଜନ୍ମନୀତି ଅନ୍ୟତମ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନଧୂପ ଭୋଗ ସରିବା ପରେ ଶ୍ରୀରାମ ଜନ୍ମନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହିପରି ଶ୍ରୀମନ୍ଦିରରେ ଶ୍ରୀରାମ ନବମୀ ନୀତି ସମ୍ପାଦନ ଦୃଷ୍ଟିରୁ ଏପ୍ରିଲ ୬ ତାରିଖ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଏମ୍‌ସିର ତତ୍ପରତା

ଭୁବନେଶ୍ୱର,୫।୪(ବନ୍ଦନା ସେଠୀ)

**୩ ଜୋନାଲ କମିଶନରଙ୍କୁ ଦାୟିତ୍ୱ ବଣ୍ଟନ**



ବୈଠକରେ ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ମହାଆଡ଼ମ୍ବର ସହକାରେ ପାଳନ ହେବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହେବାସହ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୱାର୍ଡସ୍ତରରେ ମଧ୍ୟ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ବିଏମ୍‌ସି ପକ୍ଷରୁ ବୈଠକ ବସି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ୩ ଜୋନ୍‌ର ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସଂପୃକ୍ତ କର୍ପୋରେଟରଙ୍କ ସହ ଯୋଗାଯୋଗ କରି ତାଙ୍କ ପରାମର୍ଶ ଓ ଗୋଷ୍ଠୀ ସହଯୋଗରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବେ। ପ୍ରତି ଜୋନ୍‌ରୁ ୩ଜଣ ଲେଖାଏ ଶ୍ରେଷ୍ଠ ବିବେଚିତ ବିଜେତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣଙ୍କୁ 'ରାଜଧାନୀ ଗୌରବ' ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। କମିଶନର ରାଜେଶ ପ୍ରଭାକର ପାଟିଲ୍ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷାଅଧ୍ୟକ୍ଷ, କର୍ପୋରେଟର, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସିର ସମସ୍ତ ଅତିରିକ୍ତ କମିଶନର, ଜୋନାଲ କମିଶନର, ଡେପୁଟି କମିଶନର ଓ ସହକାରୀ କମିଶନର ଉପସ୍ଥିତ ଥିଲେ।

**ଫଟୋ ରେ ଖବର**




ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଥିବା ତୃତୀୟ ପର୍ଯ୍ୟାୟ ରଥକାଠକୁ ଶନିବାର ବଡ଼ଦାଣ୍ଡରେ ରଖାଯାଉଛି।




ଓଏସ୍‌ଏସ୍‌ସି ପକ୍ଷରୁ ପରିଚାଳିତ ପରୀକ୍ଷାରେ ହୋଇଥିବା ଦୁର୍ନୀତି ପ୍ରତିବାଦ ସହ ଅଧ୍ୟକ୍ଷଙ୍କୁ ତୁରନ୍ତ ହଟାଇବା ଦାବିରେ ଏଆଇଏସ୍‌ଏଫ୍ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ୧୫ଦିନ ପରେ ଆବୁଧାବିରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ବାଣପୁର,୫।୪(ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କୁମାରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଦୁଲ୍ଲଣୀ ଶାସନର ଲକ୍ଷ୍ମଣ ପ୍ରଧାନ(୪୮) ଆବୁଧାବିର ଏକ କମ୍ପାନୀରେ ମିସ୍ତ୍ରିଭାବେ କାର୍ଯ୍ୟରତ ଥିବା ବେଳେ ଗତ ମାର୍ଚ୍ଚ ୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁର ୧୫ଦିନ ପରେ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଛି। ଏହା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଲକ୍ଷ୍ମଣ ୭ବର୍ଷ ହେବ ଆବୁଧାବି ସହରର ଏକ କମ୍ପାନୀରେ ରାଜମିସ୍ତ୍ରି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ରୋଜଗାରରେ ପରିବାରର



ଲକ୍ଷ୍ମଣ ପ୍ରଧାନ। (ଫାଇଲ୍ ଫଟୋ)

ପ୍ରତିପୋଷଣ ହେଉଥିଲା। ମାର୍ଚ୍ଚ ୧୪ରେ ଲକ୍ଷ୍ମଣ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ପାଇଁ ତାଙ୍କୁ ଆବୁଧାବିର ଏସ୍ଏସ୍ଏମ୍ସି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ୨୧ତାରିଖରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମ୍ପାନୀ ପକ୍ଷରୁ ଟେଲିଫୋନ ମାଧ୍ୟମରେ ଲକ୍ଷ୍ମଣଙ୍କ ସ୍ତ୍ରୀ ବାସନ୍ତୀଙ୍କୁ ଖବର ଦିଆଯାଇଥିଲା। ତେବେ ମୃତଦେହ ଗ୍ରାମକୁ ପଠାଇବା ପାଇଁ ବାସନ୍ତୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ ମୃତଦେହ ପଠାଇ ନ ଥିଲେ। ଆବୁଧାବିରୁ ସ୍ୱାମୀଙ୍କ ମୃତଦେହ ଫେରାଇ ଆଣିବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କୁ ଅନୁରୋଧ କରିଥିଲେ। ତେବେ ସ୍ଥାନୀୟ ଚମ୍ପାଦେଇପୁର ଗ୍ରାମର ସାମାଜିକକର୍ମୀ ବାବୁଲି କୁମାର ସାହୁ ଏନେଇ ଆବୁଧାବିସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ଏ.ଅମରନାଥ, ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀ ବିକ୍ରମ ମିଶ୍ରା ଏବଂ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଉଇଲିୟମ ଜଜ୍‌ଙ୍କ ସହ ଯୋଗାଯୋଗ କରି ମୃତଦେହ ଫେରାଇ ଆଣିବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ମୃତଦେହ ପହଞ୍ଚିବା ପରେ ପରିବାର ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମକୁ ଅଣାଯାଇଥିଲା। ତେବେ ସ୍ୱାମୀଙ୍କ ବକେୟା ଦରମା, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ପ୍ରାପ୍ୟ ରାଶି ଫେରିପାଇବା ପାଇଁ ବାସନ୍ତୀ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ମହୋତ୍ସବରେ ଶନିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଉଦ୍‌ଯାପିତ



ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପିଲାମାନେ।

**ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସର ଦୁଇଦିନିଆ ରାଜ୍ୟ ପୁରସ୍କାର ପରୀକ୍ଷା ଜିଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ଗତ ୪ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍କାଉଟ୍ସ ଗାଇଡ୍ସମାନଙ୍କୁ ନେଇ ସ୍କାଉଟ ପ୍ରାର୍ଥନା, ଝଣ୍ଡା ଗୀତ୍, ଜାତୀୟ ସଙ୍ଗୀତ, ନଟିଙ୍ଗ, ବ୍ୟାଣ୍ଡେଜ, ଫାଷ୍ଟଏଡ, ମ୍ୟାପିଙ୍ଗ, ଫ୍ଲାଗ ପ୍ରୋସିଜିୟର, ସୂର୍ଯ୍ୟ ନମସ୍କାର ଆଦି ବିଭିନ୍ନ ପରୀକ୍ଷା କରାଯାଇଥିବା ଜିଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି। ଏହି ପରୀକ୍ଷାରେ ୬୭ଜଣ ସ୍କାଉଟ୍ସ ଓ ୯୨ଗାଇଡ୍ସ ଏଭଳି ୧୪ଟି ବିଦ୍ୟାଳୟର ମୋଟ ୧୬୯ଜଣ ପରୀକ୍ଷାର୍ଥୀ ଭାଗନେଇଥିବା ବେଳେ ୧୦ଜଣ ସ୍କାଉଟ ମାଷ୍ଟର ଓ ୪ଜଣ ଗାଇଡ କ୍ୟାପଟେନ ଯୋଗଦେଇଥିଲେ। ପରୀକ୍ଷା କାର୍ଯ୍ୟ ଶେଷଭାଗରେ ପରୀକ୍ଷାର୍ଥୀମାନେ ବିଜେବି ହାଇସ୍କୁଲ ପରିସରରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିର ଚତୁଃପାର୍ଶ୍ୱରୁ ସଫେଇ କରିଥିଲେ। ଓଡ଼ିଶା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଚନ୍ଦନ କୁମାର ଦାସ ରାଜ୍ୟ ପୁରସ୍କାର ପରୀକ୍ଷା ପରିଚାଳନା କରିଥିଲେ। ପୂର୍ବତନ ଜିଲା ସମ୍ପାଦକ ପୀତବାସ ପଟ୍ଟନାୟକ, ପୂର୍ବତନ ଜିଲା ତାଲିମ କମିଶନର ଦିବାକର ପଟ୍ଟନାୟକ ଏବଂ ରମେଶ ଚନ୍ଦ୍ର ବଳବନ୍ତରାୟ, ପରୀକ୍ଷା ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ଜିଲା ସମ୍ପାଦକ ସୁଧାକର ମହାପାତ୍ର, ସହସମ୍ପାଦକ ପ୍ରକାଶ କୁମାର ପଲାଇ, ଜିଲା ଗାଇଡ କମିଶନର ଜୟନ୍ତୀ ହୋତା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ଅଫିସ ଆସିଷ୍ଟାଣ୍ଟ ସଞ୍ଜୟ କୁମାର ବଳବନ୍ତରାୟ, ଜିଲା ସ୍କାଉଟ ତାଲିମ କମିଶନର ମାନସ କୁମାର ସେଠୀ, ଜିଲା ଗାଇଡ କମିଶନର ତପସ୍ୱିନୀ ପଟ୍ଟନାୟକ, ଚିତ୍ତରଞ୍ଜନ ବରାଳ, ରଚିତା ପଟ୍ଟନାୟକ, ସସ୍ମିତା ଜେନା, ନୃସିଂହ ପ୍ରସାଦ ସିଂ, ପ୍ରଶାନ୍ତ କୁମାର ସାହୁ, ଭାଗୀରଥି ସାହୁ, ଚିନ୍ମୟ ମାର୍ଥା, ଶ୍ରୀରାମ ଭୂୟାଁ ପ୍ରମୁଖ ପରୀକ୍ଷା ଶିବିରରେ ସହଯୋଗ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇ ସ୍କାଉଟ ପତାକା ଅବତରଣ କରାଯାଇଥିଲା। ଜିଲା ସ୍କାଉଟ କମିଶନର ତଥା ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଲାଗିହେଲା ଯେଉଟ ଭୋଗ

**ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)**

ଶନିବାର ଅଶୋକାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ସରିବା ପରେ ଧୋପଖାଳ ହୋଇ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ କରାଯାଇଥିଲା ଓ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ମହାପ୍ରଭୁଙ୍କୁ ଭୋଗ ମଣୋହି କରିଥିଲେ। ବଡ଼ ବାଡ଼ରେ ପୂଜାପଣ୍ଡା, ମଝିବାଡ଼ରେ ପତିମହାପାତ୍ର ଏବଂ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ ଓ ବର୍ଷକରେ ମହାପ୍ରଭୁଙ୍କୁ ଦୁଇଥର ଶ୍ରୀରାମନବମୀ ଏବଂ ଜନ୍ମାଷ୍ଟମୀ ପୂର୍ବଦିନ ଏହି ଯେଉଟ ଭୋଗ କରାଯାଇଥାଏ।

### ମା’ ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୋଲଗଡ,୫।୪(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ପାନନଗରସ୍ଥିତ ମା’ତାରିଣୀ ମନ୍ଦିର ଓ ପାର୍ଶ୍ୱ ଦେବତାଙ୍କ ପ୍ରତିଷ୍ଠା ଉତ୍ସବ ପାନନଗର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରାତଃରୁ କଳସଯାତ୍ରାରେ ଗ୍ରାମର ମହିଳାପୁରୁଷମାନେ ସାମିଲ ହୋଇ ଶୋଭାଯାତ୍ରାରେ ଆସି ମନ୍ଦିର ପରିସର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଅଙ୍କୁରାରୋପଣ, ମଣ୍ଡଳକରଣ, ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞବେଦିପ୍ରତିଷ୍ଠା ଆଦି ନୀତିକାନ୍ତି ସହ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ରପାଠ ସହ ହୋମଯଜ୍ଞ କରାଯାଇ ବିଶ୍ୱକଲ୍ୟାଣ ନିମନ୍ତେ ସନ୍ଧ୍ୟା ଆଳତି ଓ ବିଶ୍ୱଶାନ୍ତି ପ୍ରାଥନା କରି ପୂର୍ଣ୍ଣଆହୁତି ପ୍ରଦାନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା’ତାରିଣୀଙ୍କ ଦର୍ଶନ କରିଥିଲେ। ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାମାଜିକ କର୍ମୀ ପ୍ରକାଶ ମାର୍ଥା ମୁଖ୍ୟକର୍ତ୍ତା ଭାବେ ଉପବିଷ୍ଟ ଥିବା ବେଳେ ୱାର୍ଡସଭ୍ୟ ସୁନୀଲ ନାୟକ, ପୂର୍ବତନ ନାଏବ ସରପଞ୍ଚ ବିଜୟ ତାରିଣୀୟା, ଜଗନ ନାୟକ, କରୁଣା, ମାନସ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ତ୍ରମୁଗ୍ଧ କଲା ଜଗନ୍ନାଥ ଅଷ୍ଟକମ୍

**ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)**

ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ତୃତୀୟ ବାର୍ଷିକ ନୃତ୍ୟ ମହୋତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଆୟକର ବିଭାଗର ଅତିରିକ୍ତ କମିଶନର ଆଶୁତୋଷ ପ୍ରଧାନ, ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ପୋଲାଚି ତାମିଲ୍ ଇସାଇ ସଙ୍ଗମର ମ୍ୟାନେଜର କାଲିମାଥୁ ଏ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଦୀପ୍ତି ରାଉତରାୟ, ଡ. ଶୁଭଶ୍ରୀ ପଟ୍ଟନାୟକ, ପଣ୍ଡିତ ନାରାୟଣ ପତି, ଡିଏନ୍ ଓକ୍ସି ପାର୍କ ସମ୍ପାଦକ ଶଶୀ ଭୂଷଣ ଶତପଥୀ, ପ୍ରେଷ୍ଟିଜ୍ ରେସିଡେନ୍ସିର ସଭାପତି ଶରତ କୁମାର ନାୟକ, ସୋସିଆଲ୍ ମିଡିଆ ଆକ୍ଟିଭିଷ୍ଟ ନରେଶ କୁମାର ରାମକ୍ରିଷ୍ଣାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୌରପ୍ରଭା ବାର୍ଷିକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ଅନୁଷ୍ଠାନର ଛାତ୍ରୀଙ୍କ ସହ ଗୁରୁ ଜ୍ୟୋତିର୍ମୟୀ ଦାସ ଦଳଗତ ଓଡ଼ିଶୀ ନୃତ୍ୟ ‘ଜଗନ୍ନାଥ ଅଷ୍ଟକମ୍’ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ରାମ ହରି ଦାସ କରିଥିବାବେଳେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ନୃତ୍ୟ ସଂଯୋଜନା କରିଥିଲେ। ସେହିପରି ଦଳଗତ ଓଡିଶୀ ନୃତ୍ୟ ଅଭିନୟରେ ଦେବୀସ୍ତୁତି, ଦଶ ଅବତାର ଏବଂ ଯୁଗେ ଯୁଗେ ଜଗନ୍ନାଥ ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ସ୍ୱର୍ଯ୍ୟଜ୍ୟୋତି କଳାକେନ୍ଦ୍ରର କୁନି ଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ନେଇ ଦଳଗତ ନୃତ୍ୟରେ ବାର ମାସେ ତେର ପର୍ବ ପରିବେଷଣ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ବୋଲଗଡ଼,୫।୪ (ଦେବବ୍ରତ ହୋତା)**

ବୋଲଗଡ଼ ନିକଟ ଘୋରଡ଼ିଆ ଗ୍ରାମର ଧର୍ମପରାୟଣା ମହିଳା ସୁଲୋଚନା ସାହୁଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ସେ ୨୫ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟାଙ୍କ ଶାଶୁ। ଖବରପାଇ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ବିଜେଡି କର୍ମୀ ଓ ଅନ୍ୟମାନେ ପହଞ୍ଚି ସୁଲୋଚନାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଶୁଭେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ

## ଏକାମ୍ରକ୍ଷେତ୍ର ସଂସ୍କୃତିର ସହର: ମନ୍ତ୍ରୀ




ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟ ଅତିଥି।

**ପୁରୁଣା ଭୁବନେଶ୍ୱର,୫।୪(ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଏକାମ୍ରକ୍ଷେତ୍ର ସଂସ୍କୃତିର ସହର ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ବାବୁ ସିଂ, ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ରଶ୍ମି ମହାପାତ୍ର, ପ୍ରକାଶନୀର ଉପଦେଷ୍ଟା ଶିବାନନ୍ଦ ରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ସୁରେନ୍ଦ୍ର ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ତ୍ରିଧାରା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ପ୍ରତିଭା ପଣ୍ଡା ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କୋଲକାତାର ରାଜଯୋତି ଡ୍ୟାନ୍ସ ଗ୍ରୁପ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଇଷ୍ଟର୍ଣ୍ଣଜୋନ କଲଚରାଲ ସେଣ୍ଟର ପକ୍ଷରୁ କଳାକାରଙ୍କ ଦ୍ୱାରା ପୁରିଲିଆ ଛଉ ନୃତ୍ୟ ଓ ଗଞ୍ଜାମର ଶ୍ରୀଜଗନ୍ନାଥ ସାଂସ୍କୃତିକ କଳା ନିକେତନର କଳାକାରଙ୍କ ଦ୍ୱାରା ନୃତ୍ୟ ଓ କୋଲକତାର ତାରକ ସାହାଙ୍କ ଗ୍ରୁପ ଦ୍ୱାରା ପରିବେଷଣ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଓ ରତ୍ନପୂର୍ଣ୍ଣା ମହାପାତ୍ର ସଂଯୋଜନା କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ସୂରଜ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।

# ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ: ମୁଖ୍ୟ ବିଚାରପତି

**କଟକ,୫।୪(କାର୍ତ୍ତିକ ସାହୁ)**

ଯୁବ ଆଇନଜୀବୀ ନ୍ୟାୟପାଳିକାର ଭବିଷ୍ୟତ। ସେମାନଙ୍କ ଦୁଃଖ ଓ ଯନ୍ତ୍ରଣା ଅନୁଭବ କରିବାର ଦାୟିତ୍ୱ ବିଚାରପତିମାନଙ୍କର। ଯୁବ ଆଇନଜୀବୀଙ୍କ ମଧ୍ୟରେ ଆଇନ ପ୍ରତି ଆଗ୍ରହ ଓ ସାମାଜିକ ପ୍ରତିବଦ୍ଧତା ସେମାନଙ୍କୁ ଆଇନ ପେଷାର ଶୀର୍ଷତମ ସ୍ତରରେ ପହଞ୍ଚାଇ ପାରିବ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କହିଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଟଣ୍ଡନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ବୌଦ୍ଧିକ ଦିଗ ଶକ୍ତିଶାଳୀ ହେଲେ ଆଇନର




କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିକାଶ ଦିଗରେ ସହାୟକ ହେବ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅଧ୍ୟକ୍ଷତା କରି ପରିଷଦର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଡ୍‌ଭୋକେଟ୍ ଏକାଡେମୀ ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପାନନ୍ଦ ଦାଶ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭକ୍ତ ଭୂଷଣ ବାରିକ ମୁଖ୍ୟ ବିଚାରପତିଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ଓ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ବାର୍ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଆଜିଠୁ ଶ୍ରୀକ୍ଷେତ୍ରରେ ସାହିଯାତ

## ପାରମ୍ପରିକ ସମର କଳା ଓ ବୀରବାଦ୍ୟରେ ଦୁଲୁକିବ ପୁରୀ

**ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)**

ରାମ ନବମୀ ୬ ତାରିଖ ଠାରୁ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହେବ। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସାହିଯାତ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ବୀରବାଦ୍ୟର ତାଳେ ତାଳେ ଚାରିଆଡ଼େ ଚାଲିଛି ରାବଣ, ପର୍ଶୁରାମ ସମେତ ଅନ୍ୟାନ୍ୟ ନୃତ୍ୟ ଓ ସମରକଳା ଅଭ୍ୟାସ। ସରକାର ଚଳିତ ବର୍ଷ ସାହିଯାତ ଅନୁଦାନ ରାଶି ବୃଦ୍ଧି କରିଛନ୍ତି।

ଶୃଙ୍ଖଳିତ ଭାବେ ସାହିଯାତକୁ ସମାପନ କରିବା ପାଇଁ ସାତସାହି ମୁରବୀ, ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଚୂଡ଼ାନ୍ତ ବୈଠକ ଶେଷ ହୋଇଛି। ବୀରବାଦ୍ୟରେ କମ୍ପୁଛି ଯାଗା ଓ ଆଖଡ଼ା ଘର। ପାହୁଲ ଓ ଠାଣିରେ ମଜିଛନ୍ତି ସାହି ଭେଣ୍ଡିଆ। ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ପୁରୀ ସହର। ମଲିଫୁଲ ମାଳର ବାସ୍ନାରେ ମହକିବ ପୁରୁଷୋତ୍ତମ କ୍ଷେତ୍ର। ରାମନବମୀ ଦିନ ଭଗବାନ ରାମଚନ୍ଦ୍ରଙ୍କ ଜନ୍ମନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବା ସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହେବ। ଗୋଟିଏ ସାହିର ଯାତ ତା’ର ପାରମ୍ପରିକ ବାଦୀ ତଥା ବନ୍ଧୁ ସାହିକୁ ଯାଇଥାଏ। ସେଠାରେ ରାବଣ, ପର୍ଶୁରାମ, ନବଶିରା, ସପ୍ତଶିରା, ମେଢ଼, ନାଗା ନୃତ୍ୟ ସହ ସମରକଳା ପ୍ରଦର୍ଶନ କରିବେ। ଶ୍ରୀମନ୍ଦିର ରୀତିନୀତି ସହ ସାହିଯାତ ଜଡ଼ିତ ଥିବାରୁ ପ୍ରତିଦିନ ସାହିରୁ ବାହାରିବାକୁ ଥିବା ଚରିତ୍ରଗୁଡ଼ିକ ବନ୍ଧୁ ସାହି ବା ବାଦିସାହିରେ ନୃତ୍ୟ ପ୍ରଦର୍ଶନ କରିବା ପରେ ଜଗନ୍ନାଥବଲ୍ଲଭ ମଠକୁ ଯିବେ। ସେଠାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ନୀତିରେ ସାମିଲ ହେବେ।

# ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଏମ୍‌ସିର ତତ୍ପରତା

## ୩ ଜୋନାଲ କମିଶନରଙ୍କୁ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର,୫।୪(ବନ୍ଦନା ସେଠୀ)**

ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ରାଜଧାନୀ ପ୍ରତିଷ୍ଠା ଦିବସ ମହାଆଡ଼ମ୍ବର ସହକାରେ ପାଳନ ହେବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ହେବାସହ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୱାର୍ଡସ୍ତରରେ ମଧ୍ୟ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଶନିବାର ବିଏମ୍‌ସି ପକ୍ଷରୁ ବୈଠକ ବସି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ୩ ଜୋନ୍‌ର ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସଂପୃକ୍ତ କର୍ପୋରେଟରଙ୍କ ସହ ଯୋଗାଯୋଗ କରି ତାଙ୍କ ପରାମର୍ଶ ଓ ଗୋଷ୍ଠୀ ସହଯୋଗରେ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବେ। ପ୍ରତି ଜୋନ୍‌ରୁ ୩ଜଣ ଲେଖାଏ ଶ୍ରେଷ୍ଠ ବିବେଚିତ ବିଜେତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣଙ୍କୁ ‘ରାଜଧାନୀ ଗୌରବ’ ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। କମିଶନର ରାଜେଶ ପ୍ରଭାକର ପାଟିଲ୍ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷାଅଧ୍ୟକ୍ଷ, କର୍ପୋରେଟର, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସିର ସମସ୍ତ ଅତିରିକ୍ତ କମିଶନର, ଜୋନାଲ କମିଶନର, ଡେପୁଟି କମିଶନର ଓ ସହକାରୀ କମିଶନର ଉପସ୍ଥିତ ଥିଲେ।

**କ୍ୟାରିୟର କାଉନ୍ସେଲିଂ କିଶୋରୀଙ୍କୁ ସହାୟତା ଦେବ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ସର୍କିଟ ହାଉସଠାରେ ଶନିବାର ପୂର୍ବାହ୍ନରେ କୃଷ୍ଣପ୍ରସାଦ, କଣାସ, ଡେଲାଙ୍ଗ, ପିପିଲି, ନିମାପଡ଼ା ଓ କାକଟପୁର ବ୍ଲକର କିଶୋରୀମାନଙ୍କୁ ଭବିଷ୍ୟତ ଗଢ଼ିବା ସମ୍ପର୍କରେ ମାର୍ଗଦର୍ଶନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ନିଜ କ୍ୟାରିୟର ଗଠନ ପାଇଁ ଏହି କର୍ମଶାଳା ପିଲାମାନଙ୍କୁ ନୂତନ ଅଭିଜ୍ଞତା ପ୍ରଦାନ କରିବ ବୋଲି ଆଶା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୁରୀ ଆଇଟିଆଇର ଅଧକ୍ଷ ପ୍ରମୋଦ କୁମାର ସାମଲଙ୍କ ପରାମର୍ଶକ୍ରମେ ମାଷ୍ଟର ଟ୍ରେନର ଭାବେ ଆଇଟିଆଇର ପ୍ରଶିକ୍ଷକ ଦେବପ୍ରସାଦ ମହାପାତ୍ର, ଅନିତା ଜଗଦେବ, ଟାଟା ଷ୍ଟ୍ରାଇଭର ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ଚନ୍ଦ୍ର ପ୍ରଧାନ, ମହେଶ୍ୱତା ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ।

**ସଂକ୍ଷେପରେ**

## ଗାଁ ଗାଁ ବୁଲିଲା ଶିକ୍ଷା ସଚେତନତା ରଥ

କୋଣାର୍କ,୫।୪(ଜ୍ୟୋତିରାଜ ମହାନ୍ତି)

ଗୋପ ବ୍ଲକ ଅଧୀନ ୨୦ଟି କ୍ଲଷ୍ଟରର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସମେତ ପ୍ରତ୍ୟେକ ଗ୍ରାମରେ ଶିକ୍ଷା ସଚେତନତା ରଥ ପରିଭ୍ରମଣ କରିଛି। କାର୍ଯ୍ୟକ୍ରମରେ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଶିଶୁଙ୍କ ନାମ ଲେଖାଇ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ନିପୁଣ ଭାରତ ତଥା ଓଡ଼ିଶା ମିଶନକୁ ସାକାର କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଥିବା ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ୫ ବର୍ଷ ବୟସ୍କ ଶିଶୁଙ୍କୁ ଶିଶୁ ବାଟିକା ଏବଂ ୬ ବର୍ଷ ବୟସ୍କ ଶିଶୁଙ୍କ ନାମ ପ୍ରଥମ ଶ୍ରେଣୀରେ ଲେଖାଯିବା ପ୍ରକ୍ରିୟା ଜାରି ରହିଛି। ବ୍ଲକର ପ୍ରତ୍ୟେକ ବିଦ୍ୟାଳୟକୁ ଶିଶୁ ବାଟିକା ସମେତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଥିବା ବିଇଓ ବ୍ରହ୍ମା ସୂଚନା ଦେଇଛନ୍ତି।

## କର୍ତ୍ତବ୍ୟନିଷ୍ଠ ହୋଇ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ

### ଆମ ସଂସ୍କୃତି ଆମ ଯୋଜନା କାର୍ଯ୍ୟକ୍ରମ

କଣାସ, ୫।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବକୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀମକୁନ୍ଦପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଶନିବାର ବାର୍ଷିକୋତ୍ସବ ତଥା ଆମ ସଂସ୍କୃତି ଆମ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବଳ ରାଉତ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ସାହୁ, ପୂର୍ବତନ ବିଦ୍ୟାଳୟ ପରିଚାଳନ ସମିତି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ, ବର୍ତ୍ତମାନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟପ୍ରିୟ ମଙ୍ଗରାଜ ଓ ଗଡ଼ବଳଭଦ୍ରପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସର୍ବେଶ୍ୱର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା କରିବା, କର୍ତ୍ତବ୍ୟ ନିଷ୍ଠ ହେବା ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ସୌଦାମିନୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ବିଶ୍ୱମ୍ଭର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଭକ୍ତିପ୍ରିୟା ସାହୁ ଓ ସ୍ୱାଗତିକା ସାହୁ ଏଥିରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ପୁରସ୍କାର ପ୍ରଦାନ କରିଥିବାବେଳେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରସ୍ତାବିତ ଏୟାରପୋର୍ଟ ପାଇଁ ସ୍ୱତନ୍ତ୍ର ଟିମ୍‌ର କ୍ଷେତ୍ର ପରିଦର୍ଶନ

### ୯ରେ ଏୟାରପୋର୍ଟ ଜମି ଅଧିଗ୍ରହଣ ସମ୍ପର୍କିତ ଜନଶୁଣାଣି

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟକୁ ନେଇ ଶନିବାର ଏକ ସ୍ୱତନ୍ତ୍ର ଟିମ୍ ପୁରୀ ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ୪ଜଣିଆ ଟିମ୍ ପୁରୀ ଆସିଥିବାବେଳେ ପ୍ରଥମେ ସର୍କିଟ ହାଉସ ଓ ପରେ ଗୋରୁଆଳ ନିକଟରେ ନିର୍ମାଣ ହେଉଥିବା ବିମାନବନ୍ଦରର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେଠାରେ ନିର୍ମାଣର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ନକ୍ସାକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବନଖଣ୍ଡ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଏୟାରପୋର୍ଟ ନିର୍ମାଣ ନେଇ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।

ଏୟାରପୋର୍ଟ ନିର୍ମାଣ କରାଗଲେ ପରିବେଶ ସନ୍ତୁଳନ କିଭଳି ରହିପାରିବ ସେ ଦିଗରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଆସନ୍ତା ୯ତାରିଖ ଦିନ ଏୟାରପୋର୍ଟ ନିର୍ମାଣ ନେଇ ଜମି ଅଧିଗ୍ରହଣ ସମ୍ପର୍କିତ ଜନଶୁଣାଣି ହେବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ଘରୋଇ ଜମି ଅଧିଗ୍ରହଣ ନେଇ ଆର୍ ଆଣ୍ଡ ଆର୍ ପଲିସି ଅନୁସାରେ ଜନଶୁଣାଣି କରାଯିବ ବୋଲି ପୁରୀ ଜିଲାପାଳ ସୂଚନା ଦେଇଛନ୍ତି। ଏୟାରପୋର୍ଟ ଅଥରିଟିର ଟିମ୍ ଆସି ସମୀକ୍ଷା କରିବା ଏବଂ ସେପଟେ ଜମି ଅଧିଗ୍ରହଣ ପ୍ରକ୍ରିୟା ନେଇ ଜନଶୁଣାଣି ହେବାକୁ ଥିବାବେଳେ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ନିର୍ମାଣ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା, ତାହା ଦୂରୀଭୂତ ହୋଇଥିବା ଜଣାପଡ଼ିଛି।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏନ୍‌ଭାଇରନ୍‌ମେଣ୍ଟ ଆସେସ୍‌ମେଣ୍ଟ ନିମନ୍ତେ ଫରେଷ୍ଟ ଆଡ୍‌ଭାଇଜରି କମିଟିର ଏକ ଟିମ୍ ପୁରୀ ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଭିନ୍ନ ବିଭାଗ ଓ ଜିଲା ପ୍ରଶାସନର ପ୍ରତିନିଧିମାନେ ଉକ୍ତ ଟିମ୍ ସହ କ୍ଷେତ୍ର ପରିଦର୍ଶନରେ ସାମିଲ ହୋଇଛନ୍ତି । ସେହିପରି ଦ୍ୱିତୀୟ ପକ୍ଷରେ ବିମାନବନ୍ଦର ନିମନ୍ତେ ଘରୋଇ ଜମି ଅଧିଗ୍ରହଣ ସମ୍ପର୍କରେ ଆଗାମୀ ସପ୍ତାହ ମଧ୍ୟରେ ୨ଟି ଗ୍ରାମରେ ପ୍ୟାକେଜ ସମ୍ପର୍କରେ ଆଲୋଚନା କରାଯିବ। ସରକାରଙ୍କ ପ୍ୟାକେଜର ପଲିସି ମଧ୍ୟରେ ଆଲୋଚନା କରାଯିବ। ଲୋକଙ୍କ ଦାବିଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।



ଶନିବାର କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଅଧିକାରୀମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।




ରଥଯାତ୍ରା ନିମନ୍ତେ ଶନିବାର ତୃତୀୟ ପର୍ଯ୍ୟାୟ ରଥକାଠ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଛନ୍ତି ।

## ଆଜିଠୁ ଶ୍ରୀକ୍ଷେତ୍ରରେ ସାହିଯାତ

### ପାରମ୍ପରିକ ସମର କଳା ଓ ବୀରବାଦ୍ୟରେ ଦୁଲୁକିବ ପୁରୀ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ରାମନବମୀ ୬ ତାରିଖଠାରୁ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହେବ। ଶ୍ରୀମନ୍ଦିର ରୀତିନୀତି ସହ ସମ୍ପୃକ୍ତ ଏହି ସାହିଯାତରେ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଶ୍ରୀରାମ ଜନ୍ମଠାରୁ ଆରମ୍ଭକରି ରାମାଭିଷେକ ପର୍ଯ୍ୟନ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ଜାଗା ଆଖଡ଼ା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସାହିଯାତ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ବୀରବାଦ୍ୟର ତାଳେ ତାଳେ ଚାରିଆଡ଼େ ଚାଲିଛି ରାବଣ, ପର୍ଶୁରାମ ସମେତ ଅନ୍ୟାନ୍ୟ ନୃତ୍ୟ ଓ ସମରକଳା ଅଭ୍ୟାସ। ଅପରପକ୍ଷରେ ସରକାର ଚଳିତ ବର୍ଷ ସାହିଯାତ ଅନୁଦାନ ରାଶି ବୃଦ୍ଧି କରିଛନ୍ତି।

ଶୃଙ୍ଖଳିତ ଭାବେ ସାହିଯାତକୁ ସମାପନ କରିବା ପାଇଁ ସାତସାହି ମୁରବି, ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଚୂଡ଼ାନ୍ତ ବୈଠକ ଶେଷ ହୋଇଛି। ବୀରବାଦ୍ୟରେ କମ୍ପୁଛି ଜାଗା ଓ ଆଖଡ଼ାଘର। ପାହ୍ଲୁ ଓ ଠାଣିରେ ମଜ୍ଜିଛନ୍ତି ସାହି ଭେଣ୍ଡିଆ। ବୀରଦର୍ପ ଚାଲି, କଥାକୁହା ଆଖି ଓ ମନମତାଣିଆ ବେଶରେ ବିଭୋର ପୁରୀ ସହର। ମଲିଫୁଲ ମାଳର ବାସ୍ନାରେ ମହକିବ ପୁରୁଷୋତ୍ତମ କ୍ଷେତ୍ର। ରାମନବମୀ ଦିନ ଭଗବାନ ରାମଚନ୍ଦ୍ରଙ୍କ ଜନ୍ମନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବା ସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହେବ। ଗୋଟିଏ ସାହିର ଯାତ ତା'ର ପାରମ୍ପରିକ ବାଦୀ ତଥା ବନ୍ଧୁ ସାହିକୁ ଯାଇଥାଏ। ସେଠାରେ ରାବଣ, ପର୍ଶୁରାମ, ନବଶିରା, ସପ୍ତଶିରା, ମେଢ଼, ନାଗାନୃତ୍ୟ ସହ ସମରକଳା ପ୍ରଦର୍ଶନ କରିବେ। ଶ୍ରୀମନ୍ଦିର ରୀତିନୀତି ସହ ସାହିଯାତ ଜଡ଼ିତଥିବାରୁ ପ୍ରତିଦିନ ସାହିରୁ ବାହାରିବାକୁ ଥିବା ଚରିତ୍ରଗୁଡ଼ିକ ବନ୍ଧୁ ସାହି ବା ବାଦିସାହିରେ ନୃତ୍ୟ ପ୍ରଦର୍ଶନ କରିବା ପରେ ଜଗନ୍ନାଥବଲ୍ଲଭ ମଠକୁ ଯିବେ। ସେଠାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ନୀତିରେ ସାମିଲ ହେବେ। ଶ୍ରୀରାମନବମୀଠାରୁ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେବାପରେ ଆଜ୍ଞାମାଳ ପାଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଚଳନ୍ତି ବିଗ୍ରହ ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥବଲ୍ଲଭ ମଠକୁ ଯାଇଥାନ୍ତି। ସେଠାରେ ଯଜ୍ଞରକ୍ଷା, ଶିବଧନୁ ଭଙ୍ଗ, ସୀତାବିବାହ, ପର୍ଶୁରାମ ଲୀଳା, ମାୟାମୃଗ ଲୀଳା, ଲଙ୍କାପୋଡ଼ି ଲୀଳା ଓ ରାବଣବଧ ଲୀଳାମାନ ସମ୍ପନ୍ନ ହୋଇଥାଏ। ସାହିଯାତକୁ ଶୃଙ୍ଖଳିତ ଭାବେ ସମାପନକରିବା ପାଇଁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ସାହି ଆଖଡ଼ା ମୁରବିଙ୍କ ସହ ଆଲୋଚନା କରାଯାଇଛି। ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହୋଇଥାଏ।

## ୯ରୁ ମଙ୍ଗଳାଙ୍କ ପୀଠରେ ଚଇତିପର୍ବ, ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

କଣାସ,୫।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗ୍ରାମପଞ୍ଚାୟତର ଜଳିଆପଡ଼ା ଠାରେ ପ୍ରତିଷ୍ଠିତ ଓଡ଼ିଶା ସରକାରଙ୍କ ଦ୍ୱାରା ମାନ୍ୟତା ପାଇଥିବା ମା' ମଙ୍ଗଳାଙ୍କ ପୀଠରେ ଆସନ୍ତା ୯ ତାରିଖଠାରୁ ଚଇତି ପର୍ବ ଏବଂ ତ୍ରୟୋବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବ। ୧୨ ତାରିଖରେ ପୂର୍ଣ୍ଣାହୁତି ହୋଇ ଉଦ୍‌ଯାପିତ ହେବ। ୪ ଦିନ ଧରି ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ, ଯଜ୍ଞଆହୁତି ଏବଂ ଅଳତା ସେବା ଅନୁଷ୍ଠିତ ହେବ। ବହୁ ଜନସମାଗମ ହେତୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କଣାସ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟରକ୍ଷା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗ୍ରାମ୍ୟ ଜଳ ଯୋଗାଣ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## ସରିଲା ହରି ସହଦେବଙ୍କ ମେଳଣ

ସାକ୍ଷୀଗୋପାଳ,୫।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ବଳପୁର ଗ୍ରାମର ହରି ସହଦେବ ଠାକୁରଙ୍କ ମେଳଣ ଶନିବାର ରାତିରେ ଶେଷ ହୋଇଯାଇଛି। ସୁସଜ୍ଜିତ ବିମାନରେ ପଣ୍ଡାସାହି ଭଗବତ ବାସୁଦେବ ଠାକୁର ଥାନପତି ଭାବରେ ଶୋଭାଯାତ୍ରାରେ ମେଳଣକୁ ବିଜେ କରି ଖୁଣ୍ଟ ଲାଗି ହୋଇଥିଲେ। ପରେ ପରେ କୁସୁମେଶ୍ୱର, ଆନନ୍ଦପୁର, ବେହେରାସାହି, ମହାରଣାସାହି, ପଥୁରିଆସାହି, ବାଇଁଶିବାଡ଼ି, ଦିହୁଡିସାହି, ସାରଙ୍ଗଯୋଡି ଆଦି ଗ୍ରାମର ଭାଗବତ ଠାକୁର ଘଣ୍ଟଘଣ୍ଟା, ହରିନାମ ସଂକୀର୍ତ୍ତନ ମଣ୍ଡଳୀ ସହ ମେଳଣପଡ଼ିଆରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ଏବଂ ବିଳମ୍ବିତ ରାତିରେ ଅପେରା ପରିବେଷଣ ହୋଇଥିଲା। ଦେଶ କମିଟି ସଭ୍ୟ ବୃନ୍ଦ ଓ ସଭାପତି ଜଟାଧାରୀ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଗୋରୁଦେବତା ଭାବରେ ପୂଜା ପାଉଥିବା ହରି ସହଦେବ ଠାକୁରଙ୍କ ଅପାର ମହିମା ରହିଛି। ଗୋରୁଙ୍କ ବିଭିନ୍ନ ରୋଗ ପୀଡ଼ା ଉପଶମ ଏବଂ ସେମାନଙ୍କ ଉପରୁ ନକାରାତ୍ମକ ପ୍ରଭାବରୁ ରକ୍ଷା ନିମନ୍ତେ ଆଖପାଖ ଲୋକେ ହରି ସହଦେବ ଠାକୁରଙ୍କ ଉପରେ ଅଗାଧ ବିଶ୍ୱାସ ରହିଛି। ଏଥିପାଇଁ ବର୍ଷ ତମାମ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଏଠାରେ ସମାଗମ ଲାଗିଥାଏ।

## ମହାବୀର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

ନିମାପଡ଼ା,୫।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଖେଲାର ବରହିଷ୍ଠ ନାଗରିକ ମଞ୍ଚ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ଅଲଣ୍ଡା ଗ୍ରାମପଞ୍ଚାୟତର ମଣିଜଙ୍ଗ ଗ୍ରାମସ୍ଥିତ ମଣି ମହାବୀର ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ନିମାପଡ଼ା ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ବାମଦେବ ସ୍ୱାଇଁ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ସରପଞ୍ଚ ବନ୍ଦିତା ମଙ୍ଗରାଜ, ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାଜକିଶୋର ସାମନ୍ତରାୟ, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଅରବିନ୍ଦ ଶତପଥୀ, ମହାବୀର ବରିଷ୍ଠ ମଞ୍ଚ ସଭାପତି ନରେନ୍ଦ୍ର ମୋହନ ପରିଡ଼ା, ସମ୍ପାଦକ ରବି ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଚିରନମସ୍ୟ, ପୂଜନୀୟ, ପ୍ରତ୍ୟକ ନାଗରିକମାନେ ସବୁକ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ, ସହଯୋଗର ହାତ ବଢାଇବା ଆବଶ୍ୟକ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସମସ୍ୟାର ସମାଧାନ ଓ ପ୍ରତିକାର ପାଇଁ ପୋଲିସ ସଂକଳ୍ପବଦ୍ଧ ବୋଲି ପୋଲିସ ଅଧିକାରୀ କହିଛନ୍ତି। ସମାରୋହରେ ପୋଲିସ ଅଧିକାରୀମାନେ ୫୫ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବାଣ୍ଟିଥିଲେ। ଉତ୍ସବରେ ସ୍ଥାନୀୟ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟା ଯାଇଥିଲା। ଉତ୍ସବରେ ସ୍ଥାନୀୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବରିଷ୍ଠ ନାଗରିକ ।

## ଟଙ୍କା ହେରଫେର ନେଇ ଜଣେ ଗିରଫ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ହୋଟେଲ ଆକାଉଣ୍ଟରୁ ଟଙ୍କା ହେରଫେର କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ହୋଟେଲ କର୍ମଚାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୀମସେନ ପାଢ଼ୀ। ପୋଲିସ ତାଙ୍କ ନିକଟରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଇଲେକ୍ଟ୍ରିକ୍ ଗାଡି ଏବଂ ମୋବାଇଲ ଫୋନ ଜବତ କରିଛି। ଏନେଇ ନଂ. ୮୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହୋଟେଲ ମ୍ୟାନେଜରଙ୍କ ଅଭିଯୋଗ ଅନୁଯାୟୀ, ଆକାଉଣ୍ଟ ବିଭାଗରେ ସିନିୟର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ଭୀମସେନ ଆକାଉଣ୍ଟରୁ ୨୩,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିନେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରି ଭୀମସେନଙ୍କୁ କାବୁ କରିବାରେ ସଫଳ ହୋଇଛି।

## ଚାକିରି କରାଇଦେବା ଆଳରେ ଠକେଇ, ଜେଲଗଲେ ଅଭିଯୁକ୍ତ ପିଅନ

ଗୋପ,୫।୪(ଭାରତୀ ଭୂଷଣ ଉପାଧ୍ୟାୟ)

ବିଭିନ୍ନ ସମୟରେ ବହୁ ଲୋକଙ୍କଠାରୁ ଚାକିରି କରାଇ ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗୋପ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ କୋର୍ଟରେ ପିଅନ ଚାକିରି କରିଥିବା ଗୋପ ଥାନା ଅଧୀନ ଶୋଳପୁର ଗ୍ରାମର ବ୍ରଜବନ୍ଧୁ ବାରିକ୍ (୪୫)। ଏନେଇ ପୋଲିସ ନଂ.୬୩/୨୫ରେ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ କହିଛନ୍ତି।

ପ୍ରକାଶ ଯେ, ବ୍ରଜବନ୍ଧୁ ଗୋପ ଥାନା ସୁବର୍ଣ୍ଣପୁର ଗ୍ରାମର ସୁରେଶ କୁମାର ସାହୁଙ୍କଠାରୁ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ନେଇଥିଲେ। ମାତ୍ର ଚାକିରି କରାଇଦେବା ବିଳମ୍ବ ହେବାରୁ ସୁରେଶ ତାଙ୍କୁ ଟଙ୍କା ମାଗି ବାରମ୍ବାର ବିଫଳ ହୋଇଥିଲେ। ଫଳରେ ସେ ଗତ ୧୧ ତାରିଖରେ ଗୋପ ଥାନାରେ ଅଭିଯୋଗ ଦେବା ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିଥିଲା। ଶନିବାର ପୋଲିସ ବ୍ରଜବନ୍ଧୁଙ୍କୁ ସୋନପୁରସ୍ଥିତ ମା' ଅଡଙ୍ଗେଇ ପୀଠରୁ କାବୁ କରିଥିଲା। ସେହିପରି ଅଭିଯୁକ୍ତ ପୁରୀ ବାଲିଘାଟ ଅଞ୍ଚଳର ମନୋଜ କୁମାର ପଢିହାରୀଙ୍କଠାରୁ ୫ ଲକ୍ଷ ଟଙ୍କା ସୁଧ ଆକାରରେ ଆଣିବା ଓ ନାଗପୁର ଅଞ୍ଚଳର ରାମଚନ୍ଦ୍ର ମୁରୁଡ଼ିଙ୍କ ପୁଅଙ୍କୁ ଚାକିରି କରାଇ ଦେବାକୁ ୧ ଲକ୍ଷ ଟଙ୍କା ନେବା ଭଳି ଅଭିଯୋଗ ଥାନାରେ ହୋଇଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି।

## ଶିଶୁଙ୍କ ସାମଗ୍ରିକ ଶିକ୍ଷାର ବିକାଶ ଅଭିଭାବକଙ୍କ ଗୁରୁଦାୟିତ୍ୱ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାରସ୍ଥିତ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶିକ୍ଷାଶାସ୍ତ୍ରୀ ବିଭାଗ ଡ. ଲକ୍ଷ୍ମୀନାରାୟଣ ବେହେରା, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଆଲୁମ୍ନି ପ୍ରତିନିଧି ସୁକାନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିବୃନ୍ଦ ସେମାନଙ୍କ ଅଭିଭାଷଣରେ ଶିଶୁମାନଙ୍କ ସାମଗ୍ରିକ ଶିକ୍ଷାର ବିକାଶରେ ଅଭିଭାବକଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ କହିଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାଶ, ଉତ୍କଳ ବଚ୍‌ପନ୍‌ର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ମିଶ୍ର, ବରିଷ୍ଠ କଳାକାର ସତ୍ୟନାରାୟଣ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କେତେଜଣ କୃତୀ କଳାକାରଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପୁଷ୍ପାରାଣୀ ପଣ୍ଡା ଓ ଧର୍ମେନ୍ଦ୍ର ହାଁସଦା ସଞ୍ଚାଳନ କରିଥିବା ବେଳେ ସ୍ୱପ୍ନାରାଣୀ ହୋତା ଅତିଥି ପରିଚୟ ଦେଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ବାର୍ଷିକ ବିବରଣୀ ପାଠକରି ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଅଶୋକାଷ୍ଟମୀ ଉପଲକ୍ଷେ ଚଳଚଞ୍ଚଳ ରାୟଚକ୍ରଧରପୁର

ସାକ୍ଷୀଗୋପାଳ,୫।୪ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ରାୟଚକ୍ରଧରପୁର ଗ୍ରାମରେ ଶନିବାର ଅଶୋକାଷ୍ଟମୀ ପାଳିତ ହୋଇଯାଇଛି। ପୂର୍ବ ପରମ୍ପରାକ୍ରମେ ରାତିରେ ଠାକୁରଙ୍କ ରଥଯାତ୍ରା ଓ ଦୁଆରି ଭୋଗ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବଂପାଳ ଶ୍ରୀ ନୀଳକଣ୍ଠେଶ୍ୱର, ଶ୍ରୀ ହରିଶଙ୍କର, ରାୟଚକ୍ରଧରପୁର ପ୍ରଥମ ଭାଗରେ ଶ୍ରୀଗୋପୀନାଥ ଦେବ ଓ ଶ୍ରୀରାଧାଙ୍କ ସହିତ ରଥାରୂଢ଼ ହୋଇଥିଲେ। ସେଠାରେ ଫୁଲ ବେଶ, ଆଳତି ଅନୁଷ୍ଠିତ ହୋଇଥିଲା। ପରେ ଛତିତ୍ରାସ, ଘଣ୍ଟ, କାହାଳୀ, ଢୋଲ, ମହୁରି ସହ ମଶାଲ ଜଳାଇ ଶୋଭାଯାତ୍ରାରେ ପୂଜକ ଓ ଗ୍ରାମବାସୀ ରଥ ଟାଣିଥିଲେ। ଗ୍ରାମ ମଧ୍ୟଭାଗରେ ଠାକୁର ଖୁଣ୍ଟଲାଗି ହୋଇ ବିରାଜମାନ କରିବା ପରେ ପନ୍ତୀଭୋଗ ଅନୁଷ୍ଠିତ ହୋଇଥିଲା। ତିନିଖଣ୍ଡିର ଆତସବାଜି ପ୍ରଦର୍ଶନ, ପଣାଭୋଗ ହୋଇଥିଲା। ରବିବାର ସକାଳେ ଠାକୁର ମାଉସୀ ଘର ମା' ଜାଗେଶ୍ୱରୀଙ୍କ ମନ୍ଦିରକୁ ବିଜେ କରି ସେଠାରେ ୪ ଦିନ ଆସ୍ଥାନ କରିବା ବିଧି ରହିଛି ବୋଲି ଗ୍ରାମବାସୀ କମଳାକାନ୍ତ ମିଶ୍ର କହିଛନ୍ତି। ରଥ ଦେଖିବାକୁ ଆଖପାଖ ଗ୍ରାମର ଲୋକଙ୍କ ଭିଡ଼ ଜମିଥିଲା।

## ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

### ମଧୁପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୫।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ମଧୁପୁରସ୍ଥିତ ମଧୁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଯୋଗଦେଇ ଜୀବନର ଲକ୍ଷ୍ୟ ପଥରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ମଧୁପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ଶିବଚରଣ ପରିଡ଼ା, ସମ୍ମାନିତ ଅତିଥି ଭାବେ ମିଳିତ ଶିକ୍ଷକ ସଂଘ ସଭାପତି ବିପିନ ବିହାରୀ ମହାନ୍ତି, ଶିକ୍ଷକ ନେତା ମଙ୍ଗୁଳି ଚରଣ ଦାଶ, ସାଧନ ସଂଯୋଜକ ଗଣେଶ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଚଳିତବର୍ଷ ତୃତୀୟ ମେଧାବୃତ୍ତିରେ ସଫଳତା ଅର୍ଜନ କରିଥିବା ଅଭିଷେକ ବେହେରା, ରାଜଲକ୍ଷ୍ମୀ ବେହେରା ଓ ପଞ୍ଚମରେ ୨ ଜଣ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଦେବସ୍ମିତା ବେହେରା ଓ ଗୋବିନ୍ଦ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ସହକାରୀ ଶିକ୍ଷକ ଅନିଲ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଣିପୁର ବିବାଦର ସମାଧାନ ପାଇଁ ମେଇତି-କୁକି ଗୋଷ୍ଠୀ ସହ କେନ୍ଦ୍ରର ଆଲୋଚନା

ନୂଆଦିଲ୍ଲୀ,୫।୪(ପି.ଟି.)

ମଣିପୁର ବିବାଦର ସମାଧାନ କରି ସ୍ଥାୟୀ ଶାନ୍ତି ଆଣିବାର ଉଦ୍ୟମ ସ୍ୱରୂପ କେନ୍ଦ୍ର ସରକାର ଶନିବାର ମେଇତି ଏବଂ କୁକି ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ୨୦୨୩ ମେ'ରୁ ୨ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଏହାର ସମାଧାନର ସୂତ୍ର ବାହାର କରିବା ପାଇଁ କେନ୍ଦ୍ରର ଉଦ୍ୟମ କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ମେଇତି ଏବଂ କୁକିଙ୍କ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗ ବଢ଼ାଇବା ସହିତ ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ପାଇଁ ଦିଶାନିର୍ଦ୍ଦେଶ ବାହାର କରିବା ବୈଠକର ଉଦ୍ଦେଶ୍ୟ। ମେଇତିର ୬ ଜଣିଆ ପ୍ରତିନିଧିଙ୍କ ମଧ୍ୟରେ ଅଲ୍ ମଣିପୁର ୟୁନାଇଟେଡ୍ କ୍ଲବ୍‌ସ ଅର୍ଗାନାଇଜେଶନ (ଏଏମ୍‌ୟୁସିଓ) ଏବଂ ଫେଡେରେଶନ ଅଫ୍ ସିଭିଲ୍ ସୋସାଇଟି ଅର୍ଗାନାଇଜେଶନ (ଏଫ୍‌ଓସିଏସ୍)ର ପ୍ରତିନିଧି ରହିଥିବାବେଳେ କୁକି ତରଫରୁ ୯ ଜଣ ପ୍ରତିନିଧି ବୈଠକରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ତରଫରୁ ଗୋଇନ୍ଦା ବ୍ୟୁରୋର ଅବସରପ୍ରାପ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏ.କେ. ମିଶ୍ରାଙ୍କ ସମେତ ଅନ୍ୟ ମଧ୍ୟସ୍ଥମାନେ ଉପସ୍ଥିତ ଥିଲେ। ପୂର୍ବରୁ ମେଇତି ଏବଂ କୁକି ସମ୍ପ୍ରଦାୟର ନେତାମାନଙ୍କ ସହ ଅଲଗା ଅଲଗା ଆଲୋଚନା ହୋଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ମିଳିତ ବୈଠକ ଡାକିବ ବୋଲି ଗତ ଗୁରୁବାର ବିଭାଗୀୟ ମନ୍ତ୍ରୀ ଅମିତ୍ ଶାହା ଲୋକ ସଭାରେ କହିଥିଲେ।

## ହୃତ୍‌ପିଣ୍ଡ ସର୍ଜରି ବେଳେ ୭ ରୋଗୀଙ୍କୁ ମାରିଦେଲେ ନକଲି ଡାକ୍ତର

ଦମୋହ,୫।୪

ମଧ୍ୟପ୍ରଦେଶର ଦମୋହ ସହରର ଏକ ଘରୋଇ ମିଶନାରି ହସ୍ପିଟାଲରେ ଜଣେ ନକଲି ଡାକ୍ତର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ବେଳେ ଅନ୍ୟୁନ ୭ ଜଣ ରୋଗୀଙ୍କୁ ମାରିଦେଇଥିବା ଅଭିଯୋଗ ହୋଇଛି। ଜିଲା ଅଧିକାରୀ ଅଭିଯୋଗର ତଦନ୍ତ ଚଳାଇଛନ୍ତି। ମାସେ ମଧ୍ୟରେ ଉକ୍ତ ହସ୍ପିଟାଲରେ ୭ ଜଣଙ୍କ ମୃତ୍ୟୁ ଘଟିବା ଉକ୍ତ ଅଞ୍ଚଳରେ ଚିନ୍ତା ବଢ଼ାଇଦେଇଛି। ଏନ୍. ଜନ୍ କେମ୍ ନାମକ ବ୍ୟକ୍ତି ନିଜକୁ ଖ୍ୟାତନାମା ବ୍ରିଟିଶ ହୃଦ୍‌ରୋଗ ବିଶେଷଜ୍ଞ ପରିଚୟ ଦେଇ ଉକ୍ତ ହସ୍ପିଟାଲରେ ରୋଗୀଙ୍କ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଥିଲେ। ପରବର୍ତ୍ତୀ ସମୟରେ ରୋଗୀଙ୍କର ମୃତ୍ୟୁ ଘଟିଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କ ପ୍ରକୃତ ନାମ ନରେନ୍ଦ୍ର ବିକ୍ରମାଦିତ୍ୟ ଯାଦବ ବୋଲି ଜଣାପଡ଼ିଛି। ସରକାରୀ ଭାବେ ରୋଗୀଙ୍କ ମୃତ୍ୟୁସଂଖ୍ୟା ୭, କିନ୍ତୁ ପ୍ରକୃତ ମୃତ୍ୟୁ ଏହାଠାରୁ ଅଧିକ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ତଥା ଆଇନଜୀବୀ ଦୀପକ ତିୱାରୀ କହିଛନ୍ତି। ସେ ପୂର୍ବରୁ ଦମୋହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ କେତେଜଣ ରୋଗୀଙ୍କ ଅଭିଯୋଗ ପରେ ଡାକ୍ତର ଜଣକ ନକଲି ବୋଲି ଜଣାପଡ଼ିଥିଲା। ପ୍ରକୃତ ଡାକ୍ତର ବ୍ରିଟେନରେ ଥିବାବେଳେ ନରେନ୍ଦ୍ର ଏଠାରେ ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା ଚଳାଇଥିଲେ।

## ଶପଥ ନେଲେ ଜଷ୍ଟିସ୍ ୟଶୱନ୍ତ ବର୍ମା

### ନିନ୍ଦାକଲା ଓକିଲ ସଂଘ

ପ୍ରୟାଗରାଜ,୫।୪

ହୋଲି ବେଳେ ଘରୁ ଟଙ୍କା ବାହାରିବା ମାମଲାରେ ବିବାଦୀୟ ହୋଇଥିବା ଦିଲ୍ଲୀ ହାଇକୋର୍ଟର ପୂର୍ବ ଜଷ୍ଟିସ୍ ୟଶୱନ୍ତ ବର୍ମା ଶନିବାର ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରୂପେ ଶପଥ ନେଇଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁଣ ଭଂସାଲୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ତେବେ ତାଙ୍କର ଏହି ଶପଥପାଠକୁ ହାଇକୋର୍ଟ ବାର୍ ଆସୋସିଏଶନ୍ ତ୍ରୁଟିଯୁକ୍ତ ଓ ଅଗ୍ରହଣୀୟ କହି ନିନ୍ଦା କରିଛି। ଅନ୍ୟ ବିଚାରପତିମାନେ ଶପଥ ନେବାବେଳେ ସ୍ୱତନ୍ତ୍ର ଭାବେ ଉତ୍ସବର ଆୟୋଜନ କରାଯାଇଥାଏ। କିନ୍ତୁ ଜଷ୍ଟିସ୍ ବର୍ମାଙ୍କୁ ଏକ ପ୍ରାଇଭେଟ୍ ସିଟିଂରେ ଶପଥପାଠ କରାଯାଇଛି। ଏପରି କି ଏଥିଲାଗି ଓକିଲ ସଂଘକୁ ଅବଗତ ମଧ୍ୟ କରାଯାଇ ନ ଥିଲା ବୋଲି ଆଲ୍ଲାହାବାଦ ଏଚ୍‌ସିବିଏ ସମ୍ପାଦକ ବିକ୍ରାନ୍ତ ପାଣ୍ଡେ କହିଛନ୍ତି। ଏଥିସହ ତାଙ୍କୁ କୌଣସି ପ୍ରକାର ନ୍ୟାୟିକ କିମ୍ବା ପ୍ରଶାସନିକ କାର୍ଯ୍ୟ ନ ଦେବାକୁ ଏଚ୍‌ସିବିଏ ପକ୍ଷରୁ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି।

# ଟ୍ରମ୍ପ୍ ମସ୍କ ହ୍ୟାଣ୍ଡସ ଅଫ୍





ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି ବିରୋଧରେ ୱାଶିଂଟନ୍‌ରେ ବିକ୍ଷୋଭ।

## ଆମେରିକାର ୫୦ ରାଜ୍ୟ, ଅନ୍ୟ ୬ ଦେଶରେ ମୁଣ୍ଡ ଟେକିଲା ବିଶାଳ ବିକ୍ଷୋଭ




ୱାଶିଂଟନ୍,୫।୪

୨୦୨୫ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରଠୁ ତାଙ୍କ ପ୍ରଶାସନ ଅନେକ ବିବାଦୀୟ ନୀତି ଆପଣାଇଛି। ଏହି ନିଷ୍ପତ୍ତିଗୁଡ଼ିକ ଯୋଗୁ ଆମେରିକୀୟମାନେ ବହୁଳ ପ୍ରଭାବିତ ହୋଇଥିବା ଦର୍ଶାଇ ବିରୋଧରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ବିବାଦୀୟ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଏଲନ୍ ମସ୍କଙ୍କ ଉଦ୍ଦେଶ୍ୟରେ ଦେଶବ୍ୟାପୀ 'ହ୍ୟାଣ୍ଡ୍‌ସ ଅଫ୍' ଆନ୍ଦୋଳନ ଚଳାଇଛନ୍ତି। ବିଶେଷକରି ଏପ୍ରିଲ ୫ ଶନିବାର ପୂର୍ବାହ୍ନ ୧୧ଟାରୁ ଏହାକୁ ୫୦ ରାଜ୍ୟରେ ବ୍ୟାପକ କରାଯାଇଛି। ସବୁ କଥାରେ ସରକାରୀ ହସ୍ତକ୍ଷେପକୁ ରୋକିବା ପାଇଁ ସେମାନେ ସ୍ଲୋଗାନ ଦେଉଛନ୍ତି 'ହ୍ୟାଣ୍ଡ୍‌ସ ଅଫ୍'। ଆମେରିକାର ବିଭିନ୍ନ ସହର ଓ ଅନ୍ୟ ୬ ଦେଶରେ ଏକକାଳୀନ ୧,୨୦୦ ବିକ୍ଷୋଭର ଆୟୋଜନ କରାଯାଇଛି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହା ହେଉଛି ତାଙ୍କ ବିରୋଧରେ ଗୋଟିଏ ଦିନରେ ସବୁଠୁ ବଡ଼ ବିକ୍ଷୋଭ।

ଟ୍ରମ୍ପ୍ ପ୍ରଶାସନର ପଦକ୍ଷେପ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ସେହିପରି ଅନେକ କ୍ଷେତ୍ରରେ ମାନବାଧିକାର ମଧ୍ୟ ଉଲ୍ଲଂଘନ ହେଉଛି। ଏହାର ପ୍ରତିବାଦରେ ହ୍ୟାଣ୍ଡ୍‌ସ ଅଫ୍ ବିକ୍ଷୋଭ ଆୟୋଜିତ ହୋଇଛି। ରାଷ୍ଟ୍ରପତିଙ୍କ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଯୋଗୁ ପ୍ରଭାବିତ ହୋଇଥିବା ଆମେରିକାର ସାମ୍ପ୍ରତିକ ବହିର୍ବ୍ୟାପାର ଏବଂ ଘରୋଇ ନୀତିବିରୋଧରେ ଟ୍ରମ୍ପ୍‌ଙ୍କ ବିରୋଧୀମାନଙ୍କୁ ନିଜ ନିଜ ଅସନ୍ତୋଷ ବ୍ୟକ୍ତ କରିବାକୁ ଏହା ଏକ ସୁଯୋଗ ଦେଇଛି। ଏହା ଏକ ବିଶାଳ ବିକ୍ଷୋଭ, ଯାହାକି ମସ୍କ ଓ ଟ୍ରମ୍ପ୍‌ଙ୍କୁ ସେମାନଙ୍କ ନୀତିଗୁଡ଼ିକର ପୁନର୍ବିଚାର ପାଇଁ ବାଧ କରିବ ବୋଲି ମନେକରାଯାଉଛି।

### ବିକ୍ଷୋଭ ଶୋଭାଯାତ୍ରା

ୱାଶିଂଟନ୍ ଡିସି, ନ୍ୟୁୟର୍କ, ଲସ୍‌ଏଞ୍ଜେଲ୍ସ, ଆଟଲାଣ୍ଟା, ଶିକାଗୋ ସମେତ ମାସାଚ୍ୟୁସେଟ୍ସ, ଫ୍ଲୋରିଡା ଓ ଅନ୍ୟ ଇଷ୍ଟ କୋଷ୍ଟ ରାଜ୍ୟର ସହରଗୁଡ଼ିକରେ ସମନ୍ୱିତ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଲଣ୍ଡନ, ବର୍ଲିନ୍, ଟରଣ୍ଟୋ ଓ ମେକ୍ସିକୋ ସିଟିରେ ମଧ୍ୟ ଏହା ସମର୍ଥନରେ ଅନ୍ତର୍ଜାତୀୟ ସ୍ତରର ରାଲି କରାଯାଇଛି।

### 'ହ୍ୟାଣ୍ଡ୍‌ସ ଅଫ୍' ପଛରେ କିଏ

ଏହି ବିଶାଳ ବିକ୍ଷୋଭ ପଛରେ ପ୍ରଗତିଶୀଳ ଗୋଷ୍ଠୀଗୁଡ଼ିକର ଏକ ମେଣ୍ଟ ବଡ଼ ଭୂମିକା ନେଇଛି। ଏଥିରେ ପ୍ଲାନ୍‌ଡ ପ୍ୟାରେଣ୍ଟହୁଡ୍ ଆକ୍ସନ, ଦି ୫୦୫୦୧ ମୁଭ୍‌ମେଣ୍ଟ, ୱିମେନ୍ସ ମାର୍ଚ୍ଚ ଭଳି ମହିଳା ସଙ୍ଗଠନ, ଜଳବାୟୁ କର୍ମୀ ଓ ପରିବେଶବିତ୍, ଏଲ୍‌ଜିବିଟିକ୍ୟୁ ଅଧିକାର ଗୋଷ୍ଠୀ, ପାଲେଷ୍ଟାଇନ୍ ସପକ୍ଷବାଦୀ ଆକ୍ଟିଭିଷ୍ଟ, ଲେବର ୟୁନିୟନ୍, ଗଣତନ୍ତ୍ର ସପକ୍ଷବାଦୀ ଓ ଏକଛତ୍ରବାଦୀ ବିରୋଧୀ ଗ୍ରୁପ୍ ରହିଛନ୍ତି। ଏହାକୁ ମ୍ୟୁଜିସିଆନ୍, ଅଭିନେତ୍ରୀ-ଅଭିନେତା, ବିଶିଷ୍ଟ ବ୍ୟକ୍ତିମାନଙ୍କ ସମର୍ଥନ ମିଳିଛି। ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀମାନେ 'ହ୍ୟାଣ୍ଡ୍‌ସ ଅଫ୍ ଆୱାର ଗଭର୍ନମେଣ୍ଟ, ହ୍ୟାଣ୍ଡ୍‌ସ ଅଫ୍ ଆୱାର କନ୍‌ଷ୍ଟିଚ୍ୟୁଶନ୍' ସ୍ଲୋଗାନ ଦେଇଛନ୍ତି। ଲୋକଙ୍କ ବ୍ୟକ୍ତିଗତ ତଥ୍ୟକୁ ନେଇ ପ୍ରସ୍ତୁତ ଡେଟାବେସ୍, ସାମାଜିକ ସୁରକ୍ଷା ଆଦିରେ ଏଲନ୍ ମସ୍କଙ୍କ ହସ୍ତକ୍ଷେପ ଅତ୍ୟନ୍ତ ଚିନ୍ତାଜନକ ବୋଲି ବିକ୍ଷୋଭର ଜଣେ ଆୟୋଜନକାରୀ କେଟ୍ ମେରିଚ୍-ଓ'ଟୁଲେ କହିଛନ୍ତି।

### ଆନ୍ଦୋଳନ କାହିଁକି

ଟ୍ରମ୍ପ୍ ପ୍ରଶାସନର ଅନେକ ନିଷ୍ପତ୍ତିକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଚଳିତ ବର୍ଷ ସ୍ୱାକ୍ଷରିତ ଏକ ଜାତୀୟ ଗର୍ଭପାତ ନିରୋଧୀ ଆଇନ, ସଂଘୀୟ ସଂସ୍ଥାଗୁଡ଼ିକରେ କର୍ମଚାରୀ ଛଟେଇ ଓ ସଂସ୍କାର, ଉଚ୍ଚ ଟାରିଫ୍ ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଷ୍ଟକ୍ ମାର୍କେଟ କ୍ରାସ୍, ଗୁରୁତ୍ୱପୂର୍ଣ୍ଣ ସୁଇଙ୍ଗ୍ ଷ୍ଟେଟ୍‌ଗୁଡ଼ିକରେ ମତଦାତା ଦମନ ଅଭିଯୋଗ ଆଦିକୁ ନେଇ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି।

## ୱାକ୍‌ଫ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ,୫।୪(ପି.ଟି.)

ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୱାକ୍‌ଫ ସଂଶୋଧନ ବିଲ୍, ୨୦୨୫କୁ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିସହିତ ମୁସଲମାନ ୱାକ୍‌ଫ (ରଦ୍ଦ) ବିଲ୍, ୨୦୨୫କୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ଗତ ବୁଧବାର ଲୋକ ସଭାରେ ଦୀର୍ଘ ୧୨ ଘଣ୍ଟାର ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଧେୟକ ଗୃହୀତ ହୋଇଥିଲା। ବିଲ୍ ସପକ୍ଷରେ ୨୮୮ ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ। ବିଲ୍‌କୁ ମୁସଲମାନ ବିରୋଧୀ କହି ବିପକ୍ଷ ଦଳଗୁଡ଼ିକ ଜୋର୍‌ଦାର ବିରୋଧ କରିଥିଲେ। ସେହିପରି ଗୁରୁବାର ପାଖାପାଖି ୧୪ ଘଣ୍ଟାର ଆଲୋଚନା ପରେ ବିଳମ୍ବିତ ରାତିରେ ବିଲ୍‌କୁ ମଞ୍ଜୁରୀ ମିଳିଥିଲା। ସପକ୍ଷରେ ୧୨୮ ଭୋଟ ମିଳିଥିବାବେଳେ ଏହା ବିରୋଧରେ ୯୫ ଭୋଟ ପଡ଼ିଥିଲା। ଉଭୟ ଗୃହର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇଁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିବା ପରେ ଏହାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

## ସୁପ୍ରିମକୋର୍ଟରେ ଆପ୍ ବିଧାୟକ, ଏନ୍‌ଜିଓର ଚ୍ୟାଲେଞ୍ଜ

ୱାକ୍‌ଫ ସଂଶୋଧନ ବିଲ୍‌କୁ ଶୁକ୍ରବାର କଂଗ୍ରେସ ଏବଂ ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନ୍ ବିବାଦୀୟ ବିଲ୍‌କୁ ବିରୋଧ କରି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏନ୍‌ଜିଓ ଆସୋସିଏଶନ ଫର୍ ଦି ପ୍ରୋଟେକ୍‌ଶନ ଅଫ୍ ସିଭିଲ୍ ରାଇଟ୍ସ (ଏପିସିଆର୍) ମଧ୍ୟ ବିଲ୍‌ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛି।

୧୯୯୫ର ୱାକ୍‌ଫ ସମ୍ପତ୍ତି ପରିଚାଳନା ଆଇନରେ ସଂଶୋଧନ ପାଇଁ ଅଣାଯାଇଥିବା ବିଲ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ ଆଇନ ମୁସଲମାନଙ୍କ ପ୍ରତି ପକ୍ଷପାତ ଏବଂ ସେମାନଙ୍କୁ ଟାର୍ଗେଟ କରାଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପ ଦ୍ୱାରା ଧର୍ମୀୟ ଏବଂ ଦାତବ୍ୟ ଅନୁଷ୍ଠାନ ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ଦୁର୍ବଳ ହେବ ବୋଲି ଆପ୍ ବିଧାୟକ ପିଟିଶନ୍‌ରେ ଦର୍ଶାଇଛନ୍ତି। ଉକ୍ତ ବିଲ୍ ସମ୍ବିଧାନର ଅନୁଚ୍ଛେଦ ୧୪, ୨୫, ୨୬ ଏବଂ ୩୦୦ଏ'ର ସିଧାସଳଖ ଉଲ୍ଲଂଘନ କରିବା ସହ ପ୍ରସ୍ତାବନା ମୂଲ୍ୟବୋଧର ଉଲ୍ଲଂଘନ ବୋଲି ଏନ୍‌ଜିଓ କହିଛି। ଏନ୍‌ଜିଓ ପକ୍ଷରୁ ଆଦିଲ ଅହମଦ ଉକ୍ତ ପିଟିଶନ ଦାଏର କରିଛନ୍ତି।

## ଦେଶବ୍ୟାପୀ ଆନ୍ଦୋଳନ କରିବ ଏଆଇଏମ୍‌ପିଏଲ୍‌ବି

ୱାକ୍‌ଫ ସଂଶୋଧନ ବିଲ୍‌କୁ ବିରୋଧ କରି ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଯୋଜନା କରିଛି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୱାକଫ୍ ସଂଶୋଧନ ବିଲ୍‌କୁ ନିନ୍ଦା କରି ଏଆଇଏମ୍‌ପିଏଲ୍‌ବି ଏହାକୁ ଇସ୍‌ଲାମୀୟ ମୂଲ୍ୟବୋଧ, ଶାରିଆ, ଧର୍ମୀୟ ସ୍ୱାଧୀନତା, ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଆକ୍ରମଣ ବୋଲି କହିଛି। ବୋର୍ଡର କାର୍ଯ୍ୟକର୍ତ୍ତା ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟମାନଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଘୋଷଣା କରାଯାଇଛି। ସଂଶୋଧିତ ବିଲ୍ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ପ୍ରଜ୍ୱଳ ରେଭନ୍ନା ମହିଳାଙ୍କୁ ଅଟକ ରଖି ବଳାତ୍କାର କରିଥିଲେ

### ଚାର୍ଜଶିଟ୍ ଦାଖଲ କଲା ପୋଲିସ

ନୂଆଦିଲ୍ଲୀ,୫।୪

ଧର୍ମନିରପେକ୍ଷ ଜନତା ଦଳ ନେତା ତଥା ପୂର୍ବତନ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ବଳାତ୍କାର ମାମଲାରେ ପୋଲିସ ଏସ୍‌ଆଇଟି ଶନିବାର ଚାର୍ଜଶିଟ୍ ଦାଖଲ କରିଛି। କୋଭିଡ୍ ଲକ୍‌ଡାଉନ୍ ବେଳେ ରେଭନ୍ନାଙ୍କ ଫାର୍ମ ହାଉସ୍‌ରେ କାର୍ଯ୍ୟ କରୁଥିବା ଜଣେ ମହିଳାଙ୍କୁ ସେ ବଳପୂର୍ବକ ଦୀର୍ଘଦିନ ଅଟକାଇ ରଖି ଅନେକ ଥର ବଳାତ୍କାର କରିବା ସହ ଏହି କାର୍ଯ୍ୟର ଭିଡିଓ ପ୍ରସ୍ତୁତ କରିଥିଲେ ବୋଲି ଏଥିରେ ଦର୍ଶାଯାଇଛି। ଅପରାଧ ସମ୍ପର୍କରେ କାହାକୁ କହିଲେ, ଏହାର ଭୟାନକ ପରିଣତ ହେବ ବୋଲି ରେଭନ୍ନା ମହିଳାଙ୍କୁ ଧମକ ଦେଇଥିଲେ। ଭିଡିଓ ଅନ୍‌ଲାଇନରେ ପ୍ରକାଶ ପାଇବା ପରେ ପୀଡ଼ିତା ପୋଲିସକୁ ଜଣାଇଥିଲେ। ରେଭନ୍ନା ୧୦ ମାସ ହେଲା ଜେଲରେ ଥିବାବେଳେ ତାଙ୍କ ବିରୋଧରେ କ୍ରମାଗତ ବଳାତ୍କାର, ଯୌନ ଉତ୍ପୀଡ଼ନ, ଉଲଗ୍ନ କରିବା, ଯୌନକ୍ରିୟା ବେଳର ଭିଡିଓ ଅନ୍ୟମାନଙ୍କୁ ଦେଖାଇବା ଓ ଆପରାଧିକ ଭାବେ ଭୟଭୀତ କରାଇବା ନେଇ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଭିଡିଓ ପ୍ରସ୍ତୁତ କରି ପ୍ରସାରିତ କରିବା ଅଭିଯୋଗରେ ରେଭନ୍ନାଙ୍କ ବିରୋଧରେ ଆଇଟି ଆଇନର ଧାରା ୬୬ଇ ମଧ୍ୟ ରୁଜୁ କରାଯାଇଛି।


ପ୍ରଜ୍ୱଳ ରେଭନ୍ନା

## ଭାରତ-ଶ୍ରୀଲଙ୍କା ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

### ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ

କଲମ୍ବୋ,୫।୪(ପି.ଟି.)

ପ୍ରଥମ ଥର ପାଇଁ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଶନିବାର ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ସମେତ ମୋଟ ୫ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଶ୍ରୀଲଙ୍କା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେବା ସହ ଉଭୟ ରାଷ୍ଟ୍ରର ସୁରକ୍ଷା ପରସ୍ପର ସହ ସଂଯୁକ୍ତ ଓ ନିର୍ଭରଶୀଳ ବୋଲି ଏହି ଅବସରରେ କହିଛନ୍ତି। ଶ୍ରୀଲଙ୍କାରେ ଭାରତୀୟ ଶାନ୍ତିରକ୍ଷା ବାହିନୀର ହସ୍ତକ୍ଷେପର ପାଖାପାଖି ୪ ଦଶନ୍ଧି ପରେ ରଣନୀତିକ ସମ୍ପର୍କ ବଢ଼ାଇବା ପାଇଁ ପ୍ରତିରକ୍ଷା ଚୁକ୍ତିନାମା ଏକ ବଡ଼ ପଦକ୍ଷେପ। ସେହିପରି ତ୍ରିଙ୍କୋମାଲିକୁ ଶକ୍ତି ହବ୍‌ରେ ପରିଣତ କରିବା ପାଇଁ ଦୁଇ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟନେତା ମିଳିତ ଭାବେ ସାମ୍ପୁର ସୌରଶକ୍ତି ପ୍ରକଳ୍ପକୁ ଭର୍ଚୁଆଲି ଉଦ୍‌ଘାଟନ କରିଥିଲେ। ଗ୍ରୀଡ୍ ଇଣ୍ଟରକନେକ୍ସନ ଚୁକ୍ତିନାମା ଦ୍ୱାରା ଶ୍ରୀଲଙ୍କା ବିଦ୍ୟୁତ୍ ରପ୍ତାନି କରିପାରିବ।

ଭାରତର ସ୍ୱାର୍ଥ ପ୍ରତି ରାଷ୍ଟ୍ରପତି ଦିସାନାୟକେଙ୍କ ସମ୍ବେଦନଶୀଳତା ପାଇଁ କୃତଜ୍ଞତା ଜଣାଉଛି ବୋଲି ମୋଦି କହିଛନ୍ତି। ଶ୍ରୀଲଙ୍କା ଏହାର ଭୂଖଣ୍ଡକୁ ଭାରତର ସୁରକ୍ଷାଗତ ସ୍ୱାର୍ଥ ପ୍ରତି କ୍ଷତିକାରକ କୌଣସି କାର୍ଯ୍ୟ ନିମନ୍ତେ ଅନୁମତି ଦେବ ନାହିଁ ବୋଲି ଦିସାନାୟକେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀଲଙ୍କାକୁ ଆବଶ୍ୟକ ସମୟରେ ଭାରତର ସହାୟତା ଏବଂ ସମର୍ଥନ ସ୍ମରଣୀୟ ହୋଇ ରହିବ ବୋଲି ଦିସାନାୟକେ ମୋଦିଙ୍କୁ କହିଛନ୍ତି। ଶ୍ରୀଲଙ୍କା ରାଜଧାନୀ କଲମ୍ବୋର ଐତିହାସିକ ଇଣ୍ଡିପେଣ୍ଡେଣ୍ଟ ସ୍କୋୟାରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୌଣସି ବିଦେଶୀ ନେତାଙ୍କ ପାଇଁ ବୋଧହୁଏ ପ୍ରଥମ ଥର ଏଭଳି ସମ୍ମାନ ଦିଆଯାଇଛି। ରାଷ୍ଟ୍ରପତି ଦିସାନାୟକେ ଉକ୍ତ ସ୍କୋୟାରରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭୂମିକା ପାଇଁ ତାଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ମିତ୍ର ବିଭୂଷଣ'ରେ ସମ୍ମାନିତ କରାଯାଇଛି। ୨୦୦୮ ଫେବୃଆରୀରେ ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଏହି ସମ୍ମାନ ପ୍ରତିଷ୍ଠା କରିଥିଲେ। ପୂର୍ବରୁ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମୌମୁନ୍ ଅବଦୁଲ ଗାୟୁମ୍ ଏବଂ ପାଲେଷ୍ଟିନୀୟ ନେତା ୟାସେର ଆରାଫତ୍‌ଙ୍କୁ ଏହି ସମ୍ମାନ ମିଳିଥିଲା।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ।

## ୭ ବର୍ଷରେ ୨୦ଥର ବିବାହ

**ବେଜିଂ:** ସମ୍ପ୍ରତି ଚାଇନାରେ ସାମାଜିକ ଚାପର ମୁକାବିଲା ପାଇଁ ଛଦ୍ମ ବିବାହର ଧାରା ଆରମ୍ଭ ହୋଇଛି। ଦକ୍ଷିଣ ପଶ୍ଚିମ ଚାଇନାର ଚେଙ୍ଗଡୁ ସହରର କାଓ ମେଇ ନାମ୍ନୀ ଜଣେ ଯୁବତୀ ଗତ ୭ ବର୍ଷ ମଧ୍ୟରେ ୨୦ ଥର ଛଦ୍ମ ବିବାହ କରିଛନ୍ତି। ନକଲି ବିବାହର ଅଭିନୟ ପାଇଁ କାଓ ଦୈନିକ ୨୦୦ ଡଲାର ପର୍ଯ୍ୟନ୍ତ ରୋଜଗାର କରନ୍ତି ବୋଲି ଦାବି କରିଛନ୍ତି।

କାଓ କହିଛନ୍ତି, ସେ ସମ୍ପ୍ରତି ନିଜକୁ ଭଡ଼ାରେ ଦେଇ ନକଲି ସ୍ତ୍ରୀ ଏବଂ ନକଲି ପ୍ରେମିକା ଭାବେ ଭଲ ରୋଜଗାର କରୁଛନ୍ତି। ୨୦୧୮ରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ନକଲି ଗର୍ଲଫ୍ରେଣ୍ଡ ସଜାଇ ନିଜ ମା'ବାପାଙ୍କ ସହ ତାଙ୍କର ପରିଚୟ କରାଇଥିଲେ। ଜଣେ ନକଲି ଗର୍ଲଫ୍ରେଣ୍ଡ କିମ୍ବା ନକଲି ସ୍ତ୍ରୀ ଭାବେ ଲୋକଙ୍କୁ ସେବା ଦେଇ ସେ ଭଲ ରୋଜଗାର କରିପାରିବେ ବୋଲି କାଓ ସେତେବେଳେ ଅନୁଭବ କରିଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ଚାଇନାରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ପାରିବାରିକ ଚାପ, ଡେଟିଂ ଏବଂ ବିବାହ ଆଦି ସହ ସଂଘର୍ଷ କରୁଛନ୍ତି। ଏପରି ସ୍ଥଳେ ତାଙ୍କ ଭଳି କେତେଜଣ ଯୁବତୀ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ସାଜି ଲୋକଙ୍କୁ ସେବା ଯୋଗାଇ ଭଲ ରୋଜଗାର କରିପାରୁଛନ୍ତି। ତେବେ ସାଧାରଣତଃ ପର୍ବପର୍ବାଣି କିମ୍ବା ଛୁଟିଦିନରେ ସେମାନଙ୍କ ଚାହିଦା ବଢ଼ିଯାଇଥାଏ ବୋଲି କାଓ କହିଛନ୍ତି। ଖାସ୍‌କରି ବିଭିନ୍ନ ପାରିବାରିକ ସମାରୋହରେ ସେ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ଭାବେ ଯୋଗଦେଇଥାନ୍ତି। କାଓ କହିଛନ୍ତି, ସେ କୌଣସି ବ୍ୟକ୍ତିଙ୍କୁ ଛଦ୍ମ ବିବାହ କରିବା ପୂର୍ବରୁ ତାଙ୍କର ବୟସ, ଶିକ୍ଷାଗତ ଯୋଗ୍ୟତା, ଜୀବିକା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିଥାନ୍ତି। ସେହିପରି ବିବାହରେ ଅତିଥିଙ୍କ ସମ୍ମୁଖରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ବିବାହ ପୂର୍ବରୁ ସେ ତାଙ୍କ ନକଲି ସ୍ୱାମୀଙ୍କ ପରିବାର ସହ ଭେଟି ସେମାନଙ୍କ ସହିତ ମିଶିବାକୁ ଚେଷ୍ଟା କରିଥାନ୍ତି।

ତେବେ ଛଦ୍ମ ବିବାହ କରି ସେ କେବେ ମଧ୍ୟ କୌଣସି ଆଇନଗତ ସମସ୍ୟାରେ ପଡ଼ି ନ ଥିବା କାଓ କହିଛନ୍ତି। ସେ ବିବାହ କରୁଥିବା ବ୍ୟକ୍ତିଙ୍କ ମା'ବାପା ସାଧାରଣତଃ ଅତିଥିଙ୍କଠାରୁ ଉପହାର ପାଇବା ଆଶାରେ ଛଦ୍ମ ବିବାହରେ ରାଜି ହୋଇଯାଇଥାନ୍ତି ବୋଲି କାଓ କହିଛନ୍ତି। ଛଦ୍ମ ବିବାହ ସମ୍ପର୍କରେ ସେମାନେ ତାଙ୍କ ପଡ଼ୋଶୀ ଓ ଅତିଥିଙ୍କୁ ଲୁଚାଇଥାନ୍ତି। କାଓ କହିଛନ୍ତି, ଏକଦା ଜଣେ ମହିଳା ଆସି ତାଙ୍କୁ ନିଜ ପୁଅ ସହ ବିବାହ କରିବାକୁ ଅନୁରୋଧ କରିଥିଲେ। ତାଙ୍କ ପୁଅର ପୂର୍ବରୁ ବିବାହ ଠିକ୍ ହୋଇଯାଇଥିବା ବେଳେ ହଠାତ କୌଣସି କାରଣ ବଶତଃ ଏହା ଭାଙ୍ଗିଯାଇଥିଲା। ପୁଅ ବିବାହ କରୁଥିବା ନେଇ ତାଙ୍କ ଗାଁରେ ସମସ୍ତେ ଜାଣିସାରିଥିବାରୁ ଲୋକଲଜ୍ଜା ଭୟରେ ଉକ୍ତ ମହିଳା ଜଣକ ତାଙ୍କୁ ନିଜ ପୁଅ ସହ ଛଦ୍ମ ବିବାହ କରିବାକୁ ଅନୁରୋଧ କରିଥିଲେ ବୋଲି କାଓ କହିଛନ୍ତି।



## ଶାହାଙ୍କ କାର୍ଯ୍ୟକ୍ରମକୁ ଲୋକ ନେଉଥିବା ଟ୍ରକ୍ ଓଲଟିଲା: ୩୦ ଆହତ

ରାୟପୁର,୫।୪

ଛତିଶଗଡ଼ର ଦାନ୍ତେୱାଡ଼ାରେ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କାର୍ଯ୍ୟକ୍ରମକୁ ଲୋକ ନେଇ ଯାଉଥିବା ଏକ ଟ୍ରକ୍ ଓଲଟି ପଡ଼ିବାରୁ ଅନ୍ୟୁନ ୩୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବସ୍ତର ପଣ୍ଡୁମ୍ ପର୍ବର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାକୁ ପୋଟାଲିରୁ ଲୋକଙ୍କୁ ନେଇ ଟ୍ରକ୍‌ଟି ଯାଉଥିବାବେଳେ ଅରନପୁର ଥାନା ଅନ୍ତର୍ଗତ ପଲନାରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନଙ୍କୁ ଦାନ୍ତେୱାଡ଼ା ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ି ଓଲଟିଲା ବୋଲି ପୋଲିସ କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆରୋବି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଉଦ୍‌ଘାଟନ ହେବ ନୂତନ ପମ୍ବନ ରେଲ ସେତୁ

**ଭୁବନେଶ୍ୱର,୫।୪**



ଭାରତୀୟ ରେଲୱର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ତାମିଲନାଡୁର ରାମେଶ୍ୱରମକୁ ସଂଯୋଗ କରୁଥିବା ନୂତନ ରେଳ ବ୍ରିଜ୍ 'ପମ୍ବନ ରେଳ ସେତୁ'ର ଶୁଭାରମ୍ଭ ରବିବାର ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାମିଲନାଡୁ ଗସ୍ତକରି ମଧ୍ୟାହ୍ନ ପ୍ରାୟ ୧୨ ଘଟିକାରେ ନୂତନ ପମ୍ବନ ରେଳ ସେତୁକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରିବା ସହ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ, ଯାହାକି ଭାରତର ପ୍ରଥମ ଭୂଲମ୍ବ ଲିଫ୍ଟ ସମୁଦ୍ର ସେତୁ ହେବ। ରୋଡ୍ ସେତୁରୁ ଏକ ଟ୍ରେନ୍ ଏବଂ ଏକ ଜାହାଜକୁ ପତାକା ଦେଖାଇ ପ୍ରାଧନମନ୍ତ୍ରୀ ସେତୁର କାର୍ଯ୍ୟକ୍ଷମତା ଦେଖିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପରେ ଅପରାହ୍ନ ପ୍ରାୟ ୧୨:୪୫ ସମୟରେ ସେ ରାମେଶ୍ୱରମର ରାମନାଥସ୍ୱାମୀ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବେ। ସେହିପରି ରାମେଶ୍ୱରମରେ ଅପରାହ୍ନ ପ୍ରାୟ ୧:୩୦ ସମୟରେ ସେ ତାମିଲନାଡୁରେ ୮,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସକରି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ଅବସରରେ ସେ ସମାବେଶକୁ ମଧ ସମ୍ବୋଧିତ କରିବେ।

ପ୍ରଧାନମନ୍ତ୍ରୀ ନୂତନ ପମ୍ବନ ରେଳ ସେତୁର ଉଦ୍‌ଘାଟନ କରିବା ଅବସରରେ ରାମେଶ୍ୱରମ-ତାମ୍ବରମ (ଚେନ୍ନାଇ) ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ସେତୁର ଏକ ଗଭୀର ସାଂସ୍କୃତିକ ମହତ୍ତ୍ୱ ରହିଛି। ରାମାୟଣ ଅନୁସାରେ ରାମସେତୁର ନିର୍ମାଣ ରାମେଶ୍ୱରମ୍ ନିକଟସ୍ଥ ଧନୁଷ୍କୋଡିରୁ ଆରମ୍ଭ ହୋଇଥିଲା। ରାମେଶ୍ୱରମକୁ ମୁଖ୍ୟ ଭୂମି ସହ ସଂଯୋଗ କରୁଥିବା ଏହି ସେତୁ, ବିଶ୍ୱସ୍ତରରେ ଭାରତୀୟ ଇଞ୍ଜିନିୟରିଂର ଏକ ଉଲ୍ଲେଖନୀୟ ସଫଳତା ଭାବେ ଠିଆ ହୋଇଛି। ବିଶେଷକରି ଏହା ୫୫୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ନିର୍ମିତ ହୋଇଛି। ଏହାର ଲମ୍ବ ୨.୦୮ କିଲୋମିଟର ହୋଇଥିଲାବେଳେ ଏଥିରେ ୯୯ଟି ସ୍ପାନ୍ ଏବଂ ୭୨.୫ ମିଟର ଭୂଲମ୍ବ ଲିଫ୍ଟ ସ୍ପାନ୍ ରହିଛି, ଯାହା ୧୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉପରକୁ ଉଠିଥାଏ, ଫଳରେ ଜାହାଜଗୁଡ଼ିକର ସୁଗମ ଗତିକୁ ସହଜ କରିବା ସହ ସୁଗମ ଟ୍ରେନ୍ ପରିଚାଳନାକୁ ସୁନିଶ୍ଚିତ କରିଥାଏ। ଷ୍ଟେନ୍‌ଲେସ୍ ଷ୍ଟିଲ୍ ଦୃଢ଼ୀକରଣ, ଉଚ୍ଚ-ଗ୍ରେଡ୍ ସୁରକ୍ଷାତ୍ମକ ରଙ୍ଗ ଏବଂ ସମ୍ପୂର୍ଣ୍ଣ ୱେଲ୍ଡିଂ ସନ୍ଧି ସହ ନିର୍ମିତ ଏହି ସେତୁର ସ୍ଥାୟିତ୍ୱ ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ହ୍ରାସ ପାଇଛି। ଭବିଷ୍ୟତର ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ଦୋହରୀକରଣ ରେଳ ଟ୍ରାକ୍ ପାଇଁ ଡିଜାଇନ କରାଯାଇଛି। ଏକ ସ୍ୱତନ୍ତ୍ର ପଲିସିଲୋକ୍ସେନ ଆବରଣ ଏହାକୁ କ୍ଷୟରୁ ରକ୍ଷା କରିଥାଏ, କଠୋର ସାମୁଦ୍ରିକ ପରିବେଶରେ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିଥାଏ।

ପ୍ରଧାନମନ୍ତ୍ରୀ ତାମିଲନାଡୁରେ ୮,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ଏନ୍‌ଏମ୍-୪୦ର ୨୮ କିଲୋମିଟର ଲମ୍ବ ୱାଲାଜାପେଟ-ରାନିପେଟ ସେକ୍ସନର ୪ଲେନ୍ ପାଇଁ ଭିତ୍ତିପ୍ରସ୍ତର ଏବଂ ଏନ୍‌ଏଚ୍-୩୩୨ର ୨୯କିଲୋମିଟର ଲମ୍ବ ଭିଲୁପୁରମ-ପୁଡୁଚେରୀ ସେକ୍ସନର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ଅନ୍ତର୍ଭୁକ୍ତ ରହିଛି। ଏହା ବ୍ୟତୀତ ୫୭ କିଲୋମିଟର ଲମ୍ବ ପୁଣ୍ଡିଆଙ୍କୁପ୍ପମ୍-ସତ୍ତାନାଥପୁରମ୍ ସେକ୍ସନ୍ ଏନ୍‌ଏଚ୍-୩୨ ଏବଂ ୪୮କିଲୋମିଟର ଲମ୍ବ ଚୋଲାପୁରମ୍-ତାଞ୍ଜାଭୁର୍ ସେକ୍ସନ୍ ଏନ୍‌ଏଚ୍-୩୬ ର ମଧ ଅନ୍ତର୍ଭୁକ୍ତ ରହିଛି।

# ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୫।୪(ଅଭୟ ଦାଶ)**



ଅନିଲ ଅଗ୍ରୱାଲ ଫାଉଣ୍ଡେଶନ (ଏଏଏଫ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏଏଏଫ୍‌ର ପ୍ରମୁଖ ପ୍ରକଳ୍ପ 'ନନ୍ଦଘର'ର ଉଲ୍ଲେଖନୀୟ ସଫଳତା ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ସେହିଭଳି ୧୫ ରାଜ୍ୟରେ ମୋଟ ୮୦୪୪ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ଥିଲା ବେଳେ ଉକ୍ତ କେନ୍ଦ୍ରକୁ ଫାଉଣ୍ଡେଶନ ମହିଳା ଏବଂ ଶିଶୁଙ୍କ ପାଇଁ ସାମଗ୍ରିକ ବିକାଶର ଏକ ଆଧୁନିକ କେନ୍ଦ୍ରର ପରିଣତ କରିଛି। ଏପରିକି ଭାରତର ୧୫ଟି ରାଜ୍ୟରେ ବିସ୍ତାରିତ ଏହି ସମ୍ପ୍ରସାରଣ ବେଦାନ୍ତର ଗ୍ରାମୀଣ ବିକାଶ ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହା ୩ଲକ୍ଷରୁ ଅଧିକ ଶିଶୁ ଏବଂ ୨ଲକ୍ଷ ମହିଳାଙ୍କୁ ପ୍ରାରମ୍ଭିକ ଶୈଶବ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶରେ ପ୍ରଭାବିତ କରୁଛି।

ଏ ସମ୍ପର୍କରେ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ଅଧକ୍ଷା ଏବଂ ବେଦାନ୍ତ ଲିମିଟେଡ୍‌ର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ୮,୦୦୦ରୁ ଅଧିକ ନନ୍ଦଘର ନିର୍ମାଣର ଯାତ୍ରା ତୃଣମୂଳ ସ୍ତରରେ ଜୀବନ ପରିବର୍ତ୍ତନ କରିବା ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି କେନ୍ଦ୍ରଗୁଡ଼ିକ କେବଳ ପୁନଃ କଳ୍ପିତ ଅଙ୍ଗନୱାଡି ନୁହେଁ, ଏହା ସୁଯୋଗର ସ୍ଥାନ। ସେଠାରେ ପିଲାମାନେ ଶିଖନ୍ତି, ବଢ଼ିବେ ଏବଂ ଉନ୍ନତି କରିବେ। ମହିଳାମାନେ ମଧ ଏଠାରେ ସଶକ୍ତ, ଆତ୍ମନିର୍ଭରଶୀଳ ଜୀବନଯାପନ କରିବା ପାଇଁ ଉପକରଣ ପାଇବେ। ନନ୍ଦଘର କିପରି ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହେଉଛି-ଯାହା ପ୍ରକୃତ ପରିବର୍ତ୍ତନ ସୃଷ୍ଟି କରୁଛି,ତାହା ଦେଖିବା ଅବିଶ୍ୱସନୀୟ। ସରକାର ଏବଂ ମହିଳା ତଥା ଶିଶୁ ବିକାଶ ମନ୍ତ୍ରଣାଳୟ ସହ ଆମର ସହଭାଗିତା ଏହି ମିଶନକୁ ମଜଭୁତ କରିଚାଲିଛି। ଆମକୁ ଉଦ୍ଦେଶ୍ୟ ସହିତ ବୃଦ୍ଧି କରିବାରେ ଏବଂ ସମଗ୍ର ଭାରତରେ ସମ୍ପ୍ରଦାୟରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରୁଛି। ନନ୍ଦଘର ପ୍ରକଳ୍ପର ସିଇଓ ଶଶି ଆରୋରା କହିଛନ୍ତି, ନନ୍ଦଘର ଦ୍ୱାରା ଆମେ ସାମଗ୍ରିକ ସମ୍ପ୍ରଦାୟ ବିକାଶ ପାଇଁ ପ୍ରତିବଦ୍ଧ, ଯେଉଁଠାରେ ପ୍ରଭାବ କେବଳ ସଂଖ୍ୟାରେ ନୁହେଁ ବରଂ ଆମେ ପରିବର୍ତ୍ତନ କରୁଥିବା ଜୀବନରେ ମପାଯାଏ।


HAPPY BIRTHDAY



Arobi Anabia Islam
April .06.2025, Banglades
Urmi Filims- Bhubaneswar
D-047


# ରେକର୍ଡ ପରିମାଣର କୋଇଲା ଉତ୍ପାଦନ

**ସମ୍ବଲପୁର,୫।୪(ବି.ଶଙ୍କର)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ମହାନଦୀ କୋଲ ଫିଲଡ୍ସ ଲିମିଟେଡ୍ (ଏମସିଏଲ) ରେକର୍ଡ ପରିମାଣର କୋଇଲା ଉତ୍ପାଦନ କରିଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ ମୋଟ ୨୨୫.୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଉତ୍ପାଦନ ୯% ବୃଦ୍ଧି ଘଟିଛି। ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରି ଏମ୍‌ସିଏଲ ସର୍ବକାଳୀନ ସର୍ବାଧିକ ୨୧୦.୫ ମେଟ୍ରିକ ଟନ କୋଇଲା ପ୍ରେରଣ କରିବାରେ ରେକର୍ଡ କରିଛି, ଯାହା ୨୦୨୩ -୨୪ ଆର୍ଥିକ ବର୍ଷ ତୁଳନାରେ ୬% ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି। ସେହିପରି ବିଦ୍ୟୁତ କ୍ଷେତ୍ରକୁ କୋଇଲା ପ୍ରେରଣ ମଧ ଆର୍ଥିକ ବର୍ଷ ୨୦୨୪ରେ ୧୫୦ ନିୟୁତ ଟନରୁ ୨୦୨୫ ଆର୍ଥିକ ବର୍ଷରେ ୫% ହାରରେ ୧୫୮ ନିୟୁତ ଟନକୁ ବୃଦ୍ଧି ପାଇଛି। ଏମସିଏଲ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୩୮ ନିୟୁତ ଘନ ମିଟର ଅଧିକ ମାଲ ଅପସାରଣରେ ୨୨% ଅଭିବୃଦ୍ଧି ହାସଲ କରିଛି। ଏହାଦ୍ୱାରା ଚଳିତ ଆର୍ଥିକ ବର୍ଷରେ କମ୍ପାନୀକୁ କୋଇଲା ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିବ। ସାମଗ୍ରିକ ଭାବରେ କମ୍ପାନୀ ପାଇଁ ସଫଳତାର ବର୍ଷ ରହିଥିଲା। କୋଇଲା ଉତ୍ପାଦନ, ପ୍ରେରଣ ଏବଂ ଓଭରବର୍ଡେନ ଅପସାରଣ ଭଳି ତିନୋଟି କାର୍ଯ୍ୟ ଦକ୍ଷତା ପାରାମିଟରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏମ୍‌ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏହି ସଫଳତା ପାଇଁ ଅଧିକାରୀ, କର୍ମଚାରୀ, ଚୁକ୍ତିବଦ୍ଧ କମ୍ପାନୀଗୁଡ଼ିକର କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମାଜର ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ, ବିଶେଷ ଭାବେ କୋଇଲା କ୍ଷେତ୍ରର ଦୁର୍ଗମ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ, ବିଭିନ୍ନ ସିଏସଆର ପଦକ୍ଷେପ ଅଧିନରେ ଏମ୍‌ସିଏଲ ଓଡ଼ିଶାରେ ସର୍ବାଧିକ ସିଏସଆର ଖର୍ଚ୍ଚକାରୀ କମ୍ପାନୀ।

# ଭିତ୍ତିଭୂମିକୁ ନୂତନ ପରିଚୟ ଦେବ ପମ୍ବନ ବ୍ରିଜ୍: କେ.ଆନ୍ନାମଲାଇ

**ଭୁବନେଶ୍ୱର,୫।୪**

ଗତ ୧୦ ବର୍ଷ ମଧ୍ୟରେ ଭାରତ ଅନେକ ଉପଲବ୍ଧି ସହ ନୂଆ ଶିଖର ଛୁଇଁଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୂପରେ ଦେଶକୁ ଏକ ଶକ୍ତିଶାଳୀ ଓ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ମିଳିଛି। ଫଳରେ ଅସାଧ କାର୍ଯ୍ୟ ବର୍ତ୍ତମାନ ସଫଳତାର ସହ ଶେଷ ହେଉଛି। ଅପରପକ୍ଷରେ ଦେଶର ଜୀବନରେଖା କୁହାଯାଇଥିବା ଭାରତୀୟ ରେଳପଥ ମଧ ଏହି ସମୟରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ତାମିଲନାଡୁର ରାମେଶ୍ୱରମକୁ ଦେଶର ମୁଖ୍ୟ ଭୂମି ସହ ସଂଯୋଗ କରୁଥିବା ନୂଆ ପମ୍ବନ ସେତୁ। ଏହା ଦେଶର ଭିତ୍ତିଭୂମିକୁ ଏକ ନୂତନ ପରିଚୟ ଦେବ। ପମ୍ବନ ବ୍ରିଜ୍ ଦେଶର ପ୍ରଗତି, ନବସୃଜନ ଓ ଐତିହ୍ୟର ମୂକସାକ୍ଷୀ ସହ ରାଜ୍ୟକୁ ପ୍ରତିନିଧିତ୍ୱ କରୁଛି। ଏହା ଜରିଆରେ ସ୍ଥାନୀୟ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ଓ ରୋଜଗାର ସୃଷ୍ଟିହେବ। ଫଳରେ ଅର୍ଥନୈତିକ ବିକାଶ ଘଟିବ ବୋଲି ତାମିଲନାଡୁ ଭାଜପାର ରାଜ୍ୟ ସଭାପତି କେ.ଆନ୍ନାମଲାଇ କହିଛନ୍ତି। ସେହିଭଳି ରାମେଶ୍ୱରମର ବହୁ ପ୍ରତୀକ୍ଷିତ ପମ୍ବନ ବ୍ରିଜ୍‌କୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିବେ। ଏହି ସେତୁର ଶିଳାନ୍ୟାସ ୨୦୧୯ରେ ହୋଇଥିଲା। ଗତ ୫ ବର୍ଷରେ ଉକ୍ତ ନୂତନ ସେତୁର ନିର୍ମାଣ ଶେଷ ହୋଇପାରିଛି। ଏହା ସମଗ୍ର ଦେଶରେ ଏକ ଉତ୍ସାହ ସୃଷ୍ଟି କରିଛି। ଏହି ସେତୁ ୨.୦୮ କିଲୋମିଟର ଲମ୍ବା ହୋଇଥିଲାବେଳେ ଅନେକ ଦୃଷ୍ଟିରୁ ଏହା ଅନନ୍ୟ ବୋଲି କୁହାଯାଉଛି। ଉକ୍ତ ସେତୁରେ ୧୮.୩ ମିଟରର ୯୯ ସ୍ପାନ୍, ୭୨.୫ ମିଟରର ଭୂଲମ୍ବ ଲିଫ୍ଟ ସ୍ପାନ୍ ସାମିଲ ରହିଛି। ଏହା ପୁରୁଣା ସେତୁଠାରୁ ୩ ମିଟର ଉଚ୍ଚ ବୋଲି କୁହାଯାଉଛି, ଯାହା ଯାତାୟାତକୁ ସହଜ କରିବ। ଏହାର ଉପ ସରଞ୍ଜାରେ ୩୩୩ ପାଇଲ୍ ଅନ୍ତର୍ଭୁକ୍ତ ରହିଛି। ଏହାକୁ ଏପରି ଭାବେ ଡିଜାଇନ କରାଯାଇଛି ଯାହା ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ସହ ରେଳ ଓ ସାମୁଦ୍ରିକ କାର୍ଯ୍ୟକୁ ସୁନିଶ୍ଚିତ କରିବ। ଏହି ସେତୁର ନିର୍ମାଣ ଡିଜାଇନ ଓ ପ୍ରମାଣପତ୍ର କାର୍ଯ୍ୟରେ ଭାରତର ବୈଷୟିକ ଶ୍ରେଷ୍ଠତା ପ୍ରତିଷ୍ଠିତ କରିଛି। ଆଇଆଇଟି ଚେନ୍ନାଇ ଏବଂ ଆଇଆଇଟି ବମ୍ବେ ଭଳି ଅଗ୍ରଣୀ ପ୍ରତିଷ୍ଠାନର ସମୁଦ୍ର ସେତୁ ଡିଜାଇନ କରିବାର ଚ୍ୟାଲେଞ୍ଜିଂ କାର୍ଯ୍ୟକୁ ସାରା ବିଶ୍ୱ ଜାଣିଛି।

# କମ୍ ସମୟରେ ଅଧିକ ସେବା-ପଲ୍



**ଭୁବନେଶ୍ୱର,୫।୪**

ସ୍ପନ୍ଦନ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପକ୍ଷରୁ ଭୁବନେଶ୍ୱରର ଶତାବ୍ଦୀନଗରଠାରେ ଏକ ଅତ୍ୟାଧୁନିକ ପେଟ୍-ସିଟି ସ୍କାନ୍ ୟୁନିଟ୍ ଆରମ୍ଭ କରାଯାଇଛି। ଏହି ଅବସରରେ ସ୍ପନ୍ଦନ ଡାଇଗ୍ନୋଷ୍ଟିକ୍ ସେଣ୍ଟରର ଅଧକ୍ଷ ତଥା ଏମ୍‌ଡି ପି.କେ. ପଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ ସହ ନୂତନ ସେବାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପନ୍ଦନ ଡାଇଗ୍ନୋଷ୍ଟିକ୍ ସେଣ୍ଟରର ନିର୍ଦ୍ଦେଶକ ପାର୍ଥସାରଥି ମଣ୍ଡଳ ଏବଂ ମନୋଜ ପତିଙ୍କ ସମେତ ଡା. ସନ୍ତୋଷ ରଞ୍ଜନ ଜେନା, ରାଜ୍ୟ ମୁଖ୍ୟ (ଓଡ଼ିଶା) ସତ୍ୟସୁନ୍ଦର ବାସା ପ୍ରମୁଖ ଯୋଗଦେଇଥିଲେ।

ସେହିଭଳି ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ସେବା ବର୍ତ୍ତମାନ ଏକ ଡାଇଗ୍ନୋଷ୍ଟିକ୍ ସେଟ୍‌ଅପ୍‌ରେ ଉପଲବ୍ଧ। ଏହି ପେଟ୍-ସିଟି ସ୍କାନ୍ ସେବା ରୋଗୀ ଏବଂ ସେମାନଙ୍କର ପରିବାର ପାଇଁ ଅତୁଳନୀୟ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଯେମିତି କି ଏଠାରେ ସେମାନଙ୍କୁ ଲମ୍ବା ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ, କମ୍ ସମୟ ମଧ୍ୟରେ ସେମାନେ କିଭଳି ବିନା କୌଣସି ଅସୁବିଧାରେ ଅଧିକରୁ ଅଧିକ ସେବାର ସୁଯୋଗ ନେଇପାରିବେ ଏହା ଆମର ମୂଳଲକ୍ଷ୍ୟ ରହିଛି ବୋଲି ଅଧକ୍ଷ ପଲ୍ କହିଥିଲେ।

ସେହିପରି ଓଡ଼ିଶା ମୁଖ୍ୟ ସତ୍ୟସୁନ୍ଦର ବାସା କହିଛନ୍ତି, ଲୋକମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ସପ୍ତାହରେ ୬ଦିନ ସୋମବାରରୁ ଶନିବାର ପର୍ଯ୍ୟନ୍ତ ସେବା ଉପଲବ୍ଧ କରାଯାଇଛି। ଦୂରରୁ ଆସୁଥିବା ଲୋକମାନଙ୍କ ପାଇଁ ମାଗଣାରେ ରହିବାର ବ୍ୟବସ୍ଥା ହୋଇଛି। ଗୋଟିଏ ଦିନ ଭିତରେ ପେଟ୍-ସିଟି ସ୍କାନ୍ ସହିତ ରିପୋର୍ଟ ପ୍ରଦାନ କରାଯିବ।


## Classified Everyday
0674-2580101, 9692975378


MATRIMONIAL

### BRIDE WANTED

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡ୍‌ଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର, ଯୋଗାଯୋଗ-7978626462. D-3466

କର୍ପୋରେଟ୍ ଚାକିରି କରୁଥିବା ୩୧ବର୍ଷ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦରୀ ଶିକ୍ଷିତା ଚାକିରି କରୁଥିବା ଝିଅ ଆବଶ୍ୟକ। ୮୯୧୭୫୬୫୭୦୭. ଧ-୦୧୩

34 yrs Brahmin groom, 6ft, Bhubaneswar, resident, earning 6 lpa. Contact: 9776243023, self Employed. D-048

### GROOM WANTED

Beautiful Brahmin girl 1991, 5'3", B.Tech, Serving Manager, Nationalised Bank, "SUNASANSAR". 9937512659. D-76255


AUTOMOBILE SALE

Tata Ultra 41 Seater Bus for sale. Contact Details: 7077714312. D-026

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254


REAL ESTATE SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

Independent house valued 1.5crore near K.E.C., Uttara Square, Bhubaneswar. Call-8917520527. D-016




**For rent total 13,000sqft. of space available Hostel space as 2nd & 3rd floor with dedicated parking. Location- Behind Trident Engineering College, Patia, Infosys. Contact- 7008181478.** D-053

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033


BUSINESS

Learn AI Automation, Web design, SEO, Digital advertising with Digitomesh Bhubaneswar/ Puri. 100% placement guarantee in IT, Realestate, Hotels. Get AI tools 5,00,000/- 8093008289. D-052

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue an affidavit sworn before the Notary Public, Jajpur Road, Jajpur bearing No.- 70AA739901, DT 05.04.2025, I, Sri Abhina Kumar Jena, At-Chandama, P.O.- Jajpur Road, P.S.- Korai, Dist.- Jajpur, PIN-755019 do hereby solemnly affirm and state my son name is Anshuman Kumar Jena in his HSC Certificate whereas in his Aadhaar Card No.- xxxx xxxx 8792 his name Anshuman Jena. I have changed the name of my son from Anshuman Jena to Anshuman Kumar Jena in all of his legal documents. D-051

ମୁଁ, ସୁଧାଂଶୁ ଶେଖର ରାଉଳ, ପିତା- ଅଭିରାମ ରାଉଳ, ଠିକଣା- ଦକ୍ଷିଣ ଷ୍ଟ୍ରୀଟ୍ ଫୁଲଟା, ବ୍ରହ୍ମପୁର, ଫୁଲଟା, ଫୁଲଟା, ଗଞ୍ଜାମ, ଓଡ଼ିଶା, ନୋଟାରୀ ଗଙ୍ଗା ପ୍ରସାଦଙ୍କ ନିକଟରେ କରିଥିବା ତା।୨୧।୦୩।୨୦୨୫ରି ଖ ର ସତ୍ୟପାଠ ଅନୁଯାୟୀ ଏହା ପରଠାରୁ ସୁଧାଂଶୁ ଅଭିରାମ ରାଉଳ ଭାବେ ପରିଚିତ ହେବି। ଧ-୦୩୪

By virtue of an affidavit sworn before Notary Public, Bhubaneswar, dated 21.05.2008, I, Smt. Jyotsna Prava Patra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur at present residing at EB- 140, Badagada BRIT Colony, Bhubaneswar- 751014, Dist.- Khurda, Odisha declare that I have changed my name from Smt. Jyotsna Prava Patra to new name Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes. D-76437

I, Vinit Khandelwal, aged about 44 years, S/o- Suresh Khandelwal, resident of Utkal Vatika, D-208, Canal Road, Jharpada, P.O.-Budheswari, P.S.- Laxmisagar, Dist.-Khorda, PIN-751006, Odisha declare by this affidavit No.369, dtd-04.04.2025. I have changed my name from Vinit Khandelwal to Vineet Khandelwal. That now onwards I shall be known as Vineet Khandelwal for all future purposes. D-76808

By virtue of an affidavit No.- 6195, dated 02.04.2025 before the Executive Magistrate, Sadar, Cuttack, I, ANSULA BHAWSINKA, W/o- Lokesh Bhawsinka, R/o- Balu Bazar, Biswanath Lane, Cuttack- 753002 declare that my former name "Ansula Agarwal" has been changed and I shall be known as "Ansula Bhawsinka" for all future purposes. D-054

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**୰ପ୍ରଫୁଲ୍ଲ କୁମାର ରାଉତ**

(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ,
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ: ୦୪।୦୧।୧୯୫୨
ତିରୋଧାନ: ୦୨।୦୪।୨୦୨୦(ଶ୍ରୀରାମ ନବମୀ)

ବକା, ଏହାରି ଭିତରେ ପାଞ୍ଚବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତିକୁ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ତ୍ୟାଗ, କର୍ତ୍ତବ୍ୟପରାୟଣତା, ସାହସ ଏବଂ ସଭିଙ୍କୁ ଭଲପାଇବାର କଳା ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ବନ୍ଧୁ ଏବଂ ପରିବାରବର୍ଗ।
ଧ-୦୧୮

# ଅବମାନନା କରୁ ନ ଥିବା ଲୋକଙ୍କୁ କାହିଁକି ଗାଳି କରିବି: ଜୟନାରାୟଣ

**ସମ୍ବଲପୁର,୫।୪(ପ୍ରମୋଦ ବହିଦାର)**

ଅବମାନନା କରୁ ନ ଥିବା ବ୍ୟକ୍ତିଙ୍କୁ ଗାଳିଗୁଲଜର କୌଣସି ଆବଶ୍ୟକତା ନାହିଁ। ବର୍ତ୍ତମାନ ମଧ୍ୟ ଟାଉନ ଥାନା ଅଧିକାରୀ ସୁବ୍ରତ କୁମାର ମେହେରଙ୍କ ସହିତ ମୋର ଉତ୍ତମ ସମ୍ପର୍କ ରହିଛି। ସେ ସର୍ବଦା ସମ୍ମାନର ସହିତ କଥାବାର୍ତ୍ତା କରନ୍ତି। ତାଙ୍କୁ ଯଦି ଡକାଯିବ ତୁରନ୍ତ ସେ ଏଠାକୁ ଆସିବେ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ତେଣୁ


ଜୟନାରାୟଣ ମିଶ୍ର

ତାଙ୍କୁ ଗାଳିଗୁଲଜ କରିବା କଥାରେ ଆଦୌ ସତ୍ୟତା ନାହିଁ। କିଏ କେଉଁ ଉଦ୍ଦେଶ୍ୟରେ ଏହି ଗୁଜବ କରୁଛି ତାହା ମତେ ଜଣା ନାହିଁ ବୋଲି ସେ କହିଛନ୍ତି। ଗତ ଦୁଇଦିନ ହେଲା ଜଣେ ପୋଲିସ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ପରେ ତାଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦାଖଲ ହୋଇଥିବା ନେଇ କଥା ପ୍ରଘଟ ହୋଇଛି। ଶନିବାର ତାଙ୍କ ପ୍ରତିକ୍ରିୟାରେ ଜୟନାରାୟଣ ଏପରି କହିଛନ୍ତି।

ସୂଚନାଯୋଗ୍ୟ, ରାମନବମୀ ଉପଲକ୍ଷେ ଗତ ଗୁରୁବାର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ଏକ ଝଣ୍ଡା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସମରକଳା

## ଘୂରି ବୁଲୁଛି ଏତଲା କପି

ପ୍ରଦର୍ଶନ ସ୍ୱରୂପ ଖଣ୍ଡା ବୁଲାଇଥିବା ୮ ଜଣ ଆଖଡ଼ା ଓସ୍ତାଦଙ୍କ ବିରୋଧରେ ଟାଉନ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କ ଖଣ୍ଡା ଜବତ କରାଯାଇଛି। ସେମାନଙ୍କ ବିରୋଧରେ ଥାନାରେ ଏକ ମାମଲା(ନଂ.୯୫/୨୫)ରୁଜୁ ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ବିଧାୟକ ମିଶ୍ର କୁଆଡ଼େ ଟାଉନ ଥାନା ଅଧିକାରୀ ମେହେରଙ୍କୁ ଗାଳିଗୁଲଜ କରିଥିଲେ। ତାହାକୁ ନେଇ ଥାନା ଅଧିକାରୀ ମେହେର ଟାଉନ ଥାନାରେ ଜୟନାରାୟଣଙ୍କ ବିରୋଧରେ ଏତଲା ଦେଇଥିଲେ ବୋଲି ଶୁଣିବାକୁ ମିଳିଥିଲା। ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର ଓ ଥାନା ଅଧିକାରୀ ମେହେର ନିଜେ ମଧ୍ୟ ଏହାକୁ ଅସ୍ୱୀକାର କରିଛନ୍ତି। ଅପରପକ୍ଷରେ ଜୟନାରାୟଣଙ୍କ ବିରୋଧରେ ଥାନା ଅଧିକାରୀ ମେହେରଙ୍କ ଏକ ଏତଲା କପି ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୨୯୬, ୩୫୧(୩), ୩୫୧(୪), ୨୨୧ରେ ମାମଲା(ନଂ.୯୬/୩।୪।୨୦୨୫) ରୁଜୁ ହୋଇଥିବା ଉଲ୍ଲେଖ ରହିଛି। ଏନେଇ ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏତଲା ହୋଇଥିବା ନେଇ ପୋଲିସ ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇନାହିଁ ବୋଲି କହିଛନ୍ତି।

ଏ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏ ବାବଦରେ ଆଲୋଚନା ପରେ ଦଳ ଯାହା ନିଷ୍ପତ୍ତି ନେବ। ତେଣୁ ଏବେ କିଛି କହିବା ସମୀଚୀନ ହେବନାହିଁ ବୋଲି ସେ କହିଛନ୍ତି।



ନୂଆଦିଲ୍ଲୀରେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମଙ୍କ ଜନ୍ମଦିନ (ସମତା ଦିବସ) ପାଳନ ଅବସରରେ ତାଙ୍କ ଝିଅ ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ମୈରା କୁମାରଙ୍କୁ ଭେଟୁଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ।

# ଆଜିଠୁ ୨ ଦିନ ପ୍ରତିଷ୍ଠା ଦିବସ ପାଳିବ ଭାଜପା

**ଭୁବନେଶ୍ୱର, ୫।୪(ସୁଜିତ୍ ମିଶ୍ର)**

- ବୁଥ୍‌ସ୍ତରରେ ହେବ ଟିଫିନ୍ ବୈଠକ
- ୧୦ରୁ ବିଧାୟକ,ଏମ୍‌ପିଙ୍କ ପ୍ରଶିକ୍ଷଣ ଶିବିର

ଭାଜପାର ୪୬ତମ ପ୍ରତିଷ୍ଠା ଦିବସ ରବିବାର ପାଳନ କରାଯିବ। ଏଥର ଦଳର ପ୍ରତିଷ୍ଠା ଦିବସ ୨ ଦିନ ଲାଗି ପାଳିତ ହେବ। ରବିବାର ରାମନବମୀ ପଡୁଥିବାରୁ ସୋମବାର ମଧ୍ୟ ଏହାକୁ ପାଳନ କରିପାରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଦଳର କାର୍ଯ୍ୟକର୍ତ୍ତାମାନେ ନିଜ ଘର ଉପରେ ଦଳୀୟ ପତାକା ଲଗାଇବେ। ବୁଥ୍‌ସ୍ତରରେ ୨ଶହ ପ୍ରାଥମିକ ସଦସ୍ୟଙ୍କୁ ନେଇ ଟିଫିନ୍ ବୈଠକ ହେବ। ସବୁ କାର୍ଯ୍ୟକର୍ତ୍ତା ନିଜ ଘରେ ପ୍ରସ୍ତୁତ ଖାଦ୍ୟ ଆଣି ଗୋଟିଏ ଜାଗାରେ ଏକାଠି ହୋଇ ଖାଇବେ। ଆସନ୍ତା ଆମ୍ବେଡ୍କର ଜୟନ୍ତୀ ପର୍ଯ୍ୟନ୍ତ ଜନସମ୍ପର୍କ କାର୍ଯ୍ୟକ୍ରମ ହେବ। କାର୍ଯ୍ୟକର୍ତ୍ତାମାନେ ଘର ଘର ଯାଇ ଜନସମ୍ପର୍କ କରିବେ ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ଆସନ୍ତା ୧୧ରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଦଳର ବିଧାୟକ ଏବଂ ଏମ୍‌ପିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରାଯିବ। ପୁରୀରେ ଏହା ହେବ ବୋଲି ଆପାତତଃ ସ୍ଥିର କରାଯାଇଛି। ସେଥିଲାଗି ଦଳୀୟ କାର୍ଯ୍ୟାଳୟରେ ଏନେଇ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେଦିନ କିପରି ଏମ୍‌ପି ଏବଂ ବିଧାୟକମାନେ ଆସିବେ, କେଉଁ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯିବ, ସେମାନଙ୍କ ରହିବା ଏବଂ ଖାଇବା ବିଷୟରେ ଆଲୋଚନା ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ରାଜ୍ୟରୁ ଯାଇ କେନ୍ଦ୍ରମନ୍ତ୍ରୀ ହୋଇଥିବା ୩ ନେତା ମଧ୍ୟ ଏଥିରେ ଯୋଗଦେବେ। ଏମ୍‌ପି ଏବଂ ବିଧାୟକଙ୍କ ଦାୟିତ୍ୱ କ'ଣ ହେବା ଦରକାର, ଲୋକଙ୍କୁ କିପରି ସୁଶାସନ ମିଳିବ ତା'ଉପରେ ଆଲୋଚନା ହେବ। ପ୍ରାୟ ୧୫ଟି ବିନ୍ଦୁ ଉପରେ ମୁଖ୍ୟତଃ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହେବ ବୋଲି ଆଶ୍ରିତ କହିଛନ୍ତି।

# ବିଜେଡି ନାଟକ କରୁଛି: ତାରା

**ଭୁବନେଶ୍ୱର,୫।୪ (ରବିନାରାୟଣ ଜେନା)**

ବିଜେଡି ଶୃଙ୍ଖଳିତ ଦଳ ବୋଲି ଦାବି କରି ଆସୁଥିଲା। ହେଲେ ସଂସଦରେ ୱକଫ୍ ବିଲ୍ ପାରିତ ବେଳେ ସବୁ ସତ ପଦାକୁ ଆସିଛି। ଭାଜପା ପ୍ରତି ବିଜେଡି ଯେଉଁ ସମର୍ଥନ ଦେଇଛି ସେଥିରୁ ନବୀନବାବୁଙ୍କ ପ୍ରେମ ନୁହେଁ, ଭୟକୁ ଦର୍ଶାଉଛି। କିନ୍ତୁ ଏହି ସତକୁ ଲୁଚାଇବାକୁ ବିଜେଡି ନାଟକ କରୁଛି ବୋଲି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଶନିବାର ତାରା ଗଣମାଧ୍ୟମକୁ କହିଛନ୍ତି, ବିଜେଡିରେ ଥିବା ବିରାଟ ଫାଙ୍କ ଏବେ ଜଳ ଜଳ ହୋଇଦିଶୁଛି। ବିଜୁ ଆଉ ପାଣ୍ଡିଆନ ଲୋକ ଭିତରେ ଭାଗ ଭାଗ। ବିଜେଡି ସବୁବେଳେ ଭାଜପା ସାଙ୍ଗରେ ରହିଛି। ହେଲେ ଲୋକଦେଖାଣିଆ ଭାବେ ବିଜେଡି ନାଟକବାଜି କରୁଛି।

ରାଜ୍ୟରେ ବିଜେଡି କ୍ଷମତାରେ ନାହିଁ। କିନ୍ତୁ ସଂସଦରେ ଭାଜପାକୁ ସମର୍ଥନ ଦେଉଛି। ୱକଫ୍ ବିଲ୍‌କୁ ବିରୋଧ କରିବା ପାଇଁ ନବୀନବାବୁ ସକାଳେ ଘୋଷଣା କରିଥିଲେ, କିନ୍ତୁ କ'ଣ ହେଲା କେଜାଣି ରାତି ବେଳକୁ ପାଣିପାଗ ବଦଳି ଗଲା ଏବଂ ସଂସଦରେ ସମର୍ଥନ ଦେଲେ। ଭାଜପା ଭୟରେ ବିଜେଡି ଏହା କରିଛି। କାରଣ ବିଜେଡି ନେତାଙ୍କର ଅନେକ ହଜାର କୋଟି ଟଙ୍କାର ମାଇନ୍ସ ସ୍କାମ୍ ରହିଛି । କାଳେ ଧରାପଡ଼ିଯିବେ ଏବଂ ଜେଲ ଯିବାକୁ ପଡ଼ିବ ସେଥିପାଇଁ ଡ୍ରାମା ଚାଲିଛି ବୋଲି ତାରା କହିଛନ୍ତି।

# ଅଶୋକଙ୍କ ଶ୍ରେୟ ଦାବିକୁ ମୁକେଶଙ୍କ ବିରୋଧ

**ପାଲଲହଡ଼ା,୫।୪ (ଦିବ୍ୟଜ୍ୟୋତି ଦାଶ)**

## ଦ୍ୱିତୀୟ ଚିଲିକା ଉନ୍ନତୀକରଣକୁ ନେଇ ତେଜିଲା ରାଜନୀତି

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଦ୍ୱିତୀୟ ଚିଲିକାର ଉନ୍ନତୀକରଣ କାର୍ଯ୍ୟକୁ ନେଇ ପାଲଲହଡ଼ା ରାଜନୀତି ସରଗରମ ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟର ଶ୍ରେୟ ଭାଜପା ସରକାରଙ୍କର ବୋଲି ପାଲଲହଡ଼ା ଭାଜପା ବିଧାୟକ ଅଶୋକ ମହାନ୍ତି ଦାବି କରୁଥିବା ବେଳେ ଏହାକୁ ବିରୋଧ କରିଛନ୍ତି ପୂର୍ବତନ ବିଜେଡି ବିଧାୟକ ମୁକେଶ କୁମାର ପାଳ।

ପାଲଲହଡ଼ା ଜାତୀୟ ରାଜପଥ ଡାକବଙ୍ଗଳାଠାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପାଳ କହିଛନ୍ତି, ଗତ ମାର୍ଚ୍ଚ ୩୧ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପାଲଲହଡ଼ା ଗସ୍ତରେ ଆସି ବିଧାୟକ ମହାନ୍ତିଙ୍କ ଉପସ୍ଥିତିରେ ବନବିଭାଗ ଦ୍ୱାରା ଜାରି ରହିଥିବା ଦ୍ୱିତୀୟ ଚିଲିକାର ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଜପା ସରକାର ଏହି ଅଞ୍ଚଳର ଉନ୍ନତି ପାଇଁ ୧ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହ ବିଧାୟକ ମହାନ୍ତି ଏହି ପ୍ରକଳ୍ପ ପାଇଁ ଭାଜପା ସରକାର କୋଟିଏ ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ବିଭିନ୍ନ ସଭା ସମିତିରେ କହି ବୁଲୁଥିବା ଦେଖିବାକୁ ମିଳିଛି। ଏହାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରୁଛି। ଦ୍ୱିତୀୟ ଚିଲିକାର ବିକାଶ ପାଇଁ ବିଜେଡି ସରକାର ସମୟରେ ୨୦୨୩ରେ ୮୭ ଲକ୍ଷ ଟଙ୍କାର ଅନୁଦାନ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲା। ତତ୍କାଳୀନ ବିଜେଡି ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏହି କାର୍ଯ୍ୟର ଶୁଭ ଦେଇଥିଲେ। ବର୍ତ୍ତମାନ ବନବିଭାଗ ଉକ୍ତ ଅନୁଦାନ ଟଙ୍କାରେ ଉନ୍ନତୀକରଣ କାର୍ଯ୍ୟ କରୁଛି। ତେଣୁ ବିଧାୟକ ବାଃ ବାଃ ନେବା ବନ୍ଦ କରନ୍ତୁ ବୋଲି ପୂର୍ବତନ ବିଧାୟକ ପାଳ କହିଛନ୍ତି।

## ଅନ୍ୟାନ୍ୟ ଖବର

# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ପାତ୍ରପୁର,୫।୪(ଉମା ଚରଣ ନେପାକ)**

ଜରଡ଼ାଥାନା ବାଦପୁର ପଞ୍ଚାୟତ ଅନ୍ତର୍ଗତ ଦେସାରୀ ଗ୍ରାମର ଯୋଗେନ୍ଦ୍ର ପ୍ରଧାନ(୫୮) ଗତ କିଛି ଦିନ ଧରି ହାଇଦ୍ରାବାଦଠାରେ ଏକ ଘରୋଇ କାରଖାନାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ା ଘରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହାଇଦ୍ରାବାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ପଠାଇଥିଲା। ଶନିବାର ଦେସାରୀ ଗ୍ରାମରେ ଯୋଗେନ୍ଦ୍ରଙ୍କ ମୃତଦେହ ପହଞ୍ଚିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଶୀ ଭାଙ୍ଗ ପାରା ରଙ୍ଗ**
**ପଶା ନ୍ୟାୟବଳ ବେଶ୍ୟା ସଙ୍ଗ**
**ଏଷଡ଼ ରସରେ ଥାଏ ଯେ,**
**ଠୁକୁରା ଖାଇ ମରେ ସେ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦ୍ଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖା ସୁନ୍ଦର**
**କଖାରୁ ବଡ଼ି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପ ଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତାହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନିଜ ଭିତରେ ରାମଙ୍କୁ ଜାଗ୍ରତ କରନ୍ତୁ

**ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର**

**ରାମନବମୀ ଉପଲକ୍ଷେ**



ରାମାୟଣ କେବଳ ଏକ ଐତିହାସିକ ଗ୍ରନ୍ଥ ନୁହେଁ, ଏହା ଆମ ଭିତରେ ଗତି କରୁଥିବା ଆଧ୍ୟାତ୍ମିକ ଯାତ୍ରାର ସଙ୍କେତ ମଧ୍ୟ। ଏଥିରେ ଥିବା ସମସ୍ତ ପାତ୍ର ଓ ଘଟଣା ଆମ ଜୀବନର କିଛି ନା କିଛି ପ୍ରତିଫଳନକୁ ଦେଖାଏ।

'ରାମ' ଅର୍ଥ ପ୍ରକାଶ, ଦିବ୍ୟତା ଓ ଆତ୍ମା। ଏହା ଆମ ଭିତରର ଚେତନା, ଯାହା ଆମକୁ ଠିକ ପଥରେ ଗତି କରାଏ। ଯେତେବେଳେ ନିଜର ଚେତନା ଜାଗ୍ରତ ହୁଏ, ସେତେବେଳେ ପ୍ରକୃତ ଅର୍ଥରେ ରାମ ଆମ ଭିତରେ ଜନ୍ମ ନେଇଥାନ୍ତି।

ଲକ୍ଷ୍ମଣ ଜାଗ୍ରତ ତଥା ସତର୍କତାର ପ୍ରତୀକ, ଯିଏ ଆତ୍ମା ସହ ସବୁବେଳେ ରହିଥାଏ। ଭରତ ଅର୍ଥ ଆମ ଭିତରର ସକାରାତ୍ମକ ଶକ୍ତି। ଶତ୍ରୁଘ୍ନ ଅର୍ଥ ଶତ୍ରୁଙ୍କୁ ନାଶ କରିବାରେ ସମର୍ଥ। ଯେତେବେଳେ ଆମ ଭିତରେ କୌଣସି ଶତ୍ରୁ ଉତ୍ପନ୍ନ ହୁଏ ନାହିଁ, ତେବେ ଆମକୁ ସେମାନଙ୍କୁ ସାମ୍ନା କରିବାର ଆବଶ୍ୟକତା ହୁଏ ନାହିଁ। ଅଯୋଧ୍ୟା ଆମର ଶରୀରର ପ୍ରତୀକ, ଯାହା ବିନାଶ ଯୋଗ୍ୟ ନୁହେଁ। ଆମର ଶରୀର ଏକ ମନ୍ଦିର, ଯେଉଁଠି ଆତ୍ମା ସ୍ୱରୂପ ରାମ ବାସ କରନ୍ତି। ଯେତେବେଳେ ଆମ ମନ ଓ ଆତ୍ମା ସନ୍ତୁଳନରେ ଥାଏ, ସେତେବେଳେ ଆମେ ପ୍ରକୃତ ଅର୍ଥରେ ଅଯୋଧ୍ୟାରେ ବାସ କରୁଛୁ। ସୀତା ମନର ପ୍ରତୀକ। ଯେତେବେଳେ ମନ ଲୋଭ ଓ ମୋହରେ ବଶୀଭୂତ ହୁଏ, ସେତେବେଳେ ଅହଙ୍କାର ସ୍ୱରୂପ ରାବଣ ତାହାକୁ ହରଣ କରିନିଏ। ଏଥିରୁ ଏହା ବୁଝାଯାଏ ଯେ, ଯେତେବେଳେ ଆମେ ନିଜର ମନକୁ ବିଷୟ-ବାସନା ଓ ଅହଙ୍କାରରେ ବ୍ୟସ୍ତ କରିଦେଉଛୁ, ସେତେବେଳେ ଆମ ଜୀବନ ଅସନ୍ତୁଳିତ ହୁଏ।

ହନୁମାନ ପ୍ରାଣଶକ୍ତିର ପ୍ରତୀକ। ଯେତେବେଳେ ଆତ୍ମା ଓ ମନ ବିଚ୍ଛିନ୍ନ ହୁଏ, ସେତେବେଳେ ପ୍ରାଣଶକ୍ତି (ହନୁମାନ) ସେମାନଙ୍କୁ ପୁନଃ ଏକତ୍ର କରିଥାଏ। ଯେତେବେଳେ ଆମ ମନ ଲୋଭରେ ପଡ଼ି ବିମୁଖ ହୁଏ, ସେତେବେଳେ ଅହଙ୍କାର ସ୍ୱରୂପ ରାବଣ ତାହାକୁ ହରଣ କରେ। କିନ୍ତୁ ଯେତେବେଳେ ଆମେ ନିଜର ପ୍ରାଣଶକ୍ତିକୁ ଜାଗ୍ରତ କରି ଆତ୍ମା ପଥରେ ଆଗକୁ ବଢ଼ୁ, ସେତେବେଳେ ଆମ ମନ ପୁନଃ ଶୁଦ୍ଧ ହୋଇ ତାହାର ବାସ୍ତବିକ ନିବାସ (ଅଯୋଧ୍ୟା)କୁ ଫେରି ଆସେ।

ରାମାୟଣ କେବଳ ଏକ ଧାର୍ମିକ କଥା ନୁହେଁ, ବରଂ ଆମ ଭିତରର ଆଧ୍ୟାତ୍ମିକ ଯାତ୍ରାର ପ୍ରତିବିମ୍ବ। ଆତ୍ମା (ରାମ), ଜାଗ୍ରତ ତଥା ସତର୍କତା (ଲକ୍ଷ୍ମଣ), ଶକ୍ତି (ଭରତ) ଓ ମାନସିକ ଶାନ୍ତି (ଶତ୍ରୁଘ୍ନ) ଯେତେବେଳେ ସନ୍ତୁଳନରେ ଥାଏ, ସେତେବେଳେ ଜୀବନରେ ପ୍ରକୃତ ସୁଖ ଅନୁଭବ କରିହେବ। ସେତେବେଳେ ହିଁ ପ୍ରକୃତ ଅର୍ଥରେ ରାମନବମୀ ଉତ୍ସବ ସାର୍ଥକ ହୁଏ। ଆସନ୍ତୁ,ଏହି ରାମନବମୀରେ ଆମ ଭିତରର ରାମଙ୍କୁ ଜାଗ୍ରତ ଲାଗି ଚେଷ୍ଟା କରିବା ଏବଂ ଆମର ଜୀବନକୁ ସତ୍ୟ, ପ୍ରେମ ଓ ପ୍ରକାଶରେ ଆଲୋକିତ କରିବା।

# ଗହମ ଗ୍ରାମରେ ଝାଡ଼ାବାନ୍ତି, ଶତାଧିକ ଅସୁସ୍ଥ

**ପବିତ୍ରନଗର,୫।୪ (ନିରୋଜ ପ୍ରଧାନ)**

## ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟ ବିଭାଗ ଟିମ୍

ଅନୁଗୋଳ ଜିଲା କଣିହାଁ ବ୍ଲକ ପରାବିଲ ପଞ୍ଚାୟତ ଗହମ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ଗୁରୁତର ଅସୁସ୍ଥ ଥିବା ୧୦ରୁ ଅଧିକ ରୋଗୀଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଡାକ୍ତରୀଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରୁଥିବା ବେଳେ ଅନୁଗୋଳ ଡିପିଏଚ୍‌ଓ ଧନଞ୍ଜୟ ବେହେରା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତମାନଙ୍କୁ ଔଷଧ, ଓଆର୍‌ଏସ୍ ବଣ୍ଟନ ସହିତ ପରିସ୍ଥିତି ଉପରେ ଡାକ୍ତରୀ ଟିମ୍ ନଜର ରଖିଛନ୍ତି। ସରକାରଙ୍କ ପକ୍ଷରୁ ପାଇପ୍ ଯୋଗେ ଗାଁକୁ ପାନୀୟ ଜଳ ଯୋଗାଣ ହେଉଥିଲେ ମଧ୍ୟ ବ୍ରାହ୍ମଣୀ ନଦୀରୁ ଆସୁଥିବା ପାଣିକୁ ଓଭରହେଡ୍ ଟାଙ୍କିରେ ଠିକ୍ ଭାବେ ବିଶୋଧନ କରା ନ ଯିବା କିମ୍ବା ସ୍ଥାନୀୟ ପ୍ଲାଣ୍ଟରୁ ନିର୍ଗତ ପାଉଁଶ ଓ ବର୍ଜ୍ୟବସ୍ତୁ ମିଶି ବ୍ରାହ୍ମଣୀ ନଦୀ ପାଣିକୁ ଦୂଷିତ କରିଥିବା କାରଣରୁ ଝାଡ଼ାବାନ୍ତି ବ୍ୟାପୀଥାଇପାରେ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଡିପିଏଚ୍‌ଓଙ୍କ କହିବା ଅନୁଯାୟୀ, କେଉଁ କାରଣରୁ ଝାଡ଼ାବାନ୍ତିରେ ଏତେ ଲୋକ ଆକ୍ରାନ୍ତ ହୋଇଛନ୍ତି ତାହା ଜଣାପଡ଼ିନି। ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ଏହା ସ୍ପଷ୍ଟ ହେବ।

# ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ଦିଗପହଣ୍ଡି, ୫।୪(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ର ପୁର ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଯୁକ୍ତ ୨ ନାବାଳିକା ଛାତ୍ରୀ ମଧ୍ୟାହ୍ନରେ ଘରେ କୀଟନାଶକ ଖାଇ ଆତ୍ମହତ୍ୟା କରିବା ଖବର ପାଇ ସେହି ଗ୍ରାମର ତାଙ୍କ ପୁରୁଷ ବନ୍ଧୁ ତଥା ପ୍ରେମିକ ଯୁକ୍ତ ୩ ଛାତ୍ର ଶଙ୍କର ପ୍ରଧାନ ଅପରାହ୍ନରେ ଗ୍ରାମ ନିକଟ ରଘୁନାଥପୁର ପାହାଡ଼ ସଂଲଗ୍ନ ଏକ ଗଛରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହି ଖବର ପାଇ ପାଟପୁର ପୋଲିସ ତାଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ରାତି ୯ଟାରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଉଭୟେ ଗୋଟିଏ କଲେଜରେ ପାଠ ପଢୁଥିବା ବେଳେ ଗତ କିଛି ବର୍ଷ ହେଲା ଉଭୟେ ଉଭୟଙ୍କୁ ଭଲ ପାଉଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ରାଜ୍ୟରେ ୧୮.୬ ପ୍ରତିଶତ ଭାଗଚାଷୀ

**ଭୁବନେଶ୍ୱର,୫।୪ (ରବିନାରାୟଣ ଜେନା)**

ରାଜ୍ୟରେ ୧୦ବର୍ଷ ହେଲା ଭାଗଚାଷୀଙ୍କ ସଂଖ୍ୟା ଗଣନା କରାଯାଇ ନାହିଁ। ମାତ୍ର ୨୦୧୫-୧୬ କୃଷି ଗଣନା ଅନୁଯାୟୀ ରାଜ୍ୟରେ ସମୁଦାୟ ୪୮ଲକ୍ଷ ୬୫ହଜାର ୮୪୦ ଚାଷୀଙ୍କ ମଧ୍ୟରୁ ୧୮.୬ପ୍ରତିଶତ ଭାଗଚାଷୀ ଅଛନ୍ତି। କୃଷି ବିଭାଗର ତଥ୍ୟ ଅନୁଯାୟୀ, ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ତରଫରୁ ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା କରାଯାଉଥିବା କୃଷି ଗଣନା ମାଧ୍ୟମରେ ପ୍ରତି ୫ ବର୍ଷରେ ରାଜ୍ୟର ଚାଷ ଜୋତର ସଂଖ୍ୟା ଆକଳନ କରାଯାଇଥାଏ। ଏହି ସଂଖ୍ୟାକୁ ଚାଷ ଜୋତଧାରୀ ବା ଚାଷୀ ସଂଖ୍ୟା ରୂପେ ବିବେଚନା କରାଯାଇଥାଏ। ୨୦୧୫-୧୬ କୃଷି ଗଣନା ଅନୁଯାୟୀ, ରାଜ୍ୟରେ ସମୁଦାୟ ୪୮,୬୫,୮୫୦ ଚାଷୀଙ୍କ ମଧ୍ୟରୁ ୨,୮୩,୦୭୧ ଜଣ ପୂର୍ଣ୍ଣ ଲିଜ୍‌ଧାରୀ ଭାଗଚାଷୀ ଥିବା ସ୍ଥଳେ ୬,୨୨,୧୧୩ ଆଂଶିକ ଲିଜ୍‌ଧାରୀ ଏବଂ ଅନ୍ୟାନ୍ୟ ଆଂଶିକ ଅଧିକୃତ ଭାଗ ଚାଷୀ ଅଛନ୍ତି। ଏହି ଦୁଇ ପ୍ରକାର ଭାଗଚାଷୀଙ୍କୁ ବିଚାରକୁ ନେଲେ ରାଜ୍ୟର ଭାଗଚାଷୀ ସଂଖ୍ୟା ୯,୦୫,୧୮୪ ଯାହାକି ସମୁଦାୟ ଚାଷୀ ସଂଖ୍ୟାର ୧୮.୬ ଶତାଂଶ ବୋଲି ଜଣାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଭାଗଚାଷୀମାନଙ୍କୁ ସହଜ ଓ ସୁବିଧାରେ ଆନୁଷ୍ଠାନିକ ସଂସ୍ଥା(ବ୍ୟାଙ୍କ)ରୁ କୃଷି ଋଣ ଯୋଗାଇ ଦେବା ନିମନ୍ତେ ନାବାର୍ଡ ସହାୟତାରେ ବଳରାମ ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଭାଗଚାଷୀମାନଙ୍କୁ କୃଷି ଋଣର ସୁବିଧା ଉପଲବ୍ଧ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.01-SBP-TRD-OT-2025-26, ତା.01.04.2025ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର କୁକୁମୁରା-କେରେଜାଙ୍ଗ ସେକ୍ସନରେ କି.ମି.75/1-23 ସ୍ଥିତ କର୍ଭ ନଂ.36 UP ଏବଂ କି.ମି.75/24-2 ସ୍ଥିତ କର୍ଭ ନଂ.37 DN ରେ ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way କାର୍ଯ୍ୟ ସମ୍ପର୍କିତ TRD ସହିତ ଜଡ଼ିତ କାର୍ଯ୍ୟ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 61,69,986.30, EMD (ଟଙ୍କାରେ) : 1,23,400/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.23.04.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-5/Q/25-26

No. T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା 07/04/2025 ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0083/2425

# ଘିବ୍ଲି ନିଶା



**ବର୍ତ୍ତମାନ ସୋସିଆଲ୍ ମିଡିଆ ଖୋଲିବାମାତ୍ରେ ସବୁଠୁ ଅଧିକ ଦେଖିବାକୁ ମିଳୁଛି ଘିବ୍ଲି ଇମେଜ୍, ଯାହା ବେଶ୍ ଭାଇରାଲ୍ ବି ହେଉଛି; ଯାହାର କ୍ରେଜ୍ ଯୁବପିଢ଼ିଙ୍କ ମଧ୍ୟରେ ସବୁଠୁ ଅଧିକ। ଘିବ୍ଲି ଆର୍ଟର ବୈଶିଷ୍ଟ୍ୟ ହେଉଛି ଏଥିରେ ରହିଥିବା ସୂକ୍ଷ୍ମ ଡିଜାଇନ, ସୁନ୍ଦର ପ୍ରକୃତି ଚିତ୍ରଣ, ଓ ମନୋହର ଫାଣ୍ଟାସି ଦୃଶ୍ୟାବଳୀ। ହେଲେ ଆପଣ ଜାଣନ୍ତିକି ନିଜ ଫଟୋର ଏହି ଘିବ୍ଲି ଭର୍ସନ ଯଦିଓ ଦେଖିବାକୁ ଖୁବ୍ ଆକର୍ଷଣୀୟ, କିନ୍ତୁ ଏହାଦ୍ୱାରା ପରେ ବିଭିନ୍ନ ସମସ୍ୟାକୁ ଏଡାଇ ଦିଆଯାଇ ନ ପାରେ...**

ବର୍ତ୍ତମାନ ସାଧାରଣ ଲୋକଙ୍କଠୁ ନେତା, ମନ୍ତ୍ରୀ ଅବା ସେଲିବ୍ରିଟି ସଭିଙ୍କୁ ଘାରିଛି ଘିବ୍ଲି ନିଶା। ନିଜ ଫଟୋକୁ ଚାଟ୍‌ଜିପିଟି ହେଉ କିମ୍ବା ଅନ୍ୟ ଏଆଇ ଫଟୋ ଏଡିଟିଂ ଆପ୍ ବ୍ୟବହାର କରି ସୁନ୍ଦର ଓ ମନଲୋଭା କାର୍ଟୁନ୍ ଫଟୋ ଜେନେରେଟ୍ କରି ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରୁଛନ୍ତି। ଏହି ଘିବ୍ଲି ଟ୍ରେଣ୍ଡ ବର୍ତ୍ତମାନ ଯେତେ ଅଧିକ ଭାଇରାଲ୍ ହେଉଛି, ଏହାଦ୍ୱାରା ଭବିଷ୍ୟତରେ ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ମଧ୍ୟ ସାଇବର ଏକ୍ସପର୍ଟମାନଙ୍କଠାରୁ ବିଭିନ୍ନ ସତର୍କ ସୂଚନା ପ୍ରାପ୍ତ ହେଉଛି। ତେବେ ଏଭଳି ଫଟୋ ଏଡିଟ୍ କରିବାରେ ପୁଣି କ'ଣ ସମସ୍ୟା ଉପୁଜିପାରେ ! ଏଭଳି ପ୍ରଶ୍ନ ଅନେକଙ୍କ ମନକୁ ଆସୁଥିବ ନିଶ୍ଚୟ। ନାପସନ୍ଦ କରିଥିଲେ। ଏହାଦ୍ୱାରା ପରିଶ୍ରମ କରିବା ବଦଳରେ ମଣିଷ ଏଆଇ ଉପରେ ନିର୍ଭର କରି ଅଳସୁଆ ହୋଇଯାଉଥିବା ବେଳେ ଏହାଦ୍ୱାରା ପ୍ରକୃତ ଆନିମେଶନ୍ ଏଡିଟିଂର ଗୁଣବତ୍ତା ହ୍ରାସ ପାଉଥିବା ବି ସେ ପ୍ରକାଶ କରିଥିଲେ।

– ସାଇବର୍ ଏକ୍ସପର୍ଟଙ୍କ ମତରେ, ଏହି ଘିବ୍ଲି ଟ୍ରେଣ୍ଡରେ ସାମିଲ ହୋଇଥିବା







ତେବେ ଜାଣିବା ଏହା ସମ୍ପର୍କରେ...

– ଜାପାନୀ ଆନିମେଶନ୍ ଦୁନିଆର ବାଦଶାହ ଭାବେ ପରିଚିତ ହାୟାଓ ମିୟାଜାକି କାର୍ଟୁନ୍ ଫିଲ୍ମ ଏବଂ ଭିଡିଓ ପ୍ରସ୍ତୁତ କରିବା ଲାଗି ଇଜାଓ ତାକାହାତାଙ୍କ ସହ ମିଶି ଏହି ଘିବ୍ଲି ଷ୍ଟୁଡିଓ ଆରମ୍ଭ କରିଥିଲେ। ଏଭଳି ଭିଡିଓ ପ୍ରସ୍ତୁତ କରିବାକୁ ବହୁତ ପରିଶ୍ରମ ଲାଗୁଥିବା ବେଳେ ବର୍ତ୍ତମାନ ଏଆଇ ମାଧ୍ୟମରେ ମାତ୍ର କିଛି କ୍ଷଣ ମଧ୍ୟରେ ଯେକୌଣସି ଫଟୋ ଘିବ୍ଲି ଫର୍ମାଟ୍‌କୁ କନ୍‌ଭର୍ଟ ହୋଇଯିବାକୁ ସେ

ଫଟୋଗୁଡ଼ିକରେ ପ୍ରାଇଭେସି ନଷ୍ଟ ହୋଇପାରେ। ଅର୍ଥାତ୍ ସମସ୍ତ ପର୍ସନାଲ୍ ଫଟୋ ଏଆଇ ଦ୍ୱାରା ସଂଗୃହୀତ ହେବା ଦ୍ୱାରା ପରବର୍ତ୍ତୀ ସମୟରେ ଏହାର ଅପବ୍ୟବହାର ହୋଇପାରେ।

– ଯେହେତୁ ଘିବ୍ଲି ଷ୍ଟାଇଲ୍ ଫଟୋ ଏଆଇ ଦ୍ୱାରା ପ୍ରସ୍ତୁତ ହେଉଛି, ତେଣୁ ଏହି ନକଲି ଫଟୋକୁ ବ୍ୟବହାର କରି ଭୁଲ୍ ଖବର ପ୍ରଚାର ମଧ୍ୟ କରାଯାଇପାରେ, ଯଦ୍ୱାରା ଅନେକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

– ସାଇବର ଅପରାଧୀ ଏହି ଡିଜିଟାଲ୍ ଆର୍ଟକୁ ମୋଡିଫାଏ କରି ଫେକ୍ ପ୍ରୋଫାଇଲ୍, ଫଟୋ କରି ବିଭିନ୍ନ ଭୁଲ୍ ତଥ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ପାରନ୍ତି। କେବଳ ଏତିକି ନୁହେଁ ଫଟୋ ପାଇଁ ଫୋନ୍ ଆକ୍ସେସ୍ ପରମିଶନ୍ ଥିବାରୁ ଏହାଦ୍ୱାରା ବ୍ୟାଙ୍କ୍ ଡିଟେଲ୍ସ ଭଳି ବିଭିନ୍ନ ପର୍ସନାଲ୍ ଡାଟା ହ୍ୟାକ୍ କରି ଅନ୍ୟକୁ ଠକିବା ମଧ୍ୟ ସେମାନଙ୍କ ପାଇଁ ସହଜ ହୋଇପାରିବ।

– ଚାଟ୍‌ଜିପିଟିରେ ପ୍ରସ୍ତୁତ ହେଉଥିବା ଫଟୋକୁ ପରେ ଡିପ୍‌ଫେକ୍ ଟେକ୍‌ନିକ୍ ଦ୍ୱାରା ଯୋଡ଼ି ଫେକ୍ ଆନିମେଶନ୍ ପ୍ରସ୍ତୁତ କରାଯାଇପାରେ। ଏହାକୁ ନେଇ ଫିଶିଂ ଆଟାକ୍ କରିବା ଉଦ୍ଦେଶ୍ୟରେ ନକଲି ପ୍ରୋଫାଇଲ୍ ଏବଂ ଇମେଜ୍ ପ୍ରସ୍ତୁତ କରି ବିକିବା, ଅନ୍ୟକୁ ଠକିବା ଭଳି ଘଟଣା ବି ଉପୁଜିପାରେ। ଏଥିପାଇଁ ସର୍ବଦା ସତର୍କ ରହିବା ଆବଶ୍ୟକ।

– ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...



**ସୁଚିସ୍ମିତା ପଣ୍ଡା**(ଭୁବନେଶ୍ୱର)–ଏବେ ଯୁଗ ହେଉଛି ଏଆଇର। ଆମ ଦୈନନ୍ଦିନ ଜୀବନରେ ଏଆଇର ଉପଯୋଗ ବ୍ୟାପକ ଭାବେ ବୃଦ୍ଧି ପାଇଛି। ଏହି ଆଧୁନିକ ଯୁଗରେ, ଘିବ୍ଲି ଶୈଳୀର କାର୍ଟୁନ ଆନିମେସନ ଏକ ନୂତନ ଟ୍ରେଣ୍ଡ ହୋଇଯାଇଛି, ଯାହା ଏଆଇ ଦ୍ୱାରା ତିଆରି ହୋଇଛି। ଏହା ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ମନମୋହକ। ମୋ ଚାରିପାଖରେ ଅନେକ ଲୋକ ଏହି ଟ୍ରେଣ୍ଡକୁ ଅନୁସରଣ କରୁଛନ୍ତି। ତାଙ୍କର ପ୍ରୋଫାଇଲ ଫଟୋ, ବ୍ୟାକଗ୍ରାଉଣ୍ଡ ଇମେଜ ସବୁଠାରେ କାର୍ଟୁନ ଆର୍ଟ ଘିବ୍ଲି ଶୈଳୀର ପ୍ରଭାବ ଦେଖାଯାଉଛି। ଯଦିଓ ଏହି ଆର୍ଟ ଆକର୍ଷଣୀୟ, କିନ୍ତୁ ଏହା ଭବିଷ୍ୟତରେ ଅସୁବିଧାରେ ପକାଇପାରେ ବୋଲି କିଛି ଲୋକ ବ୍ୟକ୍ତ କରିଛନ୍ତି। ତେଣୁ ଆମେ ଏହାକୁ ବ୍ୟବହାର କରିବା ବେଳେ ସତର୍କ ରହିବା ଆବଶ୍ୟକ।



**ଗୋପାଳ କୃଷ୍ଣ ପ୍ରଧାନ**(ଉଇଲକିଶନ ନଗର, ଖୋର୍ଦ୍ଧା)–ଚାଟ୍‌ଜିପିଟିରେ ଫଟୋ ଅପ୍‌ଲୋଡ୍ କରି ନିଜର ଘିବ୍ଲି କାର୍ଟୁନ ଚିତ୍ର ପ୍ରସ୍ତୁତ କରି ଅନେକେ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରୁଥିବା ଦେଖି ମୋର ମଧ୍ୟ ଆଗ୍ରହ ବଢିଥିଲା। ମୁଁ ବି ନିଜ ଘିବ୍ଲି ଫଟୋ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲି। ତେବେ ଏଭଳି ଫଟୋ ଅପଲୋଡ କରିବା ଦ୍ୱାରା ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାରି ମାଧ୍ୟମରେ ବ୍ୟାଙ୍କର ଗୋପନୀୟ ତଥ୍ୟ ଚୋରି କରି ସାଇବର ଠକେଇ ଶିକାର ଆଶଙ୍କା ରହିଥିବା ଜାଣିବା ପରେ ଭୟଭିତ ହୋଇ ପଡିଥିଲି। ଏ ସମ୍ପର୍କରେ ସାଇବର ଏକ୍ସପର୍ଟଙ୍କ ସହ ଆଲୋଚନା ପରେ ଏହାକୁ ଆକାଉଣ୍ଟରୁ ଡିଲିଟ କରିବା ସହ ଫୋନରୁ ଉକ୍ତ ଆପ୍‌କୁ ଅନଇନଷ୍ଟଲ କରିଛି।

## ଏ ସପ୍ତାହର ପ୍ରଶ୍ନ

୧– କରିମ୍ପୁଝା ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୨– ସାରୁଲ୍ ପର୍ବ ଭାରତର..............ରାଜ୍ୟରେ ପାଳନ କରାଯାଏ ?
୩– ଏସିଆ କପ୍ ହକି–୨୦୨୫ ........ ରାଜ୍ୟରେ ଖେଳାଯିବ ?
୪– ଗୁରୁ ନାନକଙ୍କ ଜନ୍ମସ୍ଥାନ .............. ?
୫– ସନ୍ଥ କବୀର ଆୱାର୍ଡ .............. କ୍ଷେତ୍ରରେ ପ୍ରଦାନ କରାଯାଏ ?

## ଗତ ଥରର ଉତ୍ତର

୧ ପଞ୍ଜାବ
୨ ମିନିଷ୍ଟ୍ରି ଅଫ୍ ଫାଇନାନ୍ସ
୩ ନାଗାଲାଣ୍ଡ, ମିଜୋରାମ, ମଣିପୁର, ଆସାମ
୪ ସେଣ୍ଟ୍ରାଲ୍ ଜୁ ଅଥରିଟି
୫ କ୍ରିକେଟ୍

## ଉତ୍ତରଦାତା



ଶେଖ୍ ୟାକୁବ୍ ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର

## ଟପ୍ ୧୦

### ପୃଥିବୀର ସର୍ବପୁରାତନ ଦେଶ

୧......................................................ଫ୍ରାନ୍ସ
୨...................................................... ସ୍ୟାନ୍ ମ୍ୟାରିନୋ
୩...................................................... ପର୍ତ୍ତୁଗାଲ
୪...................................................... ଗ୍ରୀସ୍
୫...................................................... ଇଥିଓପିଆ
୬ ...................................................... ଜାପାନ
୭ ...................................................... ଚାଇନା
୮ ...................................................... ଆର୍ମେନିଆ
୯ ...................................................... ଇରାନ
୧୦ ...................................................... ଇଜିପ୍ଟ

## ଯୁଥ୍ ଆଲର୍ଟ

# ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣୁଥିଲେ...

**ଏମିତିରେ ସୂର୍ଯ୍ୟକିରଣରୁ ଆଖିକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ସନ୍‌ଗ୍ଲାସ୍ ବ୍ୟବହାର କରିଥା'ନ୍ତି। ହେଲେ ବର୍ତ୍ତମାନ ଖରାର ପ୍ରଭାବ କ୍ରମଶଃ ବଢୁଥିବାରୁ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ଆଉ ଅନେକେ ଏହାକୁ ଅନ୍‌ଲାଇନ୍‌ରେ କିଣୁଥିବା ବି ଦେଖିବାକୁ ମିଳୁଛି। ଯଦି ଆପଣ ବି ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣୁଛନ୍ତି, ତେବେ କେତୋଟି କଥା ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ...**

⏭ବର୍ତ୍ତମାନ ଛୋଟରୁ ବଡ଼ ପ୍ରତ୍ୟେକ ଜିନିଷ ଘରେ ବସି ଅନ୍‌ଲାଇନ୍‌ରେ ଅର୍ଡର କରିବା ଖୁବ୍ ସହଜ ହୋଇଯାଇଛି। ହେଲେ ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣିବା ଦ୍ୱାରା ବିଭିନ୍ନ ସମସ୍ୟା ଦେଖାଦେଇଥାଏ। କେବେକେବେ ଆଖିକୁ କମ୍ଫର୍ଟେବଲ୍ ହୋଇ ନ ଥାଏ ତ କେବେ ଏହାର ସାଇଜ୍ ବଡ଼ ହେବା କାରଣରୁ ଲଗାଇବା ବେଳେ ବାରମ୍ବାର ଖସି ପଡ଼ିଥାଏ। ତେଣୁ ଏହାକୁ କିଣିବା ବେଳେ ବିଶେଷ ଧ୍ୟାନ ଦେବା ଆବଶ୍ୟକ।

⏭ପ୍ରଥମେ ନିଜ ମୁହଁର ଆକାର ପ୍ରତି ଧ୍ୟାନ ଦିଅନ୍ତୁ। ସେହି ଅନୁଯାୟୀ କେଉଁ ଚଷମା ଆପଣଙ୍କୁ ସୁଟ୍ କରିବ ଅର୍ଡର କରନ୍ତୁ।

⏭ଅନ୍‌ଲାଇନ୍‌ରେ ସନ୍‌ଗ୍ଲାସ୍ କିଣିବା ବେଳେ ୧୦୦% ୟୁଭି ବ୍ଲକିଂ ବା ପ୍ରୋଟେକ୍ସନ୍ ଅଛି କି ନାହିଁ ପ୍ରଥମେ ଚେକ୍ କରନ୍ତୁ। ସେହିଭଳି କେତେକରେ ଲେଖାଥାଏ 'ୟୁଭି ଆବ୍‌ଜରପ୍ସନ୍ ଅପ୍‌ଟୁ ୪୦୦ଏନ୍‌ଏମ୍', ଯାହାକି ୧୦୦% ୟୁଭି ବ୍ଲକିଂ ସହିତ ସମାନ। ତେଣୁ ଏହାକୁ ଅର୍ଡର କରିପାରିବେ।

⏭ଅନେକେ କେବଳ ଆଟ୍ରାକ୍ଟିଭ୍ ଡିଜାଇନ୍ ଦେଖି ସନ୍‌ଗ୍ଲାସ୍ ଅର୍ଡର କରିଦିଅନ୍ତି। ହେଲେ ଏପରି ନ କରି ଏହା ଆପଣଙ୍କ ଆଖିକୁ ଭଲ ଭାବେ ସନ୍‌ଲାଇଟ୍‌ରୁ ପ୍ରୋଟେକ୍ସନ ଦେଇପାରିବ କି ନାହିଁ ଚେକ୍ କରନ୍ତୁ। ଅଧିକ ଛୋଟ ଗ୍ଲାସ୍ ଥିବା ସନ୍‌ଗ୍ଲାସ୍ ଆଣିଲେ ଆଖିକୁ ସମ୍ପୂର୍ଣ୍ଣ ସୁରକ୍ଷା ମିଳିଥାଏ। ବିଶେଷକରି ଆଭିଏଟର୍ ମଡେଲ୍ ବା ରାପ୍‌ଆରାଉଣ୍ଡର ଭଳି ସନ୍‌ଗ୍ଲାସ୍‌ରେ ଖରାରେ ଆଖିକୁ ପୂରା ପ୍ରୋଟେକ୍ସନ ଦେବା ପାଇଁ ସବୁଠୁ ଭଲ ଅପ୍ସନ।

⏭ଖୁବ୍ ଶସ୍ତା ଦେଖି ବା ଡିସ୍କାଉଣ୍ଟ ଲୋଭରେ ଯେକୌଣସି ଚଷମା କିଣିନେବା କିମ୍ବା ଅଧିକ ଟଙ୍କା ହୋଇଥିଲେ ଭଲ ଭାବି କିଣିନେବା ଭଳି ଭୁଲ୍ କରନ୍ତୁ ନାହିଁ। ବରଂ, ଆପଣଙ୍କ ଆବଶ୍ୟକତାକୁ ଦେଖି ସମସ୍ତ ଫିଚର୍ସ ଥିବା ସନ୍‌ଗ୍ଲାସ୍ ହିଁ କିଣନ୍ତୁ।



## ଜାଣନ୍ତୁ ଦୁନିଆ

# ନମ୍ବରପ୍ଲେଟ୍ ନ ଥିବା ଯାନ

**ଭାରତରେ ପ୍ରତ୍ୟେକ ଗାଡ଼ିରେ ଆର୍‌ଟିଓ ଦ୍ୱାରା ରେଜିଷ୍ଟ୍ରେଶନ୍ କରାଇ ନମ୍ବରପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ। କାରଣ ଏହା ବିନା ଗାଡ଼ି ଚଳାଇଲେ ବେଆଇନ ଗାଡ଼ି ଭାବେ ଚାଲାଣ କଟିବା ସହ ଦଣ୍ଡିତ ମଧ୍ୟ କରାଯାଇଥାଏ। ହେଲେ ଆପଣ ଜାଣନ୍ତିକି ଭାରତରେ ଏମିତି କେତୋଟି ଗାଡ଼ି ଅଛି, ଯେଉଁଥିରେ ନମ୍ବରପ୍ଲେଟ୍ ଲଗାଇବାର ଆବଶ୍ୟକତା ପଡ଼ି ନ ଥାଏ। ଜାଣିବା ସେ ସମ୍ପର୍କରେ...**

⏭ଭାରତର ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ିକୁ ଆର୍‌ଟିଓ ରେଜିଷ୍ଟ୍ରେଶନ୍ କରାଇବା କିମ୍ବା ନମ୍ବରପ୍ଲେଟ୍ ଲଗାଇବାର ଆବଶ୍ୟକତା ନାହିଁ। ତାଙ୍କ ଗାଡ଼ିରେ ନମ୍ବରପ୍ଲେଟ୍ ସ୍ଥାନରେ ରାଷ୍ଟ୍ରୀୟ ପ୍ରତୀକ ଅଶୋକ ସ୍ତମ୍ଭ ରହିଥାଏ।

⏭ଏହି ଗାଡ଼ି ପଞ୍ଜୀକରଣ ମୋଟର ବାହନ ଅଧିନିୟମ ୧୯୮୮ରେ କିମ୍ବା ପରିବହନ ମନ୍ତ୍ରଣାଳୟ ଅନ୍ତର୍ଭୁକ୍ତ ହୋଇ ନ ଥାଏ। କାରଣ ଏହି ବାହନଗୁଡ଼ିକର ଆର୍‌ଟିଓ ରେଜିଷ୍ଟ୍ରେଶନ୍ ବଦଳରେ ରାଷ୍ଟ୍ରପତି ଭବନ ରେକର୍ଡରେ ହିଁ ଅନ୍ତର୍ଭୁକ୍ତ କରାଯାଇଥାଏ।





⏭ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟବସ୍ଥା ରାଷ୍ଟ୍ରପତି ଭବନରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କ ନିୟନ୍ତ୍ରଣରେ ରହିଥାଏ। ଏହାର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଏବଂ ଚିହ୍ନଟ ପ୍ରକ୍ରିୟାକୁ ସାର୍ବଜନୀନ କରାଯାଇ ନ ଥାଏ। ଏହି ବ୍ୟବସ୍ଥା ରାଷ୍ଟ୍ରପତି ଭବନର ବିଶେଷ ପ୍ରୋଟକଲ୍ ଅନୁଯାୟୀ ହିଁ କରାଯାଇଥାଏ।

⏭ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗାଡ଼ି ବ୍ୟତୀତ ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳମାନଙ୍କ ଗାଡ଼ିରେ ମଧ୍ୟ ନମ୍ବରପ୍ଲେଟ୍ ଲଗାଯାଇ ନ ଥାଏ। ଏଠାରେ ମଧ୍ୟ ଆର୍‌ଟିଓ ଦ୍ୱାରା ଗାଡ଼ି ନମ୍ବର ରେଜିଷ୍ଟ୍ରେଶନ୍‌ର ଆବଶ୍ୟକତା ନ ଥାଏ ଏବଂ ନମ୍ବରପ୍ଲେଟ୍ ବଦଳରେ ଅଶୋକ ସ୍ତମ୍ଭ ଲଗାଯାଇଥାଏ।

⏭ଏହା ବ୍ୟତୀତ ବିଦେଶ ମନ୍ତ୍ରଣାଳୟ ଅଧୀନରେ ଥିବା କେତେକ ଭିଭିଆଇପି ଗାଡ଼ିରେ ନମ୍ବରପ୍ଲେଟ୍ ଲଗାଯାଇ ନ ଥାଏ, ଯାହାକି ଆମ ଦେଶକୁ ବିଶେଷ କରି ରାଷ୍ଟ୍ରପତି ଭବନକୁ ଆସୁଥିବା ବିଦେଶୀ ଅତିଥିଙ୍କୁ ନେବା ଆଣିବା, ବୁଲାଇବା ଆଦି କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ତେବେ ବ୍ରିଟିଶ୍ ସମୟରୁ ପ୍ରଚଳିତ ଥିବା ଏହି ଭିଭିଆଇପି କଲ୍ଚରକୁ ହଟାଯାଇ ସେହି ଗାଡ଼ିଗୁଡ଼ିକରେ ନମ୍ବରପ୍ଲେଟ୍ ଲଗାଯିବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉଛି।

## ବେଆଇନ ଟ୍ରକ୍ ପାର୍କିଂ ପାଇଁ ଜରିମାନା

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ପଲାସପଙ୍ଗା ଫାଣ୍ଡି ପୋଲିସ ଶନିବାର ୨୦ ନମ୍ବର ଜାତୀୟ ରାଜପଥର କୁଶୁଲା ଛକ ନିକଟରେ ବେଆଇନ ଭାବେ ଛିଡ଼ା ହୋଇଥିବା ୨୫ଟି ଟ୍ରକ୍‌କୁ ୫ ଲକ୍ଷ ୬୦ ହଜାର ଜରିମାନା କରିଛି। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଜିଲା ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ଟ୍ରକ୍‌ଗୁଡ଼ିକୁ ଜରିମାନା କରିଛନ୍ତି।

# ଆତ୍ମହତ୍ୟା ପୂର୍ବର ଭିଡିଓ, ଅଡିଓ ଭାଇରାଲ: ୨ ଗିରଫ

### ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଟ୍ରେନ୍ ଆଗକୁ ଡେଇଁ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ସ୍ୱାମୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ଶନିବାର ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ କୁମାରବସ୍ତ ଗ୍ରାମର ରାମଚନ୍ଦ୍ର ବଡ଼ଜେନା। ଏନେଇ ମୃତକଙ୍କ ମା' ଇନ୍ଦୁମତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୪/୨୫) ରୁଜୁ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୃତକଙ୍କ ଶାଶୁ ଜଙ୍କିଆ ଥାନା ଅଧୀନ ନୂଆଗାଁର ସଞ୍ଜୁ ପାଇକାଣି(୪୫) ଏବଂ ସ୍ତ୍ରୀ ରୂପାଲି ବଡ଼ଜେନା(୨୪)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଆତ୍ମହତ୍ୟା ପୂର୍ବର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରୁଛନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି। ଏଥିସହିତ ସେ ତାଙ୍କ ଶାଶୁ, ଶ୍ୱଶୁର, ଶାଳକ ଏବଂ ଦେଢ଼ଶାଶୁଙ୍କୁ ମଧ୍ୟ ଦାୟୀ କରିଛନ୍ତି। ଶୁକ୍ରବାର ରାତିରେ ଜଙ୍କିଆ ଥାନା ଅଧୀନ ତାପଙ୍ଗ-ଧଉଳିମୁହଁ ଷ୍ଟେସନ ରେଳ ଧାରଣାରେ ରାମଚନ୍ଦ୍ରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଥିଲା। ଖବରପାଇ ତାଙ୍କ ବଡ଼ଭାଇ ହୃଦାନନ୍ଦ ପହଞ୍ଚି ତାପଙ୍ଗ ଷ୍ଟେସନ ମାଷ୍ଟରଙ୍କ ନିକଟରେ ଲିଖିତଭାବେ ଜଣାଇବା ସହ ମୃତଦେହ ତାଙ୍କ ଭାଇଙ୍କର ବୋଲି ଚିହ୍ନଟ କରିଥିଲେ। ଖୋର୍ଦ୍ଧାରୋଡ୍ ଜିଆର୍‌ପି ପୋଲିସ ପକ୍ଷରୁ ମୃତଦେହ ଜବତ କରି ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା(ନଂ.୭୪/୨୫) ରୁଜୁକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ପୂର୍ବାହ୍ନରେ ପୁଣି ମୃତକଙ୍କ ମା' ଇନ୍ଦୁମତି ଏନେଇ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ରାମଚନ୍ଦ୍ର ଦୁଇବର୍ଷ ପୂର୍ବେ ରୂପାଲିଙ୍କୁ ବିବାହ କରିଥିଲେ। ତାଙ୍କର ବର୍ଷକର ଝିଅ ରହିଛି। ଗତ ୩ ମାସ ହେବ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ତେବେ ଝଗଡ଼ାର କାରଣ ପଚାରିବାରୁ ରାମଚନ୍ଦ୍ର କହିଥିଲେ, ବିବାହ ସମୟରେ ଶାଶୁ, ଶ୍ୱଶୁର ଏବଂ ଶାଳକ ତାଙ୍କଠାରୁ ୨୦ଲକ୍ଷ ଟଙ୍କା ନେଇଥିଲେ। ବ୍ୟବସାୟରେ କ୍ଷତି ହେବାରୁ ସେମାନଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ତେବେ ଟଙ୍କା ଫେରାଇବା ପରିବର୍ତ୍ତେ ସେମାନେ ମାନସିକ ନିର୍ଯାତନା ଦେଉଥିଲେ। ରାମଚନ୍ଦ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଗତ ଜାନୁଆରୀ ୧୩ରେ ଶିଳ୍ପାଞ୍ଚଳ ଥାନାରେ ବୁଝାମଣା ହୋଇଥିଲା। ଆଉ ୨୦ଲକ୍ଷ ଟଙ୍କା ମାଗିଲେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ତୁମ ପରିବାରକୁ ଛାରଖାର କରିଦେବି, ତୁମକୁ ଏବଂ ଝିଅକୁ ଜୀବନରେ ମାରିଦେବି ଅନ୍ୟତ୍ର ବାହା ହୋଇଯିବି ବୋଲି ରୂପାଲି ବିଭିନ୍ନ ସମୟରେ ରାମଚନ୍ଦ୍ରଙ୍କୁ ଧମକ ଦେଉଥିଲେ। ଏପରିକି ଶାଶୁ, ଶ୍ୱଶୁର, ଶାଳକ, ଦେଢ଼ଶାଶୁ ମଧ୍ୟ ରାମଚନ୍ଦ୍ରଙ୍କୁ ଧମକ ଦେଉଥିଲେ। ଶୁକ୍ରବାର ରାତିରେ ଏକ ଫୋନ୍‌କଲରେ ତୁ ମରିଯା, ଜଲ୍‌ଦି ମର ବୋଲି କହୁଥିବା ଏକ ଅଡିଓ ହସ୍ତଗତ ହୋଇଛି। ସ୍ତ୍ରୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ରାମଚନ୍ଦ୍ର ଆତ୍ମହତ୍ୟା କରିଥିବା ବେଳେ ଏଥିପାଇଁ ତାଙ୍କ ଶାଶୁ, ଶ୍ୱଶୁର, ଶଳା, ଦେଢ଼ଶାଶୁ ଦାୟୀ ବୋଲି ଇନ୍ଦୁମତି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏନେଇ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର କୁହନ୍ତି, ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।


ରାମଚନ୍ଦ୍ର ବଡ଼ଜେନା। (ଫାଇଲ ଫଟୋ)

## ସ୍ତ୍ରୀଙ୍କ ମୁଣ୍ଡକୁ ହାତୁଡ଼ିରେ ଛେଚି ହତ୍ୟା


ନୁରୁଲା ହାଇଦର ଓ ସ୍ତ୍ରୀ ଅସମା ଖାନ୍

### ପରକୀୟା ପ୍ରୀତି ସନ୍ଦେହ

ନୋଏଡ଼ା,୫।୪

ନୋଏଡ଼ାର ସେକ୍ଟର ୧୫ ଅଞ୍ଚଳରେ ଜଣେ ୫୫ ବର୍ଷୀୟ ବ୍ୟକ୍ତି ସ୍ତ୍ରୀଙ୍କର ପରକୀୟା ପ୍ରୀତି ଥିବା ସନ୍ଦେହ କରି ତାଙ୍କ ମୁଣ୍ଡକୁ ହାତୁଡ଼ିରେ ଛେଚି ହତ୍ୟା କରିଛନ୍ତି। ପୋଲିସ କହିବା ଅନୁଯାୟୀ, ଶୁକ୍ରବାର ନୁରୁଲା ହାଇଦରଙ୍କର ସ୍ତ୍ରୀ ଅସମା ଖାନ୍(୪୨)ଙ୍କ ସହ ବଚସା ହୋଇଥିଲା। ଉତ୍ତେଜିତ ହାଇଦର ଏକ ହାତୁଡ଼ିରେ ଅସମାଙ୍କ ମୁଣ୍ଡକୁ ପିଟିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଅସମା ଜଣେ ସଫ୍ଟୱେର ଇଞ୍ଜିନିୟର ହୋଇଥିବାବେଳେ ସେ ସେକ୍ଟର ୬୨ରେ ଥିବା ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଅଭିଯୁକ୍ତ ହାଇଦରଙ୍କ ଘର ବିହାର ହୋଇଥିବାବେଳେ ସେ ମଧ୍ୟ ଜଣେ ଇଞ୍ଜିନିୟର ଥିଲେ। କିଛିଦିନ ତଳେ ତାଙ୍କର ଚାକିରି ଚାଲିଯାଇଥିଲା। ଉଭୟ ୨୦୦୫ରେ ବିବାହ କରିଥିବାବେଳେ ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛି। ହତ୍ୟାକାଣ୍ଡ ସମ୍ପର୍କରେ ପୁଅ ୧୧୨କୁ ଡାଏଲ୍ କରି ପୋଲିସକୁ ଜଣାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଥିବା ଡିସିପି ରାମ୍ବାଦାନ ସିଂ କହିଛନ୍ତି।

# କେମିକାଲ ସ୍ପ୍ରେ କରି ନେଇଗଲେ ଟଙ୍କା, ଅଳଙ୍କାର

### ଚାନ୍ଦବାଲିରେ ସିରିଜ ଚୋରି

ଚାନ୍ଦବାଲି,୫।୪(କିଷାନ ପାତ୍ର)


ଚୋରମାନେ ବାଡ଼ି ପଛ ପଟେ ଫିଙ୍ଗିଥିବା ସାମଗ୍ରୀ।

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଉତ୍ତୁକୁଡ଼ା ପଞ୍ଚାୟତ ମୃଗନୟନୀ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଚୋରମାନେ କେମିକାଲ ସ୍ପ୍ରେ କରି ଟଙ୍କା ଓ ଅଳଙ୍କାର ଚୋରିକରି ନେଇଛନ୍ତି। ଚାନ୍ଦବାଲି ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମୃଗନୟନୀ ଗାଁର ସୁବାସ ନାୟକ, ଉମାକାନ୍ତ ରାଉତ ଓ ବିଜୟ ରାଉତଙ୍କ ଘରୁ ଚୋରି ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ସେମାନଙ୍କ ଘରେ ପଶି କେମିକାଲ ସ୍ପ୍ରେ କରି ଅଚେତ କରାଇ ୩ଜଣଙ୍କ ଘରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫ ଲକ୍ଷ ଟଙ୍କା ନେଇଯାଇଛନ୍ତି। ସୁବାସ ଜଣେ ଚିଙ୍ଗୁଡ଼ି ବ୍ୟବସାୟୀ ହୋଇଥିବାରୁ ରାତି ପ୍ରାୟ ୧୧ଟା ୩୦ ମିନିଟରେ ନିଜ ପ୍ଲାଣ୍ଟରୁ କାମ ସାରି ଆସି ଘରେ ଶୋଇଥିଲେ। ଭୋର ସମୟରେ ନିଦ ଭାଙ୍ଗିବା ପରେ ରୋଷେଇ ଘର ଲୁହା ଝରକା କଟାଯାଇଥିବା ଦେଖିଥିଲେ। ସେହି ବାଟେ ଚୋର ଘରେ ପଶି ଗଡ୍‌ରେଜ ଭାଙ୍ଗି ପାଖାପାଖି ୧୬/୧୭ ଭରି ସୁନା ଓ ରୁପା ଅଳଙ୍କାର ସହ ନଗଦ ୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଘରେ କେମିକାଲ ବାସ୍ନା ହେଉଥିଲା। କେମିକାଲ ସ୍ପ୍ରେ ଯୋଗୁ ଗଡ୍‌ରେଜ ଭାଙ୍ଗିଲା ବେଳେ ଶବ୍ଦ ଶୁଣାଯାଇ ନ ଥିବା ଅନୁମାନ କରାଯାଉଛି।

ସେହିପରି ତାଙ୍କ ପଡ଼ୋଶୀ ଉମାକାନ୍ତଙ୍କ ମାଟିଘରର ପଛପଟ କବାଟ ତାଡ଼ି ଚୋର ଘରେ ପଶି ବାକ୍ସ ଓ ଟ୍ରଙ୍କ୍‌ରୁ ସୁନା ଅଳଙ୍କାର ଚୋରି କରିଛନ୍ତି। ଏଥିସହ ଘର କାମ ପାଇଁ ସେ ପାଖରେ ରଖିଥିବା ୩ ଲକ୍ଷ ଟଙ୍କା ଚୋରି କରି ନେଇଯାଇଛନ୍ତି। ଚୋରମାନେ ଅଳଙ୍କାର ଓ ଟଙ୍କା ନେଇଯାଇ ବାକ୍ସ, ବାସ୍କେଟ, ଟ୍ରଙ୍କକୁ ବାଡ଼ି ପଛପଟେ ଫିଙ୍ଗି ଦେଇଛନ୍ତି। ଅନୁରୂପ ଭାବେ ବିଜୟଙ୍କ ଘର କବାଟ ତାଡ଼ି ଘରେ ପଶି ନଗଦ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ସକାଳେ ଘଟଣା ସମ୍ପର୍କରେ ଗ୍ରାମବାସୀ ମତୋ ଫାଣ୍ଡିକୁ ଖବର ଦେବା ପରେ ଚାନ୍ଦବାଲି ଆଇଆଇସି ପରେଶ ମହାନ୍ତି ଓ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛନ୍ତି।

## ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

### ଲଜ୍‌ରୁ ମିଳିଲା ମୃତଦେହ: ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ମୋହନା, ୫।୪(ମନ୍ମଥ ମିଶ୍ର):** ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲା ମୋହନା ବ୍ଲକ ରାଇଜୁକା ଗାଁର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଗୁକୁ ବସ୍ତ୍ରରାଏ। ତେବେ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଖବରରୁ ଜଣାପଡ଼ିଛି, ଉକ୍ତ ବ୍ଲକ ଅଡବା ଥାନା ଅନ୍ତର୍ଗତ ରାଇଜୁକା ଗାଁର ଗୁକୁ ୬ ମାସ ତଳେ ପରିବାର ପ୍ରତିପୋଷଣ ପାଇଁ କେରଳକୁ କାମ କରିବାକୁ ଯାଇଥିଲେ। ଗତ ୨ ତାରିଖରେ ସେ ଘରକୁ ଆସିବା ଲାଗି ଫୋନ କରି ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ଶୁକ୍ରବାର ରାତିରେ ଗୁକୁଙ୍କ ମହାରାଷ୍ଟ୍ରର ପୁଣେରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ଗୁକୁ ମୋହନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଥମେ ବିବାହ କରିଥିଲେ। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଇଥଲା। ତେବେ ଯୁବତୀ ଜଣକ ଅନ୍ୟ ଯୁବକଙ୍କୁ ବିବାହ କରିଥିଲେ। ପରେ ଗୁକୁ ମଧ୍ୟ ଅନ୍ୟତ୍ର ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ପୁଣେରେ ରହୁଥିବା ଜାଣିବା ପରେ ଗୁକୁ ଘରକୁ ନ ଆସି ତାଙ୍କୁ ସାକ୍ଷାତ କରିବାକୁ କେରଳରୁ ପୁଣେ ଯାଇଥିଲେ। ଶୁକ୍ରବାର ବନ୍ଦେ ଗାର୍ଡେନ ଥାନା ନିକଟସ୍ଥ ମଥୁରା ଲଜ୍‌ରୁ ଗୁକୁଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପ୍ରଥମ ସ୍ତ୍ରୀ ଗୁକୁଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବା ଏବଂ ମୃତଦେହ ଗାଁକୁ ଆଣିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ଫୁଲବାଣୀ, ୫।୪
(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଶନିବାର ଏକ ନାବାଳିକା (୧୬) ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୬୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ହେଲେ ଅଧିକ ବର୍ଷେ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋଛାପଡ଼ା ଥାନା ଅଞ୍ଚଳର ନିରାକାର ମୁଖି। ମାମଲାର ବିବରଣୀରୁ ପ୍ରକାଶ, ନାବାଳିକା ଜଣକ ଭାଇଙ୍କ ସହ ଗୋଛାପଡା ଆସିଥିଲେ। ସେଠାରେ ନିରାକାରଙ୍କ ସହ ନାବାଳିକାଙ୍କ ସାକ୍ଷାତ ହୋଇଥିଲା। କାମ ସରିବା ପରେ ଗୋଛାପଡାରୁ ଭାଇ ଗାଁକୁ ଚାଲିଯାଇଥିଲେ। ମାତ୍ର ନାବାଳିକା ଜଣକ ନିରାକାରଙ୍କ ସହ ଫୁଲବାଣୀ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ଛାଡି ଦେଇ ନିରାକାର ଚାଲିଯାଇଥିଲେ। ମେଳା ବୁଲି ସାରିବା ବେଳକୁ ଗାଁକୁ ଆଉ ବସ୍ ନ ଥିବାରୁ ପୁଣି ଥରେ ନିରାକାରଙ୍କୁ ଡକାଇ ତାଙ୍କ ସହ ନାବାଳିକା ଜଣକ ଆସିଥିଲେ। ତେବେ ନିରାକାର ଗାଁକୁ ନ ନେଇ କଟ୍ରିଙ୍ଗିଆରେ ତାଙ୍କ ଭିଣୋଇ ଘରେ ନାବାଳିକାଙ୍କୁ ରଖିଥିଲେ। ସେଦିନ ରାତିରେ ନାବାଳିକାଙ୍କୁ ନିରାକାର ବଳାତ୍କାର କରିଥିଲେ। ୨୦୨୨ ଜୁନ ୧୯ରେ ପୀଡିତାଙ୍କ ପରିବାର ପକ୍ଷରୁ ଏନେଇ ଗୋଛାପଡା ଥାନାରେ ଲିଖିତ ଅଭିଯୋଗ ପରେ ନଂ. ୭୩/୨୨ରେ ଏକ ମାମଲା ରୁଜୁ କରି ପୋଲିସ ନିରାକାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଉକ୍ତ ମାମଲା ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

# ଡାକ୍ତରୀ ଛାତ୍ରୀଙ୍କୁ ବ୍ଲାକ୍‌ମେଲ, ଇଞ୍ଜିନିୟରିଂ ଛାତ୍ର ଗିରଫ

ଭୁବନେଶ୍ୱର,୫।୪
(ସୂର୍ଯ୍ୟକାନ୍ତ ବେହେରା)

ହୋମିଓପାଥି ପଢୁଥିବା ଜଣେ ଡାକ୍ତରୀ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଅଶ୍ଳୀଳ ଫଟୋ ଓ ଭିଡିଓ କରି ବ୍ଲାକ୍ ମେଲ୍ କଲେ। ଏପରି କି ତାଙ୍କ ନାମରେ ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ସେସବୁକୁ ଅପ୍‌ଲୋଡ୍ କରିବା ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ପାଇଁ ମହଙ୍ଗା ପଡ଼ିଛି। ପୀଡ଼ିତାଙ୍କ ଅଭିଯୋଗ ପରେ ଖାରବେଳନଗର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଏମ୍.ଟେକ୍ ଛାତ୍ରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଛାତ୍ର ହେଲେ ଭରତପୁର ଅଞ୍ଚଳରେ ରହି ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବାଲୁଗାଁର କରୁଣ କାମଲ ବିଶ୍ୱାଳ (୨୫)। ତାଙ୍କଠାରୁ ଏକ ମୋବାଇଲ ଜବତ ହୋଇଛି। ପୋଲିସ ସୂଚନାନୁସାରେ, ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତ ଛାତ୍ର ଗୋଟିଏ ଅଞ୍ଚଳର ହୋଇଥିବା ବେଳେ ଉଭୟ ଭୁବନେଶ୍ୱରରେ ପଢୁଥିବାରୁ ବସ୍‌ରେ ପରିଚୟ ହୋଇଥିଲା। ୨୦୧୯ରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ସମୟକ୍ରମେ ଅଭିଯୁକ୍ତ କରୁଣ ପ୍ରେମ କରିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ। ଏପରି କି ସମ୍ପୃକ୍ତ ଛାତ୍ରୀଙ୍କ ଅଜାଣତରେ ଏହାର ଫଟୋ ଓ ଭିଡିଓ ନିଜ ମୋବାଇଲ୍ ଫୋନ୍‌ରେ ସଂଗ୍ରହ କରିନେଇଥିଲେ। ସେହିପରି ଛାତ୍ରୀଙ୍କ ସହ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିବା ସମୟର କିଛି ଆପତ୍ତିଜନକ କଥାବାର୍ତ୍ତା, ଭିଡିଓ ଓ ଫଟୋକୁ ମଧ୍ୟ ରେକର୍ଡ କରିନେଇଥିଲେ। ଅଭିଯୁକ୍ତଙ୍କ ଏତାଦୃଶ ବ୍ୟବହାରରେ ଅତିଷ୍ଠ ହୋଇ ଛାତ୍ରୀଜଣକ ତାଙ୍କଠାରୁ ଦୂରେଇ ଯାଇଥିଲେ। ଏଥିରେ ଅଭିଯୁକ୍ତ କରୁଣ ପ୍ରତିଶୋଧ ପରାୟଣ ହୋଇ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ। ପୀଡ଼ିତାଙ୍କ ନାମରେ ଏକ ଫେକ୍ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ସେଥିରେ ଫଟୋ ଓ ଭିଡିଓ ସବୁକୁ ପୋଷ୍ଟ କରିଦେଇଥିଲେ। ପୀଡ଼ିତା ଏହା ଜାଣିବା ପରେ ଗତ ୨ ତାରିଖ ଆଇନଗତ ସହାୟତା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ସହ ଅଧିକ ତଦନ୍ତ ଚଳାଇଛି।

# କଟୁରି ଚୋଟରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଅଟକ

ବାଲୁଗାଁ,୫।୪(ସଂଗ୍ରାମ ପାଇକରାୟ)

ପାରିବାରିକ ଅଶାନ୍ତିର ଏକ କରୁଣ ଚିତ୍ର ଶନିବାର ବାଲୁଗାଁ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସ୍ୱାମୀଙ୍କ କଟୁରି ଚୋଟରେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଅନ୍ନପୂର୍ଣ୍ଣା ନଗରର ଲିଲି ପରିଡ଼ାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୧୦୪/୨୫) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳରୁ ଆହତ ଲିଲିଙ୍କ ସ୍ୱାମୀ ମିଥୁନ ପରିଡ଼ାଙ୍କୁ ଧରିବା ସହ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ମିଥୁନ ୧୦ବର୍ଷ ପୂର୍ବେ ଲିଲିଙ୍କୁ ବିବାହ କରିଥିଲେ। ସେମାନଙ୍କର ୮ବର୍ଷର ପୁଅ ଏବଂ ୬ ବର୍ଷର ଏକ ଝିଅ ରହିଛି। କୌଣସି କାରଣକୁ ନେଇ କିଛିଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିରହୁଥିଲା। ଶନିବାର ଭୋରରୁ ପୁଣି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ପରେ ଲିଲି ବାରିପଟେ ଯାଇ ବାସନ ମାଜୁଥିଲେ। ଏହି ସମୟରେ ମିଥୁନ ସେଠାରେ ପହଞ୍ଚି ଏକ କଟୁରିରେ ପଛପାର୍ଶ୍ୱରୁ ସ୍ତ୍ରୀ ଲିଲିଙ୍କ ମୁଣ୍ଡ ପଛପଟ, ବେକ, ହାତ ଓ ପିଠିରେ ଆକ୍ରମଣ କରିଥିଲେ। ଲିଲିଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ହେବା ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ସାହି ବାସିନ୍ଦା ପହଞ୍ଚି ଗୁରୁତର ଅବସ୍ଥାରେ ଲିଲିଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

## ପଲ୍‌ସରରେ ବୁଲି ଲୁଟ୍‌ପାଟ କରୁଥିବା ୨ ଲୁଟେରା ଗିରଫ

ଭୁବନେଶ୍ୱର,୫।୪(ସୂର୍ଯ୍ୟକାନ୍ତ ବେହେରା): ପଲସରରେ ବୁଲି ସହରରେ ଛିନତାଇ କରୁଥିବା ୨ ଲୁଟେରାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କନ୍ଧମାଳର ପିଣ୍ଟୁ ଓରଫ ସିଦ୍ଧାର୍ଥ ପ୍ରଧାନ ଓ ଗଞ୍ଜାମର ରାଜା ପାତ୍ର। ପୋଲିସ ତାଙ୍କଠାରୁ ଗୋଟିଏ ଚୋରା ମୋବାଇଲ ଓ ଅପରାଧରେ ବ୍ୟବହୃତ କଳା ପଲସରକୁ ଜବତ କରିଛି। ଲୁଟ୍‌ର ଶିକାର ଅଶୋକ ସାହୁଙ୍କ ଅଭିଯୋଗ ଆଧାରରେ ରୁଜୁ ଏକ ମାମଲାରେ ଅଭିଯୁକ୍ତ ପିଣ୍ଟୁଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଶୋକ ଏପ୍ରିଲ ୩ ସନ୍ଧ୍ୟାରେ ସ୍କୁଟିରେ ଯାଉଥିବା ସମୟରେ ଅଭିଯୁକ୍ତ ଦୁହେଁ ଏକ ପଲ୍‌ସରରେ ଆସି ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଓ ୯୦୦ ଟଙ୍କା ଲୁଟିନେଇ ଦ୍ରୁତବେଗରେ ପଳାଇଥିଲେ। ଏନେଇ ଅଶୋକ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

# ବଧୂ ହତ୍ୟା ଅଭିଯୋଗ : ସ୍ୱାମୀ ଗିରଫ

ଟିଗିରିଆ,୫।୪(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ହାଟମାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗ୍ରାମ ପ୍ରଧାନ ସାହିରେ ବଧୂହତ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ ଏହି ସାହିର ସଂସାରି ଗୋଛିଙ୍କ ସ୍ତ୍ରୀ ମମତା । ତାଙ୍କୁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ସଂସାରିଙ୍କୁ ଶୁକ୍ରବାର ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ମମତାଙ୍କ ବିବାହକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳହ ଲାଗି ରହୁଥିଲା। ଏପରିକି ସଂସାରି ମଧ୍ୟ ମମତାଙ୍କୁ ମାଡ଼ ମାରୁଥିଲେ। ଗୁରୁବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶୁକ୍ରବାର ସକାଳେ ମମତା କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି ବୋଲି ଶ୍ୱଶୁରଘର ପକ୍ଷରୁ ବାପଘର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ପରେ ମାମଲା (ନଂ. ୬୩/୨୫) ରୁଜୁ କରାଯାଇଛି।


**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**TENDER CALL NOTICE**

BID IDENTIFICATION NO :- VI-06(11)/SERIFED/2025-26/449 Date - 03.04.2025

**No.CAD-41** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work at Bhubaneswar. The bid documents such as DTCN/BOQ etc. can be seen/ downloaded from the website : www.tendersodisha.gov.in. during the period dt. 07.04.2025 to 5.00 PM up to 15.04.2025. Tender shall be received till 5.00 PM on 15.04.2025 & shall be opened at 11.30 AM on 16.04.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0039/2425 Sd./- Managing Director

**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା**

ସଂଖ୍ୟା– ୧୨୨୪ ତା– ୦୪।୦୪।୨୦୨୫

**ନିଲାମ ନୋଟିସ**

**No. C-29:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ପୌର ପରିଷଦ ଅଧୀନସ୍ଥ ସିମିଳିଗୁଡା ଏବଂ ସୁନାବେଡା ମାର୍କେଟଗୁଡ଼ିକର ଦୈନିକ ମାର୍କେଟ ଫି ଆଦାୟ ପାଇଁ ଆଗାମୀ ଦୁଇ ବର୍ଷ ଅବଧି ନିମନ୍ତେ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ପୌର ପରିଷଦ website (www.sunabedamunicipality.in)ରୁ ଆବେଦନ ଫର୍ମ ଏବଂ ସର୍ତ୍ତାବଳୀ download କରିପାରିବେ ଯାହାକି ତା–୦୫.୦୪.୨୦୨୫ ରିଖ ୧୧.୦୦ ଘଟିକାଠାରୁ ତା–୧୬.୦୪.୨୦୨୫ ରିଖ ୫.୦୦ ଘଟିକା ପର୍ଯ୍ୟନ୍ତ website ରେ ଉପଲବ୍ଧ ରହିବ । ନିଲାମ ଫର୍ମରେ ନିଲାମ ମୂଲ୍ୟ ଉଭୟ ଅକ୍ଷର ଏବଂ ଅଙ୍କରେ ନିର୍ଭୁଲ ଭାବେ ପୂରଣ କରି ଡାକ କିମ୍ବା କୋରିଅର ଦ୍ୱାରା ସର୍ତ୍ତାବଳୀ ମୁତାବକ ଅନ୍ୟାନ୍ୟ କାଗଜପତ୍ର ସହିତ ଏକ ବନ୍ଦ ଲଫାପାରେ ଭର୍ତ୍ତିକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ପଠାଇବେ ଯାହାକି ତା–୧୭.୦୪.୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ଦାଖଲ ହେବା ଆବଶ୍ୟକ ଏବଂ ସେହିଦିନ ତା– ୧୭.୦୪.୨୦୨୫ ରିଖ ଅପରାହ୍ନ ୪.୦୦ ଘଟିକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଲାମଧାରୀଙ୍କ ସମ୍ମୁଖରେ ଖୋଲାଯିବ ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁନାବେଡ଼ା

OIPR-13076/11/0017/2425

**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ATHGARH FOREST DIVISION, ATHGARH, CUTTACK, ODISHA**

NOTICE NO. 1 of 2025-26, Date : 03.04.25

INTERVIEW on 16th April' 2025 THROUGH VIRTUAL MODE

**No.MM-01** : Athgarh Forest Division requires candidate for temporary engagement as Wildlife Veterinary Officer. The virtual interview is scheduled on 16th April' 2025 at 11:00 A.M. onwards and the link for the same will be communicated through email id mentioned in the submitted filled-in application form. The interested candidates are required to submit the application along with a copy of their resume via email to dfoathgarh@gmail.com. The application form along with detail terms and conditions shall be available on the website www.odishaforest.in from dt.05.04.2025 to 15.04.2025.

| Position | Number | Minimum Qualification | Consolidated Monthly Remuneration (in Rupees) |
|---|---|---|---|
| Wildlife Veterinary Officer | One | B.V.Sc. & A.H. | Rs. 60,000/- with free accommodation and vehicle for conveyance |

Sd./- Divisional Forest Officer
Athgarh Forest Division

OIPR-08063/11/0006/2425

**OFFICE OF THE DISTRICT FISHERIES OFFICER, KAUSALYAGANGA**

Email i.d. : dfokganga@gmail.com, Phone No. : 0674-2953153

**TENDER CALL NOTICE**

PROCUREMENT OF LIVE FISH BROOD STOCK

No. 297 Date. 29.03.2025

**No.M-** : Sealed tenders in plain paper are invited for procurement of approx 4 ton of live brood fish (IMC, 1 kg -3kg weight & Magur 150 to 250g) weight for Fish Seed Hatchery Project, Kausalyaganga. The tender paper should be sent by Registered Post, Courier or put in the sealed tender box kept in the office latest by on or before by 21st April at 3 P.M. during office hours & the tenders so received shall be opened on the same day i.e 20th April at 3 P.M. in the chamber of undersigned. The tenderers or their authorised representative may be present at the time of opening of tender.

1. The rate should be quoted per /kg pieces wise and they must certify the species/origin of breeder.
2. The payment will be made after delivery of the healthy in desired condition.
3. The rate should be for supply of Live Brood fish at the office of DFO Kausalyaganga including transportation, loading and unloading cost.
4. The envelope containing tender paper should be superscribed "TENDER FOR LIVE BROOD FISH".
5. Each tenderer is required to deposit earnest money of Rs. 2000/-(Rupees Two thousand) only in shape of Bank draft in favour of District Fisheries Officer, Kausalyaganga payable at SBI, Kausalyaganga or money receipt of this office against cash deposit and submit the same with the tender papers. The un-successful tenders will be refunded their earnest money only on production of application to the undersigned.
6. The undersigned is not responsible for the postal dealy.
7. The authority reserves the right to reject any or all the tender without assigning any reason thereof.

Sd./- B.P. Dwivedy
District Fisheries Officer,
Kausalyaganga

OIPR-06040/11/0001/2425

**INTEGRATED TRIBAL DEVELOPMENT AGENCY, MALKANGIRI**

e-Procurement Notice

Bid Identification No. ITDAMKG- 01/2025-26

No. CAD-34:- 1. The **Project Administrator, ITDA, Malkangiri** on behalf of Governor of Odisha invites **Percentage Rate bids through online mode in Double Cover System** for the type of works given in the table, from the eligible contractors of Class ( D, C & B Class) or of equivalent range registered with the state Governments and Central Government / MES / Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under state Government has to register under the state PWD in appropriate class of eligibility before signing of the agreement The bid should be submitted only online on the website **www.tendersodisha.gov.in**

| | | |
|---|---|---|
| Name/ Type of works | : | Const. of Primary School Hostel building at different places of Malkangiri District |
| No. of works | : | 14 Nos. (Fourteen ) |
| Amount put to Tender | : | As laid down in the DTCN |
| Tender paper cost | : | As laid down in the DTCN |
| E.M.D Amount Required | : | As laid down in the DTCN |
| Period of completion | : | As laid down in the DTCN for each work. |
| Date & time of availability of bid document in the portal | : | From 5.00 P.M of 03.04.2025 to 19.04.2025 up to 5.30 P.M. |
| Last Date/ time for receipt of bid in the portal | : | From 5.00 P.M of 03.04.2025 to 19.04.2025 up to 5.30 P.M. |
| Date of opening of Tender | : | 21.04.2025 (At 11.00 A.M) |
| Last Date/ time for submission of original documents for verification & scrutiny of eligible bidders. | : | Original verification of bidders who qualify on the basis of scanned copy of required documents submitted online shall be carried out in the office of the undersigned within 7 working days from the date of Technical evaluation & will be communicated through e-mail, failing which the bid will be rejected and then the Financial bid in online mode will be opened only of bidders, who have produced original documents for verification. |

Further details can be seen from the e-procurement portal www. tendersodisha.gov.in

Sd./- Project Administrator, ITDA, Malkangiri
OIPR-26018/11/0002/2425

# ଆର୍ଯ୍ୟନ ଯୋଶୀ ଏକକ ଅଗ୍ରଣୀ

## ଜାତୀୟ ଦୃଷ୍ଟିବାଧିତ ଚେସ୍

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଚାଲିଥିବା ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ର ରୋମାଞ୍ଚକ ପରିସମାପ୍ତି ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଶନିବାର ୮ମ ରାଉଣ୍ଡ ଖେଳ ଶେଷ ହୋଇଥିବାବେଳେ ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ ୭ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗୁଜରାଟର ଦର୍ପନ ଇନାନୀ ଓ କର୍ନାଟକର କିଶନ ଗାଙ୍ଗୋଲି ୬.୫ ପଏଣ୍ଟ ଲେଖାଏ ପାଇ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୬ ପଏଣ୍ଟ ସହିତ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।



ଅଷ୍ଟମ ରାଉଣ୍ଡ ଅବସରରେ ପ୍ରତିଯୋଗୀମାନେ।

ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଶୁଭେନ୍ଦୁ କୁମାର ପାତ୍ର ୫.୫, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୫ ଓ ଦୀପକ କୁମାର ଭୋଇ ୪ ପଏଣ୍ଟ ପାଇଛନ୍ତି। ଉଭୟ ପ୍ରାଚୁର୍ଯ୍ୟ ଓ ଶୁଭେନ୍ଦୁ ୭ମ ଓ ୮ମ ରାଉଣ୍ଡରେ ବିଜୟୀ ହୋଇଥିଲେ। ରବିବାର ୯ମ ତଥା ଶେଷ ରାଉଣ୍ଡ ସହ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ୮ମ ରାଉଣ୍ଡ ଆରମ୍ଭରେ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ଓ ପ୍ରତିଷ୍ଠିତ କ୍ରିକେଟର ରଶ୍ମି ରଞ୍ଜନ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।

# ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟ୍ରାନ୍ସଜେଣ୍ଡର ଦର୍ଶାଇ ଫେନ୍‌ସର ସସ୍‌ପେଣ୍ଡ

**କଲେଜ ପାର୍କ (ୟୁଏସ୍), ୫।୪ (ଏପି)**

ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟ୍ରାନ୍ସଜେଣ୍ଡର ଆକ୍ଷେପ କରି ତାଙ୍କ ସହିତ ଲଢ଼ିବା ପାଇଁ ମନାକରି ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଜଣେ ଫେନ୍‌ସର ମେରୀଲାଣ୍ଡରେ ଏକ ମହିଳା ଟୁର୍ନାମେଣ୍ଟରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଷ୍ଟିଫାନୀ ଟର୍ନର ମାର୍ଚ୍ଚ ୩୦ରେ ମେରୀଲାଣ୍ଡ ୟୁନିଭର୍ସିଟିରେ ଅନୁଷ୍ଠିତ ୟୁଏସ୍ ଫେନ୍‌ସିଂ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ତେବେ ଏହି ଇଭେଣ୍ଟ ଏନ୍‌ସିଏଏ ଦ୍ୱାରା ମଞ୍ଜୁରିପ୍ରାପ୍ତ ଇଭେଣ୍ଟ ନ ଥିଲା। ଅନ୍‌ଲାଇନ୍ ଭିଡିଓରେ ଦେଖିବାକୁ ମିଳିଛି ଯେ ପ୍ରତିପକ୍ଷ ପ୍ରତିଯୋଗୀଙ୍କ ବିପକ୍ଷ ମ୍ୟାଚରେ ଟର୍ନର ଗୋଟିଏ ଗୋଡ଼ରେ ଆଣ୍ଠେଇ ତାଙ୍କର ପ୍ରତିବାଦ କରିଥିଲେ। ଫଳତଃ ତାଙ୍କୁ ବିଧିବଦ୍ଧ ଏକ ବ୍ଲାକ୍ କାର୍ଡ ଦେଖାଇ ଟୁର୍ନାମେଣ୍ଟର ଅବଶିଷ୍ଟାଂଶ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଟର୍ନରଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ପରିଚୟ ଦିଆଯାଇ ନାହିଁ। କାରଣ ସର୍ବସାଧାରଣରେ ସେ ତାଙ୍କର କୌଣସି ଟିପ୍ପଣୀ ପ୍ରକାଶ କରି ନାହାନ୍ତି କିମ୍ବା ତାଙ୍କ ଲିଙ୍ଗଗତ ପରିଚୟ ଦେବାକୁ ଚାହିଁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ୟୁଏସ୍‌ଏ ଫେନ୍ସି କହିଛନ୍ତି, ଜଣେ ଫେନ୍‌ସର କୌଣସି କାରଣ ଦର୍ଶାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସହ ଲଢ଼େଇ କରିବାକୁ ମନା କରିଦେବା ନିୟମ ବିରୁଦ୍ଧ। ଏଥିପାଇଁ ସମ୍ପୃକ୍ତ ଫେନ୍‌ସରଙ୍କୁ ସସ୍‌ପେଣ୍ଡ କରାଯିବା ବ୍ୟବସ୍ଥା ରହିଛି। ଟର୍ନର ଏକ ଖବର ସରବରାହ ସଂସ୍ଥାକୁ କହିଛନ୍ତି, ଇଭେଣ୍ଟର ପୂର୍ବରାତିରେ ସେ ପ୍ରତିଯୋଗୀମାନଙ୍କ ତାଲିକା ଦେଖିଥିଲେ। ସେ ଜଣେ ଟ୍ରାନ୍ସଜେଣ୍ଡରଙ୍କ ସହ ମୁକାବିଲା କରିବାକୁ ଯାଉଥିବା ତାଙ୍କର ମନେ ହୋଇଥିଲା। ତେଣୁ ଏକ ମହିଳା ଟୁର୍ନାମେଣ୍ଟରେ ଜଣେ ପୁରୁଷ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିବାକୁ ସେ ମନା କରିଦେଇଥିଲେ।

# ରାଜୀବ ବ୍ଲାକ୍ ଟାଇଗର୍ସର ସହକାରୀ କୋଚ୍

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ପାଇଁ ଓଡ଼ିଶାର ରାଜୀବ କୁମାର ନାଥ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଫ୍ରାଞ୍ଚାଇଜ୍ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଛନ୍ତି। ରାଜୀବ ହେଉଛନ୍ତି ପୂର୍ବତନ ଓଡ଼ିଶା ରଗ୍‌ବୀ ଅଧିନାୟକ। ଆଗାମୀ ଲିଗ୍‌ରେ ସେ ମୁଖ୍ୟ କୋଚ୍ ଆମେରିକାର ମିଇ ଫ୍ରାଇଡେଙ୍କୁ ସହଯୋଗ କରିବେ। ଏହା ବ୍ୟତୀତ ସେ ଆଗାମୀ ପ୍ରତିଯୋଗିତାରେ ନିଜ କୋଚିଂ ଦକ୍ଷତା ମଧ୍ୟ ପ୍ରମାଣିତ କରିବା ସୁଯୋଗ ପାଇବେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ରାଜୀବ କୁମାର ନାଥ

# ଆଜିଠୁ ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୫।୪(ତପନ ସ୍ୱାଇଁ)**

ପୁରୁଣା ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଚଳିତ ବର୍ଷର ଜୁନିୟର୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥର ଦୁଇଟି ବୟସ ବର୍ଗରେ ୪ଟି ଲେଖାଏ ଦଳକୁ ନେଇ ଏହା ଖେଳାଯିବ। ଟର୍ଫ ୱିକେଟ୍ ଓ ଲିଗ୍ ଫର୍ମାଟରେ ଉଭୟ ୧୫ ଓ ୧୮ ବର୍ଷରୁ କମ୍ ବର୍ଗରେ ଏହା ଅନୁଷ୍ଠିତ ହେବ। ୧୫ ବର୍ଷରୁ କମ୍ ବର୍ଗର ପ୍ରତିଯୋଗିତା (୩୦ ଓଭର) ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଏବଂ ୧୮ ବର୍ଷରୁ କମ୍ ବର୍ଗ ପ୍ରତିଯୋଗିତା (୨୦ ଓଭର) କମଳା ପରିଡ଼ା ସ୍ମାରକୀ ଟ୍ରଫି ନାମରେ ଖେଳାଯିବ ବୋଲି ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ର ସମ୍ପାଦକ ଦୀପକ କୁମାର ମଙ୍ଗରାଜ ପ୍ରକାଶ କରିଛନ୍ତି। ୧୮ ବର୍ଷରୁ କମ୍ ବିଜେତା ଦଳକୁ ୧୨,୦୦୦ ଏବଂ ରନରଅପ୍‌କୁ ୮,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିଭଳି ୧୫ ବର୍ଷରୁ କମ୍ ବର୍ଗର ଶୀର୍ଷ ୨ ଦଳ ପାଇଁ ଯଥାକ୍ରମେ ୧୦ ଓ ୬ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରହିଛି। ରବିବାର ପ୍ରଥମ ଦିବସରେ ୧୮ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ-ଟାଉନ୍ କ୍ଲବ୍ ଏବଂ ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ-ଏମ୍‌ସିସି ପରସ୍ପର ସହ ମୁକାବିଲା କରିବେ। ୧୩ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ପନ୍ତଙ୍କୁ ୧୨ ଲକ୍ଷ ଜରିମାନା

**ଲକ୍ଷ୍ନୌ, ୫।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ୧୨ରନ ବିଜୟ ମ୍ୟାଚରେ ଗୋଟିଏ ସ୍ଲୋ-ଓଭର ରେଟ୍ ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଛି। ଆଇପିଏଲ୍‌ରେ ଗୋଟିଏ ଦଳକୁ ନିର୍ଦ୍ଧାରିତ ୯୦ ମିନିଟ୍ ଭିତରେ ୨୦ ଓଭର ବୋଲିଂ କରିବାକୁ ହୋଇଥାଏ। ମାତ୍ର ଏହି ସମୟ ମଧ୍ୟରେ ଲକ୍ଷ୍ନୌ ୧୯ ଓଭର ବୋଲିଂ କରିପାରିଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା୨.୨୨ ଅଧୀନରେ ଚଳିତ ସିଜନରେ ଦଳର ଏହା ହେଉଛି ପ୍ରଥମ ଅପରାଧ। ସର୍ବନିମ୍ନ ଓଭର ରେଟ୍ ଅପରାଧ ପାଇଁ ରିଷଭ ପନ୍ତଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କହିଛି। ଅନ୍ୟପକ୍ଷରେ ଲକ୍ଷ୍ନୌ ଦଳର ଟ୍ରମ୍ପ କାର୍ଡ ଦିଗ୍‌ଭେଶ ରାଠୀ କ୍ରମାଗତ ଦ୍ୱିତୀୟ ଥର ଆଇପିଏଲ୍ ଆଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ କରିଥିବାରୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି। ପୂର୍ବରୁ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଉଇକେଟ ନେବା ପରେ ସେ ଅଭଦ୍ରୋଚିତ ଢଙ୍ଗରେ ଖୁସି ମନାଇଥିବାରୁ ତାଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଥିଲା। ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସର ନମନ ଧୀରଙ୍କ ଉଇକେଟ ନେବା ପରେ ସେ ଅନୁରୂପ ଆଚରଣ ପ୍ରଦର୍ଶନ କରିଥିଲେ। ଫଳରେ ତାଙ୍କ ଶୃଙ୍ଖଳାଗତ ଖାତାରେ ୨ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ପୂର୍ବରୁ ଏପ୍ରିଲ-୧ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ତାଙ୍କ ଆଚରଣ ପାଇଁ ତାଙ୍କର ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଥିଲା।

# ମ୍ୟାଚ୍ ଦେଖିଲେ ଧୋନୀଙ୍କ ପରିବାର





ଚେନ୍ନାଇର ଚେପକ୍ ଗ୍ରାଉଣ୍ଡରେ ଶନିବାର ମହେନ୍ଦ୍ର ସିଂ ଧୋନୀଙ୍କ ପରିବାର ସଦସ୍ୟ ମ୍ୟାଚ ଉପଭୋଗ କରୁଛନ୍ତି।

**ଚେନ୍ନାଇ, ୫।୪ (ପି.ଟି.)**

ଚପେକଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମ୍ୟାଚ ବେଳେ ଷ୍ଟାଡିୟମରେ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ ମାତାପିତାଙ୍କୁ ଦେଖିବାକୁ ମିଳିଥିଲା। ଧୋନୀ ୨୦୦୮ରେ ସିଏସ୍‌କେ ସହିତ ସମ୍ପୃକ୍ତ ହେବା ପରଠାରୁ ତାଙ୍କ ମାତାପିତା ପ୍ରଥମ ଥର ଏକ ଆଇପିଏଲ୍ ମ୍ୟାଚ ଦେଖିବାକୁ ଆସିଥିଲେ। ଧୋନୀଙ୍କ ସ୍ତ୍ରୀ ସାକ୍ଷୀ ଏବଂ ଝିଅ ଜିଭା ମଧ୍ୟ ଉପସ୍ଥିତ ଥିଲେ। ଶୁଣିବାକୁ ମିଳୁଛି, ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଯଦି ଠିକଣା ସମୟରେ ଇଞ୍ଜୁରୀରୁ ମୁକ୍ତି ନ ପାଆନ୍ତି ତେବେ ଧୋନୀ ସିଏସ୍‌କେ ଦଳର ନେତୃତ୍ୱ ନେବେ। ଗତ ରବିବାର ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ବେଳେ ଋତୁରାଜଙ୍କ କହୁଣିରେ ଆଘାତ ଲାଗିଥିଲା। ତେବେ ଗାଏକ୍ୱାଡ ଟସ୍ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ। ତାଙ୍କ କହୁଣି ଅବସ୍ଥା ଭଲ ରହିଛି ବୋଲି ସେ କହିଥିଲେ। ଫଳତଃ ଧୋନୀ ତାଙ୍କ ନିୟମିତ କାର୍ଯ୍ୟ ଉଇକେଟ କିପିଙ୍ଗ କରିଥିଲେ। ସମ୍ପ୍ରତି ଆଇପିଏଲ୍‌ରେ ୪୩ ବର୍ଷୀୟ ଧୋନୀଙ୍କ ଭବିଷ୍ୟତକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ସେ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ସେତେବେଳେ ସେ ସହଜ ଅନୁଭବ କରୁ ନ ଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ସିଏସ୍‌କେ କୋଚ୍ ଷ୍ଟିଫେନ୍ ଫ୍ଲେମିଂ କହିଛନ୍ତି, ଧୋନୀ ବ୍ୟାଟିଂ ଅର୍ଡରରେ କେଉଁ ସ୍ଥାନରେ ବ୍ୟାଟିଂ କରିବେ ଏହା ତାଙ୍କ ଉପରେ ନିର୍ଭର କରେ। ତାଙ୍କ ଆଣ୍ଠୁରେ ସମସ୍ୟା ଦେଖା ଦେଇଛି। ସେ ପୂରା ୧୦ ଓଭର ବ୍ୟାଟିଂ କରିପାରିବା ଭଳି ମନେହେଉନାହିଁ। ତେଣୁ ମ୍ୟାଚ ଦିନ ସେ କେଉଁ ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ ତାହା ସେ ନିଜେ ସ୍ଥିର କରିବେ। ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ସୁଦ୍ଧା ଖେଳିଥିବା ଦୁଇଟି ମ୍ୟାଚରେ ବିଜୟ ଲାଭ କରି ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସିଏସ୍‌କେ ୩ଟି ମ୍ୟାଚରୁ ମାତ୍ର ଦୁଇ ପଏଣ୍ଟ ସହ ୮ମ ସ୍ଥାନରେ ରହିଛି।

# ନ୍ୟୁଜିଲାଣ୍ଡ ୩-୦ରେ ସିରିଜ ବିଜୟୀ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୫।୪ (ଏପି)**

ଶନିବାର ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ୪୩ ରନରେ ପରାଜିତ ହେବା ସହ ପାକିସ୍ତାନ କ୍ରିକେଟ ଦଳର ନ୍ୟୁଜିଲାଣ୍ଡ ଗସ୍ତକ୍ରମ ନୈରାଶ୍ୟଜନକ ଭାବେ ଶେଷ ହୋଇଛି। ବର୍ଷା ଯୋଗୁ ଓଦା ଆଉଟ ଫିଲ୍ଡ ପାଇଁ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ ୪୨ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୨ ଓଭରରେ ୮ ଉଇକେଟ ବିନିମୟରେ ୨୬୪ ରନ କରିଥିଲା। ଜବାବରେ ପାକିସ୍ତାନ ୪୦ ଓଭରରେ ୨୨୧ ରନରେ ଅଲଆଉଟ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ବେନ୍ ସିଅର୍ସ ୩୪ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଏହା ଥିଲା ତାଙ୍କର କ୍ରମାଗତ ମ୍ୟାଚରେ ଦ୍ୱିତୀୟ ୫ ଉଇକେଟ ସଫଳତା। ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ ୭୩ରନ ଏବଂ ଦ୍ୱିତୀୟ ଦିନିକିଆ ୮୪ରନରେ ବିଜୟ ଲାଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ଇନିଂସ:** ୪୨ ଓଭରରେ ୨୬୪/୮ (ମାଇକେଲ ବ୍ରେସ୍‌ୱେଲ-୫୯, ରିଜ୍ ମାରିୟୁ-୫୮, ଡେରିଲ ମିଚେଲ ୪୩, ହେନ୍‌ରି ନିକୋଲ୍ସ-୩୧ ; ଆକିଭ ଜାଭେଦ-୪/୬୨, ନସିମ ଶାହା-୨/୫୪)।

**ପାକିସ୍ତାନ ଇନିଂସ:** ୪୦ ଓଭରରେ ୨୨୧/ଅଲଆଉଟ (ବାବର ଆଜାମ-୫୦, ମହମ୍ମଦ ରିଜୱାନ-୩୭, ଅବ୍ଦୁଲ୍ଲା ସଫିକ୍-୩୩, ତୟାବ ତାହିର-୩୩ ; ବେନ ସିଅର୍ସ-୫/୩୪, ଜାକବ ଡୁଫି-୨/୪୦)।

# ଆର୍‌ପିଏଲ୍‌ରେ ଓଡ଼ିଶାର ୪ ଖେଳାଳି ସାମିଲ



ଅଚ୍ୟୁତ ସାମନ୍ତଙ୍କ ସହ ଆଶିଷ ଶବର ଓ ଗଣେଶ ଧାଙ୍ଗଡ଼ା ମାଝି।



ସମ୍ବିତ ପ୍ରଧାନ



ଶାନାୱାଜ ଅହମଦ

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

## କିସ୍‌ର ଆଶିଷ, ଗଣେଶ ମନୋନୀତ

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ହେଉଛି ବିଶ୍ୱର ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍। ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। ଏମାନଙ୍କ ମଧ୍ୟରୁ ଆଶିଷ ଓ ଗଣେଶ ସମ୍ପ୍ରତି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ । କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଛି। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ୪ ଫ୍ରାଞ୍ଚାଇଜ୍ ଦଳ ହେଲେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷ୍ୟରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା, କେନିୟା, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ସ୍ପେନ୍, ଫିଜି, ଆମେରିକା ଓ ଆୟର୍ଲାଣ୍ଡରୁ ୩୦ ମର୍କି ଅନ୍ତର୍ଜାତୀୟ ଖେଳାଳି ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ରଗ୍‌ବୀ ପାୱାର ହାଉସଗୁଡ଼ିକରୁ ଖେଳାଳିମାନଙ୍କ ସାମିଲ ଦ୍ୱାରା ଭାରତୀୟ ଖେଳାଳି ଓ ଦର୍ଶକମାନେ ବିଶ୍ୱସ୍ତରର ଅଭିଜ୍ଞତା ହାସଲ କରିପାରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆର୍‌ଏଫ୍‌ଏ)ର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ମନୋନୀତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ସୃଷ୍ଟିକରି କିସ୍ ଭାରତୀୟ ରଗ୍‌ବୀର ଏକ ପାୱାରହାଉସରେ ପରିଣତ ହୋଇଛି। ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ୩ ଥର ଜାତୀୟ ରଗ୍‌ବୀ ଚାମ୍ପିୟନଶିପ୍‌ର ପ୍ରାୟୋଜକ ହୋଇଛି।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

**ସୁଜୁକା (ଜାପାନ), ୫।୪ (ଏପି)**

ଜାପାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସଙ୍କୁ ୦.୦୧୨ ସେକେଣ୍ଡ ପଛରେ ପକାଇ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ପୋଲ ପୋଜିଶନ ହାସଲ କରିଛନ୍ତି। ମ୍ୟାକ୍‌ଲରେନର ଅନ୍ୟ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ଭର୍ଷ୍ଟାପେନ୍‌ଙ୍କଠାରୁ ୦.୨୨୬ ସେକେଣ୍ଡ ପଛରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ଆଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମର୍ସିଡିଜ୍‌ର ଜର୍ଜ ରସେଲ ୫ମ ହୋଇଥିବା ବେଳେ ଫେରାରିର ଲୁଇସ ହାମିଲଟନ ୮ମ ସ୍ଥାନରେ ରହିଥିଲେ। ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୪୧ତମ ପୋଲ୍ ପୋଜିଶନ।

# ଭାରତ ପାଇଁ ସିଫ୍ଟ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୫।୪ (ପି.ଟି.)**

ଭାରତୀୟ ଶୁଟର ସିଫ୍ଟ କୌର ଶର୍ମା ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସଠାରେ ମହିଳା ୫୦ ମିଟର ରାଇଫଲ ଥ୍ରି ପୋଜିଶନ(୩ପି) ଜିତି ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ତାଙ୍କର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫରିଦକୋର୍ଟର ଏହି ୨୩ ବର୍ଷୀୟା ଟିରୋ ଫେଡେରାଲ ଆର୍ଜେଣ୍ଟିନୋ ଡି ବୁଏନ୍ସ ଏୟାର୍ସ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ସିଜନ ଓପନିଂ ବିଶ୍ୱକପ୍ ଷ୍ଟେଜ୍‌ରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ବିଶ୍ୱ ରେକର୍ଡଧାରୀ ପ୍ରଥମ ନିଲିଙ୍ଗ ପୋଜିଶନରେ ୧୫ ଶଟ୍ ପରେ ଜର୍ମାନୀର ଅନୀତା ମାନ୍‌ଗୋଲ୍ଡଙ୍କଠାରୁ ୭-୨ ପଏଣ୍ଟ ବ୍ୟବଧାନରେ ପଛୁଆ ରହିଥିଲେ। ମାତ୍ର ସେ ସେକେଣ୍ଡ ପ୍ରୋନ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ଶେଷରେ ଫାଇନାଲ ଷ୍ଟାଣ୍ଡିଂ ପୋଜିଶନ ଏକ କାଣ୍ଟରରେ ବିଜୟ ଲାଭ କରିଥିଲେ।



ସିଫ୍ଟ କୌର ଶର୍ମା

୪୫-ଶଟ୍ ବିଶିଷ୍ଟ ଫାଇନାଲରେ ସିଫ୍ଟ ୪୫୮.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ୩.୩ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମାନଗୋଲ୍ଡ (୪୫୫.୩)। ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ ପଦକ ହାସଲ କରିପାରି ନ ଥିବା ଭାରତ ଗୋଟିଏ ସ୍ୱର୍ଣ୍ଣ ଏବଂ ପୂର୍ବରୁ ପୁରୁଷ ୩ପିରେ ଚେନ୍ ସିଂଙ୍କ ବ୍ରୋଞ୍ଜ ଦ୍ୱାରା ୨ ପଦକ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଚାଇନା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ଦ୍ୱିତୀୟ ସ୍ଥାନରେ ରହିଛି।


"M.B.K."
Great Eastern RETAIL
ଶ୍ରୀ ରାମ ନବମୀ
ଏହି ଶୁଭ ଅବସରରେ ଘରକୁ ଆଣନ୍ତୁ ଖୁସି
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
LLOYD upto 55% OFF
1.5 T 3* Inverter AC MRP ₹55990 EFFECTIVE PRICE ₹25390* ₹78/Day*
1.5 T 5* Inverter AC MRP ₹67990 EFFECTIVE PRICE ₹31490* ₹94/Day*
Godrej upto 54% OFF
1.5 T 3* Inverter AC MRP ₹45900 EFFECTIVE PRICE ₹20990* ₹65/Day*
1.5 T 5* Inverter AC MRP ₹54900 EFFECTIVE PRICE ₹25490* ₹78/Day*
VOLTAS upto 62% OFF
1.5 T 3* Inverter AC MRP ₹64990 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹75990 EFFECTIVE PRICE ₹30490* ₹92/Day*
LG upto 65% OFF
1.5 T 3* Inverter AC MRP ₹78990 EFFECTIVE PRICE ₹27990* ₹85/Day*
1.5 T 5* Inverter AC MRP ₹85990 EFFECTIVE PRICE ₹33990* ₹81/Day*
Carrier upto 66% OFF
1.5 T 3* Inverter AC MRP ₹78990 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹78490 EFFECTIVE PRICE ₹32490* ₹97/Day*
HITACHI upto 61% OFF
1.5 T 3* Inverter AC MRP ₹64850 EFFECTIVE PRICE ₹25490* ₹78/Day*
1.5 T 5* Inverter AC MRP ₹76850 EFFECTIVE PRICE ₹34990* ₹104/Day*
DAIKIN upto 54% OFF
1.5 T 3* Inverter AC MRP ₹58400 EFFECTIVE PRICE ₹26990* ₹82/Day*
1.5 T 5* Inverter AC MRP ₹67200 EFFECTIVE PRICE ₹35990* ₹107/Day*
Panasonic upto 59% OFF
1.5 T 3* Inverter AC MRP ₹50900 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹67900 EFFECTIVE PRICE ₹34490* ₹103/Day*
Whirlpool upto 63% OFF
1.5 T 3* Inverter AC MRP ₹62200 EFFECTIVE PRICE ₹24490* ₹75/Day*
1.5 T 5* Inverter AC MRP ₹71900 EFFECTIVE PRICE ₹26490* ₹81/Day*
GENERAL upto 24% OFF
1.5 T 3* Inverter AC MRP ₹55790 EFFECTIVE PRICE ₹42490* ₹125/Day*
1.5 T 5* Inverter AC MRP ₹70520 EFFECTIVE PRICE ₹53990* ₹157/Day*
LLOYD upto 52% OFF MRP ₹47990 1.5 T 3* Window AC EFFECTIVE PRICE ₹22990* ₹71/Day*
Godrej upto 47% OFF MRP ₹41900 1.5 T 3* Window AC EFFECTIVE PRICE ₹21990* ₹68/Day*
Carrier upto 49% OFF MRP ₹45090 1.5 T 3* Window AC EFFECTIVE PRICE ₹22990* ₹71/Day*
upto 35% OFF 184 L Single Door MRP ₹17260 EFFECTIVE PRICE ₹11190* ₹31/Day*
upto 35% OFF 235 L Double Door MRP ₹30690 EFFECTIVE PRICE ₹19790* ₹55/Day*
upto 48% OFF 596L Side By Side + 24L OTG MRP ₹101990 EFFECTIVE PRICE ₹52890* ₹110/Day*
upto 40% OFF HAVELLS Desert Cooler MRP ₹22390 EFFECTIVE PRICE ₹13490* ₹37/Day*
upto 36% OFF USHA Air Cooler MRP ₹13190 EFFECTIVE PRICE ₹8490* ₹24/Day*
upto 27% OFF 230L Deep Freezer MRP ₹32890 EFFECTIVE PRICE ₹23990* ₹67/Day*
BRING HOME THE GAME
upto 59% OFF 32 (81.28cm) Smart TV MRP ₹28390 EFFECTIVE PRICE ₹11490* ₹32/Day*
upto 55% OFF 43 (109.7cm) Smart TV MRP ₹50490 EFFECTIVE PRICE ₹22490* ₹62/Day*
upto 49% OFF 55 (139.7cm) UHD TV MRP ₹66990 EFFECTIVE PRICE ₹34490* ₹103/Day*
upto 45% OFF 65 (165.1cm) Google TV MRP ₹101990 EFFECTIVE PRICE ₹55790* ₹162/Day*
upto 55% OFF 75 (190.5cm) UHD TV MRP ₹199900 EFFECTIVE PRICE ₹89990* ₹178/Day*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA hindware FABER Sunflame USHA
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.
SCAN FOR MORE OFFERS
Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ଭୁବନେଶ୍ୱର ବାପୁଜୀ ନଗର 9853945074 | ପଟିଆ 9853933698
ସିଡିଏ 95836 47161 | କଟକ ଯୋବ୍ରା ରୋଡ 8908972713
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice. 6 hrs delivery applicable only on Air Conditioners.
virtual frame

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୬ ଏପ୍ରିଲ, ୨୦୨୫ Bhubaneswar, Sunday, 6 April, 2025

# ବିଜୟରେ ଦିଲ୍ଲୀର ହାଟ୍ରିକ

**ଚେନ୍ନାଇ, ୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶନିବାର ଅନୁଷ୍ଠିତ ଡବଲ ହେଡର ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୪ ରନ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୫୮ ରନ କରିବାକୁ ସକ୍ଷମ ହୋଇଛି। ନିଜର ପୂର୍ବ ୨ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇଥିବା ଦିଲ୍ଲୀ ଏଠାରେ ବିଜୟରେ ହାଟ୍ରିକ କରି ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଫଳରେ ୩ ମ୍ୟାଚରୁ ଦଳର ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଚେନ୍ନାଇ ୪ ମ୍ୟାଚରୁ ୩ୟ ପରାଜୟ ବରଣ କରିଛି। ଦୀର୍ଘ ୧୫ ବର୍ଷ ପରେ ଚେନ୍ନାଇ ପିଚ୍‌ରେ ସୁପର କିଙ୍ଗ୍ସକୁ ପରାସ୍ତ କରିଛି ଦିଲ୍ଲୀ। ୨୦୧୦ରେ ଆଇପିଏଲ୍‌ର ତୃତୀୟ ସଂସ୍କରଣ ପରେ ଚେନ୍ନାଇରେ ଆଉ ବିଜୟ ସ୍ୱାଦ ଚାଖିପାରି ନ ଥିଲା କ୍ୟାପିଟାଲ୍ସ। ଧୋନୀଙ୍କ ଦଳ ଏଠାରେ ଦିଲ୍ଲୀ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିଲା। ମାତ୍ର ଏଥର ତାହାର ପୁନରାବୃତ୍ତି ହୋଇପାରିନାହିଁ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଦିଲ୍ଲୀ ଲୋକେଶ ରାହୁଲଙ୍କ ଦ୍ରୁତ ୭୧ (୫୧ ବଲ, ୬ ଚୌକା, ୩ ଛକା) ରନ ସହାୟତାରେ ୬ ଉଇକେଟ ହରାଇ ୧୮୩ ରନ କରିଥିଲା। ଅଭିଷେକ ପୋରେଲ ୩୩ ରନର ଉପଯୋଗୀ ଅବଦାନ ଦେଇଥିବାବେଳେ ୧୨ ବଲ୍‌ରୁ ୨୪ ରନକରି ଅପରାଜିତ ରହିଥିଲେ ଟ୍ରିଷ୍ଟନ ଷ୍ଟବ୍ସ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଖଲିଲ ଅହମଦ ୨ଟି ଏବଂ ରବୀନ୍ଦ୍ର ଜାଡେଜା, ନୁର ଅହମଦ ଓ ମାଥିସା ପଥିରାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରନ ଚେଜ୍‌ରେ ଚେନ୍ନାଇ ୨୦ ରନରେ ୨ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଚେନ୍ନାଇ ଶେଷ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରି ନ ଥିଲା। ବିଜୟ ଶଙ୍କର ଓ ମହେନ୍ଦ୍ର ସିଂ ଧୋନୀ ୬ଷ୍ଠ ଉଇକେଟରେ ୮୪ ରନ ଯୋଗ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ତେବେ ଶଙ୍କର ଓ ଧୋନୀ ଚେନ୍ନାଇ ପାଇଁ ୬ଷ୍ଠ ଉଇକେଟରେ ସର୍ବାଧିକ ଭାଗୀଦାରି ରେକର୍ଡର ଅଧିକାରୀ ହୋଇଥିଲେ। ପୂର୍ବରୁ ମାଇକେଲ ହସୀ ଓ ଏସ. ବଦ୍ରିନାଥ ୭୩ ରନକରି ରେକର୍ଡର ଅଧିକାରୀ ଥିଲେ। ବିଜୟ ଶଙ୍କର ୬୯ ଓ ଧୋନୀ ୩୦ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଭିପରାଜ ନିଗମ ୨ଟି ଏବଂ ମିଚେଲ ଷ୍ଟାର୍କ, ମୁକେଶ କୁମାର ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୩/୬ (ଲୋକେଶ ରାହୁଲ-୭୭, ଅଭିଷେକ ପୋରେଲ ୩୩, ଟ୍ରିଷ୍ଟନ ଷ୍ଟବ୍ସ-୨୪*, ଖଲିଲ ଅହମଦ-୨/୨୫, ରବୀନ୍ଦ୍ର ଜାଡେଜା-୧/୧୯, ନୁର ଅହମଦ-୧/୩୬, ମାଥିସା ପଥିରାନା-୧/୩୧)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୫୮/୫ (ବିଜୟ ଶଙ୍କର-୬୯*, ମହେନ୍ଦ୍ର ସିଂ ଧୋନୀ-୩୦*, ଭିପରାଜ ନିଗମ-୨/୨୭, ମିଚେଲ ଷ୍ଟାର୍କ-୧/୨୭, ମୁକେଶ କୁମାର-୧/୩୬, କୁଲଦୀପ ଯାଦବ-୧/୩୦)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ହାଇଦ୍ରାବାଦ ବନାମ ଗୁଜରାଟ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | +୦.୦୭୪ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୯୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |

# ପଞ୍ଜାବକୁ ହରାଇଲା ରାଜସ୍ଥାନ

**ଆଇପିଏଲ୍-୧୮**

**ଚଣ୍ଡିଗଡ଼, ୫।୪**

ମୁଲାନପୁର ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୫୦ ରନରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ ସହାୟତାରେ ରାଜସ୍ଥାନ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୨୦୫ ରନ ସ୍କୋର କରିଥିଲା। ମୁଲାନପୁର ଗ୍ରାଉଣ୍ଡରେ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହେବା ଏହାଥିଲା ପ୍ରଥମ। ୨୦୬ ରନ ବିଜୟ ଲକ୍ଷ୍ୟରେ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ରାଜସ୍ଥାନ ରୟାଲ୍ସ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ପଞ୍ଜାବ କିଙ୍ଗ୍ସ ୩ ମ୍ୟାଚରୁ ପ୍ରଥମ ପରାଜୟ ସ୍ୱାଦ ପାଇ ୪ର୍ଥ ସ୍ଥାନକୁ ଖସିଛି। ପଞ୍ଜାବ କିଙ୍ଗ୍ସ ପରାଜିତ ହେବାଦ୍ୱାରା ଏବେ ପ୍ରତିଯୋଗିତାରେ ଦିଲ୍ଲୀ କ୍ୟାପିଟାଲ୍ସ ଏକମାତ୍ର ଦଳଭାବେ ଅପରାଜେୟ ରହିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଓ ଗୁଜରାଟ ଟାଇଟନ୍ସ ତୃତୀୟ ସ୍ଥାନରେ ରହିଛି।

ଇମ୍ପାକ୍ଟ ପ୍ଲେୟର ଟପ୍ ଅର୍ଡରରେ ପ୍ରୀୟାଂଶ ଆର୍ଯ୍ୟ ଖାତା ଖୋଲି ନ ପାରିବା, ଅଧିନାୟକ ଶ୍ରେୟସ ଆୟର ୧୦, ମାର୍କୁସ ଷ୍ଟୋଇନିସ ୧ ଓ ପ୍ରଭସିମରନ ସିଂ ୧୭ ରନରେ ଆଉଟ ହେବାରୁ ପଞ୍ଜାବର ଲଢ଼େଇ ଏକପ୍ରକାର ଶେଷ ହୋଇଥିଲା। କାରଣ ୪୩ ରନ ମଧ୍ୟରେ ଦଳ ୪ ଉଇକେଟ ହରାଇ ସାରିଥିଲା। ମିଡିଲ ଅର୍ଡରରେ ନେହାଲ ୱାଧେରା ୬୨ ଓ ଗ୍ଲେନ ମ୍ୟାକ୍ସୱେଲ ୩୦ ରନ କରିବା ସହ ୫ମ ଉଇକେଟରେ ୮୮ ରନ ଯୋଗ କରିବାରୁ ଦଳୀୟ ଶିବିରରେ ଉତ୍ସାହ ପ୍ରକାଶ ପାଇଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ଦଳ ପରାଜୟ ମୁହାଁ ହୋଇଥିଲା। ୱାଧେରା ୪୧ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୪ ଚୌକା ଓ ୩ ଛକା ମାରିଥିଲେ। ଶେଷ ଭାଗରେ ସୂୟାଂଶ ଶେଡ୍‌ଗେ (୨) ଓ ମାର୍କୋ ଜାନସେନ (୩) ଫେଲ୍ ମାରିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଜୋଫ୍ରା ଆର୍ଚର ୩ଟି, ସନ୍ଦିପ ଶର୍ମା ଓ ମହେଶ ଥିକସାନା ୨ଟି ଲେଖାଏ ଏବଂ କୁମାର କାର୍ତ୍ତିକେୟ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ରୟାଲ୍ସ ବ୍ୟାଟିଂ ଆମନ୍ତ୍ରଣ ପାଇଥିବାବେଳେ ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନ ଓପନିଂ ଯୋଡ଼ିରେ ୮୯ ରନର ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ସାମସନ ୩୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜୟସ୍ୱାଲ କିନ୍ତୁ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ସର୍ବାଧିକ ୬୭ ରନ ସ୍କୋର କରିଥିଲେ। ରିୟାନ ପରାଗ ଦ୍ରୁତ ହାରରେ ରନ ସଂଗ୍ରହ କରି ୨୫ ବଲ୍‌ରୁ ୪୩ ରନରେ ଅପରାଜିତ ରହି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନୀତୀଶ ରାଣା ୧୨ ଓ ଶିମରନ ହେଟମେର ୨୦ ରନ କରିଥିଲେ। ପଞ୍ଜାବ ପକ୍ଷରୁ ଲୋକି ଫର୍ଗୁସନ ୨ଟି ଏବଂ ଅର୍ଶଦୀପ ସିଂ ଓ ମାର୍କୋ ଜାନସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଯଶସ୍ୱୀ ଜୟସ୍ୱାଲ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୫/୪ (ଯଶସ୍ୱୀ ଜୟସ୍ୱାଲ-୬୭, ରିୟାନ ପରାଗ-୪୩, ସଞ୍ଜୁ ସାମସନ-୩୮, ଲୋକି ଫର୍ଗୁସନ-୨/୩୭, ଅର୍ଶଦୀପ ସିଂ-୧/୩୫, ମାର୍କୋ ଜାନସେନ-୧/୪୫)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୫/୯ (ନେହାଲ ୱାଧେରା-୬୨, ଗ୍ଲେନ ମ୍ୟାକ୍ସୱେଲ-୩୦, ଜୋଫ୍ରା ଆର୍ଚର-୩/୨୫, ସନ୍ଦିପ ଶର୍ମା-୨/୨୧, ମହେଶ ଥିକସାନା-୨/୨୬, କୁମାର କାର୍ତ୍ତିକେୟ-୧/୨୧, ୱାନିନ୍ଦୁ ହସରଙ୍ଗା-୧/୩୬)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ